

ଫାଲଟାରେ ସାନି ମତଦାନ

ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 41 ଭାଗ ୩୪ | ସଂଖ୍ୟା ୪୧

Sunday 3 May 2026 | Page 8 Rs. 5.00

ଭୁବନେଶ୍ୱର ରବିବାର ୩ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ଦୁଇ ମୁଖ୍ୟମନ୍ତ୍ରୀଙ୍କୁ ଟ୍ରିବ୍ୟୁନାଲଙ୍କ ପ୍ରଶଂସା

## ଛତିଶଗଡ଼ ଓ ଭୁବନେଶ୍ୱରରେ ହେବ ବୈଠକ



ଆପୋଷ ଆଲୋଚନାରେ ବିବାଦର ହେବ ସମାଧାନ

ମେ' ୩୦ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର, ୨।୫ (ସଂଚାର ବ୍ୟୁରୋ): ମହାନଦୀ ଜଳ ବିବାଦ ମାମଲାରେ ମହାନଦୀ ଟ୍ରିବ୍ୟୁନାଲରେ ଆଜିର ଶୁଣାଣି ଶେଷ ହୋଇଛି। ମେ' ୩୦ରେ ପରବର୍ତ୍ତୀ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଛି। ଗତ ୨୦ ତାରିଖ ଶୁଣାଣିରେ ଟ୍ରିବ୍ୟୁନାଲ ଦୁଇ ରାଜ୍ୟକୁ ମହାନଦୀ ଜଳକୁ ନେଇ ସହମତିଭିତ୍ତିକ ପ୍ରସଙ୍ଗ ଚୂଡ଼ାନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ ଯେ ଦୁଇ ରାଜ୍ୟ ପ୍ରସଙ୍ଗ ନିର୍ଣ୍ଣୟ କରିବାରେ ଯଦି ସକ୍ଷମ ନ ହେଲେ ଟ୍ରିବ୍ୟୁନାଲ ଯୋଗ୍ୟତା ଅନୁସାରେ ଆଗାମୀ ପ୍ରକ୍ରିୟା ଜାରି ରଖିବେ। ଜଷ୍ଟିସ ବେଲା ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଆଜିର ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। ସେହିପରି ମହାନଦୀ ଜଳ ବିବାଦ ମାମଲାରେ ଓଡ଼ିଶା ଓ ଛତିଶଗଡ଼ର ଆଗ୍ରହ ଓ ପ୍ରୟାସକୁ ଟ୍ରିବ୍ୟୁନାଲ ପ୍ରଶଂସା କରିଛନ୍ତି। ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଟ୍ରିବ୍ୟୁନାଲ୍ ପ୍ରଶଂସା କରିଛନ୍ତି ଟ୍ରିବ୍ୟୁନାଲ। ମୌସୁମୀ ଓ ଅଣମୌସୁମୀ ସମୟରେ ମହାନଦୀରେ କେତେ ଜଳ ପ୍ରବାହିତ ହେଉଛି, ସେନେଇ ଆଜି ଟ୍ରିବ୍ୟୁନାଲ୍‌ଙ୍କୁ ଅବଗତ କରାଯାଇଛି। ଆପୋଷ ବୁଝାମଣା ନେଇ ବୈଷୟିକ ସ୍ତରରେ ଆଲୋଚନା ହୋଇଥିବା ମଧ୍ୟ ଟ୍ରିବ୍ୟୁନାଲଙ୍କୁ ସୂଚନା ଦିଆଯାଇଛି। ଓଡ଼ିଶା ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖିଥିଲେ। ଆସନ୍ତା ୩୦ରେ ➪ପୃଷ୍ଠା-୬

ଶିକ୍ଷାକୁ ବିଶ୍ୱସ୍ତରୀୟ କରିବା ସରକାରଙ୍କ ପ୍ରାଥମିକତା

# ଓଡ଼ିଶା ହେବ ନଲେଜ୍ କ୍ୟାପିଟାଲ୍

- ସଂସ୍କୃତି ଓ ଶିକ୍ଷାର ଅପୂର୍ବ ସମନ୍ୱୟ ଓଡ଼ିଶା: ଧର୍ମେନ୍ଦ୍ର
- 'ଶକ୍ତିଶ୍ରୀ' ଆପ୍ ଲୋକାର୍ପିତ
- ଜାତୀୟ ହାରକୁ ଟପିବ ରାଜ୍ୟର ଶିକ୍ଷା ନାମଲେଖା ହାର
- ଶିକ୍ଷାନୀତି କର୍ମଶାଳାରେ ମାନସମନ୍ଥନ



ଭୁବନେଶ୍ୱର, ୨।୫ (ସଂଚାର ବ୍ୟୁରୋ): ଜାତୀୟ ଶିକ୍ଷା ନୀତି (ଏନ୍‌ଇପି-୨୦୨୦) ର କାର୍ଯ୍ୟାନ୍ୱୟନ ନେଇ ସ୍ଥାନୀୟ କନଭେନସନ ସେଣ୍ଟରଠାରେ ଆୟୋଜିତ ଦୁଇଦିନିଆ ଜାତୀୟ ସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଶୈକ୍ଷିକ ପରିବେଶରେ ଏକ 'ବୈପ୍ଲବିକ ପରିବର୍ତ୍ତନ'ର ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଭାରତର 'ଜ୍ଞାନର ପେଣ୍ଠସ୍ଥଳୀ' ଭାବେ ଗଢ଼ିତୋଳିବାକୁ ଏକ ଦୂରଦର୍ଶୀ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବହୁ ବର୍ଷ ଧରି ଶିକ୍ଷା କ୍ଷେତ୍ରରେ ଥିବା ଜଡ଼ତାକୁ ଦୂର କରିବା ସରକାରଙ୍କ ପ୍ରାଥମିକତା। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ପ୍ରଣୀତ ଏହି ଶିକ୍ଷା ନୀତି କେବଳ ଏକ ସରକାରୀ ଦସ୍ତାବିଜ୍ ନୁହେଁ, ବରଂ ଭାରତକୁ ବିଶ୍ୱର 'ନଲେଜ୍ କ୍ୟାପିଟାଲ୍' ଭାବେ ପ୍ରତିଷ୍ଠିତ କରିବାର ଏକ ମହତ୍ ମିଶନ। ଶିକ୍ଷା କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବରଂ ଏହା ମାନବ ସଭ୍ୟତାର ପ୍ରଗତିର ମୂଳଦୁଆ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିକ୍ଷାକୁ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ଭାବେ ଦର୍ଶାଇ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଶିକ୍ଷା କ୍ଷେତ୍ର ପାଇଁ ୪୧,୨୭୩ କୋଟି ଟଙ୍କାର ଏକ ବିଶାଳ ପାଣ୍ଠି ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ମତରେ ଏହି ପୁଞ୍ଜି ବିନିଯୋଗ ଓଡ଼ିଶାର ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ମଜବୁତ ମୂଳଦୁଆ ସଦୃଶ ହେବ। ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟର ଶିକ୍ଷା ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ସାମାଜିକ ନ୍ୟାୟ ଏବଂ ସମାନତାକୁ ଗୁରୁତ୍ୱ ଦେଇ ସରକାର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଣିକି ଉଚ୍ଚଶିକ୍ଷା ନିମନ୍ତେ ଏସ୍‌ଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି। ଏହାଛଡ଼ା ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କ 'ଡ୍ରପ୍-ଆଉଟ୍' ରୋକିବା ପାଇଁ 'ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା' ମାଧ୍ୟମରେ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ଓ ମାତୃଭାଷାରେ ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଅଭିନବ ପ୍ରୟାସ ➪ପୃଷ୍ଠା-୬

ପୁଲିସ ଏସଆଇ ପରୀକ୍ଷା ସ୍କାମ

## ସିବିଆଇକୁ ମିଳିଲା ବିହାର ଲିଙ୍କ୍



ଭୁବନେଶ୍ୱର, ୨।୫ (ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ପୁଲିସ ସବ୍‌ଇନସ୍ପେକ୍ଟର ପରୀକ୍ଷା ସ୍କାମରେ ରହିଛି ବିହାର ଲିଙ୍କ। ଏହି ସ୍କାମର ତଦନ୍ତ କରୁଥିବା ସିବିଆଇ ହାତରେ ଏବେ ଏହି ଲିଙ୍କର ସୁରାକ ଲାଗିଛି। ଏଥିସହ ରାଜ୍ୟର କେତେକ ପ୍ରଭାବଶାଳୀ ଅଫିସରଙ୍କର ମଧ୍ୟ ଏହି ସ୍କାମ୍ ସହ ଲିଙ୍କ୍ ରହିଛି। ସେମାନଙ୍କ ସହଯୋଗରେ ଓଡ଼ିଶାରେ ଚାକିରି ବିକ୍ରି ଚାଲିଥିଲା। ଏହି ଲିଙ୍କ ନେଇ ସିବିଆଇ ପକ୍ଷରୁ ୮ଜଣଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି ହୋଇଛି। ମିଳିଥିବା ସୂଚନାନୁଯାୟୀ ଏହି କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ଅନ୍ୱେଷ ନାୟକ, ଆଶିଷ କୁମାର, ବଳରାମ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ଗୋବିନ୍ଦ ତ୍ରିପାଠୀ, ଗୋପାଳକୃଷ୍ଣ ଦାସ, ଗୋପୀ ରମଣ ଓ ସଞ୍ଜୟ କୁମାରଙ୍କ ନାଁରେ ଏନବିଡବ୍ଲ୍ୟୁ ଜାରି ହୋଇଛି। ଏମାନଙ୍କ ମଧ୍ୟରୁ ଆଶିଷ କୁମାର, ଗୋପୀ ରମଣ ଓ ସଞ୍ଜୟ କୁମାର ବିହାରର ବାସିନ୍ଦା ➪ପୃଷ୍ଠା-୬

- ସୁରକ୍ଷା ଦେଉଥିଲେ ଦୁଇ ପ୍ରଭାବଶାଳୀ ଅଫିସର
- ୩ ବିହାରୀଙ୍କ ସହ ୮ ଜଣଙ୍କ ନାଁରେ ଏନବିଡବ୍ଲ୍ୟୁ ଜାରି

ପ୍ରକାଶ ପାଇଲା ମାଟ୍ରିକ ପରୀକ୍ଷା ଫଳ

## ଆଗରେ ଛାତ୍ରୀ; ପାସ୍ ହାର ୯୫.୩୩%

- ଗଜପତିରେ ସର୍ବାଧିକ, କେନ୍ଦୁଝରରେ ସର୍ବନିମ୍ନ ପାସ୍ ହାର
- ଉଭୟ ଓଡ଼ିଆ ଓ ଇଂରାଜୀରେ ମିଳିବ ସାର୍ଟିଫିକେଟ୍
- ୧୧ରୁ ୨୨ ମଧ୍ୟରେ ରିଚେକିଂ ଆବେଦନ
- ଜୁଲାଇ ପ୍ରଥମ ସପ୍ତାହରେ ସପ୍ଲିମେଣ୍ଟାରୀ ପରୀକ୍ଷା



ଭୁବନେଶ୍ୱର, ୨।୫ (ସଂଚାର ବ୍ୟୁରୋ): ପ୍ରକାଶ ପାଇଲା ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ। ରାଜ୍ୟରେ ଚଳିତ ବର୍ଷ ୫ ଲକ୍ଷ ୩୬ ହଜାର ୩୦୬ ଜଣ ରେଗୁଲାର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୫ ଲକ୍ଷ ୧୯ ହଜାର ୨୫୧ ଜଣ ପାସ କରିଛନ୍ତି। ଚଳିତ ଥର ପାସ୍ ହାର ୯୫.୩୩ ପ୍ରତିଶତ ରହିଛି। ସେହିପରି ଛାତ୍ରଙ୍କ ପାସହାର ୯୪.୦୩ ପ୍ରତିଶତ ଥିବା ବେଳେ ଛାତ୍ରୀଙ୍କ ପାସ୍ ହାର ୯୬.୩୭ ପ୍ରତିଶତ ରହିଛି। ଚଳିତ ବର୍ଷ ରାଜ୍ୟର ୩୩୧୦ ସ୍କୁଲରେ ଶତପ୍ରତିଶତ ରେଜଲ୍ଟ ହୋଇଛି। ଚଳିତ ବର୍ଷ ରେଗୁଲାରରେ ୫ ଲକ୍ଷ ୪୪ ହଜାର ୬୭୦ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୫ ଲକ୍ଷ ୩୬ ହଜାର ୩୦୬ ଜଣ ରେଗୁଲାର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫ ଲକ୍ଷ ୧୯ ହଜାର ୨୫୧ ଜଣ ଛାତ୍ରଛାତ୍ରୀ ପାସ ହୋଇଛନ୍ତି। ଏଥିରେ ଏ-୧ ଗ୍ରେଡ୍‌ରେ ୨୪୫୬ ଜଣ, ଏ-୨ ଗ୍ରେଡ୍‌ରେ ୧୫,୬୮୧, ବି-୧ ଗ୍ରେଡରେ ୪୩,୫୬୫ ଜଣ, ବି-୨ ଗ୍ରେଡରେ ୮୬,୧୦୩ ଜଣ, ସି-ଗ୍ରେଡ୍‌ରେ ୧ ଲକ୍ଷ ୨୯ ହଜାର ୮୧୩ ଜଣ, ଡି-ଗ୍ରେଡରେ ୧ ଲକ୍ଷ ୪୬ ହଜାର ୧୫୨ ଜଣ, ଇ-ଗ୍ରେଡରେ ୯୫,୪୮୧ ଜଣ ପାସ ହୋଇଛନ୍ତି। ଆହୁରି ମଧ୍ୟମାରେ ୩୩୫୮ ଜଣ ଫର୍ମ ପୂରଣ କରିଥିବା ବେଳେ ୨୯୮୨ ଜଣ ପରୀକ୍ଷା ଦେଇଥିଲେ। ମଧ୍ୟମାରେ ପାସ୍ ହାର ରହିଛି ୮୭.୩ ପ୍ରତିଶତ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ ୧୦୦୪୩ ଜଣ ପରୀକ୍ଷା ଦେଇଥିବା ବେଳେ ୭୪୦୫ ଜଣ ପାସ କରିଛନ୍ତି। ଚଳିତ ➪ପୃଷ୍ଠା-୬

ସଚେତନ ନାଗରିକ, ସୁରକ୍ଷିତ ଦେଶ

## ହଠାତ ବାଜିଲା ଫୋନ୍, ଆସିଲା ଆଲର୍ଟ ମେସେଜ୍

ଭୁବନେଶ୍ୱର, ୨।୫ (ସଂଚାର ବ୍ୟୁରୋ): ସମୟ ପୂର୍ବାହ୍ନ ୧୧ଟା ୪୩, ହଠାତ୍ ଥରି ଉଠିଲା ମୋବାଇଲ। କିଏ ମୋବାଇଲ୍‌ରେ କଥା ହେଉଥିଲେ ତ କିଏ ସୋସିଆଲ ମିଡିଆରେ ବ୍ୟସ୍ତ ଥିଲେ। ହଠାତ୍ ମୋବାଇଲ ଥରିବା ସହ ବିକଟାଳ ଶବ୍ଦ କରି ଆସିଥିବା ଆଲର୍ଟ ମେସେଜ ବହୁ ମୋବାଇଲ ବ୍ୟବହାରକାରୀଙ୍କ ଟେନସନ ବଢ଼ାଇ ଦେଇଥିଲା। କିଏ କିଏ ଭାବିଲେ ଏହା ଏକ ସାଇବର୍ ଆଟାକ୍। କିଛି ଲୋକ ହଠାତ ବୁଝିପାରି ନ ଥିଲେ ଯେ ଏ ମେସେଜ କିଏ ଓ କାହିଁକି ପଠାଇଥିଲା। କିଛି ଘଣ୍ଟା ପାଇଁ ସାରା ଦେଶରେ ଏହି ମେସେଜକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା।




କିଛି ଲୋକ ମେସେଜ ପଢ଼ିବା ପରେ ଟିକେ ଆଶ୍ୱସ୍ତ ହୋଇ ଓକେ ପ୍ରେସ କରିଥିଲେ। ଆଉ କିଛି ସାଇବର ଆଟାକର ଭୟ କରି ଆଲର୍ଟ ବନ୍ଦ ହେବା ପର୍ଯ୍ୟନ୍ତ ଅପେକ୍ଷା ବି କରିଥିଲେ। ମେସେଜଟି କିଛି ସମୟ ପାଇଁ ମୋବାଇଲ ସ୍କ୍ରିନ ଉପରେ ସ୍ଥିର ରହିବା ପରେ ଚାଲିଯାଇଥିଲା। ହେଲେ ତାହା ମେସେଜ ବକ୍ସରେ ସେଭ୍ ହୋଇ ନ ଥିଲା। ମେସେଜ ବକ୍ସରେ କାହିଁକି ତାହା ସେଭ୍ ହେଲାନି ତାକୁ ନେଇ ମଧ୍ୟ କିଛି ମୋବାଇଲ ବ୍ୟବହାରକାରୀ ସନ୍ଦେହରେ ପଡ଼ିଯାଇଥିଲେ।

ତେବେ ଭୟ କରିବାର କିଛି ନାହିଁ। ଏହା କେନ୍ଦ୍ର ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ଦ୍ୱାରା ପଠାଯାଇଥିବା ଏକ ଟେଷ୍ଟ ମେସେଜ ଥିଲା। ଆଜି ସାରା ଦେଶରେ ଏନଡିଏମଏ ୱେୟାରଲେସ୍ ଏମର୍ଜେନ୍ସି ଆଲର୍ଟ ସିଷ୍ଟମର ଯାଞ୍ଚ କରିଛି। ଦେଶର ନାଗରିକମାନଙ୍କୁ ଦୁର୍ଘଟଣା ସମୟରେ ତୁରନ୍ତ ସତର୍କ କରିବା ପାଇଁ କେନ୍ଦ୍ର ସରକାର ନିଜସ୍ୱ ପ୍ରଯୁକ୍ତି ବିଦ୍ୟାରେ ତିଆରି 'ସେଲ୍ ବ୍ରଡକାଷ୍ଟ' ମେସେଜିଂ ସିଷ୍ଟମ ଆରମ୍ଭ କରିଛନ୍ତି। ଶନିବାର ପୂର୍ବାହ୍ନ ୧୧ଟା ୪୩ ମିନିଟ ସମୟରେ କେନ୍ଦ୍ର ସରକାର ଆଧାର ସହ ସଂଯୁକ୍ତ ଦେଶର ସବୁ ମୋବାଇଲ୍ ବ୍ୟବହାରକାରୀଙ୍କୁ ଏକ ପରୀକ୍ଷାମୂଳକ ମେସେଜ ପଠାଇଥିଲେ। ଏହା ମାଧ୍ୟମରେ ସିଷ୍ଟମର କାର୍ଯ୍ୟକ୍ଷମତା ପରୀକ୍ଷା କରାଯାଇଛି। ବର୍ତ୍ତମାନ ସମୟରେ ଦେଶର ପ୍ରାୟ ପ୍ରତ୍ୟେକ ବ୍ୟକ୍ତିଙ୍କ ହାତରେ ମୋବାଇଲ। ଏହି ଦୃଷ୍ଟିରୁ ଗୋଟିଏ ➪ପୃଷ୍ଠା-୬

## ଆଇଇଡି ବିସ୍ଫୋରଣରେ ୪ ଯବାନ ସହିଦ



ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

ରାୟପୁର, ୨।୫: ଛତିଶଗଡ଼ର କାଙ୍କର ଜିଲ୍ଲାରେ ନକ୍ସଲଙ୍କ ଦ୍ୱାରା ପ୍ରସ୍ତୁତ ବାରୁଦୀ ସୁଡ଼ଙ୍ଗରେ ବିସ୍ଫୋରଣ ହେବାରୁ ଶନିବାର ୪ ଜଣ ଯବାନ ସହିଦ ହୋଇଛନ୍ତି। ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆରଜି)ର ଯବାନମାନେ ଏକ ଆଇଇଡିକୁ ନିଷ୍କ୍ରିୟ କରିବାକୁ ପ୍ରୟାସ କରୁଥିବା ସମୟରେ ଏହି ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ଜଣେ ଇନସ୍ପେକ୍ଟରଙ୍କ ସହ ଡିଆରଜିର ୩ ଜଣ କନ୍‌ଷ୍ଟେବଲ ସହିଦ ହୋଇଥିବା କାଙ୍କର ଜିଲ୍ଲା ପୁଲିସ ସୁପରିଣ୍ଟେଣ୍ଡେଣ୍ଟ୍ ନିଖିଲ ରାଖେଚା ସୂଚନା ଦେଇଛନ୍ତି। ସହିଦ ହୋଇଥିବା ତିନି ଯବାନ ହେଉଛନ୍ତି ଇନ୍ସପେକ୍ଟର ସୁଖରାମ ଭଟ୍ଟି, କନଷ୍ଟେବଳ କ୍ରିଷ୍ଣା କୋମ୍ରା ଓ ସଞ୍ଜୟ ଗଡ଼ପାଲେ। ସେହିପରି ଏହି ବିସ୍ଫୋରଣରେ ଗୁରୁତର ଆହତ କନଷ୍ଟେବଳ ପରମାନନ୍ଦ କୋମ୍ରାଙ୍କୁ ରାୟପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା, କିନ୍ତୁ ଚିକିତ୍ସା ବେଳେ ତାଙ୍କର ବି ମୃତ୍ୟୁ ହୋଇଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାୟ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ପୁଲିସ ମହାନିରୀକ୍ଷକ (ବସ୍ତର ରେଞ୍ଜ) ସୁନ୍ଦରରାଜ ପଟ୍ଟିଲିଙ୍ଗମ୍ ଯବାନମାନଙ୍କ ମୃତ୍ୟୁରେ ଗଭୀର ଦୁଃଖ ପ୍ରକାଶ କରି କହିଛନ୍ତି ଯେ ସୁରକ୍ଷା ବାହିନୀ ହାଇଆଲର୍ଟରେ ଅଛନ୍ତି ଓ ବସ୍ତର ରେଞ୍ଜରେ ଲଗାଯାଇଥିବା ଆଇଇଡିଗୁଡ଼ିକୁ ସଫଳତାର ସହ ନିଷ୍କ୍ରିୟ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୩୧ ତାରିଖରେ ଛତିଶଗଡ଼କୁ ନକ୍ସଲମୁକ୍ତ ରାଜ୍ୟ ଘୋଷଣା କରାଯିବା ପରେ ରାଜ୍ୟରେ ଏହା ପ୍ରଥମ ନକ୍ସଲ ବିସ୍ଫୋରଣ। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ଏହି ବିସ୍ଫୋରଣ ଛୋଟେବେଠିଆ ପୁଲିସ ➪ପୃଷ୍ଠା-୬

## କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

- ଜିତୁ ମୁଣ୍ଡା ପ୍ରସଙ୍ଗରେ ନିର୍ମଳାଙ୍କ ହସ୍ତକ୍ଷେପ ଦାବି
- ଦାୟୀ ଅଧିକାରୀଙ୍କ ଉପରେ ଉତ୍ତରଦାୟିତ୍ୱ ନ୍ୟସ୍ତ ହେଉ
- ଆଇନ ଆଳରେ ଅମାନବୀୟ କାର୍ଯ୍ୟକୁ ଯଥାର୍ଥ ଦର୍ଶାଯାଉଛି



ଭୁବନେଶ୍ୱର, ୨।୫ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଜିତୁ ମୁଣ୍ଡା ଘଟଣାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଏହି ଘଟଣାରେ ବ୍ୟାଙ୍କ କର୍ତ୍ତୃପକ୍ଷ ଆରବିଆଇ ମାର୍ଗଦର୍ଶିକାର ଆଳ ଦେଖାଇ ଜିତୁ ମୁଣ୍ଡାଙ୍କ ପ୍ରତି ହୋଇଥିବା ଅମାନବୀୟ କାର୍ଯ୍ୟକୁ ଠିକ୍ ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛନ୍ତି। ତେଣୁ ଗ୍ରାମାଞ୍ଚଳରେ ଥିବା ବ୍ୟାଙ୍କ ଅଧିକାରୀଙ୍କ ଉପରେ ଉତ୍ତରଦାୟିତ୍ୱ ନ୍ୟସ୍ତ କରିବାକୁ ସେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

କେନ୍ଦୁଝର ଜିଲ୍ଲାର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମଲ୍ଲିପଶି ଶାଖାରେ ଗତ ୨୭ ତାରିଖରେ ➪ପୃଷ୍ଠା-୬

### ଚିଠି ଲେଖା ଡ୍ରାମା ବନ୍ଦ କରନ୍ତୁ



କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ନବୀନଙ୍କ ଚିଠିକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ ଦାନ ମାଝୀ ଘଟଣାରେ କ'ଣ ହୋଇଥିଲା ବୋଲି ବୋଧହୁଏ ବିରୋଧୀ ଦଳ ନେତା ଭୁଲିଯାଇଛନ୍ତି। ଦାନ ମାଝୀ ଘଟଣାରେ ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କର ଭୁଲ ଥିଲା, ସେତେବେଳେ କିଏ କାହାକୁ ଚିଠି ଲେଖିଥିଲା। ଦାନ ମାଝୀ ଭଳି ଅନେକ ଘଟଣା ପୂର୍ବ ସରକାର ସମୟରେ ହୋଇଥିଲା, ଯାହାର କୌଣସି ପର୍ଯ୍ୟାଲୋଚନା ଆଜି ପର୍ଯ୍ୟନ୍ତ ବି କରିନାହାନ୍ତି ନବୀନ। ଚିଠି ଲେଖା ନେତା ଚିଠି ଲେଖିବା ଓ ସୋସିଆଲ ମିଡିଆରେ ଗାଳି ଦେବା ଛଡ଼ା ➪ପୃଷ୍ଠା-୬



କାନ ଡେରିଥା

ଶ୍ରମିକ ଦିବସେ ଶ୍ରମିକ ବିଚରା
ପେଟପାଇଁ ଏଠି ଲଢେ
ଶ୍ରମିକକୁ ଏଠି ପ୍ରବଳ ଖଟେଇ
ମାଲିକ ପଇସା ଭିଡ଼େ
ନିରୀହ ଶ୍ରମିକ ମରେ...
ମଇ ଏକ ଶ୍ରମିକ ଦିବସ
ଦୁଃଛାଟାକୁ ମନେ ପଡେ ।

■ ଦେବାଶିଷ

## ରାଜ୍ୟରେ ନୂଆ ରାଜନୈତିକ ସମୀକରଣର ସଙ୍କେତ

- ଅସନ୍ତୁଷ୍ଟ ବିଜେଡି ଓ ବିଜୁ ଲିଗାସୀଙ୍କୁ ଟାର୍ଗେଟ୍
- ସମସ୍ତଙ୍କୁ ଏକଜୁଟ କରୁଛନ୍ତି ଦିଲ୍ଲୀପ ରାୟ

ଭୁବନେଶ୍ୱର, ୨।୫ (ସଂଚାର ବ୍ୟୁରୋ): ନିକଟରେ ଶେଷ ହୋଇଥିବା ରାଜ୍ୟସଭା ନିର୍ବାଚନ ଓ ଓଡ଼ିଶା ନାଗରିକ ମଞ୍ଚର ଗଠନ ପରେ ଦିଲ୍ଲୀପ ରାୟ ଟିକେ ଆକ୍ଟିଭ୍ ହୋଇଯାଇଛନ୍ତି। ରାଜ୍ୟସଭା ନିର୍ବାଚନରେ ତାଙ୍କୁ ସହଯୋଗ କରିଥିବା କିଛି ନେତାଙ୍କୁ ସେ ଭେଟିସାରିଲେଣି। ଆଉ କିଛି ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ଅଛି। କେବଳ ସେ ତାଙ୍କୁ ସହଯୋଗ କରିଥିବା ନେତାଙ୍କୁ ଭେଟି ଧନ୍ୟବାଦ ଜଣାଉନାହାଁନ୍ତି, କିଛି ବିଜୁ ଅନୁଗତ ଓ ଅସନ୍ତୁଷ୍ଟ ବିଜେଡି ନେତାଙ୍କୁ ମଧ୍ୟ ଭେଟୁଛନ୍ତି। ତାଙ୍କର ଏହି ମୁଭ୍‌ମେଣ୍ଟ ଓଡ଼ିଶା ରାଜନୀତିରେ ନୂଆ ସମୀକରଣର ସଙ୍କେତ ଦେଉଛି।

ରାଜ୍ୟସଭାରେ ତାଙ୍କୁ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ଭୋଟ ଦେଇଥିଲେ। ତେଣୁ ସେ ପ୍ରଥମେ ତାଙ୍କ ବାପା ଓ ତାଙ୍କୁ କଟକରେ ଭେଟି ଧନ୍ୟବାଦ ଜଣାଇଥିଲେ। ଆଜି ସେହିଭଳି ସେ କଟକରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଓ ତାଙ୍କ ପୁଅ ସୌଭିକ ବିଶ୍ୱାଳଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। କିଛି ଦିନ ତଳେ ସେ ବାରିପଦା ବିଜେଡିର ପୂର୍ବତନ ସଭାପତି ସ୍ୱର୍ଗତଃ ରଘୁନାଥ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ତାହା ପୁଣି ବାରିପଦା ବିଜେଡି କାର୍ଯ୍ୟାଳୟରେ। ଦିଲ୍ଲୀପ ରାୟଙ୍କ ଏହି ଗସ୍ତ ସମ୍ପର୍କରେ ଜିଲ୍ଲା ବିଜେପି ନେତାଙ୍କୁ ମଧ୍ୟ ସୂଚନା ନ ଥିଲା।



ଦିଲ୍ଲୀପ ରାୟଙ୍କ ଏସବୁ ଗସ୍ତ ରାଜନୈତିକ ଦୃଷ୍ଟିରୁ ବେଶ ମହତ୍ତ୍ୱ ରଖୁଛି। ରାଜ୍ୟସଭା ନିର୍ବାଚନ ପୂର୍ବରୁ କିମ୍ବା ଓଡ଼ିଶା ନାଗରିକ ମଞ୍ଚ ଗଠନ ପୂର୍ବରୁ ସେ ଏଭଳି ବୁଲୁ ନ ଥିଲେ। ଅବଶ୍ୟ ତାଙ୍କର ଏହି ଧନ୍ୟବାଦ ରାଜନୀତି ପଛରେ ବିଜେପି ଦଳର ନିର୍ଦ୍ଦେଶ ଅଛି କି ନାହିଁ, ତାହା ସ୍ପଷ୍ଟ ନୁହେଁ। କିନ୍ତୁ ରାଜନୈତିକ ସମୀକ୍ଷକଙ୍କ ଆକଳନ ଅନୁଯାୟୀ, ତାଙ୍କର ଏହି ଧନ୍ୟବାଦ ପଲିଟିକ୍ସ ୨୦୨୯ ପୂର୍ବରୁ ବଡ଼ ପରିବର୍ତ୍ତନ ଓ ହଟଚମଟର ସଙ୍କେତ ଦେଉଛି। ଚର୍ଚ୍ଚା ହେଉଛି ଯେ ବିଜେଡି ଓ କଂଗ୍ରେସର ଅସନ୍ତୁଷ୍ଟଙ୍କୁ ଏକାଠି କରିବାରେ ଏବେ ଦିଲ୍ଲୀପ ରାୟ ବଡ଼ ଅସ୍ତ୍ର ସାଜିଛନ୍ତି। ୨୦୨୯ରେ ବିଜେପିକୁ ପୁଣି ଥରେ କ୍ଷମତାକୁ ଆଣିବାକୁ ଏହା ଦିଲ୍ଲୀପ ରାୟଙ୍କ ଏକ ବଡ଼ ରଣନୀତିର ଅଂଶବିଶେଷ।

ଅବଶ୍ୟ ଦିଲ୍ଲୀପଙ୍କ ଏହି ଗୋଟି ଚାଳନାରେ ସେ ଏକା ଥିଲା ଭଳି ଲାଗୁନାହିଁ। ତାଙ୍କର ଏକାନ୍ତ ବନ୍ଧୁ ବିଜୟ ମହାପାତ୍ର ଓ ଅନ୍ୟ ବିଜୁ ଲିଗାସୀଙ୍କର ମଧ୍ୟ ଏଥିରେ ସହଯୋଗ ଥିବା ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି। ପ୍ରକାରାନ୍ତରେ ବିଜୁ ଲିଗାସୀମାନେ କହୁଛନ୍ତି ଯେ ୨୦୨୯ ବେଳକୁ ନବୀନ ପଟ୍ଟନାୟକ ବିଜେଡି ଓ ଏହାର ସଙ୍କେତକୁ ନିଜ ପାଖରେ ରଖିପାରିବେ ନାହିଁ। ଅର୍ଥାତ ବିଜେଡିରେ ଶିବସେନା ଅବସ୍ଥା ସୃଷ୍ଟି ହୋଇପାରେ। କହିବାକୁ ଗଲେ ବିଜୟ ମହାପାତ୍ର, ଦିଲ୍ଲୀପ ରାୟ ଓ ଅନ୍ୟ ବିଜୁ ଲିଗାସୀ ବିଜେଡି ଓ ଓଡ଼ିଶା କଂଗ୍ରେସରେ ବଡ଼ ବିଭାଜନର ଲକ୍ଷ୍ୟ ରଖିଛନ୍ତି ଆଉ ଦିଲ୍ଲୀପଙ୍କ ଏସବୁ ଗସ୍ତ ସେ ଲକ୍ଷ୍ୟ ହାସଲର ଗୋଟିଏ ଗୋଟିଏ ମାର୍ଗ ବୋଲି ଚର୍ଚ୍ଚା ହେଉଛି।

## ପ୍ରସୂନ ଯୋଶୀ ପ୍ରସାର ଭାରତୀ ଅଧ୍ୟକ୍ଷ



ନୂଆଦିଲ୍ଲୀ, ୨।୫: ବିଶିଷ୍ଟ କବି ତଥା ଗୀତିକାର ପ୍ରସୂନ ଯୋଶୀଙ୍କୁ ଶନିବାର ପ୍ରସାର ଭାରତୀର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। ଫିଲ୍ମ ପ୍ରଯୋଜକ ଆଶୁତୋଷ ଗୋୱାରିକରଙ୍କୁ ଭାରତୀୟ ଅନ୍ତଃରାଷ୍ଟ୍ରୀୟ ଫିଲ୍ମ ଫେଷ୍ଟିଭାଲ (ଆଇଏଫଏଫଆଇ)ର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯିବାର ଦିନକ ପରେ ଶ୍ରୀ ଯୋଶୀଙ୍କୁ ପ୍ରସାର ଭାରତୀୟ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଗତ ୨୦୨୫ ଡିସେମ୍ବରରେ ନବନୀତ କୁମାର ସେହଗଲ ପ୍ରସାର ଭାରତୀର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ପରଠାରୁ ଏହି ପଦଟି ଅଦ୍ୟାବଧି ଖାଲି ପଡ଼ିଥିଲା। ଭାରତୀୟ ସିନେମା ଜଗତର ଜଣେ ଜଣାଶୁଣା ଚେହେରା ଶ୍ରୀ ଯୋଶୀଙ୍କୁ ପ୍ରସାର ଭାରତୀ ➪ପୃଷ୍ଠା-୬

## ପ୍ରକାଶ ପାଇଲା ମାଟ୍ରିକ ବୋର୍ଡ ପରୀକ୍ଷା ଫଳ

### କ୍ରିତିକ୍ରିଷ୍ଣା ପ୍ରିୟଦର୍ଶିନୀ ମହାକାଳପଡ଼ା ବ୍ଲକ୍ ଟପ୍ପର



**ମହାକାଳପଡ଼ା, ୨।୫ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର ଫଳାଫଳ ଆଜି ପ୍ରକାଶ ପାଇଛି। କ୍ରିତିକ୍ରିଷ୍ଣା ପ୍ରିୟଦର୍ଶିନୀ ସର୍ବାଧିକ ୫୪୦ (୯୦%) ନମ୍ବର ରଖି ମହାକାଳପଡ଼ା ବ୍ଲକ ଟପ୍ପର ହୋଇ ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ମହାକାଳପଡ଼ା ବ୍ଲକ ଯଦୁପୁର ପଞ୍ଚାୟତ ଅନ୍ତର୍ଗତ କଳାଗଡ ଗ୍ରାମର କୁମାର ଜେନାଙ୍କ ଝିଅ ହେଉଛନ୍ତି କ୍ରିତିକା। ସେ ବତୁକୁଣ୍ଡୀ ବାଳିକା ଉଚ୍ଚ ବିଦ୍ୟାଳୟ ଗୋପିନାଥପୁରଶାସନର ଛାତ୍ରୀ। ତାଙ୍କର ଏହି ଉଲ୍ଲେଖନୀୟ ଫଳାଫଳ ପାଇଁ ବିଦ୍ୟାଳୟ ପକ୍ଷରୁ ଖୁସି ପ୍ରକାଶ ପାଇଥିବା ସହ ଶିକ୍ଷକ ମଣ୍ଡଳୀ ଓ ଅଭିଭାବକମାନେ ଗର୍ବିତ ଅନୁଭବ କରୁଛନ୍ତି। ଏହି ସଫଳତାରେ ତାଙ୍କର ବାପା କୁମାର ଜେନା ଓ ମା' ତପସ୍ୱିନୀ ଜେନାଙ୍କର ସହଯୋଗ ସହ ଶିକ୍ଷକ କ୍ଷୀରୋଦ ପ୍ରସାଦ ମହାପାତ୍ର ଓ ଦିଲୀପ କୁମାର ପ୍ରଧାନଙ୍କ ନିର୍ଦ୍ଦେଶନା ମୁଖ୍ୟ ଭୂମିକା ରହିଛି ବୋଲି କ୍ରିତିକା କହିବା ସହିତ ଭବିଷ୍ୟତରେ ଜଣେ ଦକ୍ଷ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ସେ ଆଶା ରଖିଛନ୍ତି।

### ଡେରାବିଶ ବ୍ଲକରେ ୧୪ ଜଣ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ

**କଳିଙ୍ଗ ଆବାସିକ ଛାତ୍ରୀ ଏସ୍.ଆର. ସୋନାଲି ବ୍ଲକ ଟପ୍ପର**



**ଡେରାବିଶ, ୨।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅଞ୍ଚଳରେ ମୋଟ ୧୪ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି। ସେଥିମଧ୍ୟରୁ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟରୁ ଚଳିତ ବର୍ଷ ୧୦ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍‌ରେ ପାସ୍ କରି ସର୍ବାଧିକ ଏ-୧ଗ୍ରେଡ୍ ପାସ୍‌ଧାରୀ ବିଦ୍ୟାଳୟ ଭାବେ କେନ୍ଦ୍ରାପଡ଼ା ଜିଲ୍ଲାରେ ଖ୍ୟାତି ଅର୍ଜନ କରିଛି। ଏଥିସହିତ ଏହି ବିଦ୍ୟାଳୟର ଛାତ୍ରୀ ଏସ୍.ଆର. ସୋନାଲି ଶ୍ୱେତାଲିନା ଦାଶ ୫୭୦ ନମ୍ବର ରଖି ଡେରାବିଶ ବ୍ଲକର ଟପ୍ପର ହୋଇଛନ୍ତି। ପୂର୍ବ ବର୍ଷ ମାନଙ୍କ ପରି ଏହି ବିଦ୍ୟାଳୟରେ ପରୀକ୍ଷା ଦେଇଥିବା ୨୦୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏ୧-୧୦, ଏ୨-୫୧, ବି୧-୭୧, ବି୨-୫୪ ଓ ସି ଗ୍ରେଡ୍‌ରେ ୧୯ ଜଣ ପାସ୍ କରି ଶତପ୍ରତିଶତ ଉତୀର୍ଣ୍ଣ ହୋଇଛନ୍ତି। ସେହିପରି ଦୋହଲି ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ବିଦ୍ୟାଳୟ, ଦାମୋଦରଜୀଉ ବିଦ୍ୟାପୀଠ ବଜାର, ରାମଚଣ୍ଡୀ ଶିକ୍ଷାନିକେତନ ଛୋଟି ଓ ଶାରଦା ଏକାଡେମୀ ଛକନାରୁ ଜଣେ ଲେଖାଏ ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି।

### ଆଳି ବ୍ଲକ ମାଟ୍ରିକ୍ ଟପ୍ପର ହେଲେ ସୁଧାଂଶୁ



**ଆଳି, ୨।୫ (ସଂଚାର ବ୍ୟୁରୋ):** ଚଳିତ ମେଟ୍ରିକ୍ ପରୀକ୍ଷା ରେ ପୁଅଙ୍କ ତୁଳନାରେ ଝିଅଙ୍କ ପାସ ହାର ବେଶି ଥିବାବେଳେ ଆଳି ବ୍ଲକ ଚକ୍ରଧର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ସୁଧାଂଶୁ ଶେଖର ରାଉତ ୫୫୮ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ଆଳି ସିଙ୍ଗିରି ପଂଚାୟତ ମହାସାହାଣି ଗ୍ରାମ ଶ୍ୟାମସୁନ୍ଦର ରାଉତ ଙ୍କ ସୁପୁତ୍ର ସୁଧାଂଶୁ ଶେଖର ରାଉତ ପ୍ରତିଦିନ ୮ ଘଣ୍ଟା ପରିଶ୍ରମ କରୁଥିବା ବେଳେ ଏହାର ଶ୍ରେୟ ମାତା ପିତାଙ୍କ ସହ ସ୍କୁଲ୍ର ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କୁ ଦେଇଛନ୍ତି। ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସୁଧାଂଶୁ ଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟୁଛି।ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ ଖୁସି ପ୍ରକଟ କରିବା ସହିତ ଗାଁ ରେ ଆନନ୍ଦର ଲହରୀ ଖେଳିଯାଇଛି।

### ଦେବୀପ୍ରଜ୍ଞା ଦେ ପଟ୍ଟାମୁଣ୍ଡାଇ ବ୍ଲକ ଟପ୍ପର୍

**୯ ଜଣ ପାଇଲେ ଏ-୧**




**ପଟ୍ଟାମୁଣ୍ଡାଇ, ୨।୫ (ସଂଚାର ବ୍ୟୁରୋ):** ଆଜି ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ହାଇସ୍କୁଲର ୯ଜଣ ଛାତ୍ରଛାତ୍ରୀ ବିଶେଷ ସଫଳତା ହାସଲ କରି ଏ୧ ଗ୍ରେଡ଼ ହାସଲ କରିଛନ୍ତି । ସେଥି ମଧ୍ୟରେ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ତଥା ପ୍ରଶାନ୍ତ କୁମାର ଦେ ଓ ଡଲି ଦାସଙ୍କ କନ୍ୟା ଦେବୀପ୍ରଜ୍ଞା ଦେ ସର୍ବୋଚ୍ଚ ୫୫୫ନମ୍ବର ରଖି ପଟ୍ଟାମୁଣ୍ଡାଇ ବ୍ଲକ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକ ଟପ୍ପର ଦେବୀ ପ୍ରଜ୍ଞା ତାଙ୍କ ସଫଳତାର ଶ୍ରେୟ କଠିନ ପରିଶ୍ରମ ଇଶ୍ୱରଙ୍କ ଆଶୀର୍ବାଦ, ଗୁରୁ ଗୁରୁ ମା ଓ ପିତା ମାତା ଗୁରୁଜନଙ୍କ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇଛି ବୋଲି ପ୍ରକାଶ କରିଛନ୍ତି । ଭବିଷ୍ୟତରେ ଡାକ୍ତର ହୋଇ ଗରିବ ଲୋକଙ୍କ ସେବା କରିବା ତାଙ୍କର ଲକ୍ଷ୍ୟ ବୋଲି ପ୍ରକାଶ କରିଛନ୍ତି। ମଦନପୁର ୟୁ କେ ମହାବୀର ହାଇସ୍କୁଲ ଛାତ୍ର ସୌମ୍ୟକାନ୍ତ ସାହୁ ୫୪୫ନମ୍ବର ରଖି ଏ୧ଗ୍ରେଡ଼ ହାସଲ କରିବା ସହିତ ବ୍ଲକରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଆଶା ପ୍ରିୟଦର୍ଶିନୀ ପାତ୍ର,ସୁଭଦ୍ରା ପ୍ରଧାନ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲ ଛାତ୍ରୀ ଅଭିଲିପ୍ସା ରାଉତ ସାନଜରିଆ ହାଇସ୍କୁଲର ରୁଦ୍ର ପ୍ରଧାନ ୫୪୦ ନମ୍ବର ରଖି ଏ ୧ଗ୍ରେଡ଼ ହାସଲ କରିଛନ୍ତି । ଏହାଛଡା ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସୌମ୍ୟକାନ୍ତଙ୍କ ବ୍ୟତୀତ ମଦନପୁର ୟୁ କେ ମହାବୀର ହାଇସ୍କୁଲର ୩ଜଣ ଏ୧ ଗ୍ରେଡ଼ ପାଇଥିବାରୁ ସମୁଦାୟ ୪ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡ଼ ପାଇଛନ୍ତି । ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ବ୍ଲକ ଟପ୍ପର ସହ ୨ ଛାତ୍ରୀ ଏ୧ଗ୍ରେଡ଼, ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲ ଛାତ୍ରୀ ଏ୧ ଗ୍ରେଡ଼ ଓ ସାନଜରିଆ ହାଇସ୍କୁଲ ଛାତ୍ର ଏ୧ ଗ୍ରେଡ଼ ସହିତ ପଟ୍ଟାମୁଣ୍ଡାଇ ବ୍ଲକରେ ସମୁଦାୟ ୯ ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡ଼ ହାସଲ କରିଛନ୍ତି ।

**ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଯାଇ ଶୁଣୁନାହିଁ ପ୍ରଶାସନ**

# ୬ରେ ଅନଶନକାରୀଙ୍କ ଆତ୍ମଦାହ ଧମକ

**ଆଳି, ୨।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଆଳି ମହୁ ବଜାରଦାଣ୍ଡି ଅଙ୍ଗନବାଡି କେନ୍ଦ୍ରରେ ହୋଇଥିବା ଦୁର୍ନୀତିରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗ୍ରାମବାସୀ ଓ ଅନେକ ବ୍ୟକ୍ତି ବିଶେଷ ବାରମ୍ବାର ଲିଖିତ ଅଭିଯୋଗ କରିବା ପରେ ଆଳି ସିଡିପିଓ ଏବଂ ଉପରିସ୍ଥ ଅଧିକାରୀ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନନିଆଯାଇ ହୋଇଥିବା ଦୁର୍ନୀତିକୁ ଚପାଇ ରଖି ଦୁର୍ନୀତି କରିଥିବା କର୍ମୀଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ପ୍ରତିବାଦରେ ଅପ୍ରେଲ ମାସ ୨୦ ତାରିଖ ଠାରୁ ଅଭିଯୋଗକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ କରିଥିବା ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ।

ପ୍ରଶାସନ ପକ୍ଷରୁ ଥାନାରେ ମାମଲା ରୁଜୁ କରାନଯିବା, ହୋଇଥିବା ସରକାରୀ ସହାୟତା ଲୁଟ ଉପରେ ସମସ୍ତ ତଥ୍ୟ ପ୍ରମାଣକୁ ଆଧାର କରି ପ୍ରଶାସନ ପକ୍ଷରୁ ଭିଜିଲାନ୍ସରେ ମାମଲା ରୁଜୁ ନକରିବା, ଦୁଷ୍ମନ୍ତଙ୍କ ନାମରେ ହୋଇଥିବା ମିଥ୍ୟା ଅଭିଯୋଗର ଅଭିଯୋଗକାରୀଙ୍କୁ ଦୁର୍ନୀତିକାରୀ ଅଙ୍ଗନୱାଡ଼ି କର୍ମୀ ଏକଲକ୍ଷ ଟଙ୍କା କାହିଁକି ଦେଲେ ସେହି ଘଟଣାର ସମସ୍ତ ପ୍ରମାଣକୁ ଆଧାର କରି ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା, ଏକ ଲକ୍ଷ ଟଙ୍କା ନେଇ ଦୁଷ୍ମନ୍ତଙ୍କ ନାମରେ ମିଛ ଅଭିଯୋଗ କରିଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୋଲିସକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଲିଖିତ ଅଭିଯୋଗ କରାନଯିବା, ଏହି ଘଟଣାରେ ଉଚ୍ଚତମ ନ୍ୟାୟଳୟଙ୍କୁ ଦିଆଯାଇଥିବା ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରିଥିବାରୁ ପ୍ରକୃତ ସତ୍ୟାସତ୍ୟ ଘଟଣା ସ୍ପଷ୍ଟ ଭାବେ ପ୍ରଶାସନ ପକ୍ଷରୁ ଲିଖିତ ପ୍ରଦାନ ନକରିବା, ସଠିକ୍ ରିପୋର୍ଟ ପ୍ରଦାନ ନକରି ଫର୍ଜୀ ତଦନ୍ତ ରିପୋର୍ଟ ପ୍ରଦାନ କରିଥିବା ସମସ୍ତ ତଦନ୍ତକାରୀ ଅଧିକାରୀଙ୍କ ନାମରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ସରକାରୀ ସହାୟତା ଲୁଟ ହୋଇଥିବା ନେଇ ଦୁଇ ଦୁଇ ଥର ତଦନ୍ତରେ ଧରାପଡ଼ିଥିବାରୁ ଲୁଟ ହୋଇଥିବା ସରକାରୀ ସହାୟତା ସରକାରଙ୍କ ନିକଟକୁ ଫେରସ୍ତ ଆଣିବା ଇତ୍ୟାଦି ସାତ ଦଫା ଦାବି ପୂରଣ ପର୍ଯ୍ୟନ୍ତ ଆଳି ସି.ଡ଼ି.ପି.ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସାତ ଦିନ ଦିବାରାତ୍ରି ଧାରଣା ଦେବା ପରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଧାରଣାର ଅଷ୍ଟମ ଦିନ ଅର୍ଥାତ ଅପ୍ରେଲମାସ ୨୭ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ଆମରଣ ଅନଶନରେ ବସିଛନ୍ତି ଅଭିଯୋଗକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ।

ପ୍ରଥମେ ସାତ ଦିନ ଧାରଣା ଏବେ ଆମରଣ ଅନଶନକୁ ପାଞ୍ଚ ଦିନ ଅର୍ଥାତ ସର୍ବମୋଟ ବାର ଦିନ ହୋଇଗଲା ନିଜର ଦାବି ପୂରଣ ନିମନ୍ତେ ଦୁଷ୍ମନ୍ତ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିଲେ ବି ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଓଲଟି ଜିଲ୍ଲାପାଳ ରଘୁରାମ ଆର. ଆୟର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଠାରୁ ଏକ ପାକ୍ଷିଆ କଥା ଶୁଣି ଗଣମାଧ୍ୟମ ଆଗରେ ଭୁଲ ମତ ପ୍ରକାଶ କରିଥିବାରୁ ଏହା ଦୁଷ୍ମନ୍ତଙ୍କୁ ମର୍ମାହତ କରିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସେ କ୍ଷୋଭ ପ୍ରକାଶ କରିଛନ୍ତି ।

ଜିଲ୍ଲାପାଳଙ୍କ କଥାରୁ ସ୍ପଷ୍ଟ ହେଉଥିଲା ଯେ ଜାଣି ଶୁଣି ହୋଇଥିବା ଦୁର୍ନୀତିକୁ ଚାପିବାକୁ ଉଦ୍ୟମ କରିବା ସହିତ ଦୁର୍ନୀତୀକୁ ଚପାଇ ରଖିଥିବା ସମସ୍ତ ଅଧିକାରୀଙ୍କୁ ସୁରକ୍ଷା ପ୍ରଦାନ କରାଯାଉଛି। ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗରମରେ ଧାରଣା ଓ ଅନଶନରେ ବସିଥିବାରୁ ଦୁଷ୍ମନ୍ତଙ୍କ କଥା ନଶୁଣି ଦୁଷ୍ମନ୍ତଙ୍କୁ ଧିରେ ଧିରେ ଜୀବନରୁ ମାରିବାକୁ ପ୍ରଶାସନ ଷଡ଼ଯନ୍ତ୍ର କରୁଥିବା ନେଇ ଦୁଷ୍ମନ୍ତ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ଉପରେ ଆରୋପ ଲଗାଇଛନ୍ତି ।

ତେଣୁ ଏ ବାବଦରେ ମେଲ ମାଧ୍ୟମରେ ସମସ୍ତ ପ୍ରଶାସନିକ ଅଧିକାରୀ ମାନଙ୍କୁ ଲିଖିତ ଭାବେ ଅବଗତ କରାଇ ଆଗାମୀ ପାଞ୍ଚ ଦିନ ମଧ୍ୟରେ ତୁରନ୍ତ ପୂରଣ କରାନଗଲେ ଅନଶନ ସ୍ଥଳରେ ଆସନ୍ତା ମଇମାସ ୬ ତାରିଖ ବୁଧବାର ଦିନ ସକାଳ ୧୦ ଘଟିକା ସମୟରେ ଅନଶନ ସ୍ଥଳ ଅର୍ଥାତ୍ ଆଳି ସିଡ଼ିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମଦାହ କରିବାକୁ ବାଧ୍ୟ ହେବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

## ଜିଲ୍ଲାରେ ମାଟ୍ରିକ ପାସ୍‌ହାର ୯୫.୯୭ ପ୍ରତିଶତ

**ଦେବଦର୍ଶୀ ମଣ୍ଡଳ ଜିଲ୍ଲା ଟପ୍ପର, ୧୧୮ଟି ସ୍କୁଲରେ ଶତପ୍ରତିଶତ ପାସ୍**



**କେନ୍ଦ୍ରାପଡ଼ା, ୨।୫ (ସଂଚାର ବ୍ୟୁରୋ):** ଆଜି ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । କେନ୍ଦ୍ରାପଡା ଜିଲ୍ଲାରେ ମାଟ୍ରିକ ପରୀକ୍ଷା ପାସହାର ୯୫.୯୭ ପ୍ରତିଶତ ହୋଇଥିବା ଜଣାପଡିଛି । ଦେବଦର୍ଶୀ ମଣ୍ଡଳ ଜିଲ୍ଲା ଟପ୍ପର ହୋଇଛନ୍ତି । ଜିଲ୍ଲାର ମୋଟ ୩୪୭ଟି ସ୍କୁଲର ୧୯ ହଜାର ୨୨୮ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ବେଳେ ସେଥିରୁ ୧୮ହଜାର ୯୬୮ଜଣ ପରୀକ୍ଷା ଦେଇଥିଲେ । ୨୬୦ଜଣ ଅନୁପସ୍ଥିତ ଥିବା ବେଳେ ୧୮ହଜାର ୨୦୩ଜଣ ପାସ କରିଥିବା ଜଣାପଡିଛି । ୮୯୮୦ଜଣ ଛାତ୍ର ପାସ ହୋଇଥିବା ବେଳେ ୯୨୨୩ଜଣ ଛାତ୍ରୀ ପାସ ହୋଇଛନ୍ତି । ପାସ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏ-୧ଗ୍ରେଡରେ ୫୩ଜଣ, ଏ-୨ଗ୍ରେଡରେ ୪୭୭, ବି-୧ଗ୍ରେଡରେ ୧୪୨୯, ବି-୨ ଗ୍ରେଡରେ ୨୯୨୮, ସି- ଗ୍ରେଡରେ ୪୩୭୪, ଡି- ଗ୍ରେଡରେ ୫୨୨୦ ଓ ଇ-ଗ୍ରେଡରେ ୩୭୨୨ଜଣ ପାସ କରିଛନ୍ତି । ୭୬୫ଜଣ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହୋଇଛନ୍ତି । ଜିଲ୍ଲାରେ ୧୧୮ଟି ସ୍କୁଲରେ ଶତ ପ୍ରତିଶତ ପାସହାର ରହିଥିବା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ଠାରୁ ସୂଚନା ମିଳିଛି ।

**ଇସ୍ରୋର ବୈଜ୍ଞାନିକ ହେବି: ଦେବଦର୍ଶୀ**

କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅଧିନ ଖରିନାସୀ ହାଇସ୍କୁଲର ଛାତ୍ର ଦେବଦର୍ଶୀ ମଣ୍ଡଳ ମୋଟ ୫୭୧ ନମ୍ବର ଅର୍ଥାତ ୯୫.୧୭ ପ୍ରତିଶତ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଛନ୍ତି । ରାମନଗର ଗ୍ରାମର ନକୁଳ ଚନ୍ଦ୍ର ମଣ୍ଡଳ ଓ ସନ୍ଧ୍ୟାରାଣୀ ମଣ୍ଡଳଙ୍କ ସାନପୁଅ ହେଉଛନ୍ତି ଦେବଦର୍ଶୀ । ଦିନକୁ ୧୦ରୁ ୧୨ଘଣ୍ଟା ପରିଶ୍ରମ କରି ଏହି ସଫଳତା ହାସଲ କରିଛନ୍ତି । ମେଧାବୀ ଛାତ୍ର ଦେବଦର୍ଶୀ ପ୍ରଥମରୁ ମାଟ୍ରିକ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀରେ ପ୍ରଥମ ହୋଇ ଆସିଛନ୍ତି । ଭବିଷ୍ୟତରେ ସେ ଇସ୍ରୋରେ ବୈଜ୍ଞାନିକ ହୋଇ ଦେଶସେବା କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

**ଲାଲବାହାଦୂର ହାଇସ୍କୁଲ ଛାତ୍ର ବିନିତ ବ୍ଲକ ଟପ୍ପର :** କେନ୍ଦ୍ରାପଡା ବ୍ଲକ ଅଧିନ ଭରତପୁର ପଞ୍ଚାୟତର ମେହେନ୍ଦିପୁର ଲାଲବାହାଦୂର ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ର ବିନିତ କୁମାର ଷଡଙ୍ଗୀ ଏ-୧ ଗ୍ରେଡରେ ୫୬୪ନମ୍ବର ଅର୍ଥାତ ୯୪ପ୍ରତିଶତ ମାର୍କ ରଖି କେନ୍ଦ୍ରାପଡା ବ୍ଲକରେ ଟପ୍ପର ହେବା ସହ ସମଗ୍ର ଜିଲ୍ଲାରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ର ଭାବେ ସୁନାମ ଅର୍ଜ୍ଜନ କରିବା ସହ ବିଭିନ୍ନ ବ୍ଲକ,ଜିଲ୍ଲା ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇ ଜିଲ୍ଲା ତଥା ରାଜ୍ୟ ପାଇଁ ସୁନାମ ଆଣିଛନ୍ତି । ବିନିତ ଭବିଷ୍ୟତରେ ଜଣେ ଭାରତୀୟ ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛନ୍ତି।

## ତୁଳସୀ କ୍ଷେତ୍ରରେ ଗଜ ଉଦ୍ଧାର ବେଶ



**କେନ୍ଦ୍ରାପଡ଼ା, ୨।୫ (ସଂଚାର ବ୍ୟୁରୋ):** ପବିତ୍ର ବୈଶାଖି ପୂର୍ଣ୍ଣିମା ଅବସରରେ ଗତ ଶୁକ୍ରବାର ତୁଳସୀକ୍ଷେତ୍ରଧି ପତି ପ୍ରଭୁ ବଳଦେବ ଜୀଉ ଙ୍କ ର ଗଜ ଉଦ୍ଧାର ବେଶ ଅନୁଷ୍ଠିତ ହୋଇଛି । ସନ୍ଧ୍ୟା ନୀତି ସମ୍ପନ୍ନ ପରେ ବେଶ ଅନୁଷ୍ଠିତ ହୋଇଥିଲା । ଶୁଦ୍ଧ ମାଠ ବସ୍ତ୍ର ପିନ୍ଧା ଯାଇ ମଣ୍ଡଳ ବନ୍ଧା ଯାଇଥିଲା । ବାହୁ ଚରଣ ଏବଂ ପ୍ରତୀକାତ୍ମକ ପଦ୍ମଫୁଲ ଭକ୍ତ ଗରୁଡ ଙ୍କ କାନ୍ଧରେ ମହାଲକ୍ଷ୍ମୀ ପ୍ରଭୁ ଜଗନ୍ନାଥଙ୍କ ବିରାଜ ମାନ ଦୃଶ୍ୟ ବହୁତ ସୁନ୍ଦର ଥିଲା । ଗର୍ଭ ଗୃହ ଚଟାଣରେ ଜଳ ପୁରାଯାଇ ହସ୍ତୀ ମଗରକୁ ଜଳ ଭିତରେ ରଖା ଯାଇଥିଲା । ଭକ୍ତ ମାନେ ଭୋଗ ମଣ୍ଡପ ରେ ରହି ଏହି ଦୁଲଭ ଦର୍ଶନ କରିଥିଲେ । ଶୁକ୍ରବାର ବୈଶାଖ ପୂର୍ଣ୍ଣିମା ଥିବାରୁ ଦିନ ରାତି ତମାମ ଭକ୍ତ ଙ୍କ ଭିଡ଼ ପରିଲିଖିତ ହୋଇଥିଲା । ପରେ ଅନ୍ୟ ନୀତି କରାଯାଇ ରାତ୍ର ଏଗାରଟା ବେଳକୁ ପହୁଡ଼ ପଡ଼ିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି ।

## ବର ଗଛ କଟାକୁ ନେଇ ଉତ୍ତେଜନା

**ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ, କାର୍ଯ୍ୟାନୁଷ୍ଠାନ ଆଶ୍ୱାସନ**

**କେନ୍ଦ୍ରାପଡା, ୨।୫ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ପକ୍ଷଟ ଗ୍ରାମରେ ପୂଜା ପାଉଥିବା ଏକ ବିରାଟ ବଟବୃକ୍ଷକୁ ବେଆଇନ ଭାବେ କାଟାଯାଇଥିବା ଅଭିଯୋଗରେ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ଜଣେ ବ୍ୟକ୍ତି କିଛି କୁଚକ୍ରୀଙ୍କ ଇସାରାରେ ଗଛଟିକୁ କାଟି ବିକ୍ରି କରିବା ସହ ସରକାରୀ ଜମି ଦଖଲ କରିବା ପାଇଁ ଚେଷ୍ଟା କରୁଛନ୍ତି।

ସୂଚନାନୁସାରେ, ଗ୍ରାମ ମଝିରେ ସରକାରୀ ପ୍ଲଟରେ ଅବସ୍ଥିତ ପ୍ରାୟ ୧୦୦ ବର୍ଷ ପୁରୁଣା ଏହି ବଟବୃକ୍ଷଟି ଗ୍ରାମବାସୀଙ୍କ ଧାର୍ମିକ ଆସ୍ଥାର କେନ୍ଦ୍ରବିନ୍ଦୁ ଥିଲା। ବିଶେଷକରି ଗ୍ରାମର ମହିଳାମାନେ ଏହି ବୃକ୍ଷକୁ ପୂଜା କରୁଥିଲେ। ଏହା ସହିତ, ଖରାଦିନରେ ଗ୍ରାମବାସୀମାନେ ଏହି ବୃକ୍ଷମୂଳରେ ଆଶ୍ରୟ ନେଇ ତାପରୁ ରକ୍ଷା ପାଉଥିଲେ। ଘଟଣାକୁ ନେଇ ସଚେତନ ନାଗରିକମାନେ ପ୍ରଥମେ କୁଜାନଗରୀ ଥାନା ଏବଂ ମାର୍ଶାଘାଇ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଥିବାବେଳେ, ପରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରାଇଛନ୍ତି।

ଏହି ଅଭିଯୋଗକୁ ଗୁରୁତ୍ୱ ସହ କେନ୍ଦ୍ରାପଡା ଜିଲ୍ଲାପାଳ ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜାଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ସହ ଦୋଷୀଙ୍କ ବିରୋଧରେ ଯଥାଯୋଗ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ଘଟଣାକୁ ନେଇ ପରିବେଶବିତ ଘନଶ୍ୟାମ ସାମଲ, ସତ୍ୟପ୍ରକାଶ ମହାନ୍ତି, ମଧୁସ୍ମିତା ପ୍ରଧାନ, ଓ ରାକେଶ ମାନସିଂ ପ୍ରମୁଖ କ୍ଷୋଭ ପ୍ରକାଶ କରି କାଠ ମାଫିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି।

## ଅଖିଳ ଭାରତ ଟ୍ରେଡ୍ ୟୁନିଅନ କଂଗ୍ରେସ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମ ଦିବସ ପାଳିତ




**କେନ୍ଦ୍ରାପଡ଼ା, ୨।୫ (ସଂଚାର ବ୍ୟୁରୋ):** ନିଜ ଭାରରେ ଭାରାକ୍ରାନ୍ତ ପୁଞ୍ଜିବାଦୀ ବ୍ୟବସ୍ଥା ଏବେ ଘୋର ଆର୍ଥିକ ସଂକଟ ଦେଇ ଗତି କରୁଥିବାବେଳେ ସେଥିରୁ ରକ୍ଷା ପାଇବା ପାଇଁ ସମଗ୍ର ବିଶ୍ୱ ଉପରେ ଅନାବଶ୍ୟକ ପ୍ରଳୟଙ୍କରୀ ଯୁଦ୍ଧ ଲଦି ଦିଆଯାଇଛି । ସେହି ଯୁଦ୍ଧ ବିରୋଧି ବିଚାର, ଆଠ ଘା କାମ, କାର୍ଯ୍ୟ କ୍ଷେତ୍ରରେ ଉପଯୁକ୍ତ ପରିବେଶ ଓ ଉପଯୁକ୍ତ ମଜୁରୀ ଦାବିରେ ପ୍ରଥମ ସାମ୍ରାଜ୍ୟବାଦୀ ବିଶ୍ୱଯୁଦ୍ଧ ପରେ ପରେ ୧୯୨୦ ମସିହାରେ ସୃଷ୍ଟି ହୋଇଥିଲା ଦେଶର ପ୍ରଥମ ଶ୍ରମିକ ସଂଗଠନ ଏଆଇଟିୟୁସି । ଏବେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଶତାଧିକ ବର୍ଷ ଧରି ଲଗାତର ଲଢେଇ ଫଳରେ ଶ୍ରମିକମାନେ ହାସଲ କରିଥିବା ଅଧିକାରଗୁଡିକୁ ଛଡ଼ାଇ ନେବାପାଇଁ ଶ୍ରମ ସଂଶୋଧନ ଆଇନ୍ (ଶ୍ରମକୋଡ) ପ୍ରଚଳନ ମାଧ୍ୟମରେ ଉଦ୍ୟମ କରୁଥିବାରୁ ଏହା ବିରୋଧରେ ଐକ୍ୟବଦ୍ଧ ଓ ଶକ୍ତିଶାଳୀ ଆନ୍ଦୋଳନ ଗଢି ତୋଳିବାକୁ ଶ୍ରମିକ ଦିବସ ଅବସରରେ ଶ୍ରମିକ ନେତାମାନେ ଆହ୍ୱାନ ଦେଇଛନ୍ତି ।

ଆନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ଏଆଇଟିୟୁସି ସହବନ୍ଧିତ ଅଙ୍ଗନୱାଡ଼ି, ଆଶା, ପାଚିକା, ନିର୍ମାଣ ଶ୍ରମିକ, ନାଇଟ୍ ୱାଚ୍‌ମ୍ୟାନ ପ୍ରଭୃତି ସଂଗଠନର ଶତାଧିକ ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିବା ପରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଗୋପ ସ୍ଥିତ ନିର୍ମାଲ୍ୟ ପ୍ୟାଲେସ ପରିସରରେ ସମବେତ ହୋଇଥିଲେ । ସେଠାରେ ବରିଷ୍ଠ ଶ୍ରମିକ ନେତା ସାଥୀ ବାବାଜୀ ଧଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭାରତୀୟ କ୍ଷେତ ମଜଦୂର ୟୁନିୟନର ଜାତୀୟ କମିଟି ସଭ୍ୟ ଆଶିଷ କାନୁନଗୋ, ବିଶିଷ୍ଟ ପ୍ରଗତିବାଦୀ କବି ନିରାକାର ଦାସ, ସିପିଆଇ ରାଜ୍ୟ ନେତା ରମଣୀରଞ୍ଜନ ରାଉତରାୟ, ଜିଲ୍ଲା ସମ୍ପାଦକ ବିକାଶ ଚନ୍ଦ୍ର ବେଉରା ନାରୀନେତ୍ରୀ ଅବନ୍ତୀ ବେହେରା, ରଣଧୀର ଜେନା ପ୍ରମୁଖ ଶ୍ରମିକ ଦିବସର ମହତ୍ୱ ଓ ଆଜିର ଅବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ।

## ସିଏମ୍ ଟ୍ରଫି ନିମନ୍ତେ ଜିଲ୍ଲାସ୍ତରୀୟ କ୍ରୀଡ଼ା ମହାକୁମ୍ଭ ଉଦ୍‌ଯାପିତ




**ଢେଙ୍କାନାଳ, ୨।୫ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ସି.ଏମ୍. ଟ୍ରଫି ହାସଲ ନିମନ୍ତେ ଗତ ୧୮ ତାରିଖ ଠାରୁ ଆରମ୍ଭ ହୋଇଥିବା ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି । କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ମୁଖ୍ୟ ଷ୍ଟାଡ଼ିୟମ ଠାରେ ଆଜି ସକାଳେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କ୍ରୀଡା ମହାକୁମ୍ଭ ଉଦଯାପନୀ ଉତ୍ସବରେ ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପିଲାମାନେ ଆମ ଦେଶର ଭବିଷ୍ୟତ, ସେମାନଙ୍କର ଉନ୍ନତି ଆମର ଉନ୍ନତି ବୋଲି ପ୍ରକାଶକରି କ୍ରୀଡ଼ାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ଯୋଗ ଦେଇ, ଆଗାମୀ ଦିନରେ କ୍ରୀଡ଼ା ପ୍ରତିଭାମାନଙ୍କୁ ଚୟନ କରାଯାଇ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ପ୍ରକାଶ କରିଥିଲେ । ଆଜିର ଏହି ଉଦଯାପନୀ ଉତ୍ସବରେ ୧୪ ବର୍ଷରୁ କମ ବର୍ଗର ପିଲାଙ୍କ ମଧ୍ୟରେ ସକାଳେ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେଇଥିଲା । ବାଳିକା ଦଳରେ ସଦର ବ୍ଲକ୍ ଦିଲ୍ଲୀ ପବ୍ଲିକ୍ ସ୍କୁଲକୁ ହରାଇ ଚମ୍ପିଆନ୍ ଟ୍ରଫି ହାସଲ କରିଥିଲେ ଏବଂ ଦିଲ୍ଲୀ ପବ୍ଲିକ୍ ସ୍କୁଲ ରନର୍ସ ଟ୍ରଫି ହାସଲ କରିଥିଲେ, ସେହିପରି ବାଳକ ଦଳ ମଧ୍ୟରେ ହୋଇଥିବା ଫୁଟବଲ ମ୍ୟାଚରେ ସଦର ବ୍ଲକ୍ କଙ୍କଡ଼ାହାଡ଼ ବ୍ଲକ୍ ଦଳକୁ ହରାଇ ଚମ୍ପିଆନ୍ସ ଟ୍ରଫି ହାସଲ କରିଥିଲେ ଏବଂ କଙ୍କଡ଼ାହାଡ଼ ବ୍ଲକ୍ ରନର୍ସ ଅପ୍ ଟ୍ରଫି ହାସଲ କରିଥିଲେ । ଏହି କ୍ରୀଡ଼ା ମହାକୁମ୍ଭ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଦୟାନିଧି ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ଶ୍ରମ ଦିବସରେ ଶ୍ରମିକ ପୂଜନ



**କେନ୍ଦ୍ରାପଡ଼ା, ୨।୫ (ସଂଚାର ବ୍ୟୁରୋ):** ଶ୍ରମିକ ଦିବସ ଅବସରରେ କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଟଲି ଚାଳକ ଓ ରିକ୍ସା ଚାଳକ ଶ୍ରମିକ ଙ୍କୁ ସମ୍ମାନିତ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ଏହି ଶ୍ରମିକ ମାନଙ୍କ ପାଇଁ ନୂତନ ବସ୍ତ୍ର, ଲୁଙ୍ଗି, ଗାମୁଛା, ଗଞ୍ଜି ସହ ଫୁଲ ମାଳ ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ଜିଲ୍ଲାର ଶାନ୍ତସାହି ନିକଟରେ ଥିବା ହନୁମାନ ମନ୍ଦିର ପ୍ରାଙ୍ଗଣରେ କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ସଂସ୍କୃତି ବିଭାଗୀୟ ଅଧିକାରୀ ସଂଜୀବ ତରାଇ, ଟ୍ରଷ୍ଟ ର ମୁଖପାତ୍ର ପ୍ରମୋଦ ନାୟକ, ଟ୍ରଷ୍ଟ ର ପରାମର୍ଶଦାତା ନିମାଇଁ ଚରଣ କର, ନିଗମ ସାହୁ ଓ ଭାବଗ୍ରାହୀ ସାହୁ ଉପସ୍ଥିତ ଥିଲେ ।

## ବିପୁଳ ପରିମାଣର ମଦ ଓ ବ୍ରାଉନ୍ ସୁଗର ଜବତ



**କେନ୍ଦ୍ରାପଡ଼ା, ୨।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ଟାଉନ, ତଣ୍ଡିଆପାଳ ମେରେଇନ, ମାର୍ଶାଘାଇ, ଓ ରାଜକନିକା ଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ କେନ୍ଦ୍ରାପଡ଼ା ଗୋପ ଛକର ଧର୍ମେନ୍ଦ୍ର ନାୟକଙ୍କ ଠା ରୁ ୬୦ ଗ୍ରାମ ବ୍ରାଉନ ସୁଗର, ନରସିଂହପୁର ଗ୍ରାମର କଞ୍ଚନବାଳ ଦାସ (ବୟସ-୫୫)ଙ୍କ ଠାରୁ ୩୬ ଲିଟର ବିଦେଶୀ ମଦ, ତଣ୍ଡିଆପାଳ ମେରେଇନ ଗ୍ରାମର ଶିବ ନାଥ କନ୍ଦର (ବୟସ-୪୫) ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ଆଠବାଟିଆ ଗ୍ରାମର ସନ୍ତୋଷ ବେହେରା(ବୟସ-୩୫)ଙ୍କ ଠାରୁ ୧୬ ଲିଟର ଦେଶୀ ମଦ ଏବଂ ୧୨ ଲିଟର ବିଦେଶୀ ମଦ, କଟନ ଗ୍ରାମର ବିସ୍ମୟ ପ୍ରଧାନ (ବୟସ-୨୩)ଙ୍କ ଠାରୁ ୨୩ ଲିଟର ବିଦେଶୀ ମଦ ଓ ବଜାରପୁର ଗ୍ରମର ଉଦୟଭାନୁ ବେହେରା (ବୟସ-୩୬)ଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି । ଏମାନଙ୍କ ପାଖରୁ ସମୁଦାୟ ୧୪୪ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି।

**ଅପରେସନ 'ବାଲୁ ବଜ୍ର' ଫେଲ୍**

# ଯାଜପୁରରେ ଦିନକୁ ଦିନ ମାଫିଆ ରାଜ୍ ବଢୁଛି



**ଯାଜପୁର ଟାଉନ୍, ୨।୫ (ସଂଚାର ବ୍ୟୁରୋ):** ଗର୍ଜନ, ଘୋଷଣା ଓ କଡ଼ା କାର୍ଯ୍ୟର ଆଶ୍ୱାସନ ସହ ଆରମ୍ଭ ହୋଇଥିବା 'ଅପରେସନ ବାଲୁ ବଜ୍ର'— ଯାଜପୁରରେ ପୂରା ଫିକା ପଡ଼ିଛି।ଭୂମିସ୍ତରର ଚିତ୍ର କୁହୁଛି ଅଭିଯାନ ନାମରେ ଶବ୍ଦ ବଡ଼, କିନ୍ତୁ କାର୍ଯ୍ୟ ଶୂନ୍ୟ। ମାଫିଆଙ୍କ ଦବଦବା ପୂର୍ବବତ୍ ଚାଲିଥିବାରୁ ପ୍ରଶାସନ ଉପରେ ଉଠିଛି ଗୁରୁତର ପ୍ରଶ୍ନ। ଲାଗୁଛି ଯେମିତି ଅଭିଯାନ ଅଛି, କିନ୍ତୁ ମାଫିଆ ଅପରାଜିତ।ବେଆଇନ ବାଲି, ମୋରମ, ପଥର, କ୍ରୋମାଇଟ ଓ ଲୁହାପଥର ଚୋରା ଉତ୍ତୋଳନ ରୋକିବା ପାଇଁ ଯେଉଁ ଅଭିଯାନ ଆରମ୍ଭ ହୋଇଥିଲା— ସେଠାରେ ଆଜି ମାଫିଆଙ୍କ ଦବଦବା ଅବିକଳ,ଦିନରାତି ଟ୍ରକ୍ ଚଳାଚଳ,ଚୋରା ଉତ୍ତୋଳନ ବେଧଡକ। ସ୍ଥାନୀୟ ଲୋକ ମାନଙ୍କ ମତ— "ଏହା ଅଭିଯାନ ନୁହେଁ, ମାତ୍ର ଦେଖାଣିଆ ପ୍ରଚାର।"ଏହି ବିବାଦର କେନ୍ଦ୍ରରେ ଅଛନ୍ତି ଡେପୁଟି ଡାଇରେକ୍ଟର ଅଫ ମାଇନ୍ସ (ଡିଡିଏମ୍) ଜୟ ପ୍ରକାଶ ନାୟକ। ଜଗତସିଂହପୁରରେ ପୂର୍ବତନ କାର୍ଯ୍ୟକାଳ ଉପରେ ଅବହେଳା ଓ ମାଫିଆ ସଂଯୋଗର ଅଭିଯୋଗ ଆସିଥିଲା। ସେ ସମୟରେ ଜିଲ୍ଲା ପ୍ରଶାସନ କାରଣଦର୍ଶାଅ ନୋଟିସ୍ ଦେଇଥିବା ସହ ଦରମା ବନ୍ଦ ପର୍ଯ୍ୟନ୍ତ ପଦକ୍ଷେପ ନେଇଥିଲା— କିନ୍ତୁ ତା'ପରେ କିଛି ହେଲାନି ?ମନ୍ତ୍ରୀଙ୍କ ନିର୍ଦ୍ଦେଶ 'ଫାଇଲ୍'ରେ ଅଟକିଲା ?ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ତାଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି। କିନ୍ତୁ— ମାସ କେତେ ବିତିଗଲା, କାର୍ଯ୍ୟକାରୀ ନାହିଁ। ଏହା ନେଇ ଯାଜପୁର ସାଧାରଣ ଲୋକଙ୍କ ମନରେ ଉଠୁଛି ପ୍ରଶ୍ନ— ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କିଏ ଅଟକାଇଲା ? ବିଭାଗ ଭିତରେ କୌଣସି ଲବି କାମ କରୁଛି କି? ମାଫିଆ ସହ ଉଚ୍ଚସ୍ତରର ସଂଯୋଗ ଅଛି କି ?ବାଲିଘାଟ ନୀତିର ଖାମି— ମାଫିଆଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ପାଲଟିଛି। ବହୁ ବୈଧ ବାଲିଘାଟ ଲିଜ୍ ନବୀକରଣ ହୋଇନାହିଁ, ପ୍ରଶାସନ ନିଜେ କେତେକ ସ୍ଥାନରେ ଚାଲାଇବାରୁ ପଛଘୁଞ୍ଚା ଦେଉଛି। ଫଳରେ— ମାଫିଆମାନେ ଖୋଲାମେଲା କାରବାର କରୁଛନ୍ତି। ଦିନରାତି ଟ୍ରକ୍ ଚଲାଇ କୋଟି କୋଟି ଟଙ୍କାର ବାଲି ଚୋରାଚାଲାଣ ପଡ଼ୋଶୀ ଜିଲ୍ଲା ଓ ରାଜ୍ୟ ବାହାରକୁ କରୁଛନ୍ତି। ରାଜସ୍ୱ ହାରାଉଛି ଓଡ଼ିଶା ସରକାର, ବିଶ୍ୱାସ ହରାଉଛି ଯାଜପୁର ଜିଲ୍ଲା ପ୍ରଶାସନ। ଏହି ଅବସ୍ଥାରେ— ସରକାର ହଜାର କୋଟି ଟଙ୍କାର ରାଜସ୍ୱ ହାରାଉଛନ୍ତି,ପ୍ରଶାସନର ବିଶ୍ୱସନୀୟତା ଉପରେ ଭାରୀ ଆଘାତ ପହଞ୍ଚୁଛି।ସବୁଠାରୁ ବଡ଼ ପ୍ରଶ୍ନ— 'ବାଲୁ ବଜ୍ର' ସତରେ ମାଫିଆ ମାନଙ୍କ ବିରୋଧରେ ଯୁଦ୍ଧ କି? ନା କେବଳ କାଗଜରେ ଲେଖା ଏକ ଅଭିଯାନ ଅଟେ ? ଯଦି ଶୀଘ୍ର ଏହି ବିବାଦର ସ୍ପଷ୍ଟତା ଆଣାଯିବ ନାହିଁ— ଏହା କେବଳ ଏକ ଅଧିକାରୀଙ୍କ ବିବାଦ ରହିବ ନାହିଁ। ସମଗ୍ର ସରକାରୀ ବ୍ୟବସ୍ଥା ଉପରେ ଗଭୀର ପ୍ରଶ୍ନଚିହ୍ନ ହେବ।

ଯାଜପୁରରେ ବାସ୍ତବ ଚିତ୍ର— ପ୍ରଶାସନ ନିରବ, ମାଫିଆ ସକ୍ରିୟ। ସାଧାରଣରେ ପ୍ରଶ୍ନ— ଅପରେସନ 'ବାଲୁ ବଜ୍ର' ପୁଣି ଗର୍ଜିବ କି, ନା ଏଭଳି ହିଁ ଶାନ୍ତ ହୋଇ ରହିବ।

# ସରକାରୀ ଓ ବେସରକାରୀ ଜମି ରେକର୍ଡିଂ ଏସଓପିର ହେବ ସଂଶୋଧନ



ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସରକାରୀ ଓ ବେସରକାରୀ ଜମିର ରେକର୍ଡିଂ ସମ୍ବନ୍ଧୀୟ ବର୍ତ୍ତମାନ ପ୍ରଚଳିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଅର୍ (ଏସଓପି) ପୁସ୍ତିକାମାନଙ୍କର ପୁନର୍ବିଚାର ଓ ସଂଶୋଧନ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି।

## କମିଟି ଗଠନ କଲେ ରାଜସ୍ୱ ସଚିବ

ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସରକାରୀ ଜମି ଓ ରୟତି ଜମି ରେକର୍ଡ କରିବା ପ୍ରଣାଳୀ ନିମନ୍ତେ ସଂଶୋଧିତ ଏସଓପି ପ୍ରସ୍ତୁତି ନିମନ୍ତେ ନିର୍ଦ୍ଦେଶ ଜାରି କରିଛନ୍ତି। ଉକ୍ତ ଏସଓପି ପୁସ୍ତିକାଗୁଡ଼ିକର ଶେଷ ସଂସ୍କରଣ ୧୯୯୦ରେ ପ୍ରକାଶିତ ହୋଇଥିଲା। ତେବେ ନୀତି, ନିୟମ ଓ ପ୍ରଶାସନିକ ପରିଚାଳନାରେ ସମୟାନୁକ୍ରମେ ପରିବର୍ତ୍ତନ ଦୃଷ୍ଟିରୁ ଏହାର ସାମଗ୍ରିକ ସଂଶୋଧନ ଆବଶ୍ୟକ ମନେ କରାଯାଇଛି। ଏହି କମିଟିର ଅଧ୍ୟକ୍ଷ ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଅବସ୍ଥାପିତ ହୋଇଥିବା ବେଳେ ଚକବନ୍ଦୀ ଏବଂ ବନ୍ଦୋବସ୍ତର ଅତିରିକ୍ତ ସଚିବ, ଜମି ରେକର୍ଡ଼ ଏବଂ ସର୍ଭେ ନିର୍ଦ୍ଦେଶକ, ରାଜସ୍ୱ ପର୍ଷଦ ସଚିବ କମିଟିର ସଦସ୍ୟ ରହିବେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୁଗ୍ମ ଶାସନ ସଦସ୍ୟ ଏହି କମିଟିର ସଂଯୋଜକ ରହିବେ। କମିଟିର କାର୍ଯ୍ୟ ପରିସର ଏବଂ ସର୍ତ୍ତାବଳୀ ଅନୁଯାୟୀ, ୧୯୯୦ରେ ଜାରି ହୋଇଥିବା ଏସଓପିଗୁଡ଼ିକର ସମୀକ୍ଷା, ଏପର୍ଯ୍ୟନ୍ତ ପ୍ରଣୀତ ନୂତନ ଆଇନ, ନିୟମ, ସରକାରୀ ସର୍କୁଲାର ଓ ପରବର୍ତ୍ତୀ ନିର୍ଦ୍ଦେଶଗୁଡ଼ିକର ଆଲୋଚନା ସହ ସରଳ ଓଡ଼ିଆ ଓ ଇଂରାଜୀରେ ନୂତନ ଏସଓପି ଖସଡ଼ା ପ୍ରସ୍ତୁତି କରିବା ନିମନ୍ତେ କମିଟିକୁ ନିର୍ଦ୍ଦେଶ ଜାରି କରାଯାଇଛି। କମିଟିକୁ ଏହି ଆଦେଶ ଜାରି ହେବାର ତାରିଖରୁ ଏକ ମାସ ମଧ୍ୟରେ ସଂଶୋଧିତ ଏସଓପି ପୁସ୍ତିକାର ଖସଡ଼ା ସରକାରଙ୍କ ନିକଟରେ ଅନୁମୋଦନ ପାଇଁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକତା ଅନୁସାରେ କମିଟି ଅନ୍ୟ ବିଶେଷଜ୍ଞ ଓ ଅଧିକାରୀମାନଙ୍କୁ ନିଯୋଜିତ କରି ସେମାନଙ୍କର ସହଯୋଗ ମଧ୍ୟ ନେଇପାରିବ। ଏହି ପଦକ୍ଷେପ ରାଜ୍ୟରେ ଜମି ପରିଚାଳନା ପ୍ରଣାଳୀକୁ ଆଧୁନିକ କରିବା ତଥା ପାରଦର୍ଶିତା ବଢ଼ାଇବା ସହ ଆଇନଗତ ଏବଂ ପ୍ରଶାସନିକ ଢାଞ୍ଚାକୁ ଆହୁରି ସୁଦୃଢ଼ କରିବା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି।

# ଅମୃତ ୨.୦ କାର୍ଯ୍ୟକାରିତାରେ ଓଡ଼ିଶା ଅନ୍ୟତମ ଶୀର୍ଷ ରାଜ୍ୟ

## ସହରାଞ୍ଚଳ ଜଳ ବିପ୍ଳବ ପାଇଁ ସରକାରଙ୍କ ନେତୃତ୍ୱକୁ ଶ୍ରେୟଦେଲେ ନଗର ଉନ୍ନୟନ ମନ୍ତ୍ରୀ



ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ):ଅଟଳ ନବୀକରଣ ଓ ସହର ରୂପାନ୍ତରଣ ମିଶନ (ଅମୃତ) ୨.୦ ଅଧୀନରେ ଓଡ଼ିଶା ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟଙ୍କ ମଧ୍ୟରେ ନିଜକୁ ସ୍ଥାନିତ କରିଛି। ରାଜ୍ୟ ସରକାରଙ୍କ ଦୃଢ଼ ନେତୃତ୍ୱ ଓ ସୁଶାସନ ମାଧ୍ୟମରେ ସହରାଞ୍ଚଳ ଜଳ ନିରାପତ୍ତା ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ରୂପାନ୍ତରଣକାରୀ ପଦକ୍ଷେପ ଗ୍ରହଣ କରାଯାଇଛି।

କ୍ଷେତ୍ର ସ୍ତରରେ ସଫଳତା ପ୍ରଦାନ ପାଇଁ ସରକାରଙ୍କ ସ୍ପଷ୍ଟ ରାଜନୈତିକ ପ୍ରତିବଦ୍ଧତା ଯୋଗୁଁ ରାଜ୍ୟର ୮୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ 'ଅମୃତ ୨.୦'ର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରାଯାଇଛି। ସାର୍ବଜନୀନ ଜଳ ଯୋଗାଣ ଓ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦେଇ ୪,୦୩୦.୧୮ କୋଟି ଟଙ୍କାର ବ୍ୟୟ ଅଟକଳରେ ୩୪୫ଟି ପ୍ରକଳ୍ପ ଆରମ୍ଭ କରାଯାଇଛି। ସମୟାନୁବର୍ତ୍ତୀ କାର୍ଯ୍ୟ ଓ ଉତ୍ତରଦାୟିତ୍ୱ ଉପରେ ସରକାର ଦେଉଥିବା ଗୁରୁତ୍ୱର ପ୍ରତିଫଳନସ୍ୱରୂପ ୧୦୭ଟି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇସାରିଛି। ବାକି ପ୍ରକଳ୍ପଗୁଡ଼ିକର ଅଗ୍ରଗତିକୁ ଉଚ୍ଚ ସ୍ତରରେ ନିୟମିତ ମନିଟରିଂ କରାଯାଉଛି। ସହର ବିକାଶ କାର୍ଯ୍ୟସୂଚୀରେ ଜଳ ନିରାପତ୍ତାକୁ ପ୍ରାଥମିକତା ଦେଇ ସରକାର ବାସ୍ତବିକ ଫଳାଫଳ ପ୍ରଦାନ କରିଛନ୍ତି। ୪୩ ଏମ୍ଏଲ୍‌ଡି କ୍ଷମତା ବିଶିଷ୍ଟ ୭ଟି ନୂତନ ଜଳ ବିଶୋଧନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି, ଯାହାଦ୍ୱାରା ୨.୮୩ ଲକ୍ଷ ନାଗରିକ ଉପକୃତ ହେଉଛନ୍ତି। ପ୍ରମୁଖ ସହରାଞ୍ଚଳରେ ୨୪ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା ଓ ୨.୭ ଲକ୍ଷରୁ ଅଧିକ ପରିବାରକୁ ପାଇପ୍ ଯୋଗେ ଜଳ ସଂଯୋଗ ଦିଆଯାଇଛି। ଏହାଦ୍ୱାରା ୫ ଲକ୍ଷରୁ ଅଧିକ ସହରବାସୀ ନିରାପଦ ପାନୀୟ ଜଳ ପାଇପାରୁଛନ୍ତି।

ସରକାରଙ୍କ ସମାବେଶୀ ଆଭିମୁଖ୍ୟକୁ ଦର୍ଶାଇ 'ଅମୃତ ମିତ୍ର' ଓ 'ୱିମେନ୍ ଫର ଟ୍ରି' ଭଳି ପଦକ୍ଷେପ ମାଧ୍ୟମରେ ବ୍ୟାପକ ଜନଭାଗିଦାରୀ ସୃଷ୍ଟି କରାଯାଇଛି। ଏହାଦ୍ୱାରା ଜଳାଶୟଗୁଡ଼ିକର ପୁନରୁଦ୍ଧାର ଓ ପରିବେଶ ସ୍ଥିରତା କ୍ଷେତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେତୃତ୍ୱ ନେବା ପାଇଁ ସଶକ୍ତ କରାଯାଇଛି। 'ପେୟ ଜଳ ସର୍ବେକ୍ଷଣ' ଓ 'ଜଳ ହିଁ ଅମୃତ' ଭଳି ଜାତୀୟ କାର୍ଯ୍ୟକ୍ରମ ସହ ସମନ୍ୱୟ ରକ୍ଷା କରି ଦକ୍ଷ ଜଳ ପରିଚାଳନା ଓ ଜଳର ପୁନଃବ୍ୟବହାରକୁ ପ୍ରୋତ୍ସାହିତ କରାଯାଉଛି। ସଂସ୍କାରମୂଳକ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରି ରାଜ୍ୟ ସରକାର ଅଭିନବ ଆର୍ଥିକ କୌଶଳ ମାଧ୍ୟମରେ ସହରାଞ୍ଚଳ ରୂପାନ୍ତରଣକୁ ବ୍ୟାପକ କରୁଛନ୍ତି। 'କ୍ରେଡିଟ୍ ଏନହାନ୍ସମେଣ୍ଟ ଇନିସିଏଟିଭ୍' ଅଧୀନରେ ଛୋଟ ସହରାଞ୍ଚଳ ପାଇଁ ୭୦.୨୭ କୋଟିର ୧୬ଟି ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଏହାଛଡ଼ା ଭୁବନେଶ୍ୱର, କଟକ, ସମ୍ବଲପୁର ଓ ବ୍ରହ୍ମପୁର ଭଳି ସହର ପାଇଁ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' ଅଧୀନରେ ୩,୦୩୦.୬୧ କୋଟି ଟଙ୍କାର ୫ଟି ବୃହତ ଭିତ୍ତିଭୂମି ପ୍ରକଳ୍ପ ଦାଖଲ କରାଯାଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଓଡ଼ିଶାର ଏହି ଜାତୀୟ ସଫଳତା ସରକାରଙ୍କ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ସଠିକ୍ ନୀତି ଓ ସଫଳ କାର୍ଯ୍ୟାନ୍ୱୟନର ପରିଣାମ। ସରକାର ଯୋଜନା କାର୍ଯ୍ୟକାରୀ କରିବା ସହ ସାମଗ୍ରିକ ସହରାଞ୍ଚଳ ଜଳ ବିପ୍ଳବ ଆଣିବାକୁ ଉଦ୍ୟମ କରୁଛନ୍ତି, ଯାହା ପ୍ରତିଟି ପରିବାରକୁ ନିରାପଦ ଓ ନିର୍ଭରଯୋଗ୍ୟ ପାନୀୟ ଜଳ ଯୋଗାଇବ। ସରକାର ଏପରି ସହର ଗଠନ କରୁଛନ୍ତି ଯାହା ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ଓ ପ୍ରତ୍ୟେକ ନାଗରିକଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣିବ। 'ବିକଶିତ ଓଡ଼ିଶା'ର ପରିକଳ୍ପନା ଅନୁଯାୟୀ ଆମ ସରକାର ସହରୀ ରୂପାନ୍ତରଣ କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବା ଜାରି ରଖିବେ ବୋଲି ମନ୍ତ୍ରୀ କହିଛନ୍ତି।

## ହିଞ୍ଜିଳିର ଦୁଇ ମହିଳା ସରପଞ୍ଚଙ୍କୁ ସମ୍ବର୍ଦ୍ଧିତ କଲେ ନବୀନ



ଭୁବନେଶ୍ୱର,୧।୫(ସଂଚାର ବ୍ୟୁରୋ): ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେଲଗାଁ ଓ ପୋଚିଲିମା ପଞ୍ଚାୟତର ଦୁଇ ମହିଳା ସରପଞ୍ଚଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ନବୀନ ନିବାସରେ ସମ୍ବର୍ଦ୍ଧିତ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ପଞ୍ଚାୟତ ପ୍ରଗତି ସୂଚକାଙ୍କ ୨୦୨୩-୨୪ ରିପୋର୍ଟରେ ଗଞ୍ଜାମର ହିଞ୍ଜିଳିକାଟୁ ପୋଚିଲିମା ପଞ୍ଚାୟତ ଦେଶର ସର୍ବଶ୍ରେଷ୍ଠ ପଞ୍ଚାୟତ ଭାବରେ ପୁରସ୍କୃତ ହୋଇଥିବା ବେଳେ ବେଲଗାଁ ପଞ୍ଚାୟତ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ମଧ୍ୟ ପୁରସ୍କୃତ ହୋଇଛନ୍ତି। ଆଜି ନବୀନ ନିବାସରେ ହିଞ୍ଜିଳିକାଟୁ ବିଧାୟକ ଶ୍ରୀ ପଟ୍ଟନାୟକ ବେଲଗାଁ ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ ସାହୁ ଓ ପୋଚିଲିମା ପଞ୍ଚାୟତ ସରପଞ୍ଚ ରଞ୍ଜିତା କୁମାରୀ ଦାସ ଓ ସମିତି ସଭ୍ୟ ଆରତୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡିର ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁଙ୍କ ସମେତ ହିଞ୍ଜିଳି ବ୍ଲକ୍ ସଭାପତି ଦୁର୍ଗା ପ୍ରସନ୍ନ ମହାନ୍ତି, ଦେବାନନ୍ଦ ମହାପାତ୍ର, ରାମକୃଷ୍ଣ ଗୌଡ଼ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ): ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟନାରାୟଣ ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଙ୍କ ସହ କଟକ ଓ ଭୁବନେଶ୍ୱର ମହାନଗର ନିଗମର ଅନେକ ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ସଭାରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ରାଉତ ଓ ପ୍ରାଚୀତନୟା ଗିରି ଉପସ୍ଥିତ ଥିଲେ। ଏହାଛଡ଼ା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ସୁଧାଂଶୁ କୁମାର ପାତ୍ର, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ, ଜୁନିଅର ରେଡ୍‌କ୍ରସ୍‌ର ସିଇଓ ଲକ୍ଷ୍ମଣ ସ୍ୱାଇଁ ଓ ଭୁବନେଶ୍ୱର ଜିଲ୍ଲା ଭାରତ ସ୍କାଉଟ କମିସନର୍ ଅମ୍ବିକା ପ୍ରସାଦ ଦାସ, ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ ରାଉତ ଓ ବାଲିପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଭାତ କୁମାର ରଥ ଓ ପୁରାତନ ଛାତ୍ର ସଂଘ ସଭ୍ୟ ବିଜୟ ପାତ୍ର ଉପସ୍ଥିତ ଥିଲେ। ସଭାକୁ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସନତ ମିଶ୍ର ଓ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଗୌରଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିବା ବେଳେ ସମସ୍ତେ ଶ୍ରୀ ଦାଶଙ୍କ ନିରୋଗ ଅବସର ଜୀବନ କାମନା କରିଥିଲେ।

## ମଇ ଦିବସରେ ଏଆଇଟିୟୁସିର ଶୋଭାଯାତ୍ରା



ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ): ଗତକାଲି ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟ, ରେଳଷ୍ଟେସନ ନିକଟସ୍ଥ ଇଷ୍ଟକୋଷ୍ଟ ରେଲୱେ ପୋର୍ଟର୍ସ ୟୁନିୟନ କାର୍ଯ୍ୟାଳୟ ଓ ରାଜଧାନୀ ଅଟୋଚାଳକ ସଂଘ, ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିଶିଷ୍ଟ ଶ୍ରମିକ ନେତା ତଥା ଖୋର୍ଦ୍ଧା ଜିଲ୍ଲା ସଭାପତି ସୁର ଜେନା ଲାଲ୍ ପତାକା ଉତ୍ତୋଳନ କରିଥିଲେ। ଏହାପରେ ବିଭିନ୍ନ ଶ୍ରମିକ ସଙ୍ଗଠନ, ଏଆଇଟିୟୁସି ଓ ସିପିଆଇର ଶତାଧିକ ପୁରୁଷ ଓ ମହିଳାଙ୍କ ଏକ ଶୋଭାଯାତ୍ରା, ବାଦ୍ୟଯନ୍ତ୍ର ସହ ଭଗବତୀ ଭବନଠାରୁ ବାହାରି ରାଜମହଲ ଛକ, ମାଷ୍ଟର କ୍ୟାଣ୍ଟିନ ଛକ ପରିକ୍ରମା କରି ଅଶୋକନଗରସ୍ଥିତ ଓମ୍‌ଫେଡ଼ ଛକରେ ପହଞ୍ଚି ସେଠାରେ ଏକ ପଥପ୍ରାନ୍ତ ସଭାରେ ଯୋଗଦେଇଥିଲେ। ଶ୍ରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ମଇ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥାପନ କରିବା ସହ ସାମ୍ପ୍ରତିକ ପରିସ୍ଥିତିରେ ଶ୍ରମିକମାନଙ୍କ ସମସ୍ୟା ତଥା ଶ୍ରମ ଆଇନ ନାମରେ ବିଜେପି ସରକାରର ଶ୍ରମିକମାନଙ୍କୁ ଶୋଷଣ ଓ ପୁଞ୍ଜିପତି ତୋଷଣ ନୀତିର ତୀବ୍ର ସମାଲୋଚନା କରି ୪ ଶ୍ରମକୋଡ୍‌କୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ସଭାରେ ଭୁବନେଶ୍ୱର ସିପିଆଇ ଜୋନ ସମ୍ପାଦକ କୈଳାସ ପୁହାଣ, ରାଜ୍ୟ ପରିଷଦ ସଭ୍ୟ ନମିତା ସାହୁ, ଜୋନ ସହସମ୍ପାଦକ ଶଙ୍କର୍ଷଣ ବାରିକ, ରାକେଶ ପାତ୍ର, ବିଶ୍ୱଜିତ୍ ନାୟକ, ଶରତ ସ୍ୱାଇଁ ପ୍ରମୁଖ ଉଦ୍‌ବୋଧନ ଦେଇ ସରକାରଙ୍କ ଶ୍ରମିକ ମାରଣ ନୀତିକୁ ସମାଲୋଚନା କରିଥିଲେ। ରେଲୱେ ପୋର୍ଟର୍ସ ୟୁନିୟନର ନେତା କୁନା ଜାଲି, ରାଜଧାନୀ ଅଟୋ ଚାଳକ ସଂଘ ନେତା ଅଭୟ ବାରିକ, ଭୁବନେଶ୍ୱର ଉଠା ଦୋକାନୀ ବ୍ୟବସାୟୀ ସଂଘ ସମ୍ପାଦକ ନୀଳମଣି ସାହୁ, ପ୍ରଣତି ମହାନ୍ତି ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

● ସାମ୍ବାଦିକଙ୍କ ଦାବି ପ୍ରତି ଉଦାସୀନ ସରକାର

# ରାଜ୍ୟବ୍ୟାପୀ ଓୟୁଜେର ଆନ୍ଦୋଳନ ଡାକରା




ଭୁବନେଶ୍ୱର, ୨।୫ (ସଂଚାର ବ୍ୟୁରୋ) : ସାମ୍ବାଦିକମାନଙ୍କ ଦାବି ପୂରଣ କରିବା ଦିଗରେ ରାଜ୍ୟ ସରକାର କାଳକ୍ଷେପଣ ନୀତି ଗ୍ରହଣ କରୁଥିବାରୁ ଏହାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରାଯାଇଛି। ପେନସନ, ପ୍ରୋଟେକସନ ଓ ଆକ୍ରିଡେସନ ଦାବିକୁ ନେଇ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରି ଆସୁଥିବା ରାଜ୍ୟର ପ୍ରମୁଖ ସଙ୍ଗଠନ ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ଡାକରାରେ ଶୁକ୍ରବାର ଶ୍ରମିକ ଦିବସକୁ ରାଜ୍ୟ ବ୍ୟାପି

### ପେନସନ, ପ୍ରୋଟେକସନ୍ ଓ ଆକ୍ରିଡେସନ ଦାବିରେ ସ୍ମାରକପତ୍ର

ସାମ୍ବାଦିକମାନେ ପ୍ରତିବାଦ ଦିବସ ଭାବେ ପାଳନ କରିଥିଲେ। ଏହି ଅବସରରେ ସବୁ ଜିଲ୍ଲାରେ ସାମ୍ବାଦିକମାନେ କଳା ବ୍ୟାଚ ପିନ୍ଧିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ରାଜଧାନୀରେ ଓୟୁଜେ ଭବନରେ ସଙ୍ଘର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସମାବେଶରେ ମୁଖ୍ୟ ବିରୋଧି ଦଳ ବିଜେଡି ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ସାମ୍ବାଦିକଙ୍କ ଦାବିପ୍ରତି ସମର୍ଥନ ବ୍ୟକ୍ତ କହିଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ଡ଼. ଅରୁଣ ସାହୁ ସାମ୍ବାଦିକଙ୍କ ନ୍ୟାୟୋଚିତ ଦାବି ପ୍ରତି ସରକାରଙ୍କ ଅବହେଳା ଅତ୍ୟନ୍ତ ନିନ୍ଦନୀୟ ବୋଲି ମତ ବ୍ୟକ୍ତ କରିବା ସହ ସେ ନିଜେ ଏ ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଦେଶରେ ୧୮ଟି ରାଜ୍ୟରେ ପେନସନ ଯୋଜନା ଲାଗୁ ହୋଇଥିବା ବେଳେ ଓଡ଼ିଶାରେ ଏଯାଏଁ ଲାଗୁ ନହେବା, ୧୯ ବର୍ଷରୁ ଅଧିକ ସମୟ ଧରି ସାମ୍ବାଦିକ ଅଧିସ୍ୱୀକୃତି କମିଟି ଗଠନ ନହେବା ଏବଂ ରାଜ୍ୟରେ ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣା ବଢ଼ି ଚାଲିଥିବା ବେଳେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ନହେବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ଓୟୁଜେ ସଭାପତି ତାଙ୍କ ବକ୍ତବ୍ୟରେ ଦର୍ଶାଇଥିଲେ। ସାଧାରଣ ସମ୍ପାଦକ କିଷାନ କୁମାର ରାଉତ ନିର୍ବାଚନ ପୂର୍ବରୁ ସାମ୍ବାଦିକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯାଉ ନ ଥିବାରୁ ଏହାକୁ ନେଇ ସାମ୍ବାଦିକ ମହଲରେ ଗଭୀର କ୍ଷୋଭ ପ୍ରକାଶ ପାଉଛି ଓ ଆଗାମୀ ଦିନରେ ଏହା ବଡ଼ ଧରଣର ଆନ୍ଦୋଳନର ରୂପ ନେବ ବୋଲି ଚେତାଇ ଦେଇଥିଲେ।

# ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ପତ୍ନୀ ବିୟୋଗ



ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଧର୍ମପତ୍ନୀ ପ୍ରିୟଦର୍ଶିନୀ ନନ୍ଦ ଆଜି ଅପରାହ୍ନରେ ଇହଲୀଳା ସମ୍ବରଣ କରିଛନ୍ତି। ସୁନାମଧନ୍ୟ ଗାୟିକା ଅଲ ଇଣ୍ଡିଆ ରେଡିଓର ସ୍ୱୀକୃତିପ୍ରାପ୍ତ କଳାକାର ତଥା କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ସଙ୍ଗୀତ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପଣ୍ଡାଙ୍କର ୬୮ ବର୍ଷ ବୟସରେ ମୃତ୍ୟୁ ହୋଇଛି।

ସ୍ୱର୍ଗତ ପ୍ରିୟଦର୍ଶିନୀଙ୍କୁ ତାଙ୍କ ଏରୋଡ୍ରମ ଏରିଆ ବାସଭବନରେ ଶେଷ ଦର୍ଶନ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଏଥିସହ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ସ୍ନେହାଙ୍ଗିନୀ ଛୁରିଆ, ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ବିଜେପି ବିଧାୟକ ବାବୁ ସିଂ, ବରିଷ୍ଠ ବିଜେପି ନେତା ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ମେୟର ସୁଲୋଚନା ଦାସ ପ୍ରମୁଖ ପ୍ରିୟଦର୍ଶିନୀଙ୍କ ଶେଷ ଦର୍ଶନ କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମର ବହୁ କର୍ପୋରେଟର, ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂ, ପୂର୍ବତନ ସାଂସଦ ମୁନ୍ନା ଖାଁ, ପୁତ୍ର ଅଂଶୁମାନ ପଣ୍ଡା, ପୁତ୍ରବଧୂ ଆକାଂକ୍ଷା, ଝିଅ ମନୀଷା ପଣ୍ଡା, ଜ୍ୱାଇଁ ଶୀତିକଣ୍ଠ ମିଶ୍ର, ପୁତୁରା, ଭଣଜା, ଭଣଜା ବୋହୂ, ଜ୍ଞାତିକୁଟୁମ୍ବ, ଲିଙ୍ଗରାଜ ମନ୍ଦିରର ବରିଷ୍ଠ ସେବାୟତମାନେ ମଧ୍ୟ ତାଙ୍କର ଶେଷ ଦର୍ଶନ କରିଥିଲେ। ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ପୂର୍ବରୁ ତାଙ୍କୁ ପୁରୁଣା ଭୁବନେଶ୍ୱର କପିଳୀଦେବୀ ସାହିସ୍ଥିତ ନିଜସ୍ୱ ବାସଭବନରେ ଶେଷ ଦର୍ଶନ ପାଇଁ ନିଆଯାଇଥିଲା।

# ଦୁଷ୍କର୍ମ ପୀଡ଼ିତାଙ୍କ ପାଇଁ ସରକାରଙ୍କ ସମୟ ନାହିଁ: କଂଗ୍ରେସ

ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲାର ଭାପୁର ଅଞ୍ଚଳରେ ଜଣେ ଦଳିତ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ତଥା ଦେବଗଡ଼ ବାରକୋଟ ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣା ନେଇ ଆଜି କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ପିସିସିର ବରିଷ୍ଠ ମୁଖପାତ୍ର ସୋନାଲୀ ସାହୁ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରରେ ଗୋଟିଏ ପଟେ ନାରୀ ଶକ୍ତି ବନ୍ଦନ ହେଉଥିବା ବେଳେ ଅନ୍ୟପଟେ ନାରୀ ଅସ୍ଥି ଖନନ ଚାଲିଛି। ନାରୀ ଦୁଷ୍କର୍ମ, ଅପହରଣ, ଦହନ, ଶୋଷଣ ଆଦି ଦୈନନ୍ଦିନ ଘଟଣା ହୋଇଛି। ଉପମୁଖ୍ୟମନ୍ତ୍ରୀ ଜଣେ ମହିଳା। ସରକାର ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକିଥିଲେ। ଏରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଳା ସଂରକ୍ଷଣ ବିଲ୍ ନେଇ କଂଗ୍ରେସ ଓ ଗାନ୍ଧି ପରିବାରକୁ ଗାଳି କରିବା ସହ ରାଜରାସ୍ତାରେ ବିରୋଧୀ ଦଳ ନେତାଙ୍କ କୁଶ ପୁତ୍ତଳିକା ବି ଦାହ କଲେ। କିନ୍ତୁ ରାଜ୍ୟରେ ବଢ଼ିଚାଲିଥିବା ନାରୀ ନିର୍ଯାତନା ନେଇ ଉପମୁଖ୍ୟମନ୍ତ୍ରୀଙ୍କର କୌଣସି ଦରଦ ନ ରହିବା




ପରିତାପର ବିଷୟ ବୋଲି ଶ୍ରୀମତୀ ସାହୁ କହିଛନ୍ତି। ସେହିପରି ମୁଖପାତ୍ର ମଧୁସ୍ମିତା ଆଚାର୍ଯ୍ୟ କହିଛନ୍ତି ଯେ ସରକାର ଏବଂ ବିଜେପିର ମନ୍ତ୍ରୀ ଓ ନେତ୍ରୀମାନେ ଉତ୍ସବ ମହୋତ୍ସବରେ ମସଗୁଲ ଅଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବିଧାନସଭାରେ କଳା ଶାଢ଼ି ବିଜ୍ଞାପନ କରୁଛନ୍ତି। କିନ୍ତୁ ରାଜ୍ୟର ନିର୍ଯାତିତ ନାରୀଙ୍କ ପାଇଁ ତାଙ୍କର ସମୟ ନାହିଁ। ଡବଲ ଇଞ୍ଜିନ ସରକାରରେ ନାରୀ ସୁରକ୍ଷା ପ୍ରହସନ ପାଲଟିଛି। ଏହାଛଡ଼ା ବରିଷ୍ଠ ନେତ୍ରୀ ପ୍ରଣତି ମିଶ୍ର କହିଛନ୍ତି ଯେ ଅଞ୍ଜନା ମିଶ୍ର ଘଟଣା ପାଇଁ କଂଗ୍ରେସର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଇସ୍ତଫା ଦେଇଥିଲେ। ଆଜି ପ୍ରତିଦିନ ଅଞ୍ଜନା ଘଟଣା ଘଟୁଛି। ଶହ ଶହ ଅଞ୍ଜନା ଦୁଷ୍କର୍ମର ଶିକାର ହେଉଛନ୍ତି। କିନ୍ତୁ ଏଥିପାଇଁ ଇସ୍ତଫା ତ ଦୂରର କଥା, ସରକାରଙ୍କ କୌଣସି ମନ୍ତ୍ରୀଙ୍କ ନିକଟରୁ ସାନ୍ତ୍ୱନାମୂଳକ ଶବ୍ଦଟିଏ ବି ଶୁଣାଯାଉନି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟତମ ମୁଖପାତ୍ର ସମସିଦା ତୟବ ମଧ୍ୟ ଉପସ୍ଥିତ ଥିଲେ।

## ସନ୍ତୋଷ ସିଂ ସାଲୁଜାଙ୍କୁ ପ୍ରଭାରୀ ଦାୟିତ୍ୱ



ଭୁବନେଶ୍ୱର, ୨।୫ (ସଂଚାର ବ୍ୟୁରୋ) : ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଂଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ, କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ତଥା ଟାଣୁଆ ନେତା ସନ୍ତୋଷ ସିଂ ସାଲୁଜାଙ୍କୁ ପିସିସି ସଂଗଠନ ପ୍ରଭାରୀ ଭାବେ ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି। ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ତୃଣମୂଳସ୍ତରରେ କଂଗ୍ରେସର ସ୍ଥିତିକୁ ସୁଧାରିବା ପାଇଁ ସାଲୁଜାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। କେବଳ ଏତିକି ନୁହେଁ ତାଙ୍କ ଦୀର୍ଘଦିନର ରାଜନୈତିକ ଅଭିଜ୍ଞତା ଏବଂ ସାଂଗଠନିକ ଦକ୍ଷତାକୁ ଦୃଷ୍ଟିରେ ରଖି ପିସିସି ସଭାପତି ଏହି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଭକ୍ତ ଦାସ ଦାୟିତ୍ୱ ଗ୍ରହଣ କରିବା ପରେ ଦଳ ମଧ୍ୟରେ ଶୃଙ୍ଖଳା ଏବଂ ସକ୍ରିୟତା ଉପରେ ଜୋର ଦେଉଛନ୍ତି। ଏହି କ୍ରମରେ ସାଲୁଜାଙ୍କ ନିଯୁକ୍ତି ଦଳ ପାଇଁ ବେଶ ଲାଭଦାୟକ ହେବ ବୋଲି ଆଶା କରାଯାଉଛି। ଏହି ଘୋଷଣା ପରେ କଂଗ୍ରେସ ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି।

# ଭାରତ ରତ୍ନ, ୭୨ ବର୍ଷ ଭିତରେ ଓଡ଼ିଶାରୁ ଦିଆଯାଇନି

ଭୁବନେଶ୍ୱର,୨।୫: କେନ୍ଦ୍ର ସରକାର ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ପ୍ରଚଳନ କରିବାର ୭୨ ବର୍ଷ ଭିତରେ ଓଡ଼ିଶାର ଜଣେ ହେଲେ କାହାକୁ ଏଥିପାଇଁ ଚୟନ କରାଯାଇ ନାହିଁ। ଅନ୍ୟପକ୍ଷରେ ବର୍ଷ ତମାମ ବିଭିନ୍ନ ସମୟରେ ଓଡ଼ିଶାରୁ ଏହି ଦାବି ଉଠୁଛି।

କଳା, ସଂସ୍କୃତି, ସାହିତ୍ୟ, ବିଜ୍ଞାନ, ସାଧାରଣ ସେବା ଆଦି ବିଭିନ୍ନ କ୍ଷେତ୍ରରେ ଅନବଦ୍ୟ ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ କେନ୍ଦ୍ର ସରକାର ୧୯୫୪ ମସିହାରୁ ଭାରତ ରତ୍ନ ପ୍ରଦାନ କରିଆସୁଛନ୍ତି। ଏଯାବତ୍ ଦେଶର ବିଭିନ୍ନ ରାଜ୍ୟର ୫୩ଜଣ ଏହି ସମ୍ମାନରେ ସମ୍ମାନିତ ହୋଇଥିବାବେଳେ ସେମାନଙ୍କ ଭିତରୁ ଅନ୍ୟୁନ ୨୦ ଜଣ ମରଣୋତ୍ତର ଭାରତ ରତ୍ନ ସମ୍ମାନରେ ଭୂଷିତ ହୋଇଛନ୍ତି।

୧୯୫୪ରେ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ, ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଓ ବୈଜ୍ଞାନିକ ଡ. ସି.ଭି. ରମଣଙ୍କୁ ପ୍ରଥମ ଭାରତ ରତ୍ନ ସମ୍ମାନ




ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଜବାହରଲାଲ ନେହରୁ, ଇନ୍ଦିରା ଗାନ୍ଧି, ରାଜୀବ ଗାନ୍ଧିଙ୍କ ଠାରୁ କର୍ପୁରୀ ଠାକୁର, ପି.ଭି. ନରସିଂହରାଓ, ଚୌଧୁରୀ ଚରଣ ସିଂହ, ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀ, ଏମ୍. ଏସ୍. ସ୍ୱାମୀନାଥନ, ସଚିନ ତେନ୍ଦୁଲକର, ସୀମାନ୍ତ ଗାନ୍ଧି, ଖାଁ ଅବଦୁଲ ଗଫର ଖାଁ ଓ ନେଲସନ୍ ମଣ୍ଡେଲା ଆଦିଙ୍କୁ ଭାରତ ସରକାର ଏହି ସମ୍ମାନରେ ଭୂଷିତ କରିଛନ୍ତି। ବର୍ଷରେ ଅତି ବେଶୀରେ ୩ଜଣ ପ୍ରତିଭାଙ୍କୁ ଏହି ସମ୍ମାନ ଦିଆଯାଇଥାଏ।

ମରଣୋତ୍ତର ଭାରତ ରତ୍ନ ସମ୍ମାନ ଲାଗି ବିଭିନ୍ନ ସମୟରେ ଓଡ଼ିଶାରୁ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ମା'ରମାଦେବୀ, ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ଚନ୍ଦ୍ର ଶେଖର ବେହେରା, ପଣ୍ଡିତ ରଘୁନାଥ ମୁର୍ମୁ, ମୋହନ ନାଏକ, ନିର୍ମଳ ମୁଣ୍ଡା, ପ୍ରାଣକୃଷ୍ଣ ପରିଜା, ମନୋଜ ଦାସଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଙ୍କ ନାମ ଦାବି ହେଉଛି। ଏହାଛଡ଼ା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଆଉ କେତେକ ଜୀବିତ ବ୍ୟକ୍ତିଙ୍କ ନାଁ ବି ଓଡ଼ିଶାରୁ ଭାରତ ରତ୍ନ ସମ୍ମାନ ପାଇଁ ଉଠିଛି।

ବିଭିନ୍ନ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଦାବିପତ୍ରମାନ ଦିଆଯାଉଛି। ବହୁ କ୍ରୀଡ଼ାବିତ୍, ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ଚେହେରା, ସାହିତ୍ୟିକ, ସମାଜସେବୀ, ରାଜନେତା, ବୈଜ୍ଞାନିକ ଆଦିଙ୍କୁ କେନ୍ଦ୍ର ସରକାର ଭାରତ ରତ୍ନ ପ୍ରଦାନ କରାଯାଇଥିବାବେଳେ ଏହି କ୍ରମରେ ଅନେକ ରାଜ୍ୟର ଏକାଧିକ ବ୍ୟକ୍ତି ଏହି ସମ୍ମାନରେ ଭୂଷିତ ହୋଇସାରିଛନ୍ତି। କିନ୍ତୁ ଗତ ୭୨ବର୍ଷ ଭିତରେ କେନ୍ଦ୍ରରେ ସରକାର ଚଳାଉଥିବା କୌଣସି ଦଳ କିମ୍ବା ତା'ର ନେତୃତ୍ୱମାନେ ଓଡ଼ିଶାରୁ ଜଣେହେଲେ କାହାକୁ ଭାରତ ରତ୍ନ ସମ୍ମାନ ଦେଇପାରିନାହାନ୍ତି।

ଭାରତ ରତ୍ନ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ। ଏଥିପାଇଁ କୌଣସି ଭାରତ ରତ୍ନ ବିଜେତାଙ୍କୁ ପୁରସ୍କାର ଆକାରରେ ଅର୍ଥ ପ୍ରଦାନ କରାଯାଏନାହିଁ। ଏହା କେବଳ ଏକ ଗୌରବାବହ ସମ୍ମାନ। କେଉଁ ମାପଦଣ୍ଡରେ ଓଡ଼ିଶାର ପ୍ରଥିତଯଶା ବ୍ୟକ୍ତିମାନେ ଭାରତର ରତ୍ନ ପାଇବାରୁ ବଞ୍ଚିତ ହେଉଛନ୍ତି ଏବଂ ଜଣେ ହେଲେ ଓଡ଼ିଆ ଲୋକଙ୍କୁ ଏଥିପାଇଁ କେନ୍ଦ୍ର ସରକାର ଯୋଗ୍ୟ ବିବେଚିତ କରିପାରୁନାହାନ୍ତି, ସେଥିଘେନି ବିଭିନ୍ନ ମହଲରେ ବାରମ୍ବାର ଅସନ୍ତୋଷ ପ୍ରକାଶ ପାଇଥାଏ। ଏମିତିକି ବିଧାନସଭା ଭିତରେ ବି ଅନେକ ସଦସ୍ୟ ଏହି ପ୍ରସଙ୍ଗ ଉଠାଇ ଚାଲିଥିଲେ ବି ତାହାର କୌଣସି ପ୍ରଭାବ ପଡୁଥିବା ଭଳି ମନେ ହେଉନାହିଁ। ତେବେ ଆଗାମୀ ଦିଗରେ କେଉଁ ଓଡ଼ିଆ ପ୍ରଥମ ଭାରତ ରତ୍ନ ସମ୍ମାନ ପାଇବେ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର।(ତଥ୍ୟ)

jībana amr̥ta anucintā

sanchar.live

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ରବିବାର ୩ ମେ ୨୦୨୬, ଭୁବନେଶ୍ୱର

Sunday 3 May 2026, Bhubaneswar

# ଆସ୍ଥମା: ଏକ ନିଃଶବ୍ଦ ବିପଦ



ଆଧୁନିକ ଭାରତର ଦ୍ରୁତ ନଗରୀକରଣ, ଶିଳ୍ପାୟନ ଏବଂ ପରିବର୍ତ୍ତନଶୀଳ ଜୀବନଶୈଳୀ ଅନେକ ଅଣସଂକ୍ରାମକ ରୋଗକୁ ଆମନ୍ତ୍ରଣ କରୁଛି। ଏହି ତାଲିକାରେ ଆସ୍ଥମା ବା ଶ୍ୱାସରୋଗ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି। ପ୍ରାୟ ୩.୫ କୋଟି ଭାରତୀୟ ଏହି ରୋଗରେ ପୀଡ଼ିତ ଥିବାରୁ ଏହା କେବଳ ଏକ ବ୍ୟକ୍ତିଗତ ସମସ୍ୟା ନୁହେଁ, ବରଂ ଏକ ଜାତୀୟ ସ୍ୱାସ୍ଥ୍ୟ ସଙ୍କଟ ପାଲଟିଛି। ଗ୍ଲୋବାଲ୍ ବର୍ଡନ୍ ଅଫ୍ ଡିଜିଜ୍ ରିପୋର୍ଟ ଅନୁଯାୟୀ ଭାରତ ବିଶ୍ୱର ଆସ୍ଥମା କେସର ୧୩% ସହ ମୃତ୍ୟୁ ଏବଂ ଡିଜାବିଲିଟି-ଆଡଜଷ୍ଟେଡ୍ ଲାଇଫ୍ ୟାର୍ସ (ଡିଏଏଲୱାଇ)ରେ ଅଧିକ ଅଂଶଧାରୀ ଅଟେ। ଭାରତରେ ଆସ୍ଥମା ଯୋଗୁଁ ମୃତ୍ୟୁ ହାର ବିଶ୍ୱ ହାର ଠାରୁ ତିନି ଗୁଣ ଅଧିକ ଏବଂ ଡିଏଏଲୱାଇ ଦୁଇ ଗୁଣ ଅଧିକ, ଯାହା ଅନିୟନ୍ତ୍ରିତ, ଅପର୍ଯ୍ୟାପ୍ତ ଚିକିତ୍ସା ଏବଂ ପ୍ରତିରୋଧ ଅଭାବର ସ୍ପଷ୍ଟ ପ୍ରମାଣ।

ଆସ୍ଥମା ଏକ ଦୀର୍ଘକାଳୀନ ପ୍ରଦାହଜନିତ ଫୁସଫୁସ୍ ରୋଗ ଯେଉଁଥିରେ ଶ୍ୱାସନଳୀ ସଙ୍କୁଚିତ ହୁଏ। ଫଳରେ ନିଶ୍ୱାସ ନେବାରେ କଷ୍ଟ, କାଶ, ଶ୍ୱାସ ଚଢ଼ା, ଛାତି ଚାପ ଏବଂ ରାତିରେ ଲକ୍ଷଣ ବଢ଼ିବା ଦେଖାଯାଏ। ଏହା ଶିଶୁ, କିଶୋର ଏବଂ ବୟସ୍କ ସମସ୍ତଙ୍କୁ ପ୍ରଭାବିତ କରେ। ଗ୍ଲୋବାଲ୍ ଆସ୍ଥମା ନେଟୱର୍କ (ଜିଏଏନ) ଫେଜ୍ ଆଇ ଅଧ୍ୟୟନ ଅନୁଯାୟୀ ଭାରତରେ ପିଲାମାନଙ୍କ ମଧ୍ୟରେ ପ୍ରଚଳିତ ହିସ୍ ହାର ୩.୧୬ ରୁ ୩.୬୩% ଥିବାବେଳେ କେତେକ ସହର ଯେପରି ଚଣ୍ଡୀଗଡ଼ରେ ଏହା ୮.୫୪% ପର୍ଯ୍ୟନ୍ତ ପହଞ୍ଚିଛି। ଗ୍ରାମାଞ୍ଚଳରେ ମଧ ଏହାର ପ୍ରଭାବ ବଢ଼ୁଛି, ଯାହା ପରିବେଶଗତ ପରିବର୍ତ୍ତନର ପ୍ରମାଣ ଦେଉଛି। ଏହି ରୋଗର ମୁଖ୍ୟ କାରଣ ହେଉଛି ବାୟୁ ପ୍ରଦୂଷଣ। ଇଣ୍ଡୋ-ଗାଙ୍ଗେଟିକ୍ ପ୍ଲେନ୍ ଏବଂ ଅନ୍ୟାନ୍ୟ ସହରରେ ପ୍ରଦୂଷଣ ସ୍ତର ବାରମ୍ବାର ବିପଜ୍ଜନକ ସ୍ତର ଅତିକ୍ରମ କରୁଛି। ଯାନବାହନରୁ ନିର୍ଗତ ଗ୍ୟାସ, ଶିଳ୍ପ ଧୂଳି, ନିର୍ମାଣ କାର୍ଯ୍ୟ ଏବଂ କୃଷି ଅବଶେଷ ଦହନ ବାୟୁକୁ ବିଷାକ୍ତ କରୁଛି। ଘର ଭିତରେ କୋଇଲା, କରୋସିନ୍ ଏବଂ ଗୋବର ଚୁଲ୍ହା ବ୍ୟବହାର, ଆର୍ଦ୍ରତା, ଧୂଳି ଏବଂ ମଶା ଔଷଧ ମଧ ବଡ଼ ଭୂମିକା ଗ୍ରହଣ କରୁଛି। ପରିବାରିକ ଇତିହାସ, ଆଲର୍ଜି, ପୋଷା ପଶୁ, ସିଜାରିଆନ୍ ଜନ୍ମ, ପ୍ରଥମ ବର୍ଷରେ ଆଣ୍ଟିବାୟୋଟିକ୍ ବ୍ୟବହାର ଏବଂ ପ୍ରୋସେସ୍ଡ୍ ଖାଦ୍ୟ (ବନାନା, ଦହି, ଆଇସକ୍ରିମ୍, ପ୍ୟାକ୍ଡ୍ ସ୍ନାକ୍ସ) ମଧ ଶ୍ୱାସ ବଢ଼ାଉଛି। ଋତୁ ପରିବର୍ତ୍ତନ, ପାର୍ବଣ ସମୟରେ ବାଣ ଧୂଆଁ ଏବଂ ଥଣ୍ଡା ପାଣି ପିଇବା ମଧ ଆକ୍ରମଣ ଉତ୍ତେଜିତ କରେ।

ଆସ୍ଥମାର ପ୍ରଭାବ ବହୁମୁଖୀ। ପିଲାମାନଙ୍କ ଶିକ୍ଷା ଏବଂ ଶାରୀରିକ ବିକାଶ ପ୍ରଭାବିତ ହୁଏ, ଯୁବକମାନେ କର୍ମକ୍ଷେତ୍ରରେ ଅନୁପସ୍ଥିତ ରହନ୍ତି ଏବଂ ବୟସ୍କମାନେ ଦୈନନ୍ଦିନ କାର୍ଯ୍ୟରେ ଅସମର୍ଥ ହୁଅନ୍ତି। ଆର୍ଥିକ କ୍ଷତି ମଧ ବିରାଟ – ଔଷଧ, ହସ୍ପିଟାଲାଇଜେସନ୍ ଏବଂ ଉପାର୍ଜନ ହ୍ରାସ ଯୋଗୁଁ ପରିବାର ଏବଂ ଦେଶର ଅର୍ଥନୀତି ପ୍ରଭାବିତ ହୁଏ। ଅନେକ ରୋଗୀ ଡାକ୍ତରୀ ପରାମର୍ଶ ବିନା ରହିଯାଆନ୍ତି ଏବଂ ପରାମର୍ଶ ନେଉଥିବା ରୋଗୀଙ୍କ ମଧ୍ୟରେ ମାତ୍ର ୧୦% ନିୟମିତ ଇନହେଲର ବ୍ୟବହାର କରନ୍ତି। ଫଳରେ ବାର୍ଷିକ ୨୫%ରୁ ଅଧିକ ରୋଗୀ ହସ୍ପିଟାଲରେ ଭର୍ତ୍ତି ହୁଅନ୍ତି।

ସମାଧାନର ପଥ ସ୍ପଷ୍ଟ ଅଛି କିନ୍ତୁ କାର୍ଯ୍ୟକାରୀ କରିବାକୁ ପଡ଼ିବ। ସରକାରୀ ସ୍ତରରେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମକୁ କଠୋର ଭାବେ କାର୍ଯ୍ୟକାରୀ କରିବା, ଗ୍ରାମାଞ୍ଚଳରେ ଏଲ୍‌ପିଜି ଏବଂ ସ୍ୱଚ୍ଛ ରନ୍ଧନ ପ୍ରତି ଉତ୍ସାହିତ କରିବା, ସ୍କୁଲ ଏବଂ କଲେଜ ସ୍ତରରେ ସଚେତନତା କ୍ୟାମ୍ପେନ ଚଳାଇବା ଆବଶ୍ୟକ। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ପାଇରୋମେଟ୍ରି ଟେଷ୍ଟ, ଇନହେଲର ଏବଂ ଔଷଧର ଉପଲବ୍ଧତା ବଢ଼ାଇବା ଦରକାର। ଆୟୁଷ୍ମାନ୍ ଭାରତ ଏବଂ ଅନ୍ୟାନ୍ୟ ଯୋଜନା ମାଧମରେ ଗରିବ ରୋଗୀଙ୍କୁ ମାଗଣା ଚିକିତ୍ସା ପ୍ରଦାନ କରିବା ଉଚିତ୍।

ବ୍ୟକ୍ତିଗତ ସ୍ତରରେ ଧୂମପାନ ଏବଂ ଧୂମ୍ରପାନ ତ୍ୟାଗ, ଘର ଭିତରେ ସ୍ୱଚ୍ଛତା ବଜାୟ ରଖିବା, ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ ଏବଂ ଟ୍ରିଗର ଏଡ଼ାଇବା ଜରୁରୀ। ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଇନହେଲର ବ୍ୟବହାର କରି ରୋଗକୁ ନିୟନ୍ତ୍ରଣରେ ରଖିପାରିବେ। ଆସ୍ଥମା ଏକ ନିୟନ୍ତ୍ରଣଯୋଗ୍ୟ ରୋଗ। ଯଦି ଆମେ ଆଜି ସଚେତନ ହେବୁ ଏବଂ ସମ୍ମିଳିତ ପ୍ରୟାସ କରିବୁ ତେବେ ଆଗାମୀ ପିଢ଼ି ଶ୍ୱାସ ମୁକ୍ତ ରହିପାରିବ। ସ୍ୱାସ୍ଥ୍ୟକର ଭାରତ ଗଢ଼ିବା ପାଇଁ ଆସ୍ଥମା ବିରୋଧରେ ଲଢ଼େଇ ଆମର ମିଳିତ ଦାୟିତ୍ୱ। ସରକାର, ଡାକ୍ତର, ସମାଜ ଏବଂ ବ୍ୟକ୍ତି ସମସ୍ତେ ଏକତ୍ରିତ ହୋଇ ଏହି ନିଃଶବ୍ଦ ବିପଦକୁ ପରାଜିତ କରନ୍ତୁ।

# ପ୍ରେସ୍ ସ୍ୱାଧୀନତା



ଡ଼ଃ.ଅରୁନ୍ଧତୀ ଦେବୀ

ଆଜି ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ। ଆନ୍ତର୍ଜାତିକ ସଙ୍ଗଠନ 'ରିପୋର୍ଟସ ଉଇଦାଉଟ ବର୍ଡ଼ର୍ସ'ର ସଦ୍ୟତମ ତଥ୍ୟ ଅନୁଯାୟୀ ଗତ ପଚିଶ ବର୍ଷ ମଧ୍ୟରେ ସାମ୍ବାଦିକତାର ସ୍ୱାଧୀନତା ବିଶ୍ୱରେ ସବୁଠାରୁ ନିମ୍ନସ୍ତରକୁ ଖସି ଆସିଛି। ଇତିହାସରେ ପ୍ରଥମଥର ପାଇଁ ବିଶ୍ୱର ପାଖାପାଖି ଅଧାରୁ ଅଧିକ ଦେଶରେ ପ୍ରେସ୍ ସ୍ୱାଧୀନତା ଅତ୍ୟନ୍ତ ଗମ୍ଭୀର ଶ୍ରେଣୀଭୁକ୍ତ ହୋଇଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ପାଇଁ ଏହା ଅଶୁଭ ସଙ୍କେତ। ୨୦୨୬ ସୂଚକାଙ୍କରେ ଭାରତର ସ୍ଥିତି ସାରା ବିଶ୍ୱର ୧୮୦ ଦେଶ ମଧ୍ୟରୁ ଭାରତର ସ୍ଥାନ ୧୫୭ତମ ସ୍ଥାନରେ ରହିଛି। ସୂଚନାଥାଉକି ଫ୍ରାନ୍ସର ଏକ ସଙ୍ଗଠନ ରିପୋର୍ଟସ ଉଇଦାଉଟ ବର୍ଡ଼ର୍ସ ପକ୍ଷରୁ ପ୍ରତିବର୍ଷ ବିଶ୍ୱର ୧୮୦ଟିଦେଶରେ ଗଣମାଧ୍ୟମ ସଂସ୍ଥାମାନେ କିଭଳି ସ୍ୱାଧିନୀତା ଉପଭୋଗ କରୁଛନ୍ତି ତାହାକୁ ନେଇ ଏକ ସୂଚକାଙ୍କ ପ୍ରକାଶ କରିଥାଏ। ୨୦୦୨ରୁ ଏହି ଗଣନା ଆରମ୍ଭ ହେବାପର ଠାରୁ ପ୍ରଥମଥର ପାଇଁ ବିଶ୍ୱର ଅଧାରୁ ଅଧିକ ଦେଶରେ ପ୍ରେସ ସ୍ୱାଧୀନତା ଅତ୍ୟନ୍ତ ଗମ୍ଭୀର ଶ୍ରେଣୀଭୁକ୍ତ ହୋଇଛି। ମାତ୍ର ସାତଟି ଦେଶରେ ସାମ୍ବାଦିକତା ପାଇଁ ଉତ୍ତମ ପରିବେଶ ରହିଛି। ସେ ଦେଶ ଭିତରୁ ଶୀର୍ଷରେ ରହିଛି ନେଦରଲ୍ୟାଣ୍ଡସ, ନରୱେ, ଇଷ୍ଟୋନିଆ। ଆମେରିକାର ସ୍ଥାନ ୬୪ରେ ରହିଛି। ପାକିସ୍ଥାନର ସ୍ଥାନ ୧୫୩ ରହିଥିବାବେଳେ ଋଷିଆର ସ୍ଥାନ ୧୭୨ ଓ ଇରାନର ସ୍ଥାନ ୧୭୭।




ସ୍ୱାଧୀନତା ପୂର୍ବରୁ ସାମ୍ବାଦିକତା ଓ ଜାତୀୟତା ସମର୍ଥବୋଧକ ଥିଲା। ସେବା ଥିଲା ସାମ୍ବାଦିକତାର ଭିତ୍ତି। ଦେଶକୁ ଭଲ ପାଉଥିବା ଏକ ଶିକ୍ଷିତ ଗୋଷ୍ଠୀ ତିଆରି କରିବା ସାମ୍ବାଦିକତାର ଲକ୍ଷ୍ୟ। ଲକ୍ଷ୍ୟ ଥିଲା ଦେଶବାସୀଙ୍କୁ କେମିତି ଦେଶ ବିଷୟରେ, ସମାଜ ବିଷୟରେ ସଚେତନ କରାଇ ବିଭିନ୍ନ ବିଷୟରେ ଜ୍ଞାନ ପ୍ରଦାନ କରିବା। ଗଣମାଧ୍ୟମ ଗଣ ସାହିତ୍ୟ ଓ ଗଣତନ୍ତ୍ର ଏମାନଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହି ଆସିଛି ଢ଼େର ବର୍ଷ ତଳୁ। ଖବର କାଗଜ ପିଠିରେ ଚଢ଼ି ପାଠକ ସଂଖ୍ୟାବୃଦ୍ଧି ହୋଇଗଲା ବୋଲି କହିଲେ ସାହିତ୍ୟ ଗଣ ସାହିତ୍ୟ ହୁଏନାହିଁ କି ଗଣତନ୍ତ୍ରରେ ତାର ପ୍ରକୃତ ଭୂମିକା ନିଭେଇ ପାରେ ନାହିଁ। ସମ୍ପ୍ରତି ଅଧିକାଂଶ ଗଣତାନ୍ତ୍ରିକ ରାଷ୍ଟ୍ର ସନ୍ତ୍ରାସବାଦ ବିରୋଧରେ ସଂକଳ୍ପ ନେଉଥିବାବେଳେ ଆଭ୍ୟନ୍ତରୀଣସ୍ଥିତି ଦୃଷ୍ଟିରୁ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍ଗୀନ ବୋଲି କହିଲେ ଭୁଲ ହେବନାହିଁ। ଏହି ପରିସ୍ଥିତିରେ ସମ୍ପୃକ୍ତି ରାଷ୍ଟ୍ରରେ ପ୍ରେସ୍ ସ୍ୱାଧୀନତା କ୍ଷୁର୍ଣ୍ଣ ହେଉଛି। ସମ୍ବାଦପତ୍ରର ଦାୟିତ୍ୱବୋଧତା ସମ୍ପର୍କରେ ଯେଉଁ ପ୍ରଶ୍ନ ଉଠିଥାଏ ତାହା ବାସ୍ତବିକ ଜଟିଳ। ସମ୍ବାଦ ପତ୍ରର ସୃଷ୍ଟି ସମ୍ବନ୍ଧରେ କେବଳ ବ୍ୟବସାୟ ପାଇଁ କେହି ତତ୍‌କାଳୀନ ସମୟକୁ ଦେଖି ସମ୍ବାଦପତ୍ର କଥା ଚିନ୍ତା କରିନଥିଲେ। ରାଜନୈତିକ ପଥ ବା ସାମାଜିକ ପ୍ରତିବଦ୍ଧତା କିମ୍ବା ବୌଦ୍ଧିକ ଅଭିରୁଚି ହିଁ ଥିଲା ସମ୍ବାଦ ପ୍ରକାଶ ପ୍ରକାଶନ ଭୂମି। ଭାରତ କିମ୍ବା ଆମେରିକା ସ୍ୱାଧୀନତା ପାଇଁ ସଂଗ୍ରାମ ପରିପ୍ରେକ୍ଷୀରେ ସମ୍ବାଦପତ୍ର ପ୍ରକାଶନ ଅର୍ନିବାର୍ଯ୍ୟ ହୋଇପଡ଼ିଥିଲା। ନିଜର ରାଜନୈତିକ ଅଧିକାର ସାବ୍ୟସ୍ତ ପାଇଁ ଏହି ସମ୍ବାଦପତ୍ର ଗୁଡ଼ିକ ଗୋଟିଏ ଗୋଟିଏ ଦେଶର, ସମାଜର ମୁଖପତ୍ର ହୋଇଥିଲା। ଏବଂ ସମ୍ବାଦ ପତ୍ର ଆନ୍ଦୋଳନର ଏକ ଆୟୁଦ୍ଧ ହୋଇପଡ଼ିଥିଲା। ସମ୍ବାଦପତ୍ର ଗୁଡ଼ିକ ଥିଲା ଜନମତ ସାବ୍ୟସ୍ତର ମୁକ୍ତମଞ୍ଚ।

ଆମ ସମ୍ବିଧାନର ୧୯ଧାରା (୧) ଉପଧାରା ସାତଟି ସ୍ୱାଧୀନତାକୁ ମୌଳିକ ଅଧିକାରର ସ୍ୱୀକୃତି ଦେଇଛି। କିନ୍ତୁ ତାହା ଉପରେ ପାଞ୍ଚଟି ସୀମା ରଖିଦେଇଛି। ସମ୍ବାଦପତ୍ରର ସ୍ୱାଧୀନତା ବୋଲି ଗୋଟିଏ କିଛି ଅଧିକାର ସିଧାସଳଖ ଲେଖାଯାଇ ନାହିଁ। ସାତଟି ଭିତରୁ ପ୍ରଥମ ଓ ଶେଷଟିକୁ ମିଶାଇଲେ ସମ୍ବାଦପତ୍ରର ସ୍ୱାଧୀନତା, ଫ୍ରିଡମ୍ ଅଫ୍ ଦ ପ୍ରେସ୍ ମିଳେ। ଧାରା ୧୯(ଏ-କ) ଦେଇଛି ଭାଷଣ ଦେବା ଓ କହିବାର ସ୍ୱାଧୀନତା ଓ ୧୯(୧୬) ବୃତ୍ତି ବେପାର, ବାଣିଜ୍ୟ ବା ବ୍ୟବସାୟର ସ୍ୱାଧୀନତା। ଦୁଇଟି ଯାକ ମିଶିଲେ ଆମେ ସାମ୍ବାଦିକତାର ପେଷା - ଖବର ନେଇ ଛପାଇବା ଓ ପ୍ରକାଶ କରିବାର ଅଧିକାର ପାଇବା। ତାହାହିଁ ଉଚ୍ଚତମ ବିଚାରାଳୟର ରାୟ। ୧୯ ଧାରାର ଉପଧାରା ୬ରେ ରାଷ୍ଟ୍ରର, ଅର୍ଥାତ୍ ସରକାରଙ୍କ ଅଧିକାର କଥା କୁହାଯାଇଛି। ସରକାରଙ୍କ ଯାହା ଅଧିକାର ସାମ୍ବାଦିକତାର ତାହା କର୍ତ୍ତବ୍ୟ, ଅର୍ଥାତ୍ ତାର ଅଧିକାରର ସୀମା। ଧାରା ୧୯ରେ ଉପଧାରା ୨ ଯେଉଁ କଟକଣା ରଖିଛି ତାହା ଯୁକ୍ତି ଯୁକ୍ତ ବା ରିଜନେବ୍‌ଲ ରେଷ୍ଟ୍ରିକ୍‌ସନ୍ ଭଳି ଲାଗୁ ହେବ ନାହିଁ। ବିଂଶ ଶତାବ୍ଦୀର ଶେଷ ଦଶକରେ ବିଶ୍ୱରେ ଶୀତଳ ଯୁଦ୍ଧର ଅବସାନ, ସୋଭିଏତ୍ ଋଷ ଓ ୱାରସ୍ ମେଣ୍ଟର ପତନ ତଥା ଏକ ଧ୍ରୁବୀୟ ବିଶ୍ୱର ଉତ୍‌ଥାନ ଓ ତହିଁରେ ଆମେରିକାର ସର୍ବଶକ୍ତିମାନ ସ୍ଥାନ ଗ୍ରହଣ ଫଳରେ ଯେଉଁ ସୂଚନା ପ୍ରଯୁକ୍ତିର ବୈପ୍ଳବିକ କ୍ରାନ୍ତି ସୃଷ୍ଟି ହେଲା ଠିକ୍ ସେହିଠି ହିଁ ଦୂର ସଞ୍ଚାର, ତଥ୍ୟ ଓ ସୂଚନା ଆଦାନପ୍ରଦାନର ପ୍ରେସ୍ ପାଇଁ ନୂଆ କ୍ରାନ୍ତି ସୃଷ୍ଟି ହେଲା।

ସମ୍ବାଦପତ୍ରର ଦାୟିତ୍ୱବୋଧତା ସମ୍ପର୍କରେ ବିଭିନ୍ନ ମଞ୍ଚରେ ଆଲୋଚନା ହୋଇଥାଏ। ଗୋଟିଏ ଗଣତନ୍ତ୍ରର କାର୍ଯ୍ୟକାରିତା ପାଇଁ ମୁକ୍ତ ଓ ଅବାଧ ସମ୍ବାଦପତ୍ରର ଭୂମିକା କଥା ପୃଥିବୀର ବହୁ ମହାନ୍ ନେତା ମୁକ୍ତ କଣ୍ଠରେ ସ୍ୱୀକାର କରି ଯାଇଛନ୍ତି। ମାତ୍ର ଭାରତ ପରିପ୍ରେକ୍ଷୀରେ ଏହି ସ୍ୱାଧୀନତା ଏପର୍ଯ୍ୟନ୍ତ ଏକ ଆପେକ୍ଷିକ ସ୍ୱାଧୀନତା ହୋଇ ହିଁ ରହିଯାଇଛି। ସମାଜର ପ୍ରତ୍ୟାଶା ହିଁ କର୍ତ୍ତବ୍ୟର ପରିଭାଷା ନିର୍ମାଣ କରିଥାଏ। ସମାଜର ଆଶାକୁ ମହାତ୍ମା ଗାନ୍ଧୀଙ୍କ ଭାଷାକୁ ନିମ୍ନ ମତେ ପ୍ରକାଶ କରାଯାଇ ପାରେ। ଜାତିର ଜନକ ମହାତ୍ମା ଗାନ୍ଧୀ କହିଥିଲେ - 'One of the objects of a newspaper is to understand the popular feeling and give expression to it, another is to arouse in people certain desirable sentiments, the third is to fearlessly expose popular defects. ଯେଉଁମାନେ ସମ୍ବାଦପତ୍ରକୁ ଏକ ସ୍ୱାଧୀନ ଅନୁଷ୍ଠାନ ଭାବେ ଗ୍ରହଣ କରିନେଇଛନ୍ତି, ସେମାନେ ତା ପିଠି ଥାପୁଡେଇଲା ପରି ଆହୁରି କହିଛନ୍ତି, କୌଣସି ସମ୍ବାଦପତ୍ରର ସ୍ୱାଧୀନତା ସରକାର ଉପରେ ନିର୍ଭର କରେ ନାହିଁ ଏହା ତାର ପାଠକବର୍ଗର ଇଚ୍ଛା ଅନିଚ୍ଛା ଉପରେ ନିର୍ଭର କରେ। ଆଗେଇ ଚାଲ। ମାତ୍ର ପ୍ରକୃତ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଭାରତର ସମ୍ବାଦପତ୍ର ଗୁଡ଼ିକ ଯେଉଁ କିଛି ସ୍ୱାଧୀନତା ଉପଭୋଗ କରୁଛନ୍ତି ସେଗୁଡ଼ିକ ନିୟନ୍ତ୍ରିତ ସ୍ୱାଧୀନତା। ସମ୍ବାଦପତ୍ର ଆଜି ଜନମତ ଅସ୍ତ୍ର ନୁହେଁ ବରଂ କ୍ଷମତାତନ୍ତ୍ରର ଆଉ ଗୋଟିଏ ଅଙ୍ଗ ହୋଇପଡ଼ିଲାଣି ବୋଲି ଆଶଙ୍କା ହେଉଛି। ସମ୍ବାଦପତ୍ରମାନେ ଗୋଟିଏ ଷ୍ଟାଣ୍ଡାର୍ଡ ନିର୍ଦ୍ଦିଷ୍ଟ କରିସାରିଲେଣି ଯେ, ଭଲ କରନ୍ତୁ ବା ଖରାପ କରନ୍ତୁ, ସେହିମାନେ ହିଁ ସମ୍ବାଦପତ୍ରର ଅଗ୍ରପୂଜ୍ୟ। ବର୍ତ୍ତମାନର ସାମାଜିକ ପରିସ୍ଥିତିରେ ସମ୍ବାଦପତ୍ରର ସ୍ୱାଧୀନତା ନିଶ୍ଚିତ ଭାବେ ଏକ ବିତର୍କର ପ୍ରସଙ୍ଗ। ତେବେ ଯାହାହେଉନା କାହିଁକି ସମ୍ବାଦପତ୍ର ହିଁ ଗଣତନ୍ତ୍ରର ଭାବମୂର୍ତ୍ତିକୁ ସଠିକ ରାସ୍ତାରେ ପରିଚାଳିତ ହେବାପାଇଁ ମାର୍ଗ ଦେଖାଇଥାଏ ଏହା ଅତ୍ୟୁକ୍ତି ହେବନାହିଁ। ବିଶ୍ୱପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ଗଣମାଧ୍ୟମ ପ୍ରତି ସମାଜର ସବୁକ୍ଷେତ୍ରରୁ ସହଯୋଗର ଅକୁଣ୍ଠ ଦାୟିତ୍ୱବୋଧତା ରହୁ ଏହା ହିଁ କାମନା।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୬୭୨୮୧୦

# ମଇ ଦିବସ ସ୍ମୃତି ନୁହେଁ ବରଂ ଦାୟିତ୍ୱ



ଡ.ବିମଳ ଷଡଙ୍ଗୀ

ଅତିରିକ୍ତ ଲୋଭ ଓ ଲୋଭକୁ ଚରିତାର୍ଥ କରିବାପାଇଁ ଶକ୍ତିର ଆକାଂକ୍ଷା ଆଜି ମଣିଷକୁ ମଣିଷର ଶୋଷଣକରିବାକୁ ବାଧକରିଛି। ଅର୍ଥ ଓ ପ୍ରଭୁତ୍ୱ ହାସଲ କରିବାପାଇଁ କେତେବେଳେ ରାଜନୀତି ତ କେତେବେଳେ ବେପାର ଓ ଆଉ କେତେବେଳେ ଚୋରୀ ତ କେତେବେଳେ ବିଭିନ୍ନ ଉଚ୍ଚ ପଦପଦବୀ ଆଦି ମାଧ୍ୟମରେ ନିଜକୁ ବଳଶାଳୀ କରି ମଣିଷ ନିଜର ଲାଳସାକୁ ଚରିତାର୍ଥ କରିଥାଏ। ଯାହାଫଳରେ ସମାଜର ଗୋଟିଏ କ୍ଷୁଦ୍ର ଶୋଷକ ଶ୍ରେଣୀ ବୃହତ ଶୋଷିତ ଶ୍ରେଣୀକୁ ଅସମାନତା ଓ ସଚେତନତାର ଅଭାବ ଜରିଆରେ ଶୋଷଣ କରିଥାଏ। ଶୋଷିତ ଶ୍ରେଣୀ ନିଜ ଅଧିକାର ସମ୍ପର୍କରେ ଜ୍ଞାତ ନଥାନ୍ତି, ଯାହା ସେମାନଙ୍କ ଶୋଷଣ ପାଇଁ ସୁଯୋଗ ଦେଇଥାଏ। ଶୋଷଣ ପାଇଁ ସାମାଜିକ ମନୋବୃତ୍ତିର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ସମାଜରେ ବିଭିନ୍ନ କାର୍ଯ୍ୟକୁ ଉଚ୍ଚ-ନିଚ ଭାବରେ ବିଭାଜନ କରାଯାଇଥାଏ। ଶାରୀରିକ ଶ୍ରମକୁ ଅନେକ ସମୟରେ ଅବମୂଲ୍ୟନ କରାଯାଇ ମାନସିକ ଶ୍ରମକୁ ବୃହତ୍ତର ସମ୍ମାନ ମିଳେ ଯାହା ଶୋଷଣ ପ୍ରବୃତ୍ତିକୁ ବୃଦ୍ଧି କରିଥାଏ। ଏହା ସହିତ, ଆଇନ ଓ ପ୍ରଶାସନିକ ବ୍ୟବସ୍ଥାର ସ୍ଥାଣୁତା ଯୋଗୁଁ ସମାଜରେ କ୍ରମଗତ ଭାବରେ ଶୋଷଣ ଚାଲୁ ରହିଛି। ଅନେକ ସମୟରେ ଶ୍ରମ ଆଇନ ରହିଥିଲେ ମଧ ତାହାର ପ୍ରୟୋଗ ସଠିକ ଭାବେ ହୁଏନାହିଁ। ଯେଉଁଠାରେ ତୁରନ୍ତ ନ୍ୟାୟ ମିଳିବା ଦରକାର, ସେଠାରେ ବିଳମ୍ବ ଓ ଅନାଗ୍ରହ ଦେଖାଯାଏ।ସେଥିପାଇଁ ଆଜିର ଦୃତ ଆର୍ଥିକ ଓ ଯାନ୍ତ୍ରିକ ପ୍ରଗତି ଯୁଗରେ ମଇ ଦିବସଟି କେବଳ କ୍ୟାଲେଣ୍ଡରର ଗୋଟିଏ ତାରିଖ ହୋଇ ରହିଯାଇଛି ବୋଲି ଅନୁଭୂତ ହୁଏ। ଯେଉଁ ଦିନଟି ଦିନେ ଶ୍ରମିକଙ୍କ ଅଧିକାର, ସମ୍ମାନ ଓ ସଂଘର୍ଷର ପ୍ରତୀକ ଥିଲା, ସେହି ଦିନଟି ଆଜି ଅନେକ ସ୍ଥାନରେ ଅଦୃଶ୍ୟ ହୋଇଯାଇଛି। ଶ୍ରମିକଙ୍କ ଅଧିକାର, ସଂଘର୍ଷ ଓ ସମ୍ମାନର ଦିନ ରୂପେ, ମଇ ମାସର ପ୍ରଥମ ଦିନଟିକୁ ସମଗ୍ର ବିଶ୍ୱରେ ଶ୍ରମିକ ଦିବସ ଭାବରେ ପାଳନ କରାଯାଏ। ସେତେବେଳେ ଶ୍ରମିକମାନେ ଦିନରେ ଦୀର୍ଘ ୧୨ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ସ୍ୱଳ୍ପ ବେତନ ଏବଂ ନୀତି ନିୟମ ବାହାରେ ଅକ୍ଳାନ୍ତ ପରିଶ୍ରମ କରୁଥିଲେ। ମାତ୍ର ୧୮୮୬ ମସିହାରେ ଆମେରିକାର ଶ୍ରମିକ ଆନ୍ଦୋଳନରୁ ଏହି ଅନ୍ୟାୟ ଧାରାକୁ ପରିବର୍ତ୍ତନ କରାଯାଇ ଦିନକୁ କେବଳ ୮ଘଣ୍ଟା କର୍ମ ପାଇଁ ବିଶ୍ୱସ୍ତରରେ ଅନୁମୋଦନ ଲାଭକରିଥିଲା।ଏହି ସଂଘର୍ଷରେ ଅନେକ ଶ୍ରମିକ ନିଜ ଜୀବନ ହରାଇଥିଲେ, କିନ୍ତୁ ସେମାନଙ୍କ ତ୍ୟାଗ ଫଳରେ ଆଜି ଶ୍ରମିକ କିଛି ପରିମାଣରେ ନ୍ୟାୟସଂଗତ ସୁଯୋଗ ପାଇଛନ୍ତି।ଭାରତଭଳି ଗୋଟିଏ ବୃହତ ମାନବ ସମ୍ବଳ ରାଷ୍ଟ୍ରରେ ଏହି ଦିବସର ଗୁରୁତ୍ୱ ଅଧିକ। ଭାରତରେ ସିଙ୍ଗାରାଭେଲରଙ୍କ ନେତୃତ୍ୱରେ ଏହି ଦିବସ ୧୯୨୩ ମସିହାରେ ଚେନ୍ନାଇରେ ପ୍ରଥମେ ପାଳନ ହୋଇଥିଲା, ଯାହା ଭାରତର ଶ୍ରମ ଆନ୍ଦୋଳନରେ ଗୋଟିଏ ନୂଆ ଅଧ୍ୟାୟ ସୃଷ୍ଟିକରିଥିଲା।ଏହା ଭାରତର ବୃହତ ଶ୍ରମିକ ଗୋଷ୍ଠୀ ପାଇଁ ଏକତା ଓ ସମ୍ମାନର ପ୍ରତୀକ। କିନ୍ତୁ ଦୁଃଖର କଥା, ଆଜି ମଧ ଭାରତର ବୃହତ ଶ୍ରମିକ ଶ୍ରେଣୀ ବିଭିନ୍ନ ଭାବରେ ବିକଶିତ ଶୋଷଣର ଶିକାର ହୋଇଚାଲିଛନ୍ତି। ଗଣତନ୍ତ୍ର ଦ୍ୱାରା ଶାସିତ ଭାରତରେ ଶ୍ରମିକ ଶୋଷଣର ରୂପ ବଦଳିଛି। ଶ୍ରମିକମାନଙ୍କ ପରିଶ୍ରମର ମୂଲ୍ୟବୃଦ୍ଧି ହେବାତ ଦୂରରକଥା ସେମାନଙ୍କ ଶୋଷଣ ଓ ଅତ୍ୟାଚାରର ମାତ୍ରା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ପୂର୍ବରୁ ଶ୍ରମିକ ଶ୍ରେଣୀ ଉପରେ ଶାରୀରିକ ଶୋଷଣ ଥିଲା, ଆଜି ତା ସହିତ ମାନସିକ ଓ ଆର୍ଥିକ ଶୋଷଣ ବୃଦ୍ଧି ଘଟିଛି। ଆଉଟସୋର୍ସିଂ ପ୍ରଣାଳୀ, ଠିକା କାମ, ଅନିୟମିତ ଦରମା, ଚାକିରିର ଅନିଶ୍ଚିତତା ଆଦି ଆଜିର ଶ୍ରମିକଙ୍କ ଜୀବନକୁ ଅସ୍ଥିର କରିଦେଇଛି। ୨୦୨୬ ମସିହା ଏପ୍ରିଲ ୨୬ ତାରିଖରେ ଓଡିଶାର ୧୧୨ ଆପାତକାଳୀନ ସେବା କଲ୍ ସେଣ୍ଟରର କର୍ମଚାରୀଙ୍କ ସମ୍ପ୍ରତି ଘଟଣା ଏହାର ଗୋଟିଏ ସ୍ପଷ୍ଟ ଓ ଚିନ୍ତାଜନକ ଉଦାହରଣ।ଭୁବନେଶ୍ୱରରେ ୧୧୨ କଲ୍ ସେଣ୍ଟରର ପ୍ରାୟ ୧୮୦ ଜଣ କର୍ମଚାରୀ ଦୀର୍ଘ ଦିନଧରି ଦରମା ନପାଇବାରୁ ଧାରଣାରେ ବସିଥିଲେ।ତଥାପି, ଧମକ, ଚାକିରି ହରାଇବାର ଭୟ ଓ ଅସମ୍ମାନଜନକ ବ୍ୟବହାର ସହିତ ମାସିକ ୧୨୦୦୦ଟଙ୍କାରେ ସମସ୍ତ ଦାୟିତ୍ୱ ତିନିଟି ଶିଫ୍ଟରେ ସୂଚାରୁରୂପେ ତୁଲାଉଥିଲେ। ମାତ୍ର ସେହି କାର୍ଯ୍ୟରତ କର୍ମଚାରୀଙ୍କ ହଠାତ ବହିଷ୍କାର ଘଟଣା ଶ୍ରମିକ ଶୋଷଣର ଗୋଟିଏ ଜ୍ୱଳନ୍ତ ସଦ୍ୟତମ ଉଦାହରଣ। ଯେଉଁ କର୍ମଚାରୀମାନେ ଲୋକଙ୍କ ଜୀବନ ବଞ୍ଚାଇବାରେ ରାତିଦିନ ସ୍ୱଳ୍ପ ବେତନରେ କର୍ମ କରିଚାଲିଥିଲେ, ସେମାନେ ନିଜେ ଚାକିରି ହରାଇବାର ଭୟ ଓ ଅନିୟମିତ ଦରମାର ସମସ୍ୟା ସହ ଆଜି ରାଜରାସ୍ତାରେ। ଏହା ପ୍ରମାଣ କରେ ଯେ ଶ୍ରମିକ ଆନ୍ଦୋଳନର ଦୀର୍ଘ ୧୪୦ ବର୍ଷ ପରେବି ଶ୍ରମର ମର୍ଯ୍ୟାଦା ଦେବାକୁ ଆମ ସମାଜ ଆଜି ବି କୁଣ୍ଠିତ।ଏହି ଘଟଣା କେବଳ ଦରମା ବିଳମ୍ବର କଥା ନୁହେଁ; ଏହା ଗୋଟିଏ ବ୍ୟବସ୍ଥାଗତ ଶୋଷଣର



ଚିତ୍ର। ଯେଉଁ କର୍ମଚାରୀମାନେ ଓଡିଶାର ୪.୫ କୋଟି ଲୋକଙ୍କୁ ଆପାତକାଳୀନ ସେବା ଯୋଗାଉଥିଲେ, ସେମାନେ ନିଜେ ଜୀବନ ଜୀବିକାର ନିରାପତ୍ତାରୁ ଆଜି ବି ବଞ୍ଚିତ।ଏହା ପ୍ରମାଣ କରେଯେ, ଆମର ବ୍ୟବସ୍ଥାରେ 'ସେବା ପ୍ରଦାନକାରୀ'ମାନେ ସବୁଠୁ ଅଧିକ ଅସୁରକ୍ଷିତ ଓ ନିର୍ଯ୍ୟାତିତ। ଆଧୁନିକ ଭାରତରେ ଶ୍ରମିକଙ୍କ ଶୋଷଣ କେବଳ କାରଖାନା, ଚାଷଜମି ବା ରାସ୍ତା କାମରେ ସୀମିତ ନୁହେଁ; ଏହା ସେବାପ୍ରଦାନର ବିଭିନ୍ନ ସ୍ତରରେ ବିଭିନ୍ନ ରୂପରେ ବିକଶିତ ହୋଇଚାଲିଛି। ସାଧାରଣ ଓ ବୈଷୟିକ ଶିକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ସୂଚନା ପ୍ରସାରଣ ସେବା ଆଦି ସମସ୍ତ ସେବା କ୍ଷେତ୍ରରେ ଭିନ୍ନ ରୂପରେ ସେବା ପ୍ରଦାନକାରିଙ୍କ ଶୋଷଣ ବୃଦ୍ଧି ହୋଇଚାଲିଛି।ସାଧାରଣ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଘରୋଇକରଣର ପ୍ରାଦୁର୍ଭାବ ଅତ୍ୟନ୍ତ ଚିନ୍ତାଜନକ।ଯେଉଁ ଶିକ୍ଷକମାନେ ଦେଶ ଓ ରାଜ୍ୟର ଭବିଷ୍ୟତକୁ ସୁରକ୍ଷା ଦେବାକୁ ନିଜର ବ୍ରତ ଭାବରେ ଗ୍ରହଣ କରିଛନ୍ତି ସେମାନଙ୍କୁ ଅଧିକ ଅସୁରକ୍ଷିତ ରଖିବାପାଇଁ ଆମର ବ୍ୟବସ୍ଥା ଅତ୍ୟନ୍ତ ତତ୍ପର। ବୈଷୟିକ ଶିକ୍ଷା ଦେଶର ବିକାଶର ମେରୁଦଣ୍ଡ।ମାତ୍ର ରାଜ୍ୟରେ ଥିବା ଏକମାତ୍ର ବୈଷୟିକ ବିଶ୍ୱବିଦ୍ୟାଳୟ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଅଧିକାରୀଙ୍କ ବାହୁଛାୟାତଳେ ଘରୋଇ ଅନୁଷ୍ଠାନଗୁଡିକ ଜାଲଦସ୍ତାବିଜ ମାଧମରେ ଅତି ଅମାନୁଷିକ ଭାବରେ ଶିକ୍ଷକମାନଙ୍କୁ ଶୋଷଣ କରିଚାଲିଛନ୍ତି।ଚାକିରିରେ ସ୍ଥିରତାର ଅଭାବ, ସ୍ୱଳ୍ପ ବେତନ, ଭୟ ଓ ମିଥ୍ୟା ଦସ୍ତାବିଜ ପ୍ରସ୍ତୁତରେ ସେମାନଙ୍କ ଜୀବନ ବିତିଥାଏ।ତେଣୁ ଯେଉଁମାନେ ନିଜେ ସୁରକ୍ଷିତ ନଥାନ୍ତି ସେମାନେ କିପରି ଦେଶର ଭବିଷ୍ୟତଙ୍କୁ ସୁରକ୍ଷିତ ରଖିପାରିବେ ତାହା ଆଜି ବିରାଟ ପ୍ରଶ୍ନବାଚୀ ସୃଷ୍ଟିକରିଛି।ସେହିପରି କୃଷକ ନିଜ ଜୀବନକୁ ବିପନ୍ନକରି ସାରା ରାଷ୍ଟ୍ରକୁ ଖାଦ୍ୟ ଯୋଗାଏ ମାତ୍ର ତା ନିଜପାଇଁ ସୁଷମଖାଦ୍ୟ, ସ୍ୱଚ୍ଛପାନୀୟ, ସୁରକ୍ଷିତ ବାସସ୍ଥାନ, ସ୍ୱାସ୍ଥ୍ୟସୁରକ୍ଷା, ଶିକ୍ଷା ଅଧିକାର ଆଜି କୁହେଳିକାପୂର୍ଣ୍ଣ।ନିର୍ମାଣ ଶ୍ରମିକ, ସ୍ୱାସ୍ଥ୍ୟ କର୍ମୀ, ସିକ୍ୟୁରିଟି ଗାର୍ଡ, ସଫେଇ କର୍ମଚାରୀ, ଅଙ୍ଗନବାଡି କର୍ମୀ, ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ ଆଦି ବିଭିନ୍ନ ପ୍ରକାରର କୋଟି କୋଟି ସେବା ପ୍ରଦାନକାରୀ ଶ୍ରମିକ ଆଜି ନିଜର ସୁରକ୍ଷା ପାଇଁ ରାଜରାସ୍ତାରେ। ଦାଦନ, ଶିଶୁ ଶ୍ରମିକ, ମହିଳା ଓ ଶିଶୁ ଚାଲାଣ ଆଜି ଭାରତରେ ଗୋଟିଏ ଦାସ ବ୍ୟବସାୟକୁ ପୁନଃ ଜୀବିତ କରିବାଭଳି ମନେହୁଏ।ସେହିପରି ଆଉଟସୋର୍ସିଂ ମଡେଲ ମାଧମରେ ଶୋଷଣ ଆଉଗୋଟିଏ ମହତ ଉପାୟ ଭାବରେ ନିଆଯାଇପାରେ।ସରକାରୀ ସେବାକୁ ବେସରକାରୀ କମ୍ପାନୀଙ୍କୁ ପରିଚାଳନାର ଭାର ଦେବା ଫଳରେ ସେମାନଙ୍କର ଉତ୍ତରଦାୟିତା ହ୍ରାସ ପାଉଛି।ଅନିୟମିତ ଦରମା ଓ ଅସୁରକ୍ଷିତ ଚାକିରି, ଇପିଏଫ, ଇଏସଆଇ ଲାଗୁ ନହୋଇ ହଠାତ୍ ଚାକିରିରୁ ବିତାଡିତ କରିବା ଆଜି ଗୋଟିଏ ସାଧାରଣ ଘଟଣା ହୋଇଯାଇଛି।କର୍ମଚାରୀମାନେ କେବଳ ଶାରୀରିକ ନୁହେଁ, ମାନସିକ ଭାବେ ମଧ ଶୋଷିତ ହେଉଛନ୍ତି।ତେଣୁ ଯେଉଁ କାମ ଜନଜୀବନର ସୁରକ୍ଷା ସହ ଜଡିତ, ସେଥିରେ ମଧ ନ୍ୟାୟସଂଗତ ପାରିଶ୍ରମିକ ମିଳୁନାହିଁ।ଏହା ଆମ ସମାଜର ନୈତିକ ଅବକ୍ଷୟକୁ ପ୍ରକାଶ କରିଥାଏ।ଏହି ଘଟଣା ଆମକୁ ପ୍ରଶ୍ନ କରିବାକୁ ବାଧ କରେ ଯେ, 'ଶ୍ରମିକଙ୍କ ଶ୍ରମର ମୂଲ୍ୟ କେବଳ ଆବଶ୍ୟକତାବେଳେ ହିଁ କାହିଁକି ସ୍ମରଣ କରାଯାଏ?'ଯଦି ଆପାତକାଳୀନ ସେବାର କର୍ମଚାରୀମାନେ ଏପରି ଶୋଷଣର ଶିକାର ହୋଇପାରନ୍ତି, ତେବେ ଅନ୍ୟ ସେକ୍ଟରର ଅବସ୍ଥା କେତେ ଦୟନୀୟ ହୋଇପାରେ ତାହା ସହଜରେ ଅନୁମାନ କରାଯାଇପାରେ। ଏ ବ୍ୟବସ୍ଥାଗୁଡ଼ିକୁ ସଠିକ କରିବାପାଇଁ ସରକାରଙ୍କୁ ବିଭିନ୍ନ ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ ପଡ଼ିବ। ବୈଷୟିକ ଶିକ୍ଷା କ୍ଷେତ୍ରରେ କେରଳ, ତାମିଲନାଡୁ ଭଳି ରାଜ୍ୟର ବୈଷୟିକ ଶିକ୍ଷା ସଂସ୍କାର ପ୍ରଣାଳୀକୁ ଅନୁଶୀଳନ କରି ଓଡିଶାର ବୈଷୟିକ ଶିକ୍ଷାବ୍ୟବସ୍ଥାକୁ ଦୃଢ଼ କରିବା ସହିତ ଘରୋଇ ଅନୁଷ୍ଠାନ ଗୁଡିକରେ କାର୍ଯ୍ୟରତ ଶିକ୍ଷକମାନଙ୍କ ଚାକିରି ସ୍ଥିରତା, ସରକାରୀ ଅନୁଷ୍ଠାନ ସହିତ ସମାନ ଦରମା, ସେମାନଙ୍କ ଭବିଷ୍ୟତ ସୁରକ୍ଷିତ ରଖିବାକୁ ଇପିଏଫ ବ୍ୟବସ୍ଥାକୁ ନିଶ୍ଚିତ କରିବା ସହିତ ଜାଲ ଦସ୍ତାବିଜକୁ ସହାୟତା ଦେଉଥିବା ଅନୁଷ୍ଠାନଗୁଡିକରଉଚ୍ଚ ଅଧିକାରୀମାନଙ୍କୁ କଠୋରରୁ କଠୋରତମ ଶାସ୍ତି ଦେବା ଆବଶ୍ୟକ। ଆଉଟସୋର୍ସିଂ ବ୍ୟବସ୍ଥାରେ ଶ୍ରମ ଆଇନର କଡାକଡି ରୂପେ ପାଳନକରିବା, ସଠିକ ସମୟରେ ସଠିକ ଦରମା ଦେବା ଓ କର୍ମଚାରୀଙ୍କ ସୁରକ୍ଷା ନିଶ୍ଚିତ କରିବା ଆବଶ୍ୟକ। ସେହିପରି ସମାଜକୁ ମଧ ଶ୍ରମକୁ ସମ୍ମାନ ଦେବାର ମନୋଭାବ ଗଢ଼ି ତୋଳିବା ଦରକାର।ମଇ ଦିବସଟି ଆମକୁ କେବଳ ବିଗତ ଇତିହାସକୁ ସ୍ମରଣ କରାଏ ନାହିଁ ବରଂ ଏହା ଆମକୁ ବର୍ତ୍ତମାନକୁ ବିଶ୍ଳେଷଣ କରିବାସହିତ ଭବିଷ୍ୟତ କର୍ତ୍ତବ୍ୟ ପାଇଁ ପଥ ଦେଖାଇଥାଏ।ଯଦି ଆମେ ସଚେତନ ନହେଉ, ଶୋଷଣ ପୁଣି ସେହି ପୁରୁଣା ରୂପରେ ଫେରିଆସିପାରେ।ଆଜି ଯେତେବେଳେ ଆମେ 'ମଇ ଦିବସ'ପାଳନ କରୁଛୁ, ସେତେବେଳେ ଇତିହାସ ଆମକୁ ଶିଖାଏ, ଅଧିକାର କେବେ ଦିଆଯାଏ ନାହିଁ, ଏହାକୁ ହାସଲ କରିବାକୁ ପଡ଼େ। କିନ୍ତୁ ଆଜିର ଦୁଃଖଦ ସତ୍ୟ ହେଉଛି, ଶ୍ରମିକ ଶୋଷଣ ଶେଷ ହୋଇନି; ଏହା କେବଳ ନୂତନ ମୁଖା ପିନ୍ଧିଛି।ଯଦି ଆମେ ଏହାକୁ ଏବେ ମଧ ଗୁରୁତ୍ୱ ନଦେବା, ତେବେ 'ମଇ ଦିବସ'କେବଳ ଏକ ଆନୁଷ୍ଠାନିକତା ହୋଇ ରହିଯିବ।ଓ ଶ୍ରମିକଙ୍କ ସଂଘର୍ଷ ଗୋଟିଏ ଅଲୋଡା ଇତିହାସ ହିସାବରେ ରହିଯିବ।ଯଦି ଆଜି ମଧ ଶ୍ରମିକମାନେ ନ୍ୟାୟ ଓ ସମ୍ମାନରୁ ବଞ୍ଚିତ, ତେବେ ଆମର ପ୍ରଗତି କେବଳ ଆକଂକ୍ଷା ଓ ସଂଖ୍ୟାରେ ସୀମିତ ରହିଯିବ।ଶ୍ରମିକଙ୍କ ପାଇଁ କେବଳ ଆଇନ ପର୍ଯ୍ୟାପ୍ତ ନୁହେଁ; ତାହାର ସଠିକ ପ୍ରୟୋଗ ଓ ସମାଜର ସଚେତନତା ଆବଶ୍ୟକ। ସରକାର, ବିଭିନ୍ନ ସାମାଜିକ ସଂସ୍ଥା ଓ ଯୁବ ସମାଜସମସ୍ତଙ୍କ ମିଳିତ ପ୍ରୟାସରେ ଗୋଟିଏ ନ୍ୟାୟସଂଗତ ଶ୍ରମ ବ୍ୟବସ୍ଥା ସୃଷ୍ଟି ହୋଇପାରିବ। ମୋଟାମୋଟି କହିବାକୁଗଲେ ମଇ ଦିବସ କେବଳ ଗୋଟିଏ ସ୍ମୃତି ନୁହେଁ, ବରଂ ଗୋଟିଏ ଦାୟିତ୍ୱ। ଶ୍ରମିକଙ୍କ ଶ୍ରମର ସଠିକ ମୂଲ୍ୟରେ ସମାଜର ପ୍ରଗତି ସମ୍ଭବ।

ମୋ :୯୪୩୭୧୨୩୮୯୨

# ପ୍ରତିନିଧିତ୍ୱରୁ ସଶକ୍ତିକରଣ ପର୍ଯ୍ୟନ୍ତ



ଗୋପାଳ ମହାପାତ୍ର

ଭାରତ ଭଳି ବିଶାଳ ଗଣତନ୍ତ୍ରରେ ମହିଳାମାନଙ୍କ ସଂଖ୍ୟା ପାଖାପାଖି ଅଧା କିନ୍ତୁ ରାଜନୀତିରେ ସେମାନଙ୍କ ପ୍ରତିନିଧିତ୍ୱ ସୀମିତ ରହିଛି। ଏହି ଅସନ୍ତୁଳନକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ନାରୀ ଶକ୍ତି ବନ୍ଦନ ଅଧିନିୟମ ସଂସଦରେ ଆଗତ କରିଥିଲେ। ଏହି ଅଧିନିୟମ ବା ବିଧେୟକ ସଂସଦର ଉଭୟ ସଦନ (ରାଜ୍ୟସଭା ଓ ଲୋକସଭା)ରେ ଗୃହୀତ ହୋଇପାରିନାହିଁ ଏହା ଏକ ଐତିହାସିକ ପଦକ୍ଷେପ ହୋଇଥାନ୍ତା ନିଶ୍ଚୟ। ଏହି ଅଧିନିୟମରେ ଲୋକସଭା ଏବଂ ରାଜ୍ୟମାନଙ୍କର ବିଧାନସଭାରେ ମହିଳା ମାନଙ୍କ ପାଇଁ ୩୩ ପ୍ରତିଶତ ଆରକ୍ଷଣର ପ୍ରାବଧାନ ରହିଥିଲା। ଏହି ଅଧିନିୟମ ଗୃହୀତ ହୋଇନଥିଲା ମଧ ୨୦୨୩ରେ ସଂସଦରେ ଗୃହୀତ ବିଧେୟକକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା କେବଳ ଆସନ ସଂରକ୍ଷଣ ନୁହେଁ ବରଂ ଗଣତନ୍ତ୍ରକୁ ଅଧିକ ସମାବେଶୀ କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥାନ୍ତା। ଯଦି ମହିଳାମାନେ ନୀତି ନିର୍ମାଣରେ ଅଧିକ ସଂଖ୍ୟାରେ ସାମିଲ ହେବେ ତେବେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଏବଂ ସାମାଜିକ ସୁରକ୍ଷା ଭଳି ପ୍ରସଙ୍ଗରେ ଅଧିକ ସମ୍ବେଦନ ଶୀଳ ଏବଂ ପ୍ରଭାବୀ ନିର୍ଣ୍ଣୟ ନିଆଯାଇ ପାରିବ। ଯଦିଓ ଏହି ଅଧିନିୟମ ସଂସଦର ଉଭୟ ସଦନରେ ଗୃହୀତ ହୋଇନାହିଁ କିନ୍ତୁ ଏହାର କାର୍ଯ୍ୟକାରୀତା ଜନଗଣନା ଏବଂ ପରିସୀମନର ପ୍ରକ୍ରିୟା ସହ ଯୋଡି ହୋଇ ରହିଛି। ଅର୍ଥାତ୍ ଏହି ଅଧିନିୟମ କାର୍ଯ୍ୟକାରୀ ହେବା ପାଇଁ ସମୟ ଲାଗିପାରେ। ଏହି ବିଳମ୍ବ କେଉଁଠି ନା କେଉଁଠି ଏହାର ତତ୍କାଳ ପ୍ରଭାବଶୀଳତା ଉପରେ ପ୍ରଶ୍ନ ଚିହ୍ନ ଲଗାଇ ଦେଇଛି। କେବଳ ଆଇନ ପ୍ରଣୟନ ହୋଇଗଲେ ମହିଳା ମାନଙ୍କ ପ୍ରତିନିଧିତ୍ୱ ଯେ ବଢ଼ିଯିବ ତା ନୁହେଁ। ଆଇନର ପ୍ରଣୟନ ହେଲେ ମଧ ଏହାର କାର୍ଯ୍ୟକାରୀତାକୁ ନେଇ ଅନେକ ବାଧା ରହିଛି। ଏବେବି ସମାଜରେ ପିତୃସତ୍ତାତ୍ମକ ବିଚାର ଓ ମାନସିକତା ରହିଛି। ରାଜନୈତିକ ଦଳଙ୍କ ଟିକେଟ ବିତରଣରେ ଅସମାନତା, ନିର୍ବାଚନୀ ଖର୍ଚ୍ଚ ଭଳି ପ୍ରସଙ୍ଗ ମଧ ଏ ଦିଗରେ ବାଧକ ସାଜିପାରେ। ଏଣୁ ରାଜନୈତିକ ଦଳମାନେ ମହିଳା ମାନଙ୍କୁ ଆଗକୁ ବଢ଼ାଇବା ପାଇଁ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହି ନାରୀ ଶକ୍ତି ବନ୍ଦନ ଅଧିନିୟମ ରାଜନୈତିକ ଦଳମାନଙ୍କ ବାସ୍ତବିକ ପ୍ରତିବଦ୍ଧତା ପାଇଁ ଏକ ପରିକ୍ଷାର ନିଶ୍ଚୟ। ରାଜନୈତିକ ଦଳ ମାନେ କ'ଣ କେବଳ ମହିଳାଙ୍କ ପାଇଁ ଆରକ୍ଷିତ ଆସନରେ ସୀମିତ ରହିଯିବେ ନା ସାଧାରଣ ଆସନରେ ମଧ ମହିଳା ମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦେବେ? ଏହା ହିଁ ଆଇନ୍‌ର ସଫଳତାର ଅସଲ ପରୀକ୍ଷା ହେବ। ନାରୀ ଶକ୍ତି ବନ୍ଦନ ଅଧିନିୟମ ଭାରତୀୟ ଗଣତନ୍ତ୍ରକୁ ଅଧିକ ନ୍ୟାୟପୂର୍ଣ୍ଣ ଏବଂ ସନ୍ତୁଳିତ କରିବା ଦିଗରେ ଏକ ମାଇଲଖୁଣ୍ଟ ସଦୃଶ। କିନ୍ତୁ ଏହାର ସଫଳତା କେବଳ ଆଇନ୍ ପ୍ରଣୟନ ହେଲେ ସମ୍ଭବ ନୁହେଁ ଆଇନ୍‌ର ପ୍ରଭାବୀ କ୍ରିୟାନ୍ୱୟନ ଏବଂ ସାମାଜିକ ମାନସିକତାରେ ପରିବର୍ତ୍ତନ ଉପରେ ନିର୍ଭର କରେ। ଯଦି ଆଇନ୍ ଠିକ୍ ଭାବରେ କାର୍ଯ୍ୟକାରୀ ହୁଏ ତେବେ ଏହା ଭାରତୀୟ ରାଜନୀତିରେ ମହିଳା ମାନଙ୍କ ଭୂମିକାକୁ ଶୀର୍ଷରେ ପହଞ୍ଚାଇ ପାରିବ। ସଂସଦ ଏବଂ ରାଜ୍ୟ ମାନଙ୍କର ବିଧାନସଭା ମାନଙ୍କରେ ମହିଳାଙ୍କ ପ୍ରତିନିଧିତ୍ୱ ସିମୀତ ରହିବାକୁ କେବଳ ଅସମାନତା କୁହା ଯାଇ ପାରିବ ନାହିଁ ବରଂ ଏହା ଗଣତନ୍ତ୍ରର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯେତେବେଳେ ନିର୍ଣ୍ଣୟ ନେଉଥିବା ସଂସ୍ଥା ମାନଙ୍କରେ ମହିଳାଙ୍କ ଭାଗିଦାରୀ କମ୍ ହୋଇଥାଏ ସେତେବେଳେ ଆଇନ୍ ବା ନୀତିରେ ସେମାନଙ୍କ ଆବଶ୍ୟକତା ଏବଂ ଦୃଷ୍ଟିକୋଣର ସମୁଚିତ ପ୍ରତିବିମ୍ବ ଦେଖାଯିବ କିପରି? ଭାରତରେ ମହିଳାମାନଙ୍କର ରାଜନୀତିରେ ଭାଗିଦାରୀର ଇତିହାସ ରହିଛି। ଅନେକ ସଂଘର୍ଷ ପରେ ଧିରେ ଧିରେ ମହିଳାଙ୍କ ଭାଗିଦାରୀ ବଢ଼ିବାରେ ଲାଗିଛି। ପଞ୍ଚାୟତ ଠାରୁ ନଗରନିଗମ ପର୍ଯ୍ୟନ୍ତ ୩୩ ପ୍ରତିଶତ ଆରକ୍ଷଣ ନିଶ୍ଚିତ ଭାବରେ ମହିଳାଙ୍କ ଭାଗିଦାରୀ ବଢ଼ାଇଛି। ଗ୍ରାମାଞ୍ଚଳରେ ମଧ ମହିଳାଙ୍କ ନେତୃତ୍ୱ ବଢ଼ିଛି ହେଲେ ରାଷ୍ଟ୍ରୀୟ ଏବଂ ରାଜ୍ୟସ୍ତରରେ ଏ ପର୍ଯ୍ୟନ୍ତ ସ୍ଥିତି ବା ମହିଳାଙ୍କ ଭାଗିଦାରୀ ବଢ଼ିପାରିନାହିଁ। ସଂସଦରେ ମଧ ମହିଳାଙ୍କ ସଂଖ୍ୟା କମ। ଏଥିରୁ ସ୍ପଷ୍ଟ ଯେ ରାଜନୈତିକ ଦଳମାନେ ମହିଳାମାନଙ୍କୁ ଅଧିକ ଗୁରୁତ୍ୱ ଦେଉନାହାଁନ୍ତି। ଏହି ଅସନ୍ତୁଳନ ପଛରେ ଅନେକ କାରଣ ରହିଛି ଯଥା – ସାମାଜିକ ରୁଢ଼ିବାଦୀତା, ଆର୍ଥୀକ ନିର୍ଭରତା, ଶିକ୍ଷା ଏବଂ ସୁବିଧା ସୁଯୋଗର ଅଭାବ ଓ ରାଜନୀତିରେ ଅପରାଧିକରଣ ବୃଦ୍ଧି ସାଙ୍ଗକୁ ଧନବଳ। ଅନେକ କ୍ଷେତ୍ରରେ ନିର୍ବାଚନ ଲଢ଼ିବା ପାଇଁ ମହିଳା ମାନଙ୍କୁ ଆବଶ୍ୟକ ସଂସାଧନ ଏବଂ ସମର୍ଥନ ମିଳି ନଥାଏ। ରାଜନୈତିକ ଦଳମାନେ ମଧ ମହିଳା ମାନଙ୍କୁ ୱିନିଙ୍ଗ କ୍ୟାଣ୍ଡିଡ଼େଟ ବା ନିଶ୍ଚିତ ଭାବେ ଜିତିବା ପ୍ରାର୍ଥୀ ବୋଲି ଭାବୁନାହାଁନ୍ତି। ଟିକେଟ ବଣ୍ଟନ କ୍ଷେତ୍ରରେ ମଧ ରାଜନୈତିକ ଦଳମାନେ ମହିଳାଙ୍କ ସହ ଭେଦଭାବ କରୁଛନ୍ତି। ଯାହାବି ହେଉ ଏବେ ୨୦୨୩ର ମହିଳା ଆରକ୍ଷଣ ଆଇନ୍ ସରକାର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ତାହା ମହିଳା ମାନଙ୍କ ମନରେ ଆଶାର ସଞ୍ଚାର କରିଛି। ସଂସଦ ଓ ବିଧାନ ସଭାରେ ମହିଳାଙ୍କ ନେତୃତ୍ୱ ବଢ଼ିଲେ ନୀତି ନିର୍ମାଣରେ ସନ୍ତୁଳନ ଆସିବ। କେବଳ ଆରକ୍ଷଣ ସମାଧାନ ନୁହେଁ। ମହିଳା ମାନଙ୍କୁ ସଶକ୍ତ କରିବା ପାଇଁ ଶିକ୍ଷା, ଆର୍ଥୀକ ସ୍ୱାଧିନତା ଏବଂ ସାମାଜିକ ବିଚାରଧାରାର ପରିବର୍ତ୍ତନ ଆବଶ୍ୟକ। ସମାଜକୁ ମଧ ମହିଳାଙ୍କ ନେତୃତ୍ୱକୁ ସ୍ୱୀକାର କରିବାର ମାନସିକତା ଆପଣେଇବାକୁ ପଡ଼ିବ। ଏକ ସଶକ୍ତ ଗଣତନ୍ତ୍ର ତାକୁ କୁହାଯାଏ ଯେଉଁଠାରେ ସବୁବର୍ଗର ସ୍ୱରକୁ ସମାନ ଭାବରେ ଶୁଣାଯାଏ। ମହିଳାମାନଙ୍କ ଭାଗିଦାରୀ ବଢ଼ିବା କେବଳ ସେମାନଙ୍କ ଅଧିକାର ନୁହେଁ, ଏହା ସମଗ୍ର ବିକାଶ ଏବଂ ଉତ୍ତମ ଶାସନ ବ୍ୟବସ୍ଥା ପାଇଁ ଅନିବାର୍ଯ୍ୟତା।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

## ପଶ୍ଚିମବଙ୍ଗରେ ସାନି ନିର୍ବାଚନ

# ୯୦% ମତଦାନ ରେକର୍ଡ



**କୋଲକାତା,୨।୫ଃ** ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶନିବାର ସାନି ମତଦାନ ହୋଇଛି। ଏପ୍ରିଲ ୨୯ ତାରିଖରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ଅନିୟମିତତା ହୋଇଥିବା ସମ୍ପର୍କରେ ଏକାଧିକ ରିପୋର୍ଟ ପ୍ରକାଶ ପାଇବା ପରେ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ମଗରାହାଟ ପଶ୍ଚିମ ବିଧାନସଭା ନିର୍ବାଚନମଣ୍ଡଳୀର ୧୧ଟି ଏବଂ ଡାଇମଣ୍ଡ ହାର୍ବରର ୪ଟି ମତଦାନ କେନ୍ଦ୍ରରେ ପୁନଃ ମତଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କଡ଼ା ସୁରକ୍ଷା ଭିତରେ ସକାଳ ୭ଟାରେ ଆରମ୍ଭ ହୋଇଥିବା ଏହି ସାନି ଭୋଟିଂ ପର୍ଯ୍ୟାୟରେ ୯୦ ପ୍ରତିଶତ ମତଦାନ ରେକର୍ଡ଼ ହୋଇଥିବା ରାଜ୍ୟ ନିର୍ବାଚନ କମିଶନ୍ ଜଣାଇଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଶାନ୍ତିପୂର୍ଣ୍ଣ ଭାବେ ଆରମ୍ଭ ହୋଇଥିବା ପୁନଃ ମତଦାନ ପ୍ରକ୍ରିୟାରେ ମଧ୍ୟାହ୍ନ ସୁଦ୍ଧା ପ୍ରାୟ ୫୫.୫୭% ପ୍ରତିଶତ ମତଦାନ ହୋଇଥିବା ରେକର୍ଡ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଏହି ସବୁ ମତଦାନ କେନ୍ଦ୍ରରେ ସିସି ଟିଭି କ୍ୟାମେରା ଖରାପ ହେବା, ଜାଣିଶୁଣି କ୍ୟାମେରା ଖରାପ କରିବା, ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନର ସନ୍ଦେହଜନକ ହେରଫେର ଭଳି ସଂଗୀନ ଅଭିଯୋଗ ଆସିଥିଲା। କିଛି ଇଭିଏମରେ ଦଳୀୟ ଚିହ୍ନକୁ ଟେପ୍ ଦ୍ୱାରା ଅସ୍ପଷ୍ଟ କରାଯାଇଥିଲା, ଯାହା ଭୋଟରଙ୍କ ପସନ୍ଦକୁ ପ୍ରଭାବିତ କରିଛି ବୋଲି ଅଭିଯୋଗ ହୋଇଥିଲା। ଅଭିଯୋଗର ସତ୍ୟତା ପରୀକ୍ଷା କରିବାକୁ ନିର୍ବାଚନ କମିଶନ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ କରିଥିଲେ। ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ବିସ୍ତୃତ ଯାଞ୍ଚ କରି ଅଭିଯୋଗର ସତ୍ୟତା ଥିବା ଦର୍ଶାଇବା ସହିତ ଏହି ବୁଥଗୁଡ଼ିକରେ ପୁନଃ ଭୋଟ୍ ଗ୍ରହଣ କରିବାକୁ ସୁପାରିଶ କରିଥିଲେ। ଫାଲ୍ଟା ଭଳି କିଛି ଅଞ୍ଚଳରେ ୧୦୦ ପ୍ରତିଶତ ମତଦାନ ହୋଇଥିବା ରିପୋର୍ଟ ମଧ୍ୟ ସନ୍ଦେହକୁ ଆହୁରି ଘନୀଭୂତ କରିଥିଲା ଓ ଯାଞ୍ଚ ପାଇଁ ଆହ୍ୱାନ କରିଥିଲା। ତେଣେ ଅଧିକ ସଂଖ୍ୟକ ବୁଥରେ ପୁନଃ ଭୋଟ୍ ଗ୍ରହଣ ପାଇଁ ଦାବି ସତ୍ତ୍ୱେ ନିର୍ବାଚନ କମିଶନ୍ ଯାଞ୍ଚ କରାଯାଇଥିବା ତଥ୍ୟ ଆଧାରରେ ୧୫ଟି ବୁଥରେ ମତଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ମଗରାହାଟ ପଶ୍ଚିମ ଆସନରେ ତୃଣମୂଳ କଂଗ୍ରେସର ମହମ୍ମଦ ସମିମ ଅହମ୍ମଦ ମୋଲ୍ଲା ଭାରତୀୟ ଜନତା ପାର୍ଟି (ବିଜେପି) ପ୍ରାର୍ଥୀ ଗୌର ସୁନ୍ଦର ଘୋଷଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ କଂଗ୍ରେସ ଅବଦୁଲ ମାଜିଦ ହାଲଦର ଏବଂ ଇଣ୍ଡିଆନ ସେକୁଲାର ଫ୍ରଣ୍ଟ ଅବଦୁଲ ଅଜିଜ ଅଲ ହାସନଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ସେହିପରି ଡାଇମଣ୍ଡ ହାର୍ବର ଆସନରେ ତୃଣମୂଳର ପାନ୍ନା ଲାଲ ହାଲଦର ବିଜେପିର ଦୀପକ କୁମାର ହାଲଦରଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କଂଗ୍ରେସର ଗୌତମ ଭଟ୍ଟାଚାର୍ଯ୍ୟ ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ସମର ନୈୟାଙ୍କ ସମେତ ବହୁ ପ୍ରାର୍ଥୀ ଏହି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାଯାଇଛି। ଶନିବାର ଅନୁଷ୍ଠିତ ପୁନଃ ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ହୋଇଛି ବୋଲି ପୋଲିସ କହୁଥିବା ବେଳେ ଦକ୍ଷିଣ ୨୪ ପ୍ରଗଣାର ଫାଲଟା ଅଞ୍ଚଳରୁ ସଂଘର୍ଷର ରିପୋର୍ଟ ଆସିଛି। ସ୍ଥାନୀୟ ଲୋକ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ବିବାଦ ହୋଇଥିବା ବେଳେ ଟିଏମସି ନେତାମାନେ ଭୋଟରମାନଙ୍କୁ ପ୍ରଭାବିତ କରୁଛନ୍ତି ବୋଲି ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ସୁରକ୍ଷାକର୍ମୀ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ପ୍ରୟାସ କରିଥିଲେ ମଧ୍ୟ ଅଞ୍ଚଳରେ ଉତ୍ତେଜନା ଜାରି ରହିଥିବା ପିଟିଆଇ ତା'ର ରିପୋର୍ଟରେ ଜଣାଇଛି। ସୂଚନାଯୋଗ୍ୟ ଯେ, ପଶ୍ଚିମବଙ୍ଗରେ ଏପ୍ରିଲ ୨୩ ଓ ୨୯ ତାରିଖ ଦୁଇ ପର୍ଯ୍ୟାୟରେ ମତଦାନ ହୋଇଥିବା ବେଳେ ଦୁଇପର୍ଯ୍ୟାୟରେ ହାରାହାରି ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାନ ରେକର୍ଡ଼ ହୋଇଛି। ବଙ୍ଗ ଦଖଲ ଲାଗି ବିଜେପି ଓ ତୃଣମୂଳ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ ଏକଜିଟ୍ ପୋଲଗୁଡ଼ିକ ଏଥର ବଙ୍ଗରେ ସରକାର ପରିବର୍ତ୍ତନ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଏକଜିଟ୍ ପୋଲର ଅନୁମାନକୁ ତୃଣମୂଳ ନେତ୍ରୀ ମମତା ବାନାର୍ଜୀ ଖୋଲାଖୋଲି ପ୍ରତ୍ୟାଖ୍ୟାନ୍ କରିଛନ୍ତି। ଆଉ ଦୁଇଦିନ ପରେ ଏପ୍ରିଲ ୪ ତାରିଖରେ ଭୋଟ ଗଣନା ହେବାକୁ ଥିବା ବେଳେ ବଙ୍ଗ କାହା ହାତକୁ ଯିବ ତାହାକୁ ନେଇ ସମଗ୍ର ଦେଶରେ ଉତ୍କଣ୍ଠା ସୃଷ୍ଟି ହୋଇଛି।

## ଏଆଇଡିଏମକେ ସହ ମେଣ୍ଟ କରିବନି ଟିଭିକେ



**ଚେନ୍ନାଇ,୨।୫ଃ** ତାମିଲନାଡ଼ୁ, କେରଳ, ପୁଡୁଚେରୀ, ଆସାମ ଏବଂ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଭୋଟ୍ ଗଣତି ମେ' ୪ ତାରିଖ ହେବାକୁ ଥିବା ବେଳେ ଏବେଠାରୁ ଫଳାଫଳ ତଥା ମେଣ୍ଟ କରିବାକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ନୂଆକରି ରାଜନୈତିକ ରଙ୍ଗମଞ୍ଚରେ ପାଦ ଥାପିଥିବା ଅଭିନେତା ଥାଲାପତି ବିଜୟଙ୍କ ଦଳ ତାମିଲଗା ଭେଟ୍ରି କାଝାଗମ (ଟିଭିକେ) ମଧ୍ୟ ଦଳର ବିଜୟକୁ ନେଇ ଆତ୍ମବିଶ୍ୱାସୀ ଅଛନ୍ତି। ଏଥିସହିତ ଟିଭିକେକୁ ସାଥିରେ ନେଇ ଏଆଇଏଡିଏମକେ ନିର୍ବାଚନ ବୈତରଣୀ ପାର ହେବାକୁ ବସିଛି ମାତ୍ର ଅଲ ଇଣ୍ଡିଆ ଆନ୍ନା ଦ୍ରାବିଡ଼ ମୁନେତ୍ର କାଝଗମ କିମ୍ବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସହିତ କୌଣସି ନିର୍ବାଚନ ପରବର୍ତ୍ତୀ ମେଣ୍ଟ କରିବ ନାହିଁବୋଲି ଟିଭିକେ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ବିଜୟ ତାମିଲନାଡ଼ୁର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ଏବଂ ଏକ ଦୂରଦୃଷ୍ଟିପୂର୍ଣ୍ଣ ଦୃଷ୍ଟିକୋଣ ସହିତ ରାଜ୍ୟକୁ ଶାସନ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଟିଭିକେର କାର୍ଯ୍ୟନିର୍ବାହୀ କମିଟିର ମୁଖ୍ୟ ସଂଯୋଜକ କେ.ଏ. ସେଙ୍ଗୋଟାଇୟାନ କହିଛନ୍ତି ଯେ, ଏପରି କୌଣସି ପରିସ୍ଥିତି ନାହିଁ ଯେଉଁଥିରେ ଆମର ବହୁମତ ଅଭାବ ରହିବ। ଆମେ ୧୮୦ ରୁ ୨୦୦ ଆସନ ମଧ୍ୟରେ ବିଜୟୀ ହେବୁ। ଏହା ଆମର ଲକ୍ଷ୍ୟ। ଟିଭିକେ ନେତା ଆହୁରି କହିଛନ୍ତି, ଏକ ଦୂରଦୃଷ୍ଟିପୂର୍ଣ୍ଣ ଆଭିମୁଖ୍ୟ ସହିତ, ଆମର ନେତା ବିଜୟ ଆଗାମୀ ଦିନରେ ତାମିଲନାଡୁକୁ ଶାସନ କରିବେ। ୨୦୨୬ ନିର୍ବାଚନରେ ତାଙ୍କର ବିଜୟ ଐତିହାସିକ ହେବ। ଟିଭିକେ ନେତା ଅଜେୟ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି ଏବଂ ବିଭିନ୍ନ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଶୋଚନୀୟ ଭାବେ ପରାସ୍ତ କରିଛନ୍ତି। ମେ ୪ ତାରିଖରେ ସବୁ ସାମ୍ନାକୁ ଆସିବ। ଏହା ଉଲ୍ଲେଖ କରିବା ପ୍ରାସଙ୍ଗିକ ଯେ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଅଧିକାଂଶ ଏକଜିଟ ପୋଲ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନଙ୍କ କ୍ଷମତାକୁ ଫେରିବା ପାଇଁ ପୂର୍ବାନୁମାନ କରିଛନ୍ତି। ଅନେକ ଏକଜିଟ୍ ପୋଲ୍ ଏକଥା କହିଛନ୍ତି ଯେ, ବିଜୟଙ୍କ ଦଳ ଟିଭିକେ ଏଆଇଏଡିଏମକେର ଭୋଟ୍ ହ୍ରାସ କରି ଷ୍ଟାଲିନଙ୍କ ଡିଏମକେ ଲାଗି ଶୁଭଙ୍କର ସାବ୍ୟସ୍ତ ହେବ ଓ ତାଙ୍କ ଲାଗି ଶାସନର ରାସ୍ତାକୁ ସୁଗମ କରିବ। ଏଭଳି ସ୍ଥିତିରେ, ଏନଡିଏ ସମର୍ଥିତ ଏଆଇଏଡିଏମକେ ଟିଭିକେକୁ ନେଇ ମେଣ୍ଟ ଶାସନ କରିବ ବୋଲି ମତ ପ୍ରକାଶ ପାଇଥିଲା। ମାତ୍ର ତାହାକୁ ଟିଭିକେ ପକ୍ଷରୁ ସ୍ପଷ୍ଟ ଭାବେ ଖାରଜ କରିଦିଆଯାଇଛି।

## ଭୋଟ ଗଣତି ଅଧିକାରୀ ଚୟନ କରିବେ ନିର୍ବାଚନ ଆୟୋଗଃ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ,୨।୫ଃ** ଜନଗଣନା ପାଇଁ କେଉଁ ଅଧିକାରୀଙ୍କୁ ଚୟନ କରିବ ନିର୍ବାଚନ କମିଶନଙ୍କ ପାଖରେ ଏହି କଥାର ସ୍ୱତନ୍ତ୍ର ଅଧିକାର ରହିଛି ବୋଲି ସୁପ୍ରିମକୋର୍ଟ ଶନିବାର ଶୁଣାଣି ବେଳେ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ବାଗଚୀ କହିଛନ୍ତି ଯେ, ଏହି ବିକଳ୍ପ ଖୋଲା ରହିଛି ଯେ, ଭୋଟ୍ ଗଣତି ସୁପରଭାଇଜର ଓ ଗଣନା ସହାୟକ କେନ୍ଦ୍ର ସରକାରଙ୍କ ହୋଇପାରେ କିମ୍ବା ରାଜ୍ୟ ସରକାରଙ୍କ। ଏଥିପାଇଁ ଯେତେବେଳେ ବିକଳ୍ପ ଖୋଲା ରହିଛି ତେବେ ଏହା ମାନି ହେବନି ଯେ, ନୋଟିଫିକେସନ୍ ନିୟମର ବିପରୀତ ରହିଛି। ସୁପ୍ରିମକୋର୍ଟଙ୍କ ଏହି ଟିପ୍ପଣୀ ପରେ ଟିଏମସି ନିଜର ଆଭିମୁଖ୍ୟରେ ୟୁ-ଟର୍ନ ନେଇ ନିର୍ବାଚନ କମିଶନଙ୍କ ସର୍କୁଲାରକୁ କଡାକଡି ଭାବରେ ଲାଗୁ କରିବାର ଦାବି କରିଛି। ଏହାର ଜବାବରେ କମିଶନ୍ କୋର୍ଟଙ୍କୁ ଆଶ୍ୱାସନା ଦେଇଛି ଯେ, ଗାଇଡଲାଇନକୁ ଠିକ୍ ଭାବରେ ପାଳନ କରାଯାଉଛି। ଉଲ୍ଲେଖନୀୟ ଯେ, ଏହି ଆବେଦନ ଉପରେ ଶୁଣାଣି ପାଇଁ ଜଷ୍ଟିସ୍ ପମିଦିଘତମ୍ ନରସିହ୍ମା ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରାଯାଇଛି। ସୁପ୍ରିମକୋର୍ଟରେ ଟିଏମସି ପକ୍ଷରୁ କେସ୍ ଲଢୁଛନ୍ତି ବରିଷ୍ଠ ଆଇନଜୀବି କପିଲ୍ ସିବଲ୍। ସେ ସୁପ୍ରିମକୋର୍ଟଙ୍କ ଆଗରେ ୪ଟି ମୁଖ୍ୟ ଅଭିଯୋଗ ରଖିଛନ୍ତି। ସେ ଦଲିଲ ଦେଖିଛନ୍ତି, ମୁତୟନ ସମ୍ପର୍କରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ୧୩ ଅପ୍ରେଲରେ ନୋଟିସ୍ ଜାରି କରାଯାଇଥିଲା, କିନ୍ତୁ ପାର୍ଟିକୁ ଏହାର ସୂଚନା ୨୯ ଅପ୍ରେଲରେ ମିଳିଥିଲା। ଏହାଦ୍ୱାରା ଦଳକୁ ଠିକ୍ ସମୟରେ ଜବାବ୍ ଦେବାର ସୁଯୋଗ ମିଳିପାରିନଥିଲା। ମତଦାନ କେନ୍ଦ୍ରରେ ସମସ୍ୟା ସୃଷ୍ଟି ହୋଇପାରେ ବୋଲି କପିଲ ସିବଲ୍ କହିଛନ୍ତି। ସେ କୋର୍ଟଙ୍କୁ କହିଛନ୍ତି, ଦ୍ୱିତୀୟ ପ୍ରସଙ୍ଗ ଏହା ଯେ, ତାଙ୍କୁ ଲାଗୁଛି ପ୍ରତି ବୁଥରେ କିଛି କିଛି ସମସ୍ୟା ହୋଇପାରେ। ଶୁଣାଣି ବେଳେ ନିର୍ବାଚନ କମିଶନ୍ ସୁପ୍ରିମକୋର୍ଟଙ୍କୁ ଭରସା ଦେଇଛନ୍ତି ଯେ, ପଶ୍ଚିମବଙ୍ଗରେ ବିଧାନଭା ନିର୍ବାଚନ ପାଇଁ ଭୋଟ ଗଣତିର ସୁପର ଭାଇଜରଙ୍କ ନିଯୁକ୍ତି ସମ୍ପର୍କିତ ସର୍କୁଲାର ପାଳନ କରିବ।

## ପ୍ରତିବର୍ଷ ୪୦ ଦିନ ଅଧିକ ହିଟ୍ ଡେ

**ନୂଆଦିଲ୍ଲୀ,୨।୫ଃ** ଜଳବାୟୁ ପରିବର୍ତ୍ତନ କାରଣରୁ ଆଗାମୀ ଦିନରେ ଭାରତର ପାଣିପାଗରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିବ ବୋଲି ଜଳବାୟୁ ପରିବର୍ତ୍ତନ ଉପରେ ନଜର ରଖି ଆସିଥିବା ସଂସ୍ଥା ସିଇଇଡବ୍ଲ୍ୟୁ (କାଉନସିଲ୍ ଫର୍ ଏନର୍ଜି, ଏନଭାର୍ଣ୍ଣମେଣ୍ଟ ଆଣ୍ଡ ୱାଟର ) ଏକ ରିପୋର୍ଟ ଜାରି କରିଛି । ଆଗାମୀ ଦିନରେ ଗରମ ଦିନସଂଖ୍ୟା ହିଟ୍ ଡେ' ବୃଦ୍ଧି ପାଇବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ସିଇଇଡବ୍ଲ୍ୟୁର ରିପୋର୍ଟ ଅନୁସାରେ, ଆସନ୍ତା ୨୦ ବର୍ଷରେ ପ୍ରତିବର୍ଷ ୧୫ ରୁ ୨୦ ଦିନ ଅତିରିକ୍ତ ଏଭଳି ଦିନ ରହିବ ଯାହାର ତାପମାତ୍ରା ସ୍ୱାଭାବିକତାଠାରୁ ଅଧିକ ରହିବ। ଗରମ ଦିନ ସଂଖ୍ୟା ବୃଦ୍ଧି ପାଇବା ଯୋଗୁ ତାର ପ୍ରଭାବ ମଣିଷର ଶରୀର ଉପରେ ପଡ଼ିବ। ଏଥି ସହ ଦେଶ ୨୮୨ ଡାଟା ସେଣ୍ଟରର ଖର୍ଚ୍ଚ ବି ବଢ଼ିବ। ତା'ର କାରଣ ହେଉଛି ଏହି ସେଣ୍ଟରକୁ ଥଣ୍ଡା ରଖିବା ପାଇଁ ପାଣିର ଆବଶ୍ୟକତା ପଡିବ। ଏହି ରିପୋର୍ଟ କ୍ରାଭିସ୍ (କ୍ଲାଇମେଣ୍ଟ ଆନାଲିଟିକ୍ସ ଆଣ୍ଡ ଭିଜୁଆଲାଇଜେସନ ଇଣ୍ଟେଲିଜେନ୍ସ ସିଷ୍ଟମ)ର ତଥ୍ୟ ଉପରେ ଆଧାରିତ। ଏହି ସଂସ୍ଥା ହେଉଛି ଏଆଇ ପରିଚାଳିତ ଏକ ପ୍ଲାଟଫର୍ମ। ଭାରତୀୟ ପାଣିପାଗ ବିଭାଗ ସମେତ ୪୦ଟି ସଂସ୍ଥାର ଡାଟା ସମୀକ୍ଷା କରିବା ପରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସିଇଇଡବ୍ଲ୍ୟୁ ତା'ର ରିପୋର୍ଟରେ କହିଛି ଯେ, କେବଳ ଗରମ ଦିନ ନୁହେଁ, ଗରମ ରାତି ସଂଖ୍ୟା ବି ବଢ଼ିବ। ଦେଶର ଅନେକ ଅଞ୍ଚଳରେ ଗରମ ରାତିର ସଂଖ୍ୟା ୨୦ରୁ ୪୦ ଦିନ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି। ଏହାର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିବ। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ଲଗାତାର ଗରମ ପଡିବା ଯୋଗୁଁ ଶରୀର ଥଣ୍ଡା ହେବାର ସୁଯୋଗ ପାଇବ ନାହିଁ। ଏହାଫଳରେ ଅଂଶୁଘାତ ଭଳି ସମସ୍ୟା ଅଧିକ ଦେଖାଦେବ।

### ତରଭୁଜ ଖାଇ ମୃତ୍ୟୁ ମାମଲା

## ୪ ମୃତକଙ୍କ ଶରୀରରୁ ମିଳିଲା ବିଷ ସାମ୍ପୁଲ

**ମୁମ୍ବାଇ,୨।୫ଃ** ତରଭୁଜ ଓ ବିରିୟାନୀ ଖାଇ ମୁମ୍ବାଇର ପାଇଧୋନି ଅଞ୍ଚଳରେ ଏକାସାଙ୍ଗରେ ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ ହେବା ଘଟଣା ଏବେ ଏକ ଚାଞ୍ଚଲ୍ୟକର ମୋଡ଼ ନେଇଛି। ପ୍ରାରମ୍ଭିକ ଫରେନସିକ୍ ରିପୋର୍ଟ ଅନୁଯାୟୀ, ମୃତକଙ୍କ ଶରୀରରେ ବିଷ ଥିବା ନିଶ୍ଚିତ ହୋଇଛି। ଏହି ରିପୋର୍ଟ ଆସିବା ପରେ ଏହା କେବଳ ସାଧାରଣ 'ଫୁଡ୍ ପଏଜନିଂ' ନା ଏହା ପଛରେ କୌଣସି ବଡ଼ ଷଡ଼ଯନ୍ତ୍ର ରହିଛି, ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଫରେନସିକ୍ ରିପୋର୍ଟରୁ ଜଣାପଡ଼ିଛି ଯେ, ବିଷର ପ୍ରଭାବ ଏତେ ଭୟଙ୍କର ଥିଲା ଯେ ମୃତକଙ୍କ ଶରୀରର ଭିତର ଅଂଶଗୁଡ଼ିକ ସବୁଜ ପଡ଼ିଯାଇଛି। ସୂତ୍ର ଅନୁଯାୟୀ, ମୃତ ବ୍ୟକ୍ତିଙ୍କ ମସ୍ତିଷ୍କ, ହୃଦୟ ଏବଂ ଅନ୍ତନଳୀରେ ସବୁଜ ରଙ୍ଗ ଦେଖିବାକୁ ମିଳିଛି। ଏଥିସହିତ ମୃତ ଅବଦୁଲ୍ଲାଙ୍କ ଶରୀରରେ 'ମର୍ଫିନ୍' ନାମକ ଏକ ଶକ୍ତିଶାଳୀ ଯନ୍ତ୍ରଣାନାଶକ (ପେନ କିଲର) ଔଷଧର ଅଂଶ ମଧ୍ୟ ମିଳିଛି। ଏହା ଶରୀରରେ କିପରି ପହଞ୍ଚିଲା ସେ ନେଇ ଡାକ୍ତରୀ ଦଳ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୨୬ ତାରିଖରେ ମୁମ୍ବାଇର ପାଇଧୋନି ଅଞ୍ଚଳରେ ରହୁଥିବା ଏହି ପରିବାରର ମୋଟ ୭ ଜଣ ସଦସ୍ୟ ରାତିରେ ଏକାଠି ବିରିୟାନୀ ଖାଇଥିଲେ। ରାତି ପ୍ରାୟ ୧ଟାରୁ ୧ଟା ୩୦ ମିନିଟ୍ ମଧ୍ୟରେ ପରିବାରର ୪ ଜଣ ସଦସ୍ୟ ତରଭୁଜ ଖାଇଥିଲେ। ଭୋର ୫ଟା ୩୦ ମିନିଟ୍‌ରେ ତରଭୁଜ ଖାଇବାର କିଛି ଘଣ୍ଟା ପରେ ହଠାତ୍ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ତରଭୁଜକୁ ଶୀଘ୍ର ପଚାଇବା ପାଇଁ ତଥା ଲାଲ୍ ଦେଖାଯିବା ପାଇଁ କୌଣସି ମାରାତ୍ମକ ରାସାୟନିକ ପଦାର୍ଥର ଇଞ୍ଜେକ୍ସନ ଦିଆଯାଇଥିଲା କିମ୍ବା କେହି ଜାଣିଶୁଣି ତରଭୁଜ କିମ୍ବା ଖାଦ୍ୟରେ ବିଷ ମିଶାଇଛି ପୁଲିସ ଏହି ଦୁଇଟି ଦିଗ ଉପରେ ଗୁରୁତ୍ୱ ଦେଇ ତଦନ୍ତ ଚଳାଇଛି। ଏହି ଘଟଣା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ବାହାରୁ କଟାଫଳ କିମ୍ବା ଅସ୍ୱାଭାବିକ ରଙ୍ଗ ଦେଖାଯାଉଥିବା ଫଳ ନଖାଇବାକୁ ପରାମର୍ଶ ଦିଆଯାଇଛି।

## ପୁତ୍ର ସନ୍ତାନ ଜନ୍ମଦେଲେ ଦୁଷ୍କର୍ମ ପୀଡ଼ିତା

**ନୂଆଦିଲ୍ଲୀ,୨।୫ଃ** ମୀରଟ ଜିଲ୍ଲାର କଙ୍କାରଖେଡାର ଜଣେ ଦୁଷ୍କର୍ମ ପୀଡିତା ମାଆ ହୋଇଛନ୍ତି। ଶୁକ୍ରବାର ସକାଳେ ଜିଲ୍ଲା ହସ୍ପିଟାଲରେ ୧୫ ବର୍ଷୀୟା ନାବାଳିକା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ଅଭିଯୁକ୍ତ ଜଣକ ପ୍ରେମ ଜାଲରେ ଫସାଇ ନାବାଳିକାଙ୍କୁ ବର୍ଷେ ଧରି ଦୁଷ୍କର୍ମ କରିଥିଲା। ପୀଡିତାଙ୍କ ପେଟରେ ଯନ୍ତ୍ରଣା ହେବା ପରେ ପରିବାର ଲୋକ ସେ ଗର୍ଭବତୀ ବୋଲି ଜାଣିବାକୁ ପାଇଥିଲେ। ଏହା ପରେ ତାଙ୍କର ଗର୍ଭପାତ କରିବାକୁ ଚେଷ୍ଟା କରାଯାଇ ଥିଲା, ମାତ୍ର ଗର୍ଭପାତ ସଫଳ ହୋଇ ନଥିଲା। ଏହା ପରେ ଏକ ମାମଲା ରୁଜୁ କରାଯାଇ ଥିଲା। ପୁଲିସ ଅଭିଯୁକ୍ତ ସମେତ ଦୁଇ ଜଣଙ୍କୁ ଗିରଫ କରି ଜେଲକୁ ପଠାଇଛି। ନାବାଳିକା ମାଆ ଓ ତାଙ୍କ ନବଜାତ ପୁଅର ସୁରକ୍ଷା ପାଇଁ ଜିଲ୍ଲା ହସ୍ପିଟାଲରେ ମହିଳା ପୁଲିସକର୍ମୀଙ୍କୁ ମୁତୟନ କରାଯାଇଛି। ଶିଶୁଟିକୁ ପରିବାର ଲୋକେ ରଖିବେ ନା ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯିବ, ଏହାକୁ ନେଇ ବର୍ତ୍ତମାନ ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇନାହିଁ। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ସନ୍ଦୀପ କଙ୍କରଖେଡାର ଜଣେ ୧୫ ବର୍ଷୀୟା ନାବାଳିକାକୁ ପ୍ରେମ ଜାଲରେ ଫସାଇବା ସହିତ ପ୍ରାୟ ବର୍ଷେ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ସମ୍ପର୍କ ରହିଥିଲା। ସନ୍ଦୀପ ସ୍ଥାନୀୟ ଏକ ମଣ୍ଡପରେ ଜଣେ ୱେଟର ଥିଲା ଏବଂ ପ୍ରାୟତଃ ନାବାଳିକାଙ୍କୁ ସେହି ମଣ୍ଡପକୁ ନେଇ ସେମାନଙ୍କ ସହିତ ଶାରୀରିକ ସମ୍ପର୍କ ରଖୁଥିଲା। କିଛିଦିନ ପୂର୍ବେ ଝିଅଟି ଗର୍ଭବତୀ ଥିବାର ପରିବାର ଲୋକେ ଜାଣିବାକୁ ପାଇଥିଲେ। ଝିଅର ମାଆ ତାଙ୍କୁ ନିଜ ସହିତ ଗୁରୁଗ୍ରାମ ନେଇ ସେଠାରେ ଗର୍ଭପାତ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଡାକ୍ତରମାନେ ଗର୍ଭପାତରେ ବିପଦ ଥିବା ଦର୍ଶାଇ ଗର୍ଭପାତ କରିବାକୁ ମନା କରିଦେଇଥିଲେ। ପାଞ୍ଚ ଦିନ ପୂର୍ବେ




ନାବାଳିକାଙ୍କ ମାଆ ଅଭିଯୁକ୍ତ ସନ୍ଦୀପ ଏବଂ ମଣ୍ଡପ ମାଲିକଙ୍କ ବିରୁଦ୍ଧରେ କାଙ୍କରଖେଡା ଥାନାରେ ଏକ ମାମଲା ରୁଜୁ କରିଥିଲେ। ପ୍ରକାଶଥାଉ କି, ମୁଖ୍ୟ ଅଭିଯୁକ୍ତ ସନ୍ଦୀପର ଡିଏନଏ ସାମ୍ପୁଲ ପୂର୍ବରୁ ନିଆ ଯାଇଛି। ଏବେ ନବଜାତ ଶିଶୁର ମଧ୍ୟ ଡିଏନଏ ପରୀକ୍ଷା କରାଯିବ। ଡିଏନଏ ରିପୋର୍ଟ ଆଧାରରେ ଅଭିଯୁକ୍ତର ପରିଚୟ ସ୍ପଷ୍ଟ କରାଯିବ।

### ୩ କୋଚିଂ ସେଣ୍ଟର ମାଲିକଙ୍କ ସହ ୯ ଗିରଫ

## ଆପ୍ ସରକାରରେ ହୋଇଥିଲା ୩୭ କୋଟିର ଠକେଇ

**ନୂଆଦିଲ୍ଲୀ,୨।୫ଃ** ଦିଲ୍ଲୀର ଦୁର୍ନୀତି ନିବାରଣ ଶାଖା(ଏସିବି) ଶୁକ୍ରବାର ୩ କୋଚିଂ ସଂସ୍ଥାର ମାଲିକ ଓ ନିର୍ଦ୍ଦେଶକଙ୍କ ସହିତ ୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ନକଲି ଛାତ୍ର ପ୍ରମାଣପତ୍ର ତିଆରି ଏବଂ ସରକାରଙ୍କଠାରୁ ୩୭ କୋଟି ଟଙ୍କା ନେଇଥିବା ଅଭିଯୋଗ ରହିଛି। ଅଧିକାରୀମାନେ ଶୁକ୍ରବାର କହିଛନ୍ତି ଯେ, ଦିଲ୍ଲୀର ଭ୍ରଷ୍ଟାଚାର ନିରୋଧୀ ଶାଖା (ଏସିବି) ତିନୋଟି କୋଚିଂ ସେଣ୍ଟରର ମାଲିକ ଓ ନିର୍ଦ୍ଦେଶକଙ୍କ ସହିତ ୯ ଜଣଙ୍କୁ ଗିରଫ କରିଛି। ସେମାନେ ୨୦୧୮ ରୁ ୨୦୨୧ ପର୍ଯ୍ୟନ୍ତ 'ଜୟ ଭୀମ ମୁଖ୍ୟମନ୍ତ୍ରୀ ପ୍ରତିଭା ବିକାଶ ଯୋଜନା' ଅନୁସାରେ ୩୭ କୋଟି ଟଙ୍କା ନେବା ପାଇଁ ଛାତ୍ରଙ୍କ ନକଲି ଦସ୍ତାବିଜ ତିଆରି କରିଥିଲେ ବୋଲି ଏହି ସମସ୍ତଙ୍କ ଉପରେ ଅଭିଯୋଗ ରହିଛି। ଏସିବି କହିଛି ପୂର୍ବର ଆମ୍ ଆଦମୀ ପାର୍ଟି ସରକାର ୨୦୧୮-୧୯ ରେ ଆରମ୍ଭ ହୋଇଥିବା



ଯୋଜନା ଅନୁଯାୟୀ ୨୨୦୦୦ରୁ ଅଧିକ ଛାତ୍ର ଓ ୪୩ କୋଚିଂ ସେଣ୍ଟର ରେଜିଷ୍ଟର ହୋଇଥିଲା। କିନ୍ତୁ ଏଥିରେ ବଡ଼ ଧରଣର ସମସ୍ୟା ଦେଖିବାକୁ ମିଳିଥିଲା। ଏସିବି ମୁଖ୍ୟ ବିକ୍ରମଜିତ ସିଂହଙ୍କ ସୂଚନା ଅନୁସାରେ, ଏହି ଯୋଜନା ୨୦୧୭ ରେ ଆରମ୍ଭ ହୋଇଥିଲା। ତାହା ଏସ୍‌ସି, ଏସ୍‌ଟି, ଓବିସି ଓ ଅନ୍ୟ ଇଡବ୍ଲ୍ୟୁଏସ୍ ଶ୍ରେଣୀର ଛାତ୍ରଙ୍କ ପାଇଁ ଥିଲା। ବିଭାଗ ଦ୍ୱାରା ସଂସ୍ଥାର କୋଚିଂ ଫି' ଓ ଛାତ୍ରଙ୍କ ପାଇଁ ଛାତ୍ରବୃତ୍ତି ଦିଆଯିବାର ଥିଲା। ଯାଞ୍ଚ ପରେ ଜଣାପଡିଛି ଯେ, ଏହି ସଂସ୍ଥା ପାଇଁ ଯୋଜନାର ଲାଭ ନେବା ପାଇଁ ଏକ ଅଲଗା ବ୍ୟାଙ୍କ ଖାତା ରଖିବା ଜରୁରୀ ଥିଲା, ଯାହାର ପାଳନ କରାଯାଇନଥିଲା। ଯାଞ୍ଚ ବେଳେ ଯେତେବେଳେ ଛାତ୍ରଙ୍କ ଡାଟା ଏକାଠି କରାଯାଇଥିଲା ସେତେବେଳେ ଜଣାପଡିଥିଲା ଏଥିରେ ଡୁପ୍ଲିକେଟ୍ ରେକର୍ଡ ଥିଲା। ଛାତ୍ରଙ୍କର ଯେଉଁ ସୂଚୀ ସଂସ୍ଥା ଗୁଡିକଠାରୁ ଫଣ୍ ନେବା ପାଇଁ ଜମା ଥିଲା, ସେଥିରେ ବହୁ ଛାତ୍ରଙ୍କ ନାଁ ଦୁଇଟି କିମ୍ବା ତା'ଠାରୁ ଅଧିକ ସଂସ୍ଥାନରେ ସାମିଲ ଥିଲା।

### କ୍ରୁଜ୍ ଡଙ୍ଗାବୁଡ଼ି ଘଟଣା

## ଲାଇଫ୍ ଜ୍ୟାକେଟ୍ ପିନ୍ଧି ନଥିଲେ ଯାତ୍ରୀ !

**ଭୋପାଳ,୨।୫ଃ** ମଧ୍ୟପ୍ରଦେଶର ଜବଲପୁରରେ ହୋଇଥିବା କ୍ରୁଜ୍ ଦୁର୍ଘଟଣାରେ ବଡ଼ ଅବହେଳାର ଅଭିଯୋଗ କରାଯାଇଛି। ଲୋକଙ୍କୁ ପୂର୍ବରୁ ଲାଇଫ୍ ଜ୍ୟାକେଟ୍ ଦିଆ ଯାଇ ନଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ଦାବି କରିଛନ୍ତି। କ୍ରୁଜ୍ ଡ଼ଙ୍ଗାରେ ପାଣି ପଶିବା ଦେଖି ଲୋକଙ୍କୁ ଲାଇଫ୍ ଜ୍ୟାକେଟ୍ ଦିଆ ଗଲା। ଏହାର ଭିଡ଼ିଓ ମଧ୍ୟ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଯେଉଁଥିରେ କ୍ରୁ ସଦସ୍ୟ ପାଣି ପଶିବା ଆରମ୍ଭ ହେବା ପରେ ଲାଇଫ୍ ଜ୍ୟାକେଟ୍ ଆଣିବାର ନଜର ଆସୁଛି। ଏହା ମଧ୍ୟ ଦାବି କରାଯାଉଛି ଯେ, କ୍ରୁ ସଦସ୍ୟଙ୍କୁ ଖରାପ ପାଣିପାଗର ସୂଚନା ଦିଆ ଯାଇଥିଲା, କିନ୍ତୁ ଏହାସତ୍ତ୍ୱେ ସେ ଡଙ୍ଗାକୁ କୂଳକୁ ନେଇ ନଥିଲେ। ଏବେ ଏସବୁ ଅଭିଯୋଗରେ କ୍ରୁଜ୍ ପାଇଲଟ ମହେଶ ପଟେଲଙ୍କ ପ୍ରତିକ୍ରିୟା ଆସିଛି। ସେ ଦାବି କରିଛନ୍ତି ଯେ, କ୍ରୁଜ୍ ଯିବା ସମୟରେ କୌଣସି ଝଡ଼ ଆସି ନଥିଲା। ସ୍ଥିତି ଫେରିବା ସମୟରେ ବିଗିଡ଼ି ଥିଲା। ଏହା ସତ୍ତ୍ୱେ ସେ ଏହା ମଧ୍ୟ ଦାବି କରିଛନ୍ତି ଯେ,


କ୍ରୁଜ୍ ପାଇଲଟ

ସମସ୍ତଙ୍କୁ ଲାଇଫ୍ ଜ୍ୟାକେଟ୍ ଦିଆ ଯାଇଥିଲା। କିନ୍ତୁ କିଛି ଲୋକ ଡ୍ୟାନ୍ସ କରିବା ଚକ୍କରରେ ତାହାକୁ ପିନ୍ଧି ନଥିଲେ। ସେ କହିଛନ୍ତି ଯେ, ବାହାରିବା ସମୟରେ କୌଣସି ଝଡ଼ ତୋଫାନ ନଥିଲା। କେବଳ ହାଲକା ପବନ ବୋହୁଥିଲା। ଫେରିବା ସମୟରେ ପବନ ଜୋରରେ ବହିବାକୁ ଲାଗିଲା। ଏଥିପାଇଁ ସମସ୍ତଙ୍କୁ ଲାଇଫ୍ ଜ୍ୟାକେଟ୍ ଦିଆଗଲା। ତେବେ କିଛି ଲୋକ ନାଚୁଥିଲେ। ସେମାନେ ଜ୍ୟାକେଟ୍ ପିନ୍ଧି ନଥିଲେ। ସେ କହିଛନ୍ତି, ଗତ ତିନିଦିନ ହେବ ମୁଁ କିଛି ଖାଇ ନାହିଁ। ସେ ଦୃଶ୍ୟ ମୋ ଆଖି ସାମ୍ନାରେ ବାରମ୍ବାର ଦେଖାଯାଉଛି। ମୋତେ ନିଦ ବି ଆସୁ ନାହିଁ। ମୁଁ ଭଗବାନଙ୍କୁ ପ୍ରାର୍ଥନା କରୁଛି ଯେ, କାହାକୁ ମଧ୍ୟ ଏଭଳି ସ୍ଥିତିର ସମ୍ମୁଖୀନ ହେବାକୁ ନପଡୁ।



## ବିଚାରପତିଙ୍କ ଆତ୍ମହତ୍ୟା



**ନୂଆଦିଲ୍ଲୀ,୨।୫ଃ** ଶନିବାର ଅମନ ଶର୍ମା ନାମକ ଜଣେ ଦିଲ୍ଲୀର ଜଣେ ବିଚାରପତି ନିଜର ସଫଦରଜଙ୍ଗ ବାସ ଭବନରେ ବେକରେ ଫାଶି ଲଗେଇ ଆତ୍ମହତ୍ୟା କରିଛନ୍ତି। ସେ ଜଣେ ନ୍ୟାୟିକ ସେବା ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ ବୋଲି ପୋଲିସ୍ ସୂତ୍ରରୁ ପ୍ରକାଶ କରାଯାଇଛି। ଅମନ ଶର୍ମା ୨୦୨୧ ଜୁନ ୧୯ ତାରିଖରେ ଦିଲ୍ଲୀ ନ୍ୟାୟିକ ସେବାରେ ଯୋଗ ଦେଇଥିଲେ। ପୁଣେର ସିମ୍ବାୟୋସିସ୍ ଲ' ସ୍କୁଲରୁ ଆଇନରେ ସ୍ନାତକ ହେବା ସହ ୨୦୧୮ରେ ସେ ତାଙ୍କର ବିଏ ଏଲଏଲବି ସମାପ୍ତ କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡ଼ି ନଥିବା ବେଳେ ସବୁଦିକୁ ଧ୍ୟାନ ଦେଇ ତଦନ୍ତ କରାଯାଉଛି ବୋଲି ଦିଲ୍ଲୀ ପୁଲିସ ସୂଚନା ଦେଇଛି।

## ଜର୍ମାନୀରୁ ୫୦୦୦ ସୈନ୍ୟ ଫେରାଇ ଆଣିବ ଆମେରିକା

**ନୂଆଦିଲ୍ଲୀ,୨।୫ଃ** ଜର୍ମାନୀରେ ମୁତୟନ ଥିବା ପ୍ରାୟ ୫,୦୦୦ ଆମେରିକୀୟ ସୈନିକଙ୍କୁ ଆଗାମୀ ୬ ରୁ ୧୨ ମାସ ମଧ୍ୟରେ ଆମେରିକା ପ୍ରତ୍ୟାହାର କରିଆଣିବ ବୋଲି ପେଣ୍ଟାଗନ ପକ୍ଷରୁ କୁହାଯାଇଛି। ଇରାନ ସହ ଯୁଦ୍ଧ ଏବଂ ନାଟୋ ସହଯୋଗୀଙ୍କ ସହ ଟ୍ରମ୍ପଙ୍କ ବିବାଦ ବଢ଼ୁଥିବାରୁ ପେଣ୍ଟାଗନ ଏଭଳି ନିଷ୍ପତ୍ତି ନେଇଛି। ବିଶେଷକରି, ଏହି ସେନା ପ୍ରତ୍ୟାହାର ପଛରେ ଜର୍ମାନୀ ଚାନ୍ସେଲର ଫ୍ରିଡରିକ୍ ମର୍ଜ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଥିବା ବାକ୍-ଯୁଦ୍ଧକୁ ମୁଖ୍ୟ କାରଣ ବୋଲି କୁହାଯାଉଛି । ଚାନ୍ସେଲର ମର୍ଜ କହିଥିଲେ ଯେ ଇରାନ ନେତୃତ୍ୱ ଆଗରେ ଆମେରିକା ଅପମାନିତ ହେଉଛି। ଏଥିସହିତ ସେ ଇରାନ ଯୁଦ୍ଧରେ ୱାଶିଂଟନର କୌଣସି ସଠିକ୍ ରଣନୀତି ନଥିବା ନେଇ ସମାଲୋଚନା କରିଥିଲେ। ଏଥିରେ କ୍ଷୁବ୍ଧ ହୋଇ ଟ୍ରମ୍ପ ସୋସିଆଲ ମିଡିଆରେ ଲେଖିଥିଲେ ଯେ, ଜର୍ମାନ ନେତାଙ୍କୁ ଇରାନ ଅପେକ୍ଷା ନିଜ ଦେଶର ଭଙ୍ଗା ଅବସ୍ଥା ସୁଧାରିବା ଏବଂ ଋଷ-ୟୁକ୍ରେନ ଯୁଦ୍ଧ ଶେଷ କରିବା ଉପରେ ଅଧିକ ଧ୍ୟାନ ଦେବା ଉଚିତ। ପେଣ୍ଟାଗନ ମୁଖପାତ୍ର ସିନ୍ ପାର୍ନେଲ କହିଛନ୍ତି ଯେ, ୟୁରୋପରେ ଆମେରିକୀୟ ସେନାର ସ୍ଥିତି ଏବଂ ବର୍ତ୍ତମାନର ଯୁଦ୍ଧ କ୍ଷେତ୍ରର ଆବଶ୍ୟକତାକୁ ସମୀକ୍ଷା କରିବା ପରେ ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଜର୍ମାନୀରେ ପ୍ରାୟ ୩୬,୦୦୦ ଆମେରିକୀୟ ସୈନିକ ଅଛନ୍ତି, ଯାହାର ୧୪ ପ୍ରତିଶତ ସେନା ଏବେ ସେଠାରୁ ବିଦାୟ ନେବେ।



## ବନ୍ଦହେଲା ସବୁଠାରୁ ଶସ୍ତା ବିମାନସେବା ସ୍ପିରିଟ୍ ଏୟାରଲାଇନ୍ସ

**ମୁମ୍ବାଇ,୨।୫ଃ** ଇରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ଜନିତ ଉତ୍ତେଜନା ଏଯାଏ କୌଣସି ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚି ନାହିଁ। ତେବେ ଏହି ଯୁଦ୍ଧର ପ୍ରଭାବ ଆମେରିକାଠୁ ନେଇ ଭାରତ ପର୍ଯ୍ୟନ୍ତ ଧୀରେଧୀରେ ତା'ର ପ୍ରଭାବ ବିସ୍ତାର କରିବାରେ ଲାଗିଛି। ପଶ୍ଚିମ ଏସିଆର ଯୁଦ୍ଧ ପ୍ରଭାବରେ ବୃଦ୍ଧି ପାଉଥିବା ଆର୍ଥିକ ଅସୁବିଧା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁଁ ଆମେରିକାର ସବୁଠାରୁ ଶସ୍ତା ବିମାନ ସେବା ସ୍ପିରିଟ୍ ଏୟାରଲାଇନ୍ସ ଶନିବାର ତା'ର କାର୍ଯ୍ୟ ବନ୍ଦ ଘୋଷଣା କରିଛି। ଏନେଇ ବିମାନ କମ୍ପାନୀ ନିଶ୍ଚିତ କରିଛି ଯେ ସମସ୍ତ ଉଡ଼ାଣ ବାତିଲ କରାଯାଇଛି ଏବଂ ଗ୍ରାହକ ସେବା ଆଉ ଉପଲବ୍ଧ ନାହିଁ। ଏହାର




ୱେବସାଇଟରେ ପ୍ରକାଶିତ ଏକ ବିବୃତ୍ତିରେ ସ୍ପିରିଟ୍ ଏୟାରଲାଇନ୍ସ ଏହି ନିଷ୍ପତ୍ତି ପାଇଁ ଦୁଃଖ ପ୍ରକାଶ କରିଛି। ଏହା ଉଲ୍ଲେଖ କରିଛି ଯେ ଏୟାରଲାଇନ୍ସ ଗତ ୩୪ ବର୍ଷ ଧରି ଶିଳ୍ପ ଉପରେ ଅତ୍ୟଧିକ କମ ମୂଲ୍ୟର ମଡେଲର ପ୍ରଭାବ ପାଇଁ ଗର୍ବିତ। ସ୍ପିରିଟ୍‌ର ହଠାତ୍ ବନ୍ଦ ହେବା ଆମେରିକାର ବିମାନ ଶିଳ୍ପରେ ଆଘାତ ସୃଷ୍ଟି କରିଛି ଏବଂ ହଜାର ହଜାର ଯାତ୍ରୀଙ୍କୁ ଫସି ରଖିଛି। ଯାତ୍ରୀମାନଙ୍କ ପାଇଁ କମ ମୂଲ୍ୟର ବିମାନ ଭଡା ପ୍ରଦାନ କରିବାରେ ଦୀର୍ଘ ସମୟ ଧରି ଗର୍ବ କରୁଥିବା ଏହି ବିମାନ କମ୍ପାନୀ ଆମେରିକାର ବିମାନ ବଜାରରେ ଏକ ପ୍ରମୁଖ ଖେଳାଳି ଥିଲା, ଯାହା ଏହାର ନୋ-ଫ୍ରିଲ୍ସ ସେବା ଏବଂ ସୁଲଭ ଟିକେଟ ବିକଳ୍ପ ପାଇଁ ଜଣାଶୁଣା। ଅତ୍ୟଧିକ କମ ମୂଲ୍ୟର ବିମାନ କମ୍ପାନୀ ଏହାର ଦ୍ୱିତୀୟ ଦେବାଳିଆ ଏବଂ ଗୁରୁତର ଆର୍ଥିକ ଅସ୍ଥିରତା ସହିତ ସଂଘର୍ଷ କରୁଛି।

## ରାସ୍ତାକୁ ଓହ୍ଲାଇଲେ ପାକିସ୍ତାନ ଜନତା

ଅପରପକ୍ଷରେ, ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁଁ ପାକିସ୍ତାନ ଶକ୍ତି ସଙ୍କଟର ସମ୍ମୁଖୀନ ହୋଇଛି। ପାକିସ୍ତାନ ପାଖରେ ଏବେ କେବଳ ସୀମିତ ପରିମାଣର ଅଶୋଧିତ ତୈଳ ଯୋଗାଣ ରହିଛି। ଏହାକୁ ମଧ୍ୟ ନିଜେ ପାକିସ୍ତାନ ସ୍ୱୀକାର କରିଛି। ପାକିସ୍ତାନ କହିଛି ଯେ ଭାରତ ପରି ଏହାର ରଣନୈତିକ ତୈଳ ଭଣ୍ଡାରରେ ଅଭାବ ଅଛି। ବିଶ୍ୱ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ପ୍ରତି ୧୨୬ ଡଲାରକୁ ବୃଦ୍ଧି ପାଇଛି।

# ୨୧ରେ ଫାଲଟାରେ ସାନି ମତଦାନ




ନୂଆଦିଲ୍ଲୀ,୨।୫: ପଶ୍ଚିମବଙ୍ଗର ୧୪୪-ଫାଲଟା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସାନି ମତଦାନ କରିବା ପାଇଁ ଶନିବାର ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୨୯ ତାରିଖ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସମୟରେ ଗମ୍ଭୀର ନିର୍ବାଚନ ଅପରାଧ ହେବା ସହିତ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ନଷ୍ଟ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଆଧାର କରି ୧୪୪-ଫାଲଟା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ସହାୟକ ବୁଥ ସମୁଦାୟ ୨୮୫ଟି ମତଦାନ କେନ୍ଦ୍ରରେ ସାନି ମତଦାନ କରିବାକୁ ପୋଲ ପ୍ୟାନେଲ ନିର୍ଦ୍ଦେଶ ଜାରି କରିଛି। ପୋଲ ପ୍ୟାନେଲ ଦ୍ୱାରା ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ମେ ୨୧ ତାରିଖ ସକାଳ ୭ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଫାଲଟା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସାନି ମତଦାନ ହେବ। ମେ ୨୪ ତାରିଖରେ ଭୋଟ ଗଣତି ଓ ଫଳାଫଳ ଘୋଷିତ ହେବା ଫଳରେ ମେ ୪ ତାରିଖରେ କେବଳ ୨୯୩ଟି ଆସନ ପାଇଁ ଭୋଟ ଗଣତି ହେବା ସହିତ ଫଳାଫଳ ଘୋଷିତ ହେବା ସ୍ପଷ୍ଟ ହୋଇଛି। ଫାଲଟା ଆସନରେ ମତଦାନ ବେଳେ ଇଭିଏମ୍ ହେରଫେର ହୋଇଛି ବୋଲି ଭାରତୀୟ ଜନତା ପାର୍ଟି (ବିଜେପି) ଅଭିଯୋଗ କରିଥିଲା। ଦକ୍ଷିଣ ୨୪ ପ୍ରଗଣାର ଡାଇମଣ୍ଡ ହାର୍ବର ଅନ୍ତର୍ଗତ ଫାଲଟାର ବହୁ ପୋଲିଂ ବୁଥରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)ର ବଟନ୍ ଉପରେ ଟ୍ୟାପ୍ ମରାଯାଇ ବିଜେପି ପ୍ରାର୍ଥୀଙ୍କ ଚିହ୍ନ ସହିତ ସିପିଏମ ପ୍ରାର୍ଥୀଙ୍କ ନାମ ଓ ଚିହ୍ନକୁ ଲିଭାଇବାକୁ ଚେଷ୍ଟା କରାଯାଇଥିବା ବିଜେପି ପକ୍ଷରୁ ଅଭିଯୋଗ କରାଯାଇଥିଲା। ତୃଣମୂଳ କଂଗ୍ରେସ (ଟିଏମସି) ଇଭିଏମ ବଟନଗୁଡ଼ିକୁ ଜାମ୍ କରି ଜାଣିଶୁଣି ଭୋଟରମାନଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିଲା ବୋଲି ବିଜେପି ପ୍ରାର୍ଥୀ ଦେବାଂଶୁ ପଣ୍ଡା ଅଭିଯୋଗ କରିଥିଲେ। ବିଜେପି ଆଇଟି ସେଲର ମୁଖ୍ୟ ଅମିତ ମାଲବ୍ୟ ଟ୍ୟାପ୍ ମରା ଇଭିଏମର ଫଟୋ ସୋସିଆଲ ମିଡ଼ିଆରେ ସେୟାର କରିବା ସହିତ ୧୭୦ ଓ ୧୮୯ ମତଦାନ କେନ୍ଦ୍ରରେ ଗମ୍ଭୀର ହେରଫେର ହୋଇଥିବା ଅଭିଯୋଗ କରିଥିଲେ।

● ବିଶ୍ୱ ଦକ୍ଷତା କେନ୍ଦ୍ରରେ ଚଳିତ ସେସନ ନାମଲେଖା ସମୟସୀମା ବୃଦ୍ଧି

# ୧୫ ଯାଏଁ ଆବେଦନ, ୩୧ରେ ଅନ୍‌ଲାଇନ ପ୍ରବେଶିକା

● ଛାତ୍ରଛାତ୍ରୀଙ୍କ ପାଇଁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ସହ ନିଯୁକ୍ତି ସୁଯୋଗ



ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୬-୨୭ ମାଇଁ ସେସନ ନାମଲେଖା ପାଇଁ ଅନଲାଇନ ଆବେଦନର ସମୟସୀମା ବୃଦ୍ଧି କରାଯାଇଛି। ଏହା ମେ’ ୧୫ ତାରିଖ ଯାଏଁ ଚାଲିବ। ଛାତ୍ରଛାତ୍ରୀମାନେ ‘ସ୍କୁଲ ଅଫ୍ ଇଞ୍ଜିନିୟରିଂ’ ଏବଂ ‘ସ୍କୁଲ ଅଫ୍ ସର୍ଭିସେସ୍’ ପାଠ୍ୟକ୍ରମ ଅଧୀନରେ ମୋଟ ୧୦ଟି ବିଷୟରେ ନାମ ଲେଖାଇପାରିବେ।

ବିଶ୍ୱ ଦକ୍ଷତା କେନ୍ଦ୍ର କର୍ତ୍ତୃପକ୍ଷଙ୍କ ସୂଚନାନୁସାରେ ମେ’ ୩୧ ତାରିଖରେ ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏହାପରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ପରେ ଆସନ୍ତା ଜୁନ୍‌ରୁ ପାଠପଢ଼ା ଆରମ୍ଭ ହେବ। ବିଶ୍ୱ ଦକ୍ଷତା କେନ୍ଦ୍ରର ‘ସ୍କୁଲ ଅଫ୍ ଇଞ୍ଜିନିୟରିଂ’ ଅଧୀନରେ ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ୍, ମେକାଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ଟେକ୍ନୋଲୋଜି, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ୍, ଭର୍ଟିକାଲ ଟ୍ରାନ୍ସପୋର୍ଟେସନ୍ (ଲିଫ୍ଟ ଟେକ୍ନୋଲୋଜି) ଓ ପ୍ରିସିସନ ଇଞ୍ଜିନିୟରିଂ ସହ ନୂଆ କରି ଆରମ୍ଭ ହେବାକୁ ଯାଉଥିବା ଡିଜିଟାଲ ଆନିମେସନ ବିଷୟ ରହିଛି। ଏହିସବୁ ଅତ୍ୟାଧୁନିକ ବିଷୟରେ ନାମଲେଖା ପାଇଁ ପ୍ରାର୍ଥୀମାନେ ଯେକୌଣସି ସରକାରୀ କିମ୍ବା ଘରୋଇ ଶିଳ୍ପ ତାଲିମ କେନ୍ଦ୍ର ତଥା ବୈଷୟିକ ଶିକ୍ଷାନୁଷ୍ଠାନରୁ ଦୁଇବର୍ଷିଆ ଆଇଟିଆଇ, ୩ବର୍ଷିଆ ଡିପ୍ଲୋମା, ବିଇ କିମ୍ବା ବିଟେକ୍ କରିଥିବା ଆବଶ୍ୟକ।

ସେହିପରି ‘ସ୍କୁଲ ଅଫ୍ ସର୍ଭିସେସ୍’ ବିଭାଗ ଅଧୀନରେ ଥିବା ଅତ୍ୟାଧୁନିକ ‘ବିଉଟି ଆଣ୍ଡ ୱେଲନେସ୍’ ପାଠ୍ୟକ୍ରମ ସହ ହସ୍ପିଟାଲିଟି ଓ ହୋଟେଲ ଅପରେସନ ଏବଂ ଲଜିଷ୍ଟିକ୍ସ ଆଣ୍ଡ ସପ୍ଲାଏ ଚେନ ମ୍ୟାନେଜମେଣ୍ଟ ଭଳି ଦୁଇଟି ନୂଆ ବିଷୟରେ ନାମଲେଖା ହେବ। ଏଥିପାଇଁ ପ୍ରାର୍ଥୀମାନେ ଯୁକ୍ତ ୨, ସମ୍ପୃକ୍ତ ବିଷୟରେ ଆଇଟିଆଇ କିମ୍ବା ଡିପ୍ଲୋମା କରିଥିବା ଆବଶ୍ୟକ। ଚଳିତବର୍ଷ ବିଶ୍ୱ ଦକ୍ଷତା କେନ୍ଦ୍ର ନାମଲେଖା ପ୍ରକ୍ରିୟାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ବାହାର ପ୍ରାର୍ଥୀଙ୍କ ପାଇଁ ୧୦ ପ୍ରତିଶତ ସିଟ୍ ସଂରକ୍ଷଣ କରିବାକୁ ବ୍ୟବସ୍ଥା କରାଯାଇଛି।

ଆଗ୍ରହୀ ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବ୍‌ସାଇଟ୍‌ରେ ପଞ୍ଜୀକରଣ କରି ନିଜ ପସନ୍ଦର ବିଷୟରେ ନାମଲେଖା ପାଇଁ ଅନ୍‌ଲାଇନ୍ ଆବେଦନ କରିପାରିବେ। ନାମଲେଖା ବିଷୟରେ ଅଧିକ ଜାଣିବା ପାଇଁ ଛାତ୍ରଛାତ୍ରୀମାନେ ୧୮୦୦୨୬୬୭୦୦୨ ଟୋଲ୍ ଫ୍ରି ନମ୍ବରରେ ମଧ୍ୟ ଯୋଗାଯୋଗ କରିପାରିବେ। ଶିକ୍ଷିତ ଯୁବଗୋଷ୍ଠୀଙ୍କର ଦକ୍ଷତା ବିକାଶ କରିବା ଲାଗି ରାଜ୍ୟ ସରକାରଙ୍କ ‘ସ୍କିଲ୍ଡ ଇନ ଓଡ଼ିଶା’ କାର୍ଯ୍ୟକ୍ରମ ଅଧୀନରେ ୨୦୧୧ରେ ଭୁବନେଶ୍ୱରଠାରେ ‘ୱାର୍ଲ୍ଡ ସ୍କିଲ୍ ସେଣ୍ଟର’ ସ୍ଥାପନ କରାଯାଇଥିଲା। ସିଙ୍ଗାପୁରସ୍ଥିତ ‘ଆଇଟିଇ ଏଜୁକେସନ ସର୍ଭିସେସ’ର ବୈଷୟିକ ସହଯୋଗରେ ଏହି ଅନ୍ତର୍ଜାତୀୟ ଦକ୍ଷତା ବିକାଶ କେନ୍ଦ୍ରରେ ବିଭିନ୍ନ ଦକ୍ଷତା ବିଷୟରେ ତାଲିମ ଦିଆଯାଇଥାଏ।

## ୪ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ,୨।୫ (ସଂଚାର ବ୍ୟୁରୋ): ଗ୍ରାମ୍ୟପ୍ରାନ୍ତକୁ ଦୃଷ୍ଟିରେ ରଖି ୪ ତାରିଖ ସୋମବାର ବାଙ୍କୀ ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟାରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡ଼ିକ ପଞ୍ଜୀକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡ଼ିକ ମଧ୍ୟ ସକାଳ ୭ଟାଠାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ୬ରୁ କଂଗ୍ରେସର ଗାନ୍ଧୀପଥେ ପଦଯାତ୍ରା

### ସରକାରଙ୍କ କମ୍ପାନୀ ପ୍ରୀତିକୁ ସମାଲୋଚନା

ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ): ଢିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ଅଞ୍ଚଳରେ ଦୀର୍ଘ ୨୦ ବର୍ଷ ଧରି କମ୍ପାନୀମାନଙ୍କ ସ୍ୱାର୍ଥ ପୂରଣ ପାଇଁ ସରକାର ଓ ଜିଲ୍ଲା ପ୍ରଶାସନର ଜୁଲୁମ ବିରୋଧରେ ବର୍ଷିଛି କଂଗ୍ରେସ। ଶିଳ୍ପସଂସ୍ଥାର ଅନ୍ୟାୟ, ଅତ୍ୟାଚାର, ଶୋଷଣ ଓ ପ୍ରଦୂଷଣ ବିରୁଦ୍ଧରେ ଆସନ୍ତା ୬ରୁ ୧୪ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହେବ। ପଦଯାତ୍ରା ଭୁବନେଶ୍ୱରେ ପହଞ୍ଚିବା ପରେ ସମବେଶରେ କମ୍ପାନୀର ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରାଯିବ ବୋଲି ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି ଯେ ଢିଙ୍କିଆ ଏକ ଶସ୍ୟଶ୍ୟାମଳା ଓ ସ୍ୱ-ଅର୍ଥନୈତିକ ସମୃଦ୍ଧ ଅଞ୍ଚଳ ଭାବେ ସମଗ୍ର ଦେଶରେ ଧାନ, ପାନ, ମୀନକୁ ନେଇ ପରିଚିତ। ବାପ-ଅଜା ଅମଳରୁ ଦଖଲ କରିଆସୁଥିବା ଜଙ୍ଗଲ ଜମିକୁ ସ୍ଥାନୀୟ ଅଧିବାସୀ ଓ ପାରମ୍ପରିକ ବନବାସୀଙ୍କୁ ଜଙ୍ଗଲ ଜମିର ଅଧିକାର ଦେବା ପରିବର୍ତ୍ତେ ସରକାର କର୍ପୋରେଟ୍ ହାତକୁ ଟେକି ଦେଉଛନ୍ତି। ଜୀବନଜୀବିକା ଓ ମାଟି ପ୍ରତି ସମ୍ବେଦନଶୀଳ ଓ ନିଜ ଭିଟାମାଟିରୁ ଉଚ୍ଛେଦ ନ ହେବା ପାଇଁ ସ୍ଥାନୀୟ ଲୋକେ ଗତ ୨୦୦୫ରୁ ଲଢ଼େଇ କରିଆସୁଛନ୍ତି। ଏଥିରେ ଚାରି ଜଣଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ହଜାର ହଜାର ଲୋକଙ୍କ ନାଁରେ ମିଛ ମକଦ୍ଦମା ହୋଇଛି। ସରକାର ନିଦାବିଷ୍ଟୁ ପାଲଟି ଏହି ଶସ୍ୟଶ୍ୟାମଳା ଅଞ୍ଚଳକୁ ବିନା ଗ୍ରାମସଭା ଓ ଲୋକଙ୍କ ବିନା ସହମତିରେ କମ୍ପାନୀକୁ ଟେକି ଦେବା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ ବୋଲି ଶ୍ରୀ ରାଉତରାୟ କହିଛନ୍ତି।

## ଓଏଆର୍‌ଏଫ୍‌ଟି ପକ୍ଷରୁ ପିଠି ଯନ୍ତ୍ରଣା ସଂକ୍ରାନ୍ତ ୱାକାଥନ୍




ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ): ବିଶ୍ୱ ଏଙ୍କିଲୋଜିଂ ସ୍ପଣ୍ଡିଲାଇଟିସ୍ ଦିବସ ପାଳନ ଅବସରରେ ଏଠାରେ ଓଡ଼ିଶା ଆର୍ଥ୍ରାଇଟିସ୍ ଓ ର୍‌ୟୁମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ (ଓଏଆର୍‌ଏଫ୍‌ଟି) ପକ୍ଷରୁ ଏକ ସଚେତନତା ଅଭିଯାନ ଆୟୋଜିତ ହୋଇଛି। ଏଙ୍କିଲୋଜିଂ ସ୍ପଣ୍ଡିଲାଇଟିସ୍ (ଏଏସ୍) ଏକ ଦୀର୍ଘସ୍ଥାୟୀ ର୍‌ୟୁମାଟିକ୍ ରୋଗ ହୋଇଥିବା ବେଳେ ଏହା ଧୀରେ ଧୀରେ ମେରୁଦଣ୍ଡକୁ କଠିନ କରି ଦୈନିକ ଚଳାଚଳକୁ ପ୍ରଭାବିତ କରେ। ଯୁବବର୍ଗ ମଧ୍ୟରେ ଏହା ଅଧିକ ଦେଖାଯାଉଥିବା ସତ୍ତ୍ୱେ ଏହା ସହଜେ ଚିହ୍ନଟ ନ ହେବା ଚିନ୍ତାଜନକ। ଭୁଲ ଧାରଣା ଓ ସୂଚନାର ଅଭାବ ଯୋଗୁଁ ଅନେକ ରୋଗୀ ଦୀର୍ଘ ସମୟ ଧରି ଯନ୍ତ୍ରଣା ଭୋଗ କରିଥାନ୍ତି। ସଚେତନତା ଅଭିଯାନରେ ବିଶେଷଜ୍ଞମାନେ କହିଥିଲେ ଯେ ଦୀର୍ଘ ସମୟ ଧରି ରହୁଥିବା ପିଠି ଯନ୍ତ୍ରଣା, ସକାଳେ କଠିନତା ଓ ଚଳନରେ ଅସୁବିଧା ଏହି ରୋଗର ପ୍ରମୁଖ ଲକ୍ଷଣ। ଏପରି ଲକ୍ଷଣ ଦେଖାଦେଲେ ତୁରନ୍ତ ର୍‌ୟୁମାଟୋଲୋଜିଷ୍ଟ୍‌ଙ୍କୁ ଯୋଗାଯୋଗ କରିବା ଉଚିତ। ଅଭିଯାନର ଅଂଶ ଭାବେ ଏକ ସହିଦ ନଗରରୁ ରୁପାଲି ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଓଏଆରସିର ମେଡିକାଲ୍ ନିର୍ଦ୍ଦେଶକ ତଥା ରାଜ୍ୟର ଖ୍ୟାତନାମା ର୍‌ୟୁମାଟୋଲୋଜିଷ୍ଟ୍ ପ୍ରଫେସର ଡାକ୍ତର ଜ୍ୟୋତି ରଞ୍ଜନ ପରିଡ଼ା ଓ ଓଏଆରସି ଶୈଳଶ୍ରୀବିହାର ଶାଖାର ମୁଖ୍ୟ ପରାମର୍ଶଦାତା, ର୍‌ୟୁଟୋଲୋଜିଷ୍ଟ୍ ଡାକ୍ତର ଦେବାଶିଷ ମାଇକାପ୍ ଏହି ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ଏହାର ଚିକିତ୍ସାରେ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ।

## ଷ୍ଟ୍ରଙ୍ଗ ରୁମ୍ କ୍ୟାମେରା ୧୭ ମିନିଟ ବନ୍ଦ ଅଭିଯୋଗ

କୋଲକାତା,୨।୫ (ସଂଚାର ବ୍ୟୁରୋ): ଶନିବାର ସକାଳେ ବାରାସତ ସରକାରୀ କଲେଜର ଷ୍ଟ୍ରଙ୍ଗ ରୁମ ଉପରେ ନଜର ରଖୁଥିବା ସିସିଟିଭି କ୍ୟାମେରା ଲଗାତାର ୧୭ ମିନିଟ୍ ପାଇଁ ବନ୍ଦ ରହିଥିଲା ବୋଲି ତୃଣମୂଳ କଂଗ୍ରେସ ଅଭିଯୋଗ କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ସକାଳ ୮ଟା ୫ରୁ ୮ଟା ୨୨ ମଧ୍ୟରେ ଷ୍ଟ୍ରଙ୍ଗ ରୁମ୍ ଭିତରର ଦୃଶ୍ୟ ବାହାର ଡିସପ୍ଲେ ସ୍କ୍ରିନରେ ଦେଖାଯାଇ ନଥିଲା ବୋଲି ଅଶୋକନଗରର ତୃଣମୂଳ କଂଗ୍ରେସ ପ୍ରାର୍ଥୀ ନାରାୟଣ ଗୋସ୍ୱାମୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଏହି ୧୭ ମିନିଟ୍ ବ୍ୟବଧାନରେ ଷ୍ଟ୍ରଙ୍ଗ ରୁମ୍ ଭିତରର ସିସିଟିଭି କ୍ୟାମେରା ବନ୍ଦ ଥିଲା। ଖବର ପାଇ ସେ ଷ୍ଟ୍ରଙ୍ଗ ରୁମ୍ ପରିସରରେ ପହଞ୍ଚିଥିଲେ। ତେବେ ନିର୍ବାଚନ କମିଶନ ଏହି ଅଭିଯୋଗକୁ ଖାରଜ କରିଛନ୍ତି।

# ଭାପୁର ପୀଡ଼ିତାକୁ ଭେଟିଲା ପିସିସି ଫ୍ୟାକ୍ଟଫାଇଣ୍ଡିଂ ଟିମ୍

### ଦୁଷ୍କର୍ମୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏସପିଙ୍କଠାରେ ଦାବି



ଭୁବନେଶ୍ୱର, ୨।୫(ସଂଚାର ବ୍ୟୁରୋ) : ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆଜି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଏସସିବି ହସ୍ପିଟାଲରେ ପହଞ୍ଚି ସେଠାରେ ଚିକିତ୍ସାଧୀନ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଭାପୁରର ପୀଡ଼ିତାଙ୍କୁ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ ହୋଇଛନ୍ତି। ଏହାପରେ ଏହି ଟିମ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ୍ ଓ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଭେଟି ପୀଡ଼ିତା କେଉଁ ସ୍ଥିତିରେ ଅଛନ୍ତି, ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ସେଠାରେ ଉପସ୍ଥିତ ସାମ୍ବାଦିକମାନଙ୍କୁ ଶ୍ରୀ ବାହିନୀପତି କହିଥିଲେ ଯେ ଅପରାଧୀମାନଙ୍କୁ ଅଦ୍ୟାବଧି ପୁଲିସ ଗିରଫ କରି ନ ପାରିବା ଦୁର୍ଭାଗ୍ୟଜନକ। ପୀଡ଼ିତା ଦଳିତ ବର୍ଗର ହୋଇଥିବା ବେଳେ ଦୁଷ୍କର୍ମପରେ ତାଙ୍କୁ ଯେଭଳି ଅମାନୁଷିକ ଆକ୍ରମଣ କରାଯାଇଛି, ତାହା ହୃଦୟ ବିଦାରକ। ତାଙ୍କ ମୁହଁ, ମୁଣ୍ଡ ଓ ଦେହର ବିଭିନ୍ନ ସ୍ଥାନରେ ଯେଭଳି ଗଭୀର କ୍ଷତ ହୋଇଛି, ତାହା ମଧ୍ୟ ମର୍ମନ୍ତୁଦ। ବିଜେପି ମହିଳାଙ୍କୁ ସୁରକ୍ଷା ଦେବ ଏବଂ ମହିଳା ସଶକ୍ତିକରଣ କରିବ ବୋଲି କହି କ୍ଷମତାକୁ ଆସିଲା। କିନ୍ତୁ କ୍ଷମତା ଲାଭ କଲା ପରେ ଓଡ଼ିଶାରେ ଦିନକୁ ଦିନ ମହିଳା ଦୁଷ୍କର୍ମ ବଢ଼ିଚାଲିଛି ଓ ଦିନକୁ ୧୫ ଜଣ ମହିଳା ଦୁଷ୍କର୍ମରେ ଶିକାର ହେଉଛନ୍ତି। ବିଶେଷକରି ଦଳିତ ମହିଳାଙ୍କ କ୍ଷେତ୍ରରେ ଏହା ଅଧିକ। ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇଥିଲେ ମଧ୍ୟ ତାଙ୍କ ଶାସନରେ ଆଦିବାସୀ ଓ ଦଳିତ ମହିଳା ଅଧିକ ଦୁଷ୍କର୍ମ ଓ ଅତ୍ୟାଚାରର ଶିକାର ହେଉଛନ୍ତି। ଚଳିତ ସରକାରରେ ମହିଳାଙ୍କ ସ୍ୱରକୁ ଚାପି ଦିଆଯାଉଛି। ଦୁଷ୍କର୍ମକାରୀର ପକ୍ଷ ନେଉଛନ୍ତି ସରକାର। ପୁଲିସ ବ୍ୟବସ୍ଥା ଏକ ନିକମା ଅନୁଷ୍ଠାନ ବୋଲି ପ୍ରମାଣିତ ହୋଇଛି। ସୁତରାଂ ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି, ପୀଡ଼ିତା ଓ ତାଙ୍କ ପରିବାରକୁ ସୁରକ୍ଷା ଏବଂ ଦୋଷୀକୁ ତୁରନ୍ତ ଗିରଫ କରାଯାଇ ଆଇନ ଅନୁଯାୟୀ ଦଣ୍ଡିତ କରିବାକୁ ଶ୍ରୀମତୀ ବାହିନୀପତି ଦାବି କରିଛନ୍ତି।

# ଏଚ୍‌ଏମ୍‌ଏସ୍ ପକ୍ଷରୁ ଶ୍ରମିକ ଦିବସ ପାଳିତ

କଟକ, ୨।୫ (ସଂଚାର ବ୍ୟୁରୋ): ଆନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ଗତକାଲି ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ଶ୍ରମିକ ସଂଗଠନ ଦ୍ୱାରା ଅନୁବନ୍ଧିତ ଆଠଗଡ଼ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଶିଳ୍ପାନୁଷ୍ଠାନରେ ଶ୍ରମିକ ସଂଗଠନଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୋଗରା ଗ୍ରାମସ୍ଥିତ ସୁପ୍ରିମ ପାଇପ କାରଖାନା ମୁଖ୍ୟ ଫାଟକଠାରେ ସକାଳେ ସୁପ୍ରିମ କର୍ମଚାରୀ ସଂଘର ସଭାପତି ଅଜିତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଠଗଡ଼ ବିଧାୟକ ତଥା ଏଚ୍‌ଏମ୍‌ଏସ୍‌ର ରାଜ୍ୟ କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପରେ ସଂଗଠନ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଖୁଣ୍ଟୁଣୀ ସ୍ଥିତ ବି.କେ ଷ୍ଟିଲ, ଖମାରନୂଆଗାଁ, କୋଳଥପଙ୍ଗୀ ସ୍ଥିତ ଅଲଟ୍ରଟେକ ସିମେଣ୍ଟ, ଶ୍ରୀ ସିମେଣ୍ଟ,ଜେକେ ଲକ୍ଷ୍ମୀ ସିମେଣ୍ଟ, ଆରତୀ ଷ୍ଟିଲ୍ ଆଣ୍ଡ ପାୱାର କାରଖାନାର ମୁଖ୍ୟ ଫାଟକ ନିକଟରେ ସଂଗଠନର ଅନୁବନ୍ଧିତ ଶ୍ରମିକ ସଂଗଠନ ପକ୍ଷରୁ ପତାକା ଉତ୍ତୋଳନ କରାଯାଇଥିଲା। ଅବଶେଷରେ ଖୁଣ୍ଟୁଣୀ ଥାନା ଅନନ୍ତ ପୁର ସ୍ଥିତ ଟାଟାଷ୍ଟିଲ ଫେରୋ ଲିଃ ସମ୍ମୁଖ ଷ୍ଟାଡିୟମ ଠାରେ ଶ୍ରମିକ ନେତା ଶକ୍ତି କାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ପତାକା ଉତ୍ତୋଳନ ଓ ଶ୍ରମିକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସିଆଟିୟୁ(ସିଟୁ) ର ବରିଷ୍ଠ ନେତା ରବି ନାରାୟଣ ମଲ୍ଲିକ, ଏଆଇଟିୟୁ ର ରାଜ୍ୟ ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶ୍ରମ, କୃଷି ନୀତିକୁ ସମାଲୋଚନା କରିବା ସହିତ କେନ୍ଦ୍ର ସରକାର ପୂର୍ବ୍ୱର ଶ୍ରମିକ ଆଇନ କୁ ପୁନଃ ପ୍ରଚଳନ ଓ ନୂତନ ଶ୍ରମ କୋର୍ଡ, ବିହନ ସଂରକ୍ଷଣ ବିଲ୍, ଚାଷ ଜମିକୁ ପ୍ରି ପେଡ ବିଦ୍ୟୁତ ଆଇନ୍ ର ପ୍ରତ୍ୟାହାର ପାଇଁ ସଂଗ୍ରାମ ଜାରି ରଖିବା ପାଇଁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସରକାରଙ୍କୁ ଏକଛତ୍ରବାଦ,ଶ୍ରମିକ,କୃଷକ ବିରୋଧୀ ଓ ପୁଞ୍ଜିପତି ମାନଙ୍କ ସରକାର ବୋଲି ଅଭିହିତ କରିବା ସହିତ ଏହା ବିରୁଦ୍ଧରେ ଜନମତ ସୃଷ୍ଟି କରିବା ପାଇଁ ଏକାଠି ହୋଇ ସଂଗ୍ରାମ ଆବଶ୍ୟକ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ଅଶୋକ କୁମାର ରାଉତ,ସନ୍ତୋଷ ବେହେରା,ସୁବାଷ ଚନ୍ଦ୍ର ବିଶ୍ୱାଳ ସମେତ ବ୍ୟକ୍ତି ବିଶେଷ ଯୋଗଦେଇ ଥିଲେ।

# ଜଳ ଯୋଗାଣ, ବିଛାଯିବ ଦ୍ୱିତୀୟ ପାଇପ୍‌ଲାଇନ୍



ଭୁବନେଶ୍ୱର,୨।୫: ସହରାଞ୍ଚଳରେ ଜଳ ଯୋଗାଣକୁ ସୁବ୍ୟବସ୍ଥିତ କରିବାପାଇଁ ଆଗାମୀ ଦିନରେ ହିତାଧିକାରୀଙ୍କ ଘରକୁ ଦ୍ୱିତୀୟ ପାଇପ୍ ଲାଇନ୍ ବିଛାଯିବ। ବର୍ତ୍ତମାନ ଯୋଗାଣ ହେଉଥିବା ଆକ୍ୱାଗାର୍ଡ ମାନର ଜଳ ବଗିଚା ଠାରୁ ଆରମ୍ଭ କରି ଗାଧୁଆଘରେ ନଷ୍ଟ ହେଉଥିବାରୁ କର୍ତ୍ତୃପକ୍ଷ ଏଭଳି ଯୋଜନା ପ୍ରସ୍ତୁତ କରୁଥିବା ଜଣାଯାଇଛି।

ଡ୍ରିଙ୍କ୍ ଫ୍ରମ ଟ୍ୟାପ୍ ଯୋଜନାରେ ସହରାଞ୍ଚଳଗୁଡ଼ିକରେ ଲୋକଙ୍କ ଘରକୁ ପାଇପ୍ ଯୋଗେ ଆକ୍ୱାଗାର୍ଡ ମାନର ଜଳ ଯୋଗାଣ ହେଉଛି। ଏହି ଜଳକୁ ବିନା ଶୋଧନରେ ବ୍ୟବହାର କରାଯାଇ ପାରିବ। ତେବେ ଏହିସବୁ ଜଳ ଯୋଗାଣ ସମୟରେ କର୍ତ୍ତୃପକ୍ଷ ପୁରୁଣା ପାଇପ୍ ଲାଇନ୍‌କୁ ବନ୍ଦକରି ନୂତନ ପାଇପ୍ ଲାଇନ୍ ବିଛାଇଲେ ଓ ସେଥିରେ ଏହି ଜଳ ଯୋଗାଣ କରୁଛନ୍ତି। ଆକ୍ୱାଗାର୍ଡ ମାନର ଜଳ ଯୋଗାଣ ପାଇଁ ଜଳ ବିଶୋଧନ ବାବଦରେ ଲିଟର ପ୍ରତି ୧୦ ରୁ ୨୦ ପଇସା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡୁଛି। ଏହି ବିଶୁଦ୍ଧ ଜଳକୁ ପାନୀୟ ଓ ଖାଦ୍ୟ ସାମଗ୍ରୀରେ ବ୍ୟବହାର ସହିତ ବିକଳ୍ପ ନଥିବାରୁ ଲୋକେ ବଗିଚାରେ ବ୍ୟବହାର ସହିତ ଗାଧୁଆଘରେ ବି ଖର୍ଚ୍ଚ କରୁଛନ୍ତି। ଏହି ଜଳର ସିଂହଭାଗ ବାଡି ବଗିଚା, ଗାଡି ଧୁଆ, ଲୁଗା ସଫା ଆଦିରେ ନଷ୍ଟ ହେଉଥିବାରୁ ତାହାକୁ ରୋକିବାପାଇଁ ଏବେ ଆଉ ଗୋଟିଏ ପାଇପ୍‌ରେ ସାଧାରଣ ଜଳ ଯୋଗାଣ ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ରାଜ୍ୟ ସରକାର ଆଗାମୀ ୨୦୨୮ ସୁଦ୍ଧା ସମସ୍ତ ସହରାଞ୍ଚଳ ବାସିନ୍ଦାଙ୍କୁ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ବର୍ତ୍ତମାନ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟର ୮୬ଟି ପୌରାଞ୍ଚଳରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଣ ହେଉଥିବାବେଳେ ଏଥିପାଇଁ ମୁଣ୍ଡପିଛା ୧୩୫ ଲିଟର ଜଳ ଆବଶ୍ୟକ ପଡୁଛି। ତଦ୍‌ନୁଯାୟୀ ଏହିସବୁ ପୌରାଞ୍ଚଳରେ ୪୪୩ ଏମଏଲଡି ଜଳ ଆବଶ୍ୟକ ଥିବାବେଳେ କର୍ତ୍ତୃପକ୍ଷ ୪୫୨ ଏମଏଲଡି ଜଳ ଯୋଗାଣ କରୁଛନ୍ତି। ଏଥି ମଧ୍ୟରେ କେତେକ ସ୍ଥାନରେ ୨୪ଘଣ୍ଟିଆ ଜଳ ଯୋଗାଣ ହେଉଛି। ତେବେ ୨୦୨୮ ବେଳକୁ ସମସ୍ତ ପୌରାଞ୍ଚଳରେ ୨୪ଘଣ୍ଟିଆ ଜଳ ଯୋଗାଣ ପାଇଁ ଅଧିକ ଜଳ ଆବଶ୍ୟକ ସହିତ ଏହାକୁ ବିଶୋଧନ ଲାଗି ବିପୁଳ ଅର୍ଥ ଆବଶ୍ୟକ ପଡିବ। ତେଣୁ ବିପୁଳ ଅର୍ଥ ବ୍ୟୟରେ ବିଶୋଧିତ ହେଉଥିବା ଆକ୍ୱାଗାର୍ଡମାନର ଜଳ ଯେଭଳି ନଷ୍ଟ ନ ହେବ, ସେଥିପାଇଁ ଦ୍ୱିତୀୟ ପାଇପ୍ ଲାଇନ୍ ବିଛାଇବାପାଇଁ କର୍ତ୍ତୃପକ୍ଷ ବିଚାରୁଛନ୍ତି। ଉଲ୍ଲେଖନୀୟ ଯେ ଡ୍ରିଙ୍କ୍ ଫ୍ରମ ଟ୍ୟାପ୍ ଯୋଜନାରେ ରାଜ୍ୟ ସରକାର ଆକ୍ୱାଗାର୍ଡ ମାନର ଜଳ ଯୋଗାଣ ସହିତ ଏହାର ନିୟମିତ ଯାଞ୍ଚ ପାଇଁ ସହରାଞ୍ଚଳରେ ଜଳସାଥୀମାନେ ନିଯୁକ୍ତି ହୋଇଛନ୍ତି। ଏମାନେ ଘରକୁ ଘର ପାଇଁ ନିୟମିତ ଭାବେ ଜଳର ମାନ ପରୀକ୍ଷା କରିବା ସହିତ ଜଳ ଟିକସ ଆଦାୟ କରୁଛନ୍ତି। ଏଥିପାଇଁ ହିତାଧିକାରୀଙ୍କ ଘରେ ଜଳ ମିଟରମାନ ଲଗାଯାଇଛି। ତେବେ ଦ୍ୱିତୀୟ ପାଇପ୍ ଲାଇନ୍‌ରେ ସାଧାରଣ ଜଳ ଯୋଗାଣ କରାଗଲେ ଏହାର ଦର କେତେ ରହିବ ଓ ଏହାକୁ ଲୋକେ କିଭଳି ବ୍ୟବହାର କରିବେ ସେଥିପାଇଁ ବିସ୍ତୃତ ଖସଡ଼ା ପ୍ରସ୍ତୁତ ପାଇଁ ବିଚାର ଆଲୋଚନା ଆରମ୍ଭ ହୋଇଥିବା ସୂଚନା ମିଳିଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ହେବ...

କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ଉଚ୍ଚ ପ୍ରଶଂସା କରି କହିଛନ୍ତି ଯେ ସମଗ୍ର ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ସଂସ୍କୃତି ଓ ଶିକ୍ଷାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଆଦିକବି ସାରଳା ଦାସ, ବ୍ୟାସକବି ଫକୀରମୋହନ ଓ ସନ୍ଥକବି ଭୀମ ଭୋଇଙ୍କ ଭଳି ମହାପୁରୁଷଙ୍କ ଦର୍ଶନ ଓଡ଼ିଶାକୁ ଏକ ସଭ୍ୟ ସମାଜ ଭାବେ ବିଶ୍ୱ ଦରବାରରେ ପରିଚିତ କରିଛି। ଓଡ଼ିଶାର ପ୍ରାୟ ୭୦ ପ୍ରତିଶତ ଜନସଂଖ୍ୟା ୪୪ ବର୍ଷ ବୟସ ମଧ୍ୟରେ ଯାହା ନବସୃଜନ ପାଇଁ ଏକ ବିରାଟ ସୁଯୋଗ। ଶିକ୍ଷା ଏବେ କେବଳ ଡିଗ୍ରୀ ମଧ୍ୟରେ ସୀମିତ ନାହିଁ, ବରଂ ଏହା ଦକ୍ଷତା ବୃଦ୍ଧିର ମାଧ୍ୟମ ପାଲଟିଛି। ଓଡ଼ିଶାର ବର୍ତ୍ତମାନର ଜିଇଆର୍ ୨୩ ପ୍ରତିଶତ ଥିବା ବେଳେ ୨୦୩୬ ସୁଦ୍ଧା ଏହାକୁ ଜାତୀୟ ହାର (୨୮%)ଠାରୁ ଅଧିକ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୁବପିଢ଼ି ଓ ଛାତ୍ରୀମାନଙ୍କ ସଶକ୍ତିକରଣ ପାଇଁ ମୁଖ୍ୟମନ୍ତ୍ରୀ ଇଣ୍ଟର୍ନସିପ୍ ନିର୍ଦ୍ଦେଶିକା ପୁସ୍ତକ ଉନ୍ମୋଚନ କରିବା ସହ ‘ଶକ୍ତିଶ୍ରୀ’ ମୋବାଇଲ୍ ଆପ୍‌ର ଉଦ୍‌ଘାଟନ କରିଛନ୍ତି।

### ଛତିଶଗଡ଼ ଓ ଭୁବନେଶ୍ୱରରେ...

ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନୁସାରେ ଦୁଇ ରାଜ୍ୟର ବୈଷୟିକ ଟିମ ଜଳର ଉପଲବ୍ଧତାକୁ ନେଇ ଯୁଗ୍ମ ସ୍ୱାକ୍ଷରିତ ବିବରଣୀ ଦାଖଲ କରିଛନ୍ତି। ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତ ଏହି ସତ୍ୟପାଠରେ ରହିଥିବା ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଏହି ଉପଲବ୍ଧତା ପ୍ରସଙ୍ଗ ଜଳ ବଣ୍ଟନର ଆଧାର ହେବ। ଗତ ୧୯୮୩ରୁ ଆଜି ପର୍ଯ୍ୟନ୍ତ ମହାନଦୀର ଜଳର ଉପଲବ୍ଧତାକୁ ନେଇ କୌଣସି ସମାଧାନର ସୂତ୍ର ବାହାରି ପାରି ନ ଥିଲା। ଆଗାମୀ ଦିନରେ ଦୁଇ ରାଜ୍ୟର ବୈଷୟିକ ଟିମ ଛତିଶଗଡ଼ର ରାୟଗଡ଼ ଓ ଭୁବନେଶ୍ୱରରେ ବୈଠକ କରି ଆପୋଷ ବୁଝାମଣା ମାଧ୍ୟମରେ ସମସ୍ୟାର ସମାଧାନ କରିବେ ବୋଲି ଆଡଭୋକେଟ ଜେନେରାଲ ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

### ହଠାତ ବାଜିଲା ଫୋନ୍...

ଗୋଟିଏ ଘରେ ଏକାଧିକ ମୋବାଇଲ ଫୋନ ରହିଛି। ତେଣୁ ହଠାତ ଘରର ସବୁ ମୋବାଇଲ ଫୋନରେ ଗୋଟିଏ ପ୍ରକାର ଆଲର୍ଟ ବଜର୍ ବାଜିବା ଓ ମେସେଜ ଆସିବା ନିଶ୍ଚିତ ଭାବେ କିଛି ଲୋକଙ୍କୁ କିଛି ସମୟ ପାଇଁ ଆତଙ୍କିତ କରିଦେଇଥିଲା। କିଛି ଲୋକ ଭୟରେ ଘରୁ ବାହାରକୁ ବି ଚାଲିଯାଇଥିଲେ। ଯଦିଓ କେନ୍ଦ୍ର ସରକାର ପୂର୍ବରୁ ଏଭଳି ଆଲର୍ଟ ମେସେଜ ଆସିବ ବୋଲି ଘୋଷଣା କରିଥିଲେ, ବହୁ ଲୋକ କିନ୍ତୁ ଏ ସମ୍ପର୍କରେ ଅବଗତ ନ ଥିଲେ। ତେଣୁ ଆକସ୍ମିକ ଭାବେ ଏଭଳି ଆଲର୍ଟ ବଜର୍ ଶୁଣି ଭୟଭୀତ ହୋଇପଡ଼ିଥିଲେ। ରାସ୍ତାରେ ଲୋକେ ଏପଟ ସେପଟ଼ ଦୌଡ଼ାଦୌଡ଼ି କରିବା ମଧ୍ୟ ଦେଖିବାକୁ ମିଳିଥିଲା। ମେସେଜରେ ଲେଖାଥିଲା, ‘ଭାରତ ସରକାର ନିଜସ୍ୱ ପ୍ରଯୁକ୍ତିରେ ସେଲ୍ ବ୍ରଡ୍‌କାଷ୍ଟ ସିଷ୍ଟମ୍ ଆରମ୍ଭ କରିଛନ୍ତି, ଯାହା ଦୁର୍ଘଟଣା ସମୟରେ ନାଗରିକଙ୍କୁ ତୁରନ୍ତ ସତର୍କ କରିବ। ସଚେତନ ନାଗରିକ, ସୁରକ୍ଷିତ ଦେଶ। ଏହି ବାର୍ତ୍ତା ପାଇବା ପରେ ଜନସାଧାରଣଙ୍କଠାରୁ କୌଣସି କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ନାହିଁ। ଏହା ଏକ ପରୀକ୍ଷାମୂଳକ ବାର୍ତ୍ତା’।

### ଆଗରେ ଛାତ୍ରୀ...

ବର୍ଷ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ସାର୍ଟିଫିକେଟ୍ ଉପଲବ୍ଧ ହେବ ବୋଲି ପରୀକ୍ଷା ଫଳ ଘୋଷଣା ସମୟରେ ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଗଜପତି ଜିଲ୍ଲାରେ ସର୍ବାଧିକ ୯୯.୩୧ ପ୍ରତିଶତ ପାସ ହାର ରହିଥିବା ବେଳେ କେନ୍ଦୁଝରରେ ସର୍ବନିମ୍ନ ୯୪.୩୫ ପ୍ରତିଶତ ପାସ ହାର ରହିଛି। ସେହିଭଳି କଟକରେ ପାସ୍ ହାର ରହିଛି ୯୭.୨୨ ପ୍ରତିଶତ। ଜଗତସିଂହପୁରରେ ୯୭.୮୯ ପ୍ରତିଶତ, ଯାଜପୁରରେ ୯୪.୬୨ ପ୍ରତିଶତ, କେନ୍ଦ୍ରାପଡ଼ାରେ ୯୫.୯୭ ପ୍ରତିଶତ, ରାୟଗଡାରେ ୯୬.୫ ପ୍ରତିଶତ, ମାଲକାନଗିରିରେ ୯୫.୬୨ ପ୍ରତିଶତ, ନବରଙ୍ଗପୁରରେ ୯୭.୪ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ମାଧ୍ୟମିକ ଶିକ୍ଷା ପରିଷଦ ୱେବ୍‌ସାଇଟରେ ପରୀକ୍ଷାର୍ଥୀମାନେ ସେମାନଙ୍କ ରେଜଲ୍ଟ ଦେଖିପାରିବେ। ଇଣ୍ଟରନେଟ୍ ସୁବିଧା ନ ଥିଲେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ମୋବାଇଲ ଫୋନ୍‌ରେ ମେସେଜ କରି ରେଜଲ୍ଟ ପାଇପାରିବେ। ଆସନ୍ତା ୧୧ରୁ ୨୨ ମଧ୍ୟରେ ଛାତ୍ରଛାତ୍ରୀ ରିଚେକିଂ ପାଇଁ ଆବେଦନ କରିପାରିବେ। ଅନଲାଇନ୍ ମାଧ୍ୟମରେ ହାଇସ୍କୁଲ ସାର୍ଟିଫିକେଟ୍ ଛାତ୍ରଛାତ୍ରୀ ଆବେଦନ କରିପାରିବେ ଓ ଅଫଲାଇନରେ ମୁକ୍ତ ବିଦ୍ୟାଳୟ ଏବଂ ମଧ୍ୟମା ଛାତ୍ରଛାତ୍ରୀ ଆବେଦନ କରିବେ।

### ସିବିଆଇକୁ ମିଳିଲା...

ବୋଲି ଜଣାପଡ଼ିଛି। ବିହାରର ଏହି ୩ ଜଣଙ୍କର ଓଡ଼ିଶାରେ ବେଶ୍ ଦବଦବା ଥିଲା। ଜଣେ ବରିଷ୍ଠ ପ୍ରଶାସନିକ ଓ ଅନ୍ୟ ଜଣେ ବରିଷ୍ଠ ପୁଲିସ ଅଧିକାରୀ ଏମାନଙ୍କୁ ସୁରକ୍ଷା ଦେଉଥିଲେ ବୋଲି ସିବିଆଇ ତଦନ୍ତ ସମୟରେ ଜାଣିବାକୁ ପାଇଛି। ସିବିଆଇର ତଦନ୍ତ ଅନୁସାରେ, ଅଦ୍ୟାବଧି ଏହି ମାମଲାରେ ୧୩୩ ଜଣ ଗିରଫ ହୋଇସାରିଛନ୍ତି। ୧୬ ଜଣ ଦଲାଲଙ୍କ ବିରୋଧରେ ସିବିଆଇ ଚାର୍ଜସିଟ ଦାଖଲ କରିସାରିଛି। ହେଲେ ଏବେବି ଆହୁରି ଅନେକ ଦଲାଲ ଅଛନ୍ତି ଯେଉଁମାନେ ବାହାରେ ବୁଲୁଛନ୍ତି। ସିବିଆଇ ନୋଟିସ ପରେ ବି ସେମାନେ ହାଜର ହେଉନାହାନ୍ତି କି ଉତ୍ତର ଦେଉନାହାନ୍ତି। ଏଣେ ତଦନ୍ତର ଅଗ୍ରଗତି ନେଇ ସିବିଆଇ କୋର୍ଟରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦାଖଲ କରିଛି। ପୂରା ମାମଲାରେ ଲିଙ୍କ ଥିବା ଅଭିଯୋଗରେ ଗତ ଜାନୁଆରୀ ୧ ତାରିଖରେ ସିବିଆଇର ଏକ ଟିମ ତମାଣ୍ଡୋରେ ଥିବା ଟି. ବିକାଶ ରଞ୍ଜନ ପାତ୍ରଙ୍କ ଘରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ସମୟରେ ବିକାଶଙ୍କ ଘରୁ ୩୭୦ଟି ସିମ କାର୍ଡ, ୪୧୪ଟି କ୍ରେଡିଡ ଓ ଡେବିଟ କାର୍ଡ, ବିପୁଳ ପରିମାଣର ବ୍ୟାଙ୍କ ପାସ୍‌ବୁକ, ଆଧାର କାର୍ଡ ଓ ପରୀକ୍ଷାର୍ଥୀଙ୍କ ଆଡମିଟ କାର୍ଡ ଜବତ ହୋଇଛି।

### କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ...

ଘଟିଥିବା ଆଶ୍ଚର୍ଯ୍ୟଜନକ ଘଟଣା ସମ୍ପର୍କରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା। ବ୍ୟାଙ୍କ ଏହି ଅମାନବୀୟ ଆଚରଣକୁ ଯଥାର୍ଥ କରିବା ପାଇଁ ଆରବିଆଇ ନିର୍ଦ୍ଦେଶାବଳୀର ଆଳ ଦେଖାଉଛି। ଏହାଦ୍ୱାରା ବ୍ୟାଙ୍କ ଅଧିକାରୀଙ୍କର ଦାୟିତ୍ୱବୋଧତାକୁ ଲୁଚେଇବାକୁ ଉଦ୍ୟମ କରାଯାଉଛି। ଗଣତନ୍ତ୍ରରେ ନିୟମ ନାଗରିକମାନଙ୍କୁ ଅପମାନିତ କରିବା ପାଇଁ ନୁହେଁ, ବରଂ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ନବୀନ ତାଙ୍କ ଚିଠିରେ ଦର୍ଶାଇଛନ୍ତି। ସେହିପରି ଏହି ଅଭାବନୀୟ ଘଟଣା ସମଗ୍ର ଓଡ଼ିଶାରେ ଜନଭାବନାକୁ ଆଘାତ ଦେଇଛି ଏବଂ ନ୍ୟୁୟର୍କ ପୋଷ୍ଟ ଓ ବିବିସି ଭଳି ଅନ୍ତର୍ଜାତୀୟ ଗଣମାଧ୍ୟମରେ ମଧ୍ୟ ଦୃଷ୍ଟି ଆକର୍ଷଣ କରିଛି। ଏହି ଘଟଣାଟି ଯଦିଓ ପୃଥକ, ବ୍ୟାଙ୍କଗୁଡିକ ବିଶେଷ କରି ଦୁର୍ଗମ ଅଞ୍ଚଳରେ ଥିବା ବ୍ୟାଙ୍କରେ ମାନବୀୟ ପ୍ରଶାସନିକ ବ୍ୟବସ୍ଥା ଆପଣେଇବା ଉଚିତ ବୋଲି ନବୀନ କହିଛନ୍ତି। ଏହି ଆଶ୍ଚର୍ଯ୍ୟଜନକ ତ୍ରୁଟି ପାଇଁ ତୁରନ୍ତ ସ୍ପଷ୍ଟ ଦାୟିତ୍ୱ ସ୍ଥିର କରାଯାଉ। ଏହା ସମସ୍ତ ଗ୍ରାମୀଣ ବ୍ୟାଙ୍କକୁ ସହାନୁଭୂତି ସହ ନାଗରିକକୈନ୍ଦ୍ରିକ ସେବା ପ୍ରଦାନକୁ ଗ୍ୟାରେଣ୍ଟି ଦେବା ପାଇଁ ଏକ ସ୍ପଷ୍ଟ ସଙ୍କେତ ଦେବ।

### ଚିଠି ଲେଖା...

ଅଧିକ କିଛି ବି କରିପାରିବେ ନାହିଁ ସେ ଚିଠି ଲେଖିବା କଥା ଲେଖନ୍ତୁ, କିନ୍ତୁ ଏହି ଘଟଣାରେ ଯାହା କରିବା କଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତା’ କରିସାରିଛନ୍ତି। ତେଣୁ ନବୀନ ଚିଠି ଲେଖିବା ଡ୍ରାମା ବନ୍ଦ କରନ୍ତୁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ଯେଉଁ ଜିତୁ ମୁଣ୍ଡା ଘଟଣା ଘଟିଛି, ତା’ ଏକ ବ୍ୟାଙ୍କିଙ୍ଗ ସମସ୍ୟା। ବ୍ୟାଙ୍କ୍ କର୍ମଚାରୀ ସହୃଦୟତା ସହ ଜିତୁଙ୍କ ଅଭିଯୋଗର ସମାଧାନ କରିବାର ଥିଲା, ଯାହା ସେମାନେ କରିନାହାନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଆରଡିସିସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଆସିବା ପରେ ତୁରନ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ମୁଖ୍ୟମନ୍ତ୍ରୀ। ସରକାର ଲଗାତର ଭାବେ ଏହି ଘଟଣା ଉପରେ ନଜର ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

### ଆଇଇଡି ବିସ୍ଫୋରଣରେ...

ଥାନାଞ୍ଚଳ ଅନ୍ତର୍ଗତ ଜଙ୍ଗଲରେ ହୋଇଛି। ଏହି ଅଞ୍ଚଳ ନାରାୟଣପୁର ଜିଲ୍ଲାର ସୀମା ନିକଟରେ ରହିଛି। ଅଧିକାରୀ କହିଛନ୍ତି ଯେ ଡିଆରଜିର ଟିମ୍ ନକ୍ସଲଙ୍କ ଲଗାଇଥିବା ଆଇଇଡିକୁ ଚିହ୍ନଟ କରି ନିଷ୍କ୍ରିୟ କରିବାକୁ ଅଭିଯାନ ଚଳାଇଥିଲେ। ଅଭିଯାନ ସମୟରେ ସୁରକ୍ଷାକର୍ମୀଙ୍କୁ ଏକ ଆଇଇଡି ମିଳିଥିଲା। ଯବାନ ଆଇଇଡିକୁ ନିଷ୍କ୍ରିୟ କରିବାକୁ ଚେଷ୍ଟା କରୁଥିବା ବେଳେ ବିସ୍ଫୋରଣ ଘଟିଥିଲା।

### ପ୍ରସୂନ ଯୋଶୀ...

ବୋର୍ଡର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇ ଥିବାରୁ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ଯୋଶୀଙ୍କ ସୃଜନଶୀଳତା ପ୍ରସାର ଭାରତୀର କାର୍ଯ୍ୟକୁ ନୂତନ ଭାବରେ ସ୍ପନ୍ଦିତ କରିବ ବୋଲି ଶ୍ରୀ ବୈଷ୍ଣବ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସୂଚନାଯୋଗ୍ୟ ଯେ ଶ୍ରୀ ଯୋଶୀ ୨୦୧୭ଠାରୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ (ସିବିଏଫସି)ର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ଦିଗଦର୍ଶନରେ ଫିଲ୍ମ ସାର୍ଟିଫିକେସନ ପ୍ରକ୍ରିୟା ସମୃଦ୍ଧ ହେବା ସହ ବଲିଉଡ୍‌ରେ ଫିଲ୍ମ-ଶିଳ୍ପ-ଅଂଶୀଦାରଙ୍କ ଯୋଗଦାନ ବୃଦ୍ଧି ପାଇଥିଲା। ଏହା ପୂର୍ବରୁ ସେ ମ୍ୟାକ୍‌ନାନ ୱାର୍ଲଡ ଗ୍ରୁପ୍ ଇଣ୍ଡିଆର ସିଇଓ ଏବଂ ମ୍ୟାକ୍‌ନାନ ୱାର୍ଲଡ ଗ୍ରୁପ ଏସିଆ ପ୍ୟାସିଫିକର ଅଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ କରିବା ସହ ୨୦୧୬ରୁ ଇନ୍ଦିରା ଗାନ୍ଧି ନ୍ୟାସନାଲ ସେଣ୍ଟର ଫର ଦି ଆର୍ଟ୍ସର ଜଣେ ଟ୍ରଷ୍ଟି ଭାବେ କାର୍ଯ୍ୟ କରିଆସୁଛନ୍ତି।

## ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ସାହ ଆଣିଦେଲା ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଫଳାଫଳ

### ଉମରକୋଟର ୩ ପରୀକ୍ଷାର୍ଥୀ ରଖିଲେ ଏ-୧








ନବରଙ୍ଗପୁର/ଉମରକୋଟ,୨।୫ (ସଂଚାର ବ୍ୟୁରୋ):ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ପରୀକ୍ଷା ଫଳ ସାରା ଓଡିଶାରେ ଗଣ ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହେଇଥିବା ବେଳେ ଉମରକୋଟରେ ଥିବା ସରକାରୀ ବିଦ୍ୟାଳୟ ଗୁଡିକରେ ଆଶାତୀତ ସଫଳତା ମିଳିଛି। ସୂଚନା ଅନୁଯାୟୀ ଉମରକୋଟ ସଦର ମହକୁମାରେ ଥିବା ସରକାରୀ ପିଏମ. ଶ୍ରୀ ସ୍ୱାମୀ ବିବେକାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୧୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସାଇନା ମଙ୍ଗଳମ ୫୪୮ ମାର୍କ ରଖି ଜିଲ୍ଲାରେ ଦ୍ୱିତୀୟ ଟପ୍ପର ହେଇଛନ୍ତି। ସେହିପରି ଚଳିତ ମାଟ୍ରିକ ପରୀକ୍ଷାରେ ସ୍ଥାନୀୟ ବିବେକାନନ୍ଦ ସ୍କୁଲର ସାଇନା ମଙ୍ଗଳମ ୫୪୮ ମାର୍କ ରଖି ଜିଲ୍ଲାର ଦ୍ୱିତୀୟ ଟପ୍ପର ହେଇଥିବା ବେଳେ ସ୍ୱଦେଶ ଗୌରବ ୫୪୦ ଓ କଳିଙ୍ଗ ବିଦ୍ୟାପୀଠର ସିଦ୍ଧାର୍ଥ ପାଣି ଗ୍ରାହୀ ୫୪୦ ମାର୍କ ରଖି ଉମରକୋଟ ସମେତ ଜିଲ୍ଲାର ଗର୍ବ ରଖିଛନ୍ତି।

## ଶ୍ରୀ ଆରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସଫଳତା

● ଆକାଂକ୍ଷା ଜିଲ୍ଲାରେ ତୃତୀୟ ଓ ଶ୍ରଦ୍ଧାଙ୍କ ନବେ ପ୍ରତିଶତ



ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି,୨।୫ (ସଂଚାର ବ୍ୟୁରୋ): ଆଜି ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ନବରଙ୍ଗପୁର ଜିଲ୍ଲା ରେ ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ର ଦୁଇ ଜଣ ଛାତ୍ରୀ ନବେ ପ୍ରତିଶତ ନମ୍ବର ରଖିଛନ୍ତି। ଆକାଂକ୍ଷା ନାୟକ ୫୪୪ ନମ୍ବର ରଖି ଜିଲ୍ଲା ରେ ତୃତୀୟ ସ୍ଥାନ ରଖି ବିଦ୍ୟାଳୟ ତଥା ବ୍ଲକ ପାଇଁ ଗୌରବ ଆଣିଛନ୍ତି । ସେହିଭଳି ଶ୍ରଦ୍ଧା ସୁମନ ନାୟକ ୫୪୦ ନମ୍ବର ରଖି ନବେ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଉଭୟ ଆକାଂକ୍ଷା ଓ ଶ୍ରଦ୍ଧା ସଫଳତାର ଶ୍ରେୟ ପିତା ମାତା ଓ ବିଦ୍ୟାଳୟର ଅପା ଓ ଭାଇ ତଥା ଅଧ୍ୟକ୍ଷା ଇଲି ଅପାଙ୍କୁ ଦେଇଛନ୍ତି। ଆକାଂକ୍ଷା ଙ୍କ ପିତା ଆଶିଷ ରଞ୍ଜନ ନାୟକ ସାମ୍ବାଦିକ ଥିବା ବେଳେ ମାତା ବବିତା ଧିର ସ୍ୱାସ୍ଥ୍ୟ ବିଭାଗରେ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟରତ। ଆକାଂକ୍ଷା ଭବିଷ୍ୟତରେ ଡାକ୍ତର ହେବା ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହି ଦୁଇ ଛାତ୍ରୀ ଙ୍କ ସଫଳତା ପାଇଁ ଅଭିଭାବକ ଓ ବିଦ୍ୟାଳୟକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଆସୁଛି।

## ବାଲିଅନ୍ତାରେ ୧୫ ଜଣ ଏ-୧ ପାଇଲେ

ବାଲିଅନ୍ତା, ୨।୫ (ସଂଚାର ବ୍ୟୁରୋ):ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷ ବାର୍ଷିକ ମାଟ୍ରିକ ପରୀକ୍ଷାରେ ବାଲିଅନ୍ତା ବ୍ଲକର ୨୦ଟି ହାଇସ୍କୁଲରେ ମୋଟ ଜଣ ୧୩୫୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୩୨୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବିଭିନ୍ନ ସରକାରୀ ହାଇସ୍କୁଲରେ ୫ ଜଣ ଛାତ୍ରଛାତ୍ରୀ ଏ-୧ ପାଇଥିବା ବେଳେ ରତପଲ୍ଲୀ ଆବାସିକ ବିଦ୍ୟାଳୟରେ ୧୦ ଜଣ ଏ - ୧ ପାଇଛନ୍ତି । ବ୍ଲକରେ ମୋଟ ଏ-୨ ୫୨ ଜଣ, ବି-୧ ୧୧୯, ବି-୨ ୨୪୪, ସି- ୩୧୪, ଡି-୩୪୪, ଇ-୨୨୪, ଏଫ-୩୬ ଜଣ ପାଇଛନ୍ତି।

## ନୀଳଗିରି ପାଇଁ ଗୌରବ ଆଣିଲେ ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଆୟୁଷ୍ମାନ

● ୫୮୨ନଂ ରଖି ଜିଲ୍ଲାରେ ତୃତୀୟ




ନୀଳଗିରି, ୨।୫ (ସଂଚାର ବ୍ୟୁରୋ): ଚଳିତ ଦଶମବୋର୍ଡ ପରୀକ୍ଷାରେ ନୀଳଗିରି ସରସ୍ୱତୀ ଶିଶୁମନ୍ଦିରର ୪ଜଣ ବିଦ୍ୟାର୍ଥୀ ଏ୧ଗ୍ରେଡରେ ଉତ୍ତୀର୍ଣ୍ଣହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ବେଳେ ତନ୍ମଧ୍ୟରୁ ଔପଦା ବ୍ଲକ୍ ବାଉଁଶବଣିଆ ଗ୍ରାମର ମା ସୁଚେତା ରାହୁଲଙ୍କ ସୁପୁତ୍ର ଆୟୁଷ୍ମାନ ଦାସ ମୋଟ ୫୮୨ନଂ ରଖି ଜିଲ୍ଲାରେ ତୃତୀୟସ୍ଥାନ ଅଧିକାର କରିଛନ୍ତି। ମା ସୁଚେତା ଉକ୍ତ ଶିଶୁମନ୍ଦିରର ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ତେବେ ଆୟୁଷ୍ମାନ ମା ଙ୍କ ପ୍ରେରଣା, ଗୁରୁଜୀ ଗୁରୁମା ମାନଙ୍କର ଆଶୀର୍ବାଦ, ଅଧ୍ୟବସାୟ, ନିଷ୍ଠା ସର୍ବୋପରି ପାଠପ୍ରତି ସମର୍ପିତ ଥିବାରୁ ସେ ଏହି ସଫଳତା ପାଇଥିବା କହିଛନ୍ତି। ବଡ଼ହୋଇ ଆଇଆଇଟି ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛନ୍ତି। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆୟୁଷ୍ମନଙ୍କୁ ବିଦ୍ୟାଳୟ ପରିସରରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

### ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା-୨୦୨୬ ଫଳାଫଳ

## ଜିଲ୍ଲାର ପାସ ହାର ଶତକଡା ୯୪.୬୨

ଯାଜପୁର, ୨।୫ (ସଂଚାର ବ୍ୟୁରୋ): ଆଜି ଶିକ୍ଷା ବିଭାଗ ପକ୍ଷରୁ ହାଇ ଡକୁଲ ସାର୍ଟିଫିକେଟ ପାଇକ୍ଷା ଫଳ ଘୋଷଣା କରାଯାଇଛି । ଯାଜପୁର ଜିଲାରେ ମୋଟ ବିଦ୍ୟାଳୟ ( ହାଇ ସ୍କୁଲ ) ୪୪୩ଟି ରହିଛି । ଚଳିତ ବାର୍ଷିକ ପରୀକ୍ଷାରେ ମୋଟ ଫର୍ମ ପୂରଣ କରିଥିବା ଛାତ୍ରଛାତ୍ରୀ ସଂଖ୍ୟା ୨୬୦୦୩ ମଧ୍ୟରୁ ୨୫୫୪୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥି ମଧ୍ୟରୁ ପରୀକ୍ଷାରେ ପାସ କରିଥିବା ଛାତ୍ରଛାତ୍ରୀ ସଂଖ୍ୟା ୨୪୧୬୯(ଛାତ୍ରୀ ସଂଖ୍ୟା-୧୨୦୬୯ ଓ ଛାତ୍ର ସଂଖ୍ୟା-୧୨୧୦୦) ରହିଛି।କିନ୍ତୁ ପରୀକ୍ଷାରେ ୧୩୭୫ ଛାତ୍ରଛାତ୍ରୀ ଫେଲ ହୋଇଛନ୍ତି। ତେବେ ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀ ସଂଖ୍ୟା ୪୫୯ ଥିଲା। ଫଳାଫଳ ଘୋଷଣା ପରେ ପରୀକ୍ଷାରେ ଏ 1 ପାଇଥିବା ଛାତ୍ରଛାତ୍ରୀ ସଂଖ୍ୟା ୬୭ ଏବଂ ଏ ୨ ପାଇଥିବା ଛାତ୍ରଛାତ୍ରୀ ସଂଖ୍ୟା ୫୮୨ ବୋଲି ଜଣାପଡିଛି । ଅପରପକ୍ଷରେ ଜିଲାରେ ପାସ ହାର ଶତକଡା ୯୪.୬୨ ବୋଲି ପ୍ରଶାସନିକ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି ।

# ମରାମତି ହେଉନି ଅଚଳ ନଳକୂପ

### ଅଚିନ୍ତାରେ କନିଷ୍ଠ ଯନ୍ତ୍ରୀ

ବାଲିଆପାଳ,୨।୫ (ସଂଚାର ବ୍ୟୁରୋ): ଗ୍ରୀଷ୍ମ ପ୍ରବାହ ଆସୁଥିବା ବେଳେ ବାଲିଆପାଳ ବ୍ଲକରେ ବିଭିନ୍ନ ସ୍ଥାନରେ ଥିବା ପାନୀୟ ଜଳ ପ୍ରକଳ୍ପ ଠିକ୍ ଭାବରେ କାର୍ଯ୍ୟ କରୁ ନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବାଲିଆପାଳ ବ୍ଲକରେ ୨୮ଟି ପଞ୍ଚାୟତରେ ଏବେ ମାଟି ତଳୁ ପାଣିର ଧାର କମି କମି ଯାଉଥିବାରୁ ଅଧିକାଂଶ ନଳକୂପ ଅଚଳ ହୋଇଯାଉଛି। ବିଭିନ୍ନ ପଞ୍ଚାୟତରେ ଏବେ ବହୁ ପୁରୁଣା ନଳକୂପ ଗୁଡ଼ିକ ପୂର୍ବରୁ ବସିଥିବା ବେଳେ ଏବେ ସେଥିରୁ ପାଣି ବାହାରୁ ନାହିଁ | ସାଧାରଣ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ମାତ୍ର ବାସ୍ତବରେ ଯୋଜନା ସଠିକ୍ ରୂପାୟନ ହୋଇପାରୁ ନାହିଁ।

ସରକାର ଅଚଳ ପ୍ରକଳ୍ପକୁ ସଚଳ କରିବା ଏବଂ ଆବଶ୍ୟକ ସ୍ଥଳେ ନୂତନ ନଳକୂପ ଖନନ ପାଇଁ ଉଚ୍ଚସ୍ତରୀୟ ବୈଠକ କରୁଛନ୍ତି। ମାତ୍ର ବାସ୍ତବ ଚିତ୍ର କିଛି ଅଲଗା | ବାଲିଆପାଳ ବ୍ଲକ ଅଞ୍ଚଳରେ ଶତାଧିକ ନଳକୂପ ଅଚଳ ହୋଇ ପଡ଼ିଛି। ହେଲେ ମରାମତି ନାମରେ ଏହି ନଳକୂପ ଗୁଡିକ ପାଇଁ ପ୍ରତିବର୍ଷ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଥିବା ସୂଚନା ମିଳୁଛି। କେଉଁଠି କାଁ ଭାଁ ମରାମତି କରାଯାଇ ଜାଲ୍ କାଗଜପତ୍ରରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି



ବାଲିଆପାଳ ବ୍ଲକରେ ଉକ୍ତ ବିଭାଗର ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପଙ୍କଜ କୁମାର ତ୍ରିପାଠୀ ଦୀର୍ଘ ଦିନ ଧରି ରହିଥିଲେ ମଧ୍ୟ ପାନୀୟଜଳ ଯୋଗାଣ ବ୍ୟବସ୍ଥାରେ କୌଣସି ସୁଧାର ଆସୁନାହିଁ। କୌଣସି ଅଞ୍ଚଳରେ ଯଦି ନଳକୂପ ଅଚଳ ହୋଇଯାଉଛି ଫୋନ୍ ମାଧ୍ୟମରେ ବିଭାଗକୁ ଯୋଗାଯୋଗ କରିଲେ ମଧ୍ୟ ସଠିକ ସମୟ ମଧ୍ୟରେ ତାହା ମରାମତି କରାଯାଉ ନାହିଁ। କ୍ରମରେ ମଧୁପୁରା ପଞ୍ଚାୟତର ପଞ୍ଚରୁଖୀ ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଛି । ବିଦ୍ୟାଳୟ ପାଖ ନଳକୂପଟି ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିଥିଲେ ମଧ୍ୟ ତାହାକୁ ସଚଳ କରାଯାଉ ନାହିଁ |

ସ୍ୱଜଳ ଧାରା ପ୍ରକଳ୍ପ ଥିଲେ ମଧ୍ୟ ବେଳେ ବେଳେ ବିଦ୍ୟୁତ୍ ସରବରାହ ବନ୍ଦ ରହିବା ଯୋଗୁଁ ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି । ମାତ୍ର ନଳକୂପ ଅଚଳ ହେବା ଯୋଗୁଁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ଗ୍ରାମରେ ଥିବା ସ୍ୱଜଳଧାରା ପ୍ରକଳ୍ପ ଜରାଜୀର୍ଣ୍ଣ ହୋଇପଡ଼ିଛି। ପ୍ରକଳ୍ପ ଚାରିକଡ଼ରେ ଖଜୁରୀକଣ୍ଟା ଗଛ ସହ ଅନାବନା ଗଛ ମାଡ଼ି ଯାଇଛି | ସ୍ଥାନେ ସ୍ଥାନେ ପାନୀୟ ଜଳ ପାଇପ୍ ଫାଟି ଜଳ ନଷ୍ଟ ହେଉଥିବା ବେଳେ ଏହାକୁ ଧ୍ୟାନ ଦିଆ ଯାଉନାହିଁ | ଜିଲ୍ଲା କିମ୍ବା ବ୍ଲକ୍ ପ୍ରଶାସନ ସୃଷ୍ଟି ହୋଇଥିବା ସମସ୍ୟା ଗୁଡ଼ିକ ପ୍ରତି ଧ୍ୟାନ ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

### କୋରେଇ ବିଜେପିର ମିଶ୍ରଣ ପର୍ବ

## ସାମିଲ ହେଲେ ବିଜେଡିର ଶତାଧିକ ନେତା ଓ କର୍ମୀ




ଯାଜପୁର ରୋଡ଼, ୨।୫ (ସଂଚାର ବ୍ୟୁରୋ): ଶାସକ ବିଜେପି ଦଳର ସୁଶାସନରେ ଅନୁପ୍ରାଣିତ ହୋଇ ବିଜେପି ଆଡକୁ ଢଳୁଛନ୍ତି ଅନ୍ୟଦଳର ପଂଚାୟତ ପ୍ରତିନିଧି ଏବଂ କର୍ମୀ ମାନେ। ଗତ କିଛିଦିନ ହେବ ଅନେକ କର୍ମୀ ଏବଂ ପ୍ରତିନିଧି କୋରେଇ ବିଜେପିରେ ସାମିଲ ହୋଇଥିବାବେଳେ ଆଜି କୋରେଇ ବିଜେପି ପକ୍ଷରୁ ବ୍ୟାସନଗର ସ୍ଥିତ ବିଧାୟକଙ୍କ ବାସଭବନ ଠାରେ ଏକ ମିଶ୍ରଣ ପର୍ବରେ କୋରେଇ ବ୍ଲକ୍ ଅନ୍ତର୍ଗତ ଅନ୍ଧାରୀ ଗ୍ରାମପଂଚାୟତର ସଭାପତି ପ୍ରତାପ କୁମାର ରାଉତରାୟଙ୍କ ସମେତ ଶତାଧିକ ବିଜୁ ଜନତା ଦଳର ଆଗଧାଡିର କର୍ମୀ ଆଜି ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଓ ବିକଶିତ ଓଡିଶାର ସ୍ୱପ୍ନ ତଥା ମାନନୀୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ, ସ୍ୱଚ୍ଛ କାର୍ଯ୍ୟଶୈଳୀ ସର୍ବପରି କୋରେଇର ବିଧାୟକ ଆକାଶ ଦାସନାୟକଙ୍କ ସ୍ୱଚ୍ଛ ନୀତି, ଆଦର୍ଶ ତଥା ବିକଶିତ କୋରେଇ ଗଠନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି । ସମସ୍ତ ଆଗନ୍ତୁକ ଅନ୍ଧାରୀ ପଂଚାୟତ ପ୍ରତିନିଧି ଓ କର୍ମୀଙ୍କୁ ବିଧାୟକ ବିଜେପି ଦଳକୁ ସ୍ୱାଗତ କରିବା ସହ ଦଳୀୟ ଟୋପି ଓ ଉତରୀୟ ପକାଇ ଭାରତୀୟ ଜନତା ପାର୍ଟିରେ ସାମିଲ କରାଇଥିଲେ ।

ବିଧାୟକ ଆକାଶ ଦାସନାୟକ ମିଶ୍ରଣ ପର୍ବ ପରେ କୋରେଇ ବିଜେପି ଆହୁରି ଅଧିକ ଶକ୍ତିଶାଳୀ ହେଲା ଏବଂ ଅନ୍ଧାରୀ ଗ୍ରାମ ପଂଚାୟତରେ ବିଜେପି ସ୍ଥିତି ସୁଦୃଢ଼ ହେଲା କହିବା ସହ କୋରେଇ ବିକାଶ ପାଇଁ କରିଥିବା ସଂକଳ୍ପ ନିଶ୍ଚିତ ପୂରଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ ।

## ସୋଆରେ 'ଜାତୀୟ ସାଇବର ସୁରକ୍ଷା ସମ୍ମିଳନୀ' ଉଦ୍‌ଯାପିତ




ଭୁବନେଶ୍ୱର, ୨।୫ (ସଂଚାର ବ୍ୟୁରୋ): ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ କୌଣସି ସମସ୍ୟାର ସମାଧାନ ନୁହେଁ। ଏହା କାମକୁ ସହଜ କରିବାର ମାଧ୍ୟମ। ଏହା କେବେ ବି ମଣିଷର ବୁଦ୍ଧି ଭଳି ହୋଇପାରିବନି। ସେହିପରି ଷ୍ଟାର୍ଟ ଅପ୍ ଆଜି ଏକ ପ୍ୟାସନ୍‌ରେ ପରିଣତ ହୋଇଛି। ଏହା କେବଳ ପ୍ରଯୁକ୍ତିବିଦ୍ୟା ନୁହେଁ ଦଳଗତ ଶକ୍ତି ଉପରେ ନିର୍ଭର କରେ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଚାଲିଥିବା 'ସାଇବର ସୁରକ୍ଷା ଜାତୀୟ ସମ୍ମିଳନୀ'ର ଶେଷ ଦିନରେ ଏହି ମତ ପ୍ରକାଶ ପାଇଛି।

'ସାଇବର ସିକ୍ୟୁରିଟି, ଏଆଇ ଆଣ୍ଡ ଏମର୍ଜିଙ୍ଗ ଟେକ୍ନୋଲୋଜିସ୍ - ସିକ୍ୟୋରିଂ ଟୁମୋରୋଜ ଇଂଟେଲିଜେଂଟ ସିଷ୍ଟମ୍' ଶୀର୍ଷକ ଏହି ଦୁଇ ଦିନିଆ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ସିଆଇଡି କ୍ରାଇମ୍ ବ୍ରାଞ୍ଚ ଓଡ଼ିଶାର ଆଇଜି ଶ୍ରୀ ସେଫିନ୍ ଅହମ୍ମଦ୍, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ଜିଟି ଇଣ୍ଡିଆର ସିଆରଓ ଶ୍ରୀ ଜଶପ୍ରୀତ ସିଂ, ପଶ୍ଚିମବଙ୍ଗ କ୍ୟାଡରର ଯୁଗ୍ମ ସଚିବ ଓ ରାଜ୍ୟ ସିଆଇଏସଓ ଡକ୍ଟର ସଞ୍ଜୟ କୁମାର ଦାସ, ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଇଣ୍ଡିଆ ଫ୍ୟୁଚର୍ ଫାଉଣ୍ଡେସନର ପ୍ରତିଷ୍ଠାତା ଡକ୍ଟର କନିଷ୍କ ଗୌର ଓ ଷ୍ଟାର୍ଟ ଅପ୍ ଓଡ଼ିଶାର ସିଇଓ ଶ୍ରୀ ସ୍ମୃତିରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ।

ଉଦ୍‌ଯାପନୀ ଦିବସରେ 'ଏଆଇ ଫର ପବ୍ଲିକ୍ ଗୁଡ୍: ଡିଜିଟାଲ ଇଣ୍ଡିଆ, ଗଭର୍ଣ୍ଣାନ୍ସ, ଇନୋଭେସନ୍ ଆଣ୍ଡ ଷ୍ଟ୍ରାଟେଜିକ୍ ଟେକ୍ନୋଲୋଜିସ'. 'ଫ୍ରମ କମ୍ପ୍ଲାଏନ୍ସ ଟୁ ଇଂଟେଲିଜେନସ୍: ଏଆଇ, ସାଇବର ଲ ଆଣ୍ଡ ନେକ୍ସଟ-ଜେନ୍ ଏନ୍‌ଟରପ୍ରାଇଜ୍ ସିକ୍ୟୁରିଟି', 'ସେପିଙ୍ଗ୍ ଦି ଫ୍ୟୁଚର ଅଫ୍ ଏଆଇ: ରିସର୍ଚ୍ଚ, ଏକାଡେମିଆ ଆଣ୍ଡ ଥଟ୍ ଲିଡରସିପ୍ ଫର ଏ ଡିଜିଟାଲ ଇଣ୍ଡିଆ' ଉପରେ ଆଲୋଚନା ହୋଇଥିଲା। ଏଥିରେ ଓୟୁଟିଆରର କୁଳପତି ପ୍ରଫେସର ବିଭୁତି ବିଶ୍ୱାଳ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୈଶୱାଲ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ।

## ୪ ଶିକାରୀ ଗିରଫ, ବନ୍ଧୁକ ଓ ମଟରସାଇକେଲ ଜବତ



ଫୁଲବାଣୀ, ୨।୫ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଏକ ପାହାଡ଼ ପର୍ବତ ସବୁଜ ଜଙ୍ଗଲରେ ପରିପୂର୍ଣ୍ଣ। କିଛିଦିନ ପୂର୍ବେ ବାଲିଗୁଡା ବନଖଣ୍ଡ ସ୍ଥିତ ବେଲଘର ବନାଞ୍ଚଳରେ ଦୁଇଟି ହାତୀ ମୃତ୍ୟୁ ଓଡ଼ିଶାରେ ଚହଳ ପକାଇଥିଲା। ଏହାପରେ ତତ୍ପର ହୋଇ ଉଠିଥିଲା ବାଲିଗୁଡା ବନଖଣ୍ଡ ଅଧୀନରେ ଥିବା ସମସ୍ତ ବନାଞ୍ଚଳ ଏବଂ ଜଙ୍ଗଲ ନିଆଁ ଲିଭାଇବା ସହ ରାତ୍ର କାଳୀନ ପେଟ୍ରୋଲିଙ୍ଗ ମଧ୍ୟ ଆରମ୍ଭ କରିଥିଲା ତୁମୁଡିବନ୍ଧ ବନବିଭାଗ ଗତକାଲି ରାତ୍ରି ପେଟ୍ରୋଲିଙ୍ଗ ବେଳେ ସିର୍ଲା ପଞ୍ଚାୟତ ପିତାମାହା ଜଙ୍ଗଲରେ ଶିକାର ପାଇଁ ପ୍ରସ୍ତୁତ ହେଉଥିବା ୪ ଶିକାରୀଙ୍କୁ ବନବିଭାଗ ମାଡ଼ିବସିଥିଲେ। ଶିକାରୀମାନେ ସମସ୍ତେ ଗୋଟିଏ ଗ୍ରାମର ହୋଇଥିବା ବେଳେ ସେମାନଙ୍କ ଠାରୁ ଠାରୁ ୪ଟି ଦେଶୀ ବନ୍ଧୁକ, ଜୀବନ୍ଧ ଗୁଳି ୨୧ଟି, ଶିକାର ପାଇଁ ବନ୍ଧୁକରେ ବ୍ୟବହାର ହେଉଥିବା ବାରୁଦ ୧୭୦ଗ୍ରାମ, ହେଡ଼ଲାଇଟ ଏକ୍, ଗୋଟିଏ କଇଁଚି, ଜିଆଇ ତାର, ରିଲ ବାଣ, ଦିଆସିଲି ବକ୍ସ ଏବଂ ଗୋଟିଏ ମଟର ସାଇକେଲ ଯାହାର ନମ୍ବର ଓଆର ୧୨ବି ୫୧୩୩ ଜବତ କରିବାରେ ସଫଳ ହୋଇଛି। ଆଜି ତୁମୁଡିବନ୍ଧ ବନାଞ୍ଚଳ ଅଧିକାରୀ ରଜନୀକାନ୍ତି ମେହେର ୪ଜଣ ଶିକାରୀକୁ ତୁମୁଡିବନ୍ଧ କୋର୍ଟ ଚାଲାଣ କାଯୋଇଥିବା ସୂଚନା ଦେଇଛନ୍ତି।

## ଗାଁରେ ପହଞ୍ଚି ସମସ୍ୟା ପଚାରି ବୁଝିଲେ ବିଡିଓ, ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି



ବୋରିଗୁମ୍ମା, ୨।୫ (ସଂଚାର ବ୍ୟୁରୋ): ଓଡିଶା ରାଜ୍ୟ ସରକାରଙ୍କ ଜଣେ କର୍ତ୍ତବ୍ୟନିଷ୍ଠ ଓ ଜନସେବା ପାଇଁ ସମର୍ପିତ ମନୋଭାବ ନେଇ ନିରନ୍ତର ନିଜର କାର୍ଯ୍ୟ ଦକ୍ଷତା ଜାରି ରଖିଥିବା ବୋରିଗୁମ୍ମା ବିଡ଼ିଓ ସୁକାନ୍ତ କୁମାର ପଟନାୟକ ଗୁରୁବାର ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଆଉଁଳି ପଞ୍ଚାୟତର ପୋଖନାଗୁଡ଼ା ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ତାଙ୍କ ମୌଳିକ ସମସ୍ୟା ବିଷୟରେ କଥା ହୋଇ ତାଙ୍କର ସମସ୍ୟା ଶୁଣିଛନ୍ତି। କେବଳସମସ୍ୟା ଶୁଣି ନାହାଁନ୍ତି ବରଂ ସମାଧାନ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ।

ବିଡ଼ିଓଙ୍କ ଦରଦୀ ଓ ସହଯୋଗୀ ପ୍ରୟାସ ତାଙ୍କର ସାଧାରଣ ଲୋକଙ୍କ ପ୍ରତି ରହିଥିବା ସେବା ମନୋବୃତ୍ତିକୁ ପ୍ରମାଣିତ କରିଛି। ଆଜି ସକାଳୁ ଏମିତି ଘଟଣା ଦେଖିବାକୁ ମିଳିଛି ବୋରିଗୁମ୍ମା ବ୍ଲକ ଆଉଁଳି ପଞ୍ଚାୟତ ପୋଖନାଗୁଡ଼ା ଗ୍ରାମରେ। ଏହି ଗ୍ରାମବାସୀ ଦୁର୍ଦ୍ଦିନରେ ବଞ୍ଚୁଛନ୍ତି। ଗ୍ରାମରେ ପହଞ୍ଚି ସ୍ଥାନୀୟ ଜନସାଧାରଣଙ୍କୁ ଭେଟି ଗ୍ରାମାଞ୍ଚରେ ରହିଥିବା ସମସ୍ୟା, ଚାଷୀଙ୍କ ସମସ୍ୟା, ପାନୀୟ ଜଳ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟସେବା ଭଳି ପ୍ରମୁଖ ସମସ୍ୟା ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ଓ ଲୋକଙ୍କ ଅଭିଯୋଗ ପରେ ଘଟଣାସ୍ଥଳକୁ ବିଭାଗୀୟ ଅଧିକାରୀଙ୍କୁ ଡାକି ତ୍ୱରିତ ସମାଧାନ ପଦକ୍ଷେପ ନେଇଥିଲେ, ଏବଂ ବିଭାଗୀୟ ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରି ଶୀଘ୍ର ସମାଧାନ କରିବାକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

କିଛି ଗ୍ରାମବାସୀ ଘର ଖଣ୍ଡିଏ ପାଇଁ ଜଣାଇବା ପରେ ବୋରିଗୁମ୍ମା ବିଡ଼ିଓ ସୁକାନ୍ତ ପଟନାୟକ ତାଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ସାମିଲ କରିବାକୁ ବିଭିନ୍ନ ପ୍ରତିଶ୍ରୁତି ଦେଇଛନ୍ତି । ବିଭିନ୍ନ ସମୟରେ ସରକାରୀ କର୍ମଚାରୀ ସାଧାରଣ ଲୋକଙ୍କ ସମସ୍ୟା ଶୁଣୁନଥିବା ଅଭିଯୋଗ ହେଉଛି। ହେଲେ ବୋରିଗୁମ୍ମା ବିଡ଼ିଓ ସମସ୍ୟା ଶୁଣିବା ମାତ୍ରକେ ସମାଧାନ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଯାହା ଆଜି ଦେଖିବାକୁ ମିଳିଛି। ବିଡ଼ିଓଙ୍କ ଏହି ପ୍ରୟାସ ପ୍ରଶାସନିକ ଅଧିକାରୀ ମାନଙ୍କ ପାଇଁ ଏକ ବିରାଟ ଉଦାହରଣ । ଯାହାକୁ ଦେଖି ଅଞ୍ଚଳବାସୀ ବୋରିଗୁମ୍ମା ବିଡିଓଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଜଣାଇଛନ୍ତି |

## ଲକ୍ଷ୍ମୀ ନୃସିଂହ ଯାତ୍ରା ଉଦ୍‌ଯାପିତ



ହିଞ୍ଜିଳିକାଟୁ, ୨।୫ (ସଂଚାର ବ୍ୟୁରୋ): ଚଳିତବର୍ଷ ହିଞ୍ଜିଳିକାଟୁରେ ତିନି ଦିନ ଧରି ଚାଲିଥିବା ଶ୍ରୀ ଲକ୍ଷ୍ମୀ ନୃସିଂହ ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଛି | ଏହି ଯାତ୍ରା ପବିତ୍ର ନୃସିଂହ ଚତୁର୍ଦ୍ଦଶୀ ଠାରୁ ୩ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା। ତ୍ରିଦିନାତ୍ମକ ଯାତ୍ରାର ଶେଷ ଦିନରେ ବିଭିନ୍ନ ମେଢ଼, ପଟୁଆର ଓ ଆତସବାଜି ପ୍ରଦର୍ଶନ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିଥିଲା। ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ବହୁ ମାନସିକଧାରୀ ବିଭିନ୍ନ ବେଶ ଧାରଣ କରି ସହର ପରିକ୍ରମା କରିଥିଲେ। କାଟୁ ରାଜବାଟୀ ନୃସିଂହ ମନ୍ଦିରରେ ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ରାତିରେ ସ୍ୱତନ୍ତ୍ର ବିମାନରେ ପଟୁଆର ସଂକୀର୍ତ୍ତନରେ ଶ୍ରୀ ଲକ୍ଷ୍ମୀ ନୃସିଂହଙ୍କ ବିଗ୍ରହକୁ ସହର ପରିକ୍ରମା କରାଯାଇଥିଲା। ସୁସଜ୍ଜିତ ଆଲୋକମାଳା ସାଙ୍ଗକୁ ସୁଉଚ୍ଚ ତୋରଣରେ ଆଖି ଝଲସି ଉଠିଥିବା ବେଳେ କଳାକୁଞ୍ଜ ମନ ମୋହିଥିଲା। ପରେ ରାଜବାଟୀ ସମ୍ମୁଖ ବାଣ ପଡିଆରେ ବାଣ ଯାତ୍ରା ଦେଖିବା ପାଇଁ ବିଭିନ୍ନ ଗ୍ରାମରୁ ହଜାର ହଜାର ଲୋକଙ୍କ ସମାଗମ ହେଇଥିଲା।

## ୧୯ ଦଫା ଦାବି ନେଇ କେନ୍ଦୁପତ୍ର ତୋଳାଳିଙ୍କ ଧାରଣା



ସୁନ୍ଦରଗଡ଼, ୨।୫ (ସଂଚାର ବ୍ୟୁରୋ): ମେ ୨ ତାରିଖ ଶନିବାର ଦିନ କେନ୍ଦୁ ପତ୍ର ତୋଳାଳୀ ନିଜର ହକ ପାଇଁ ଗଣ ଧାରଣା ପରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଓଡ଼ିଶା କେନ୍ଦୁ ପତ୍ର କର୍ମଚାରୀ ସଂଘର ନିଷ୍ପତ୍ତି କ୍ରମେ ଏହି ଆନ୍ଦୋଳନ ଆରମ୍ଭ କରିଛନ୍ତି। କେନ୍ଦୁ ପତ୍ର ସଂଗ୍ରହ ହେଉଥିବା ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏମାନେ ଆଜି ଗଣ ଧାରଣା ଦେଇଛନ୍ତି। ଏହି କ୍ରମରେ ଆଜି କୁଚିଣ୍ଡା ଡିଭିଜନ ପାଇଁ କାମ କରୁଥିବା ସମସ୍ତ କେନ୍ଦୁ ପତ୍ର ତୋଳାଳୀ, ସିଜିଓନାଲ କର୍ମଚାରୀ, ବନ୍ଧେଇ ଶ୍ରମିକ ଓ ଆନୁସଙ୍ଗିକ ଶ୍ରମିକ ମାନେ ସାଲେପାଲି ଗ୍ରାମ ପଞ୍ଚାୟତ ଆଗରେ ଧାରଣା ଦେଇଛନ୍ତି। ଏହା ସହ ୧୯ ଦଫା ଦାବୀ ସମ୍ବଳିତ ଏକ ସ୍ମାରକ ପତ୍ର ପଞ୍ଚାୟତ କାର୍ଯ୍ୟ ନିର୍ବାହୀଙ୍କ ଜରିଆରେ ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଛନ୍ତି।

## ମାଟ୍ରିକ୍ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲାର ଉଲ୍ଲେଖନୀୟ ସଫଳତା

**ଜିଲ୍ଲାରେ ପାସ୍ ହାର- ୯୭.୫୨%,**
**ଏ-୧ ଗ୍ରେଡ୍‌ରେ ୧୪୬**
**ପାର୍ଥସାରଥୀ ମହାନ୍ତ ଜିଲ୍ଲା ଟପ୍ପର**

ବାରିପଦା, ୨।୫ (ସଂଚାର ବ୍ୟୁରୋ): ଚଳିତବର୍ଷ ମେଟ୍ରିକ୍ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଏଥର ଜିଲ୍ଲାର ପାସ୍ ହାର ୯୭.୫୨ ପ୍ରତିଶତ । ଯାହାକି ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଢେର୍ ଭଲ ପ୍ରଦର୍ଶନ କରିଛି । ଚଳିତବର୍ଷ ରେକର୍ଡ ସଂଖ୍ୟକ ୧୪୬ ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡ୍ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପାର୍ଥସାରଥୀ ମହାନ୍ତ ( ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାରିପଦା) ୫୮୮ ମାର୍କ ରଖି ଜିଲ୍ଲା ଟପ୍ପର ଭାବେ ଖ୍ୟାତି ଅର୍ଜନ କରିଛନ୍ତି ।

ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "ମେଧାବୀ ମୟୂରଭଞ୍ଜ" ଭଳି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ତରଫରୁ ହାତକୁ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ମାଗଣା କୋଚିଂ ବ୍ୟବସ୍ଥା କରାଯାଇଥିଲା । ପିଲାଙ୍କ ପାଠ ପଢାରେ ସହାୟକ ହେବା ପରି ବିଭିନ୍ନ ଇ-କଣ୍ଟେଣ୍ଟ ଯୋଗାଇ ଦିଆଯାଇଥିଲା। ଏହାଦ୍ୱାରା ପିଲାମାନେ ଭଲ ଭାବରେ ପରୀକ୍ଷା ପାଇଁ ପ୍ରସ୍ତୁତି ହୋଇପାରିଥିଲେ । ଯାହାଦ୍ୱାରା ସମଗ୍ର ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲା ପାସ୍ ହାରରେ ୧୦ ସ୍ଥାନରେ ରହିଛି । ସେହିପରି ଚଳିତ ବର୍ଷ ଜିଲ୍ଲାର ୨୮୪ଟି ବିଦ୍ୟାଳୟର ପାସ୍ ହାର ଶତ ପ୍ରତିଶତ ରହିଛି ।

## କେନାଲରେ ପଶିଗଲା କାର



ଅସ୍ତରଙ୍ଗ/କାକଟପୁର, ୨।୫ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାର ହାଇସ୍କୁଲ ଛକ ନିକଟରେ ଏକ ନୀଳ ରଙ୍ଗର ବ୍ୟଲୀନୋ କାର ଯାହାର ଗାଡି ନମ୍ବର ଓଡି୧୪ଏନ୍୨୯୮୮ ଦୁର୍ଘଟଣା ଗ୍ରସ୍ତ ହୋଇଛି। ସୂଚନା ଅନୁଯାଇ ଅସ୍ତରଙ୍ଗ ବ୍ଲକ ଗବଠେଙ୍ଗ ଗ୍ରାମର ଚିତ୍ତରଞ୍ଜନ କର ପରିବାର ସହ ଗ୍ରାମକୁ ଆସିଥିଲେ ଅସ୍ତରଙ୍ଗ ବଜାର ତିନି ଛକ ଠାରେ ଅନ୍ୟମନସ୍କ କାରଣରୁ ଗାଡିଟି ଦ୍ରୁତ ଗତିରେ ଯାଇ ପୂର୍ତ୍ତ ବିଭଗର ସାଇନ ବୋଡ଼କୁ ଧକା ଦେଇ କେନାଲ ଭିତରକୁ ପଶିଯାଇଥିଲା। କାରରେ ଥିବା ସମସ୍ତ ଯାତ୍ରୀ ଅଳ୍ପକେ ବଞ୍ଚି ଯାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଗାଡି ଭିତରୁ ସମସ୍ତଙ୍କୁ ବାହାରକୁ ଅଣାଯାଇଥିଲ। ପରେ ଏକ ଜେସିବି ସାହାଯ୍ୟରେ କାରକୁ କେନାଲ ବାହାରକୁ ଅଣା ଯାଇଥିଲା ।

### ମହିଳାଙ୍କୁ ସ୍ୱାବଲମ୍ବୀ ନାଁରେ ହେଉଛି ଶୋଷଣ

## ଲାଞ୍ଚ ନଦେଲେ ମିଳୁନି ଟଙ୍କା

ଆନନ୍ଦପୁର, ୨।୫ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରୁ ପୁଣି ସାମ୍ନାକୁ ଆସିଛି ଏକ ସଙ୍ଗୀନ ଅଭିଯୋଗ। ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାଧ୍ୟମରେ ଲୋନ୍ ଓ ବିଭିନ୍ନ ସୁବିଧା ଯୋଗାଇ ଦେଉଥିବା ବେଳେ, ଏହି ଯୋଜନାରେ ହିଁ ଦୁର୍ନୀତି ଓ ଶୋଷଣ ହେଉଥିବା ଅଭିଯୋଗ ଉଠିଛି।

ଅଭିଯୋଗ ଅନୁସାରେ, ଏସ୍‌ଏଚ୍‌ଜି ମହିଳାଙ୍କୁ ଲୋନ୍ ମିଳିବା ପାଇଁ ଲାଞ୍ଚ ଦେବାକୁ ବାଧ୍ୟ କରାଯାଉଛି। ଯଦି ଯେଉଁ ଗ୍ରୁପ୍ ଲାଞ୍ଚ ଦେବାକୁ ରାଜି ନୁହଁନ୍ତି, ତାଙ୍କ ଫାଇଲ୍ ସେମିତି ଫାଇଲ୍ ଭିତରେ ଚାପି ହୋଇ ଦୀର୍ଘ ଦିନ ପର୍ଯ୍ୟନ୍ତ ରହୁଛି। ମହିଳାମାନେ ପଚାରିଲେ କାହିଁକି ଏମିତି ଲେଟ୍ ହେଉଛି ଅଧିକାରୀମାନେ ସିଧା କହୁଛନ୍ତି ଏବେ ହେଉନାହିଁ। ଆଉ କିଛଦିନ ଅପେକ୍ଷା କର। ତେବେ ପାଞ୍ଚ ଲକ୍ଷ ଟଙ୍କା ଲୋନ୍ ମଞ୍ଜୁର କରାଇବା ନାଁରେ ତିରିଶ ହଜାର ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ମାଗାଯାଉଥିବା କହିଛନ୍ତି ପ୍ରଭାବିତ ମହିଳାମାନେ। ଲାଞ୍ଚ ନଦେଲେ ଫାଇଲ୍ ଆଗକୁ ବଢୁନି, ଏବଂ ଯୋଜନାର ଲାଭ ମିଳୁନଥିବା ମଧ୍ୟ ସେମାନଙ୍କ ଅଭିଯୋଗ ହୋଇଛି। ସ୍ୱାବଲମ୍ବି ନାଁରେ ମହିଳାଙ୍କୁ ଆଗକୁ ନେବାର ପରିବର୍ତ୍ତେ, କିଛି ସରକାରୀ କର୍ମଚାରୀ ଏହି ଯୋଜନାକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରୁଥିବା ଅଭିଯୋଗ ଉଠିଛି।

ଏହି ଘଟଣା କେବଳ ଆନନ୍ଦପୁରରେ ସୀମିତ ନୁହେଁ, ବରଂ ଜିଲ୍ଲା ପର୍ଯ୍ୟନ୍ତ ଏହି ଚେର ଲମ୍ବିଥିବା ଯାହା ପ୍ରାଥମିକ ସୂଚନା ମିଳିଛି। ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏପରି ଲାଞ୍ଚ ଓ ଦୁର୍ନୀତି ଘଟଣା ସାମ୍ନାକୁ ଆସିଥିବା ବେଳେ ଅନେକ ମଧ୍ୟ ଭିଜିଲାନ୍ସ ଜାଲରେ ଧରା ପଡିଛନ୍ତି। ମହିଳା ସଶକ୍ତିକରଣ ପାଇଁ ଆରମ୍ଭ ହୋଇଥିବା ଏହି ଯୋଜନା ଯଦି ଦୁର୍ନୀତିର ଶିକାର ହୁଏ, ତେବେ ଏହା ସରକାରୀ ପ୍ରଣାଳୀ ଉପରେ ଲୋକଙ୍କ ବିଶ୍ୱାସକୁ ଗୁରୁତର ଆଘାତ ଦେବ। ଏହା ଉପରେ ଗୁରୁତର ପ୍ରଶ୍ନ ଉଠିଛି, ଯଦି ଏହି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହିତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ବୋଲି ସାଧାରଣରେ ଦାବି ଉଠିଛି।

## 'ଆମ ବସ' ସେବାର ଶୁଭାରମ୍ଭ




ବାଲିଅନ୍ତା, ୨।୫ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଝିଣ୍ଟିଶାସନ ପଞ୍ଚାୟତ ଅଧୀନ ତ୍ରାହି ଅଚ୍ୟୁତ ପର୍ଯ୍ୟନ୍ତ ଆଜି ଆମ ବସ ସେବାର ଶୁଭାରମ୍ଭ ହୋଇଛି। ମାଷ୍ଟରକ୍ୟାଣ୍ଟିନରୁ ଆମ ବସ ପ୍ରତ୍ୟହ ୫ ଥର ଧଉଳି, ଉତ୍ତରା, ବାଲକାଟି ବସନ୍ତପେଡ଼ି କେନାଲ ବ୍ରିଜ ଦେଇ ତ୍ରାହିଅଚ୍ୟୁତ, ସାଇଫନ ଛକ, ଝିଣ୍ଟିଶାସନ ଓ ତ୍ରାହିଅଚ୍ୟୁତ ପର୍ଯ୍ୟନ୍ତ ଯାତାୟତ କରିବ। ଆଜି ସମାଜସେବୀ ପ୍ରଦୀପ୍ତ ମହାନ୍ତି ଓ ବାଲକାଟି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ ଚଢ଼େଇବର ଛକରେ ପତାକା ହଲାଇ ବସ ସେବାର ଶୁଭାରମ୍ଭ କରିଥିଲେ।

ଓଡ଼ିଶାରେ ପିଏମ୍‌ଜିଏସ୍ ଯୋଜନାର ଚତୁର୍ଥ ପର୍ଯ୍ୟାୟର ଶୁଭାରମ୍ଭ: ୧୭୦୦ କୋଟିର ପ୍ରକଳ୍ପ ଅନୁମୋଦିତ

# ୮ ଜିଲ୍ଲାର ୮୯୮ ଗାଁକୁ ମିଳିବ ୧୭୦୨ କିମିର ପକ୍କା ରାସ୍ତା

- ୨୦୦ କୋଟିରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଉଦ୍‌ଘାଟିତ ଓ ଶିଳାନ୍ୟାସ
- ୧୦୪.୫୬ କୋଟିର ୧୩ ନୂତନ ପ୍ରକଳ୍ପର ଶିଳାନ୍ୟାସ
- ଓଡ଼ିଶା ଆସିବ ବୈଜ୍ଞାନିକ ଦଳ, ଗଢ଼ାହେବ 'ସିଡ୍ ଭିଲେଜ୍': ଶିବରାଜ
- ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ହେବ 'ମିଶନ ପାୱାର'-ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨।୫(ସଂଚାର ବ୍ୟୁରୋ):** ରାଜ୍ୟର ଗ୍ରାମାଞ୍ଚଳ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟ (ପିଏମ୍‌ଜିଏସ୍‌ୱାଇ-୪)ର ଶୁଭାରମ୍ଭ ହୋଇଛି। ରାୟଗଡ଼ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି।

ପିଏମ୍‌ଜିଏସ୍‌ୱାଇ-୪ରେ ଓଡ଼ିଶାର ୮ଟି ଜିଲ୍ଲା ପାଇଁ ପ୍ରାୟ ୧୭୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟବରାଦ କରାଯିବ। ଏଥିରେ ୮୯୮ଟି ଗାଁରେ ୧୭୦୨ କିମି ପକ୍କାରାସ୍ତା ନିର୍ମାଣ କରାଯିବ। ଏହାଛଡ଼ା ମୁଖ୍ୟମନ୍ତ୍ରୀ ରାୟଗଡ଼ ଜିଲ୍ଲା ପାଇଁ ଅନେକ ନୂତନ ସଡ଼କ ପ୍ରକଳ୍ପ ଘୋଷଣା କରିବା ସହ ଏକାଧିକ ପାନୀୟ ଜଳ ଓ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗ୍ରାମାଞ୍ଚଳର ବିକାଶ ବିନା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଅସମ୍ଭବ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦୃଷ୍ଟିକୁ ସାକାର କରିବା ପାଇଁ ରାଜ୍ୟ ସରକାର ପିଏମ୍‌ଜିଏସ୍‌ୱାଇ-୪ ମାଧ୍ୟମରେ ଅଣସଂଯୋଜିତ ଗ୍ରାମଗୁଡ଼ିକୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ପର୍ଯ୍ୟାୟରେ କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଓ ସମ୍ବଲପୁର ଭଳି ୮ଟି ଜିଲ୍ଲାର ୮୯୮ଟି ଗ୍ରାମକୁ ସବୁଦିନିଆ ପକ୍କା ରାସ୍ତା ଯୋଗାଇ ଦିଆଯିବ। ଏଥିପାଇଁ ୧୭୦୨ କିମି ଦୈର୍ଘ୍ୟର ୮୨୭ଟି ନୂତନ ରାସ୍ତା ନିର୍ମାଣ ହେବ, ଯେଉଁଥିରେ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ୬୦:୪୦ ଅନୁପାତରେ ଅର୍ଥ ବିନିଯୋଗ କରିବେ। ଏହି ଅବସରରେ ଓଡ଼ିଶା ପାଇଁ କେନ୍ଦ୍ରୀୟ ସହାୟତାର ବଡ଼ ଘୋଷଣା କରାଯାଇଛି।

ଏଥିସହ ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧିନରେ ୬୩୦ କୋଟି ଟଙ୍କା ଏବଂ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା-ଜଳ ବିଭାଜିକା ବିକାଶ ଉପାଦାନ ପାଇଁ ୩୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ପିଏମ୍‌ଜିଏସ୍‌ୱାଇ-୪ରେ କେବଳ ରାୟଗଡ଼ ଓ ମାଲକାନଗିରି ଜିଲ୍ଲାରେ ୪୪୨ଟି ନୂତନ ରାସ୍ତା ନିର୍ମାଣ କରାଯିବ। ଏହାଛଡ଼ା ମୁଖ୍ୟମନ୍ତ୍ରୀ ରାୟଗଡ ଜିଲ୍ଲାରେ ଅନେକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। କୋଲନରା, ମୁନିଗୁଡ଼ା ଓ ରାୟଗଡ଼ ବ୍ଲକରେ ୯୭ କୋଟି ଟଙ୍କା ବ୍ୟୟରେ ୩ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ହୋଇଛି, ଯାହାଦ୍ୱାରା ୯୮ ଗାଁର ଜନସାଧାରଣ ଉପକୃତ ହେବେ। ରାୟଗଡ଼ା, କାଶିପୁର, କେ. ସିଙ୍ଗପୁର, କୋଲନରା ଓ ମୁନିଗୁଡ଼ା ବ୍ଲକ ଅଞ୍ଚଳରେ ୧୦୪ କୋଟି ୫୬ ଲକ୍ଷ ଟଙ୍କା ବିନିଯୋଗରେ ୧୩ଟି ନୂଆ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗ୍ରାମୀଣ ଅର୍ଥନୀତିକୁ ସଜାଡ଼ିବା ପାଇଁ ରାଜ୍ୟ ସରକାର 'ମିଶନ୍ ପାୱାର୍ (ପାୱାର୍-ୱାଟର୍-ରୋଡ୍)' ଅଭିଯାନ ଆରମ୍ଭ କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ୫୦ରୁ ଅଧିକ ଜନସଂଖ୍ୟାବିଶିଷ୍ଟ କ୍ଷୁଦ୍ର ପଡ଼ା ଗ୍ରାମଗୁଡ଼ିକୁ ପକ୍କା ରାସ୍ତା, ବିଜୁଳି ଓ ପାନୀୟ ଜଳ ଯୋଗାଇ ଦିଆଯିବ। ଚଳିତ ବର୍ଷ ବଜେଟରେ ପଞ୍ଚାୟତିରାଜ ବିଭାଗ ପାଇଁ ୩୪,୧୦୪ କୋଟି ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ୧୦,୨୦୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବାକୁ ସରକାର ପ୍ରତିବଦ୍ଧ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶିବରାଜ୍ ସିଂହ ଚୌହାନ କହିଛନ୍ତି ଯେ ସରକାର କେବଳ ପ୍ରତ୍ୟେକ ଗ୍ରାମକୁ ସଡ଼କ ପଥରେ ଯୋଡ଼ିବା ପାଇଁ ଆସିନାହାଁନ୍ତି, ବରଂ ପ୍ରତିଟି ହୃଦୟ ସହ ହୃଦୟକୁ ଯୋଡ଼ିବା ହେଉଛି ତାଙ୍କର ମୂଳ ଲକ୍ଷ୍ୟ। ସର୍ବାଙ୍ଗୀନ ବିକାଶ ଓ ପ୍ରଗତି ହିଁ ବର୍ତ୍ତମାନ ସରକାରଙ୍କ ପ୍ରମୁଖ ପ୍ରତୀକ। ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ କୌଣସି ବି ଗ୍ରାମ ଆଉ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିବ ନାହିଁ। ଆମେ କେବଳ ଫମ୍ପା ପ୍ରତିଶ୍ରୁତି ଦେବାରେ ବିଶ୍ୱାସ କରୁନାହୁଁ, ବରଂ କାମ କରି ଦେଖାଇବାରେ ବିଶ୍ୱାସ କରୁ ବୋଲି ସେ ମଞ୍ଚରେ କହିଥିଲେ। କୃଷି କ୍ଷେତ୍ରରେ ଓଡ଼ିଶାକୁ ଆଗକୁ ନେବା ପାଇଁ କେନ୍ଦ୍ରମନ୍ତ୍ରୀ ଏକ ପ୍ରସ୍ତାବ ରଖିଛନ୍ତି। କେନ୍ଦ୍ର ସରକାର ଓଡ଼ିଶାକୁ ଏକ ସ୍ୱତନ୍ତ୍ର ବୈଜ୍ଞାନିକ ଦଳ ପଠାଇବେ। ଏହି ବିଶେଷଜ୍ଞମାନେ ରାଜ୍ୟର ବିଭିନ୍ନ ଅଞ୍ଚଳ ବୁଲି 'ସମନ୍ୱିତ କୃଷି ବ୍ୟବସ୍ଥା'ର ସମୀକ୍ଷା କରିବେ। କେବଳ ଧାନ ଚାଷ ନୁହେଁ, ବରଂ ଚାଷୀମାନେ ଯେପରି ସମସ୍ତ ପ୍ରକାରର ଅର୍ଥକାରୀ ଫସଲ ଉତ୍ପାଦନ କରି ଅଧିକ ରୋଜଗାର କରିପାରିବେ, ସେଥିପାଇଁ ସରକାର ମାର୍ଗଦର୍ଶନ ପ୍ରଦାନ କରିବେ। ଓଡ଼ିଶାର ପ୍ରତ୍ୟେକ କୃଷିଭିତ୍ତିକ ଗ୍ରାମକୁ ଏକ 'ବିହନ ଗ୍ରାମ' ଭାବେ ଗଢ଼ି ତୋଳିବା ପାଇଁ କେନ୍ଦ୍ର ସରକାରଙ୍କ ଇଚ୍ଛା ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ଅଭିଭାଷଣ ଦେଇଛନ୍ତି। କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ଆପାଲା ସ୍ୱାମୀ କାଡ୍ରାକା, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗୋ ଓ ବିଷମକଟକ ବିଧାୟକ ନୀଳମାଧବ ହିକକା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ନିର୍ଦ୍ଦେଶିକା ରୀନା ନାଗର, ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ ଓ ରାୟଗଡ଼ା ଜିଲ୍ଲାପାଳ କୁଲକର୍ଣ୍ଣି ଆଶୁତୋଷ ଉପସ୍ଥିତ ଥିଲେ।



## ପ୍ରଭାତ ବିଶ୍ୱାଳଙ୍କୁ ଭେଟିଲେ ସାଂସଦ ଦିଲୀପ ରାୟ

### ବଢ଼ିଲା ବିଜେପିରେ ଯୋଗଦାନ ଚର୍ଚ୍ଚା

**କଟକ, ୨।୫(ସଂଚାର ବ୍ୟୁରୋ):** ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଓ ବାର୍ତ୍ତମାନର ବିଧାୟକ ସୌଭିକ ବିଶ୍ୱାଳଙ୍କୁ ନେଇ ରାଜ୍ୟ ରାଜନୀତି ବେଶ ସରଗରମ ହୋଇଛି। ଜଣେ ବିଜେଡିରୁ ବହିଷ୍କୃତ ହୋଇଥିବା ବେଳେ ଆଉ ଜଣେ ନିଲମ୍ବିତ ହୋଇଛନ୍ତି। ଏବେ ଉଭୟଙ୍କର ବିଜେପିରେ ଯୋଗଦାନ ନେଇ ଚର୍ଚ୍ଚା ଜୋର୍‌ଦାର ଥିବା ବେଳେ ଏହା କ୍ରମଶଃ ବାସ୍ତବରେ ପରିଣତ ହେବା ପରି ଲାଗୁଛି। ଗତକାଲି ସକାଳେ ନବନିର୍ବାଚିତ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ଭୁବନେଶ୍ୱରରୁ ବାରିପଦା ଯାଉଥିବା ସମୟରେ ଓଏମ୍‌ପି ଛକରେ ବିଧାୟକ ସୌଭିକ ବିଶ୍ୱାଳ ସାଂସଦ ଶ୍ରୀ ରାୟଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିବା ବେଳେ ଆଜି ସାଂସଦ ବିଧାୟକଙ୍କ ମହାନଦୀ ବିହାରସ୍ଥିତ ବାସଭବନରେ ପହଞ୍ଚି ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ସହ ୧୫ ମିନିଟ ଧରି ଏକ ଗୁପ୍ତ ବୈଠକ କରିଥିଲେ। ଏହା ପୂର୍ବରୁ ସିଆରଆରଆଇ ଧାନ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବା ପାଇଁ ଯାଉଥିବା ସମୟରେ ଶ୍ରୀ ବିଶ୍ୱାଳ ମଧ୍ୟ ତାଙ୍କୁ ଓଏମପି ଛକରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଘଟଣାକୁ ନେଇ ଉଭୟ ବାପା-ପୁଅଙ୍କର ବିଜେପିରେ ଯୋଗଦାନକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଅବଶ୍ୟ ପୂର୍ବତନ ବିଧାୟକ ଶ୍ରୀ ବିଶ୍ୱାଳ ଏହାକୁ ଏକ ସୌଜନ୍ୟମୂଳକ ସାକ୍ଷାତକାର ବୋଲି କହି କୌଣସି ପ୍ରକାର ଆକଳନକୁ ଏଡ଼ାଇ ଯାଇଛନ୍ତି। ଏହି ସମୟରେ କିଛି ବିଜେଡି କର୍ପୋରେଟରଙ୍କ ସମେତ ସ୍ୱାଧୀନ କର୍ପୋରେଟର ମଧ୍ୟ ବାସଭବନରେ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ କ'ଣ ଆଲୋଚନା ହୋଇଛି, ସେନେଇ ବିଶେଷ କିଛି ଜଣାପଡ଼ି ନ ଥିବା ବେଳେ ଆସନ୍ତାକାଲି ପ୍ରଭାତ ବିଶ୍ୱାଳ ଚାଉଳିଆଗଞ୍ଜ ଖେଳ ପଡ଼ିଆରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ଏକ ବିଶାଳ କର୍ମୀ ସମାବେଶର ଆୟୋଜନ କରି ତାଙ୍କର ଆଗାମୀ ରଣନୀତି ପ୍ରସ୍ତୁତ କରିବେ ବୋଲି ସୂଚନା ମିଳିଛି।

## ନିଶାସକ୍ତ ପୁଅର ଶିଳପୁଆ ମାଡ଼ରେ ବାପା ମୃତ



**ଆଠଗଡ଼, ୨।୫(ସଂଚାର ବ୍ୟୁରୋ):** ଆଠଗଡ଼ ଥାନା ଅନ୍ତର୍ଗତ ଜାଗିଆପଡ଼ା ଗ୍ରାମର ତଅଁଳା ସାହିରେ ଶନିବାର ସକାଳେ ଘଟିଛି ଏକ ନୃଶଂସ କାଣ୍ଡ। ନିଶାସକ୍ତ ପୁଅ ବିଭୁତି ନାଏକ (୪୦)ର ଶିଳପୁଆ ମାଡ଼ରେ ମୃତ୍ୟୁବରଣ କରିଛନ୍ତି ବାପା ବିକଳ ନାଏକ। ଘଟଣା ପରେ ଗ୍ରାମବାସୀ ବିଭୁତିକୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ଆଠଗଡ଼ ପୁଲିସ ବିଭୁତିକୁ ଅଟକ ରଖିବା ସହ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ସକାଶେ ଆଠଗଡ଼ ଡାକ୍ତରଖାନାକୁ ଆଣିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଏତଲା ହୋଇ ନ ଥିବା ଥାନାଧିକାରୀ ସୁମତି କୁମାରୀ ମହାନ୍ତି ସୂଚନା ଦେଇଛନ୍ତି। କିନ୍ତୁ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

- ଜନଗଣନା କାର୍ଯ୍ୟ ସାରି ଫେରିବା ପରେ...

## ଶିକ୍ଷକଙ୍କ ମୃତ୍ୟୁ, ଦୁର୍ଘଟଣାରେ ଶିକ୍ଷୟିତ୍ରୀ ଆହତ



**ବାସୁଦେବପୁର, ୧।୫ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅଧୀନସ୍ଥ ଆରଡୁଙ୍ଗ ଗ୍ରାମର ଶିକ୍ଷକ ବଳରାମ ବିନ୍ଧାଣୀଙ୍କର ଗତକାଲି ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ପ୍ରଭାବରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଆଜି ସକାଳେ ସେ ହଠାତ ଅସୁସ୍ଥ ଅନୁଭବ କରିବା ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମିଳିଥିବା ସୂଚନାନୁସାରେ, ସେ ଚାନ୍ଦବାଲି ବ୍ଲକ୍ ଗାରଦପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଜନଗଣନା କାର୍ଯ୍ୟ ସାରି ସେ ଘରକୁ ଫେରିବା ପରେ ଅଚାନକ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ସକାଶେ ବାସୁଦେବପୁର ଡାକ୍ତରଖାନାରେ ରଖାଯାଇଛି। ଏହି ଘଟଣାରେ ବାସୁଦେବପୁର ଓ ଚାନ୍ଦବାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ସେହିପରି ଗତ ଗୁରୁବାର ଜନଗଣନା କାର୍ଯ୍ୟରୁ ଫେରୁଥିବା ସମୟରେ ଜନୈକ ଶିକ୍ଷୟିତ୍ରୀ ସଡ଼କ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିରେ ପଦ୍ମନାଭପୁର ପଞ୍ଚାୟତ ଭୁଶୁଣ୍ଡା ଗ୍ରାମ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କେ. ଗୀତାଞ୍ଜଳି ଆଚାରୀ (୩୯)ଙ୍କ ସ୍କୁଟିକୁ ଏକ କାର୍ ଧକ୍କା ଦେଇଥିଲା। ଫଳରେ ସେ କଚାଡ଼ି ହୋଇ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଏଥିରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଥିବା ବେଳେ ବାମ ଆଣ୍ଠୁରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆବଶ୍ୟକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

- ଜମି ବିବାଦରୁ ହତ୍ୟାକାଣ୍ଡ ଅଭିଯୋଗ

## ଘରୁ ଡାକିନେଇ ଗୁଳି କରିଦେଲେ

**ତୁମୁଡ଼ିବନ୍ଧ, ୨।୫(ସଂଚାର ବ୍ୟୁରୋ):** ଘରୁ ଡାକିନେଇ ଗୁଳି କରି କରି ଜୀବନ ନେଇଛନ୍ତି। ଜମି ବିବାଦରୁ ଘଟିଛି ଏହି ହତ୍ୟାକାଣ୍ଡ। କଳାହାଣ୍ଡି ଜିଲ୍ଲାର ତୁମୁଡ଼ିବନ୍ଧ ବ୍ଲକ ବେଲଘର ଥାନା ଅଞ୍ଚଳରୁ ଆସିଛି ଏଭଳି ଏକ ଛାତିଥରା ଖବର। ମୃତକ ଜଣଙ୍କ ହେଲେ ବେଲଘର ଥାନା ଗୁମା ପଞ୍ଚାୟତ ସାପେରି ଗାଁର କାମଦେବ ମାଝୀ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଏହି ଘଟଣା ନେଇ ପରିବାରରେ ଖେଳିଯାଇଛି ଶୋକର ଛାୟା। ମିଳିଥିବା ସୂଚନାନୁଯାୟୀ, ଶୁକ୍ରବାର ଅପରାହ୍ନରେ କାମଦେବ ଘରେ ଶୋଇଥିବା ସମୟରେ ତାଙ୍କର ଦୁଇ ସମ୍ପର୍କୀୟ ମଧୁସୂଦନ ମାଝୀ ଓ ଲିଟୁ ମାଝୀ ତାଙ୍କୁ ସାଙ୍ଗରେ ଡାକି ନେଇଥିଲେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ କାମଦେବ ଘରକୁ ଫେରିନଥିବା ବେଳେ କାଡ଼ାପାନ୍ନା ଗ୍ରାମ ନିକଟରେ ତାଙ୍କ ମୃତ ଦେହ ଦେଖି ଅଞ୍ଚଳବାସୀ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଓ ସମ୍ପର୍କୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି କାମଦେବଙ୍କ ମୃତଦେହ ଦେଖିବା ପରେ ଏନେଇ ବେଲଘର ପୁଲିସକୁ ଅବଗତ କରାଇଥିଲେ। ପୁଲିସ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି। ମୃତକଙ୍କ ଶରୀରର ଗୁଳି ଚିହ୍ନ ରହିଥିବା ଜଣାପଡ଼ିଛି।



- କେନ୍ଦୁପାଟଣା ଆରଏମସି ପଡ଼ିଆରେ ଚାଷୀ ସମାବେଶ

## ଚାଷୀକୁ ସବଳ କରିବାକୁ ପଦକ୍ଷେପ ନେଉଛନ୍ତି ସରକାର

**ଚାଷୀଙ୍କ ବିକାଶ ପାଇଁ ଉଦ୍ୟମ ଜାରି ରଖିଛି: ଶାରଦା**

**ନିଶ୍ଚିନ୍ତକୋଇଲି, ୨।୫(ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ୍ କୁଳିଆ ଆରଏମସି ପଡ଼ିଆରେ ଆଜି ଏକ ବିଶାଳ ଚାଷୀ ସମାବେଶ ଅନୁଷ୍ଠିତ ହୋଇଛି। ଜିଲ୍ଲା ସମବାୟ ନିବନ୍ଧକ ସୁପ୍ରିୟା ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଶିଷ୍ଟ ଅତିଥି ଭାବେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇଥିଲେ। ସେମାନେ ଅଭିଭାଷଣରେ କହିଥିଲେ ଯେ ମାହାଙ୍ଗା ହେଉଛି ସାହିତ୍ୟ, ସଂସ୍କୃତିସମ୍ପନ୍ନ ମାଟି। ଏଠି ବହୁ ମହାମନିଷୀ ଜନ୍ମଗ୍ରହଣ କରିଛନ୍ତି। ଏହା ଏକ ଚାଷୀବହୁଳ ନିର୍ବାଚନମଣ୍ଡଳୀ। ଏଠାରେ ଲୋକମାନେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରିଥାନ୍ତି। ଚାଷୀମାନେ ଅନ୍ନଦାତା ହୋଇଥିବାରୁ ସେମାନଙ୍କ ସୁବିଧା ପାଇଁ ଆଜି ବିଜେପି ସରକାର ବିଭିନ୍ନ ପ୍ରକାର ଯୋଜନା ଲାଗୁ କରି ସେମାନଙ୍କ ମେରୁଦଣ୍ଡକୁ ମଜବୁତ୍ କରୁଛି। କ୍ଷମତାକୁ ଆସିବା ପରେ ରାଜ୍ୟ ସରକାର ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ବୋନସ୍ ଦେବା ସହ କେନାଲ ଲାଇନିଂ ମାଧ୍ୟମରେ କ୍ଷେତକୁ ପାଣି ଯୋଗାଇବାର ବ୍ୟବସ୍ଥା ବି କରାଯାଉଛି। ଦୁଇ ବର୍ଷର ଶାସନ କାଳରେ ସରକାର ରାଜ୍ୟର ଚାଷୀଙ୍କ ଆୟ ଦୁଇଗୁଣ କରିବା ସକାଶେ ପ୍ରୟାସ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଓ ଶ୍ରୀ ବଳସାମନ୍ତ କହିଛନ୍ତି। ସମ୍ମାନିତ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ କହିଛନ୍ତି ଯେ ସେ ଚାଷୀ ପରିବାରରୁ ଆସିଛନ୍ତି, ତେଣୁ ମାହାଙ୍ଗା ନିର୍ବାଚନମଣ୍ଡଳୀର ଚାଷୀମାନଙ୍କର କିପରି ବିକାଶ ହୋଇପାରିବ, ସେ ଦିଗରେ ସଦାସର୍ବଦା ପ୍ରୟାସ ଜାରି ରଖିଥିବା କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଈପ୍‌ସିତା ମିଶ୍ର ଯୋଗଦେଇଥିବା ବେଳେ ଜିଲ୍ଲା ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିଗଣ ସମବାୟ ବିଭାଗ ଦ୍ୱାରା ୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ନିୟନ୍ତ୍ରିତ ବଜାର କମିଟି କେନ୍ଦୁପାଟଣା ମାର୍କେଟ କମ୍ପ୍ଲେକ୍ସ ଗୃହର ଶିଳାନ୍ୟାସ ବି କରିଥିଲେ।

## 'କାଙ୍ଗୁଲା' ସମାଜର ଆସ୍ଥା ଓ ଶ୍ରଦ୍ଧାକୁ ବଜାୟ ରଖିବ



**ଭୁବନେଶ୍ୱର, ୨।୫(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସ୍କ୍ରିନିଂରେ ନୂତନ ଓଡ଼ିଆ ଚଳଚ୍ଚିତ୍ର 'କାଙ୍ଗୁଲା'ର ଟ୍ରେଲର ଦେଖିବା ସହ ଏହାକୁ ପ୍ରଶଂସା କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୋଳର ପ୍ରସିଦ୍ଧ 'କାଙ୍ଗୁଲା' ଗ୍ରାମର ଦଣ୍ଡୁଆ ଦଳର ଜୀବନଶୈଳୀ ଓ ଆଧ୍ୟାତ୍ମିକ ବିଶ୍ୱାସକୁ ନେଇ ନିର୍ମିତ ଏହି ସିନେମା ଓଡ଼ିଆ ସଂସ୍କୃତିର ଏକ ନିଚ୍ଛକ ପ୍ରତିଛବି। ଓଡ଼ିଆ ସିନେମା କେବଳ ମନୋରଞ୍ଜନ ନୁହେଁ, ଏହା ଏକ ସାମାଜିକ ବାର୍ତ୍ତା ଓ ଆନ୍ଦୋଳନ। 'କାଙ୍ଗୁଲା' ଭଳି ଚଳଚ୍ଚିତ୍ର ଆମ ସମାଜର ଆସ୍ଥା ଓ ଶ୍ରଦ୍ଧାକୁ ବଜାୟ ରଖିବାରେ ସହାୟକ ହେବ। ଓଡ଼ିଶାର ପାରମ୍ପରିକ 'ଦଣ୍ଡ ନାଚ' ଓ ମା' କାଳୀଙ୍କ ମହିମା ଉପରେ ଆଧାରିତ ଏହି ଚଳଚ୍ଚିତ୍ରଟି ଓଡ଼ିଆ ମାଟିର ମୌଳିକ କାହାଣୀକୁ ଅତି ଚମତ୍କାର ଭାବେ ଉପସ୍ଥାପନ କରିଥିବ ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ହୋଟେଲ ପଦ୍ମଜାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ଚଳଚ୍ଚିତ୍ରର ମୁଖ୍ୟ କଳାକାର ସମ୍ବିତ ଆଚାର୍ଯ୍ୟ, ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

**ଓଡ଼ିଆ ସିନେମା ଏକ ସାମାଜିକ ବାର୍ତ୍ତା ଓ ଆନ୍ଦୋଳନ**

ଜାତୀୟ ରାଜପଥ ଓ ଆର୍‌ଓବି ପ୍ରକଳ୍ପ ଅଗ୍ରଗତି ନେଇ ସମୀକ୍ଷା

## ଧାର୍ଯ୍ୟ ସମୟରେ ପ୍ରକଳ୍ପ ସାରିବା ଉପରେ ଗୁରୁତ୍ୱ



**ଭୁବନେଶ୍ୱର, ୨।୪(ସଂଚାର ବ୍ୟୁରୋ):** ରାସ୍ତାଘାଟ ଓ ଭିତ୍ତିଭୂମି ସୁଦୃଢ଼ୀକରଣ ଜରିଆରେ ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁତ୍ୱ ଦେଇଆସିଛନ୍ତି। ବିକାଶମୂଳକ କାର୍ଯ୍ୟକୁ ଆଗେଇନେବା ଲାଗି ଅର୍ଥର ଅଭାବ ନାହିଁ। ତେବେ ଜାତୀୟ ରାଜପଥଠାରୁ ଆରମ୍ଭ କରି ରାଜ୍ୟ ରାଜପଥ ଓ ରେଲେୱେ ଓଭର ବ୍ରିଜ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରିତ ବେଗରେ ଆଗେଇନେଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ଉପରେ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଗୁରୁତ୍ୱାରୋପ କରିଛନ୍ତି।

ନିର୍ମାଣ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପୃଥକ ପୃଥକ ବୈଠକରେ ସମୀକ୍ଷା କରି ଶ୍ରୀ ସିଂହ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ରାଜପଥ ପ୍ରକଳ୍ପ, ରାଜ୍ୟ ରାଜପଥ ପ୍ରକଳ୍ପ ଓ ରେଲେୱେ ଓଭର ବ୍ରିଜ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ବୈଠକରେ କ୍ୟାପିଟାଲ ରିଜିୟନ୍ ରିଂ ରୋଡ୍, ସମ୍ବଲପୁର ବାଇପାସ୍, ଚଣ୍ଡିଖୋଲ-ପାରାଦୀପ ରାସ୍ତା, ଡୁବୁରୀ-ଚଣ୍ଡିଖୋଲ ରାସ୍ତା, ଉପକୂଳ ରାଜପଥର ସମୀକ୍ଷା ହୋଇଛି। ସେହିଭଳି ଭଞ୍ଜନଗର-ଆସ୍କା ଜାତୀୟ ରାଜପଥ, ବ୍ରହ୍ମପୁର ବାଇପାସ୍, ଖୋର୍ଦ୍ଧା ବାଇପାସ୍, ନୟାଗଡ଼ ଟାଉନ୍ ବାଇପାସ୍, ଜୟପୁର ବାଇପାସ୍, କନ୍ଦରପୁର-ବାଲିକୁଦା ରାସ୍ତା, କୋଟପାଡ଼ ବାଇପାସ୍, ବାଘମାରୀ ବାଇପାସ୍, ବଲାଙ୍ଗିର ଟାଉନ୍ ବାଇପାସ୍ ସହ କୁଆଖିଆ-ମଙ୍ଗଳପୁର ରାସ୍ତାର ପ୍ରଶସ୍ତିକରଣ, ଝରିକେଲା-ପାନ୍‌ପୋଷ ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ, ନବରଙ୍ଗପୁର ବାଇପାସ୍ ରୋଡ୍, ଧର୍ମଗଡ଼ ବାଇପାସ୍, ବୋରିଗୁମ୍ମା ବାଇପାସ୍ ସହ ବୈତରଣୀ ସମେତ ବିଭିନ୍ନ ସ୍ଥାନରେ ହାଇଲେବଲ୍ ସେତୁର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅଧିଗ୍ରହଣ ଓ ୟୁଟିଲିଟି ସିଫଟିଂ ସମସ୍ୟାର ତୁରନ୍ତ ସମାଧାନ ସହ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ଆନ୍ତର୍ଜାତିକ ଶ୍ରମିକ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ

# ରାଜ୍ୟରେ ଆରମ୍ଭ ହେଲାଣି ରିଭର୍ସ ମାଇଗ୍ରେସନ୍

**ଭୁବନେଶ୍ୱର, ୨।୫(ସଂଚାର ବ୍ୟୁରୋ):** ଆନ୍ତର୍ଜାତିକ ଶ୍ରମିକ ଦିବସରେ ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ ରାଜ୍ୟରେ ବ୍ୟାପକ ଶିଳ୍ପାୟନ ଜରିଆରେ ଆଗାମୀ ଦିନରେ ଦାଦନ ସମସ୍ୟା ଦୂର ହେବ। ରାଜ୍ୟର ଶ୍ରମଜୀବୀମାନେ ରାଜ୍ୟ ଭିତରେ କାମ ପାଇବେ। ରାଜ୍ୟରେ ରୋଜଗାର ସୁଯୋଗ ଦେଖି ରିଭର୍ସ ମାଇଗ୍ରେସନ ଆରମ୍ଭ ହେଲାଣି। ତିରୁପୁର ଓ କୋଏମ୍ବାଟୁର ପରି ସ୍ଥାନରୁ ଓଡ଼ିଆ ଶ୍ରମିକ ଆସି ଏଠାକାର ପୋଷାକ ଶିଳ୍ପରେ କାମ କଲେଣି।

**୫ ଲକ୍ଷରୁ ଅଧିକ ପଞ୍ଜିକରଣ, ୫୪୧ କୋଟିର ସହାୟତା ବଣ୍ଟନ**

**୬ ହଜାର ଶ୍ରମିକଙ୍କୁ ପରିଚୟପତ୍ର ଓ ୧୫୦ କୋଟିର ସହାୟତା**

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଶ୍ରମିକମାନେ ମାନବ ସଭ୍ୟତାର ପ୍ରକୃତ ନିର୍ମାତା ଓ ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ତ୍ୟାଗ ଆମ ଦେଶ ତଥା ରାଜ୍ୟକୁ ଆଗକୁ ବଢ଼ିବାରେ ସହାୟକ ହେଉଛି। ତେଣୁ ସେମାନଙ୍କୁ ଉଚିତ ପାରିଶ୍ରମିକ ପ୍ରଦାନ ସହ କାର୍ଯ୍ୟ କ୍ଷେତ୍ରରେ ସେମାନଙ୍କ ନ୍ୟାୟୋଚିତ ଅଧିକାର, ସାମାଜିକ ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ପଡ଼ିବ। ସରକାର ଶ୍ରମିକଙ୍କ ସାମଗ୍ରିକ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ଓ ପଦକ୍ଷେପ ଗ୍ରହଣ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧିନରେ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ନୂତନ ଭାବେ ପଞ୍ଜିକରଣ କରାଯାଇଥିବା ବେଳେ ୫୪୧ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହ ଅଣସଂଗଠିତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଦେବା ପାଇଁ ବିଶେଷ ପଦକ୍ଷେପ ଗ୍ରହଣ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। 'ଶ୍ରମିକ ସାଥୀ' ମୋବାଇଲ ଆପ୍ ଜରିଆରେ ଶ୍ରମିକଙ୍କୁ ସହଜରେ ସେବା ଯୋଗାଇ ଦିଆଯାଉଥିବା ବିଷୟରେ ସେ ଖୁସି ବ୍ୟକ୍ତ କରିଥିଲେ। ଶ୍ରମିକମାନଙ୍କୁ ଉଚିତ ମଜୁରୀ ଓ କାର୍ଯ୍ୟ କ୍ଷେତ୍ରରେ ସମ୍ମାନଜନକ ପରିବେଶ ଯୋଗାଇବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି।




ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରମିକଙ୍କ ପାଇଁ ପରିବର୍ତ୍ତନଶୀଳ ମହଙ୍ଗା ଭତ୍ତା ଦୈନିକ ୧୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି, ଯାହାକି ଗତ ଏପ୍ରିଲ୍ ୧ରୁ ପିଛିଲା ଭାବେ ଲାଗୁ ହେବ। ଫଳରେ ଅଣକୁଶଳୀ ଶ୍ରମିକଙ୍କ ପାଇଁ ଦୈନିକ ମଜୁରି ୪୭୨ ଟଙ୍କାରେ ପହଞ୍ଚିଥିବା ବେଳେ ଅର୍ଦ୍ଧକୁଶଳୀଙ୍କ ପାଇଁ ଏହା ୫୨୨, କୁଶଳୀଙ୍କ ପାଇଁ ୫୭୨ ଓ ଉଚ୍ଚକୁଶଳୀଙ୍କ ପାଇଁ ୬୨୨ ଟଙ୍କାରେ ପହଞ୍ଚିଛି। ଶ୍ରମଜୀବୀଙ୍କୁ ବର୍ଷତମାମ କାମ ଯୋଗାଇବା ପାଇଁ ସରକାରଙ୍କ ପକ୍ଷରୁ 'ଡାଲଖାଇ ଯୋଜନା' ଆରମ୍ଭ କରାଯାଉଛି, ଯାହାକି ଦାଦନ ସମସ୍ୟା ରୋକିବାରେ ପ୍ରମୁଖ ମାଧ୍ୟମ ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୩୦ କୋଟି ଟଙ୍କା ବ୍ୟୟ ଅଟକଳରେ ଡିଭିଜନାଲ ଶ୍ରମ ଆୟୁକ୍ତ ଓ ସହକାରୀ ଶ୍ରମ ଅଧିକାରୀମାନଙ୍କ ପାଇଁ ୫୦ଟି ନୂତନ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶ୍ରମିକମାନଙ୍କୁ ସରକାରୀ ସୁବିଧା ହାତପାହାନ୍ତାରେ ପହଞ୍ଚାଇବାରେ ଏହା ଏକ ମାଇଲଷ୍ଟୋନ୍ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଭାରତୀୟ ଶେୟାର ବଜାରକୁ ପଛରେ ପକାଇଲା ଏନଭିଡିଆ




ନୂଆଦିଲ୍ଲୀ,୨।୫: ବିଶ୍ୱବ୍ୟାପୀ ଚାଲିଥିବା କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ବିପ୍ଳବ ମଧ୍ୟରେ ଆମେରିକାର ଚିପ୍ ନିର୍ମାତା କମ୍ପାନୀ ଏନଭିଡିଆ (ଏନଭିଡିଆ) ଏକ ଅବିଶ୍ୱସନୀୟ ମାଇଲଷ୍ଟୋନ ଅତିକ୍ରମ କରିଛି। ବର୍ତ୍ତମାନ ଏହି ଗୋଟିଏ କମ୍ପାନୀର ମାର୍କେଟ କେପିଟାଲ୍ ଭାରତର ସମସ୍ତ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ମୂଲ୍ୟକୁ ଅତିକ୍ରମ କରିଛି। ବ୍ଲୁମବର୍ଗର ତଥ୍ୟ ଅନୁଯାୟୀ, ଏନଭିଡିଆର ଏହି ଦବଦବା ଭାରତୀୟ ନିବେଶକଙ୍କ ପାଇଁ ଚିନ୍ତାର ବିଷୟ ହୋଇପାରେ। ଏନଭିଡିଆ ବନାମ ଭାରତୀୟ ବଜାର ଏକାକୀ ଏନଭିଡିଆର ରାଜ୍: ଶୁକ୍ରବାର ବଜାର ଖୋଲିବା ସମୟରେ ଏନଭିଡିଆର ବଜାର ମୂଲ୍ୟ ୪.୯୧ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା। ଅପରପକ୍ଷରେ, ଗୁରୁବାର ବଜାର ବନ୍ଦ ସମୟରେ ଭାରତର ସମୁଦାୟ ବଜାର ମୂଲ୍ୟ ୪.୮୮ ଟ୍ରିଲିୟନ ଡଲାର ରହିଥିଲା। ଅର୍ଥାତ୍ ଭାରତର ସମସ୍ତ କମ୍ପାନୀଙ୍କୁ ମିଶାଇଲେ ମଧ୍ୟ ଏନଭିଡିଆ ଏକାକୀ ସେମାନଙ୍କ ଠାରୁ ଅଧିକ ମୂଲ୍ୟବାନ। ଏଆଇ (ଏଆଇ) ଲହରର କମାଲ: ମାତ୍ର ଦୁଇ ବର୍ଷ ପୂର୍ବେ ଏନଭିଡିଆର ମୂଲ୍ୟ ୨ ଟ୍ରିଲିୟନ ଡଲାର ଥିଲା। ଏଆଇ ଚିପ୍ର ଚାହିଦା ବୃଦ୍ଧି ଯୋଗୁଁ ମାତ୍ର ୨୪ ମାସ ମଧ୍ୟରେ ଏହାର ମୂଲ୍ୟ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି। ଏନଭିଡିଆର ଐତିହାସିକ ସଫଳତା ରେକର୍ଡ ପରେ ରେକର୍ଡ: ୨୦୨୩ରେ ପ୍ରଥମ କମ୍ପାନୀ ଭାବେ ଏହା ୧ ଟ୍ରିଲିୟନ ଡଲାର ମାର୍କେଟ୍ କ୍ୟାପ୍ ଛୁଇଁଥିଲା। ଏହାପରେ ଚଳିତ ବର୍ଷ ପ୍ରାରମ୍ଭରେ ହିଁ ୪ ଟ୍ରିଲିୟନ ଏବଂ ଅକ୍ଟୋବର ୨୯ରେ ୫ ଟ୍ରିଲିୟନ ଡଲାର ମୂଲ୍ୟର ବିଶ୍ୱର ପ୍ରଥମ କମ୍ପାନୀ ହେବାର ଗୌରବ ହାସଲ କରିଥିଲା। ଗତ ସପ୍ତାହରେ ଏନଭିଡିଆର ମୂଲ୍ୟ ୫.୩ ଟ୍ରିଲିୟନ ଡଲାର ପର୍ଯ୍ୟନ୍ତ ଯାଇଥିଲା। ମାର୍ଚ୍ଚ ମାସରେ ସାମାନ୍ୟ ହ୍ରାସ ପାଇଥିଲେ ମଧ୍ୟ ସାଣ୍ଟା କ୍ଲାରା ସ୍ଥିତ ଏହି କମ୍ପାନୀ ପୁଣି ଥରେ ଦ୍ରୁତ ଗତିରେ ଉପରକୁ ଉଠିଛି। ଭାରତୀୟ ବଜାରରେ ହ୍ରାସର କାରଣ ଅତ୍ୟଧିକ ଭାଲ୍ୟୁଏସନ୍: ସେପ୍ଟେମ୍ବର ୨୦୨୪ ସୁଦ୍ଧା ଭାରତୀୟ ବଜାରର ମୂଲ୍ୟାୟନ (ପ୍ରାଇସ୍-ଟୁ-ଅର୍ନିଙ୍ଗ ବା ପିଇ) ବହୁତ ଅଧିକ ଥିଲା (ସେନସେକ୍ସ ପାଇଁ ୨୫X ଏବଂ ନିଫ୍ଟି ପାଇଁ ୨୪X ରୁ ଅଧିକ)। ଏହା ବିଦେଶୀ ନିବେଶକଙ୍କୁ ଅନ୍ୟ ଶସ୍ତା ବଜାର ଆଡ଼କୁ ଆକୃଷ୍ଟ କରିଥିଲା। ପୁଞ୍ଜି ପ୍ରତ୍ୟାହାର ଓ ଟଙ୍କାର ଦୁର୍ବଳତା: ବିଦେଶୀ ନିବେଶକମାନେ ଭାରତରୁ ବହୁ ପରିମାଣର ଟଙ୍କା ପ୍ରତ୍ୟାହାର କରିବା ଏବଂ ଟଙ୍କାର ମୂଲ୍ୟ ହ୍ରାସ ପାଇବା ଫଳରେ ଭାରତର ମାର୍କେଟ୍ କ୍ୟାପ୍ ୫.୯ ଟ୍ରିଲିୟନ ଡଲାର (ସେପ୍ଟେମ୍ବର ୨୦୨୪ର ରେକର୍ଡ) ରୁ ଖସି ଆସିଛି। ସେହି ସମୟରେ ସେନସେକ୍ସ ୮୬,୦୦୦ ମାର୍କ ଅତିକ୍ରମ କରିଥିଲା। ବିଶ୍ୱର ଚିପ୍ ବଜାରରେ ଏନଭିଡିଆର ଏହି ଏକଚାଟିଆ ପ୍ରଭାବ ଏବଂ ଭାରତୀୟ ବଜାରର ଅସ୍ଥିରତା ଏବେ ନିବେଶକଙ୍କ ପାଇଁ ଏକ ନୂଆ ସମୀକରଣ ସୃଷ୍ଟି କରିଛି।

# ନିୟନ୍ତ୍ରଣ ବାହାରେ ରନ୍ଧନ ଗ୍ୟାସ ଦର

ନୂଆଦିଲ୍ଲୀ,୨।୫: ରୋଷେଇ ଘରେ ଚୁଲା ଜାଳିବା ଆହୁରି ମହଙ୍ଗା ହେବାକୁ ଯାଉଛି। ଯଦି ଆପଣ ଏହା ଜାଣିନାହାଁନ୍ତି, ତେବେ ସତର୍କ ରୁହନ୍ତୁ। ସରକାର ଏପରି ସଙ୍କେତ ଦେଉଛନ୍ତି ଯାହା ସିଧାସଳଖ ଆପଣଙ୍କ ପକେଟକୁ ପ୍ରଭାବିତ କରିବ। ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ ଘରୋଇ ଏଲପିଜି ସିଲିଣ୍ଡର ମୂଲ୍ୟ ଖୁବ ଶୀଘ୍ର ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ପାଇପାରେ। ମେ ୧ ତାରିଖରେ ବାଣିଜ୍ୟିକ ସିଲିଣ୍ଡର ପ୍ରାୟ ୧,୦୦୦ ଟଙ୍କା ବୃଦ୍ଧି କରାଯାଇଥିଲା। ସୂତ୍ରରୁ ଜଣାପଡ଼ିଛି ଯେ ଘରୋଇ ଏଲପିଜି ସିଲିଣ୍ଡର ମୂଲ୍ୟ ପ୍ରତି ସିଲିଣ୍ଡର ପାଇଁ ୪୦ରୁ ୫୦ଟଙ୍କା ବୃଦ୍ଧି ପାଇପାରେ। ଆପଣଙ୍କ ରୋଷେଇ ବଜେଟରେ ପୂର୍ବରୁ ଖର୍ଚ୍ଚ ହେଉଥିବା ଏହି ସିଲିଣ୍ଡର ଏବେ ଆହୁରି ମହଙ୍ଗା ହେବାକୁ ଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଗାମୀ ୫ ରୁ ୭ ଦିନ ମଧ୍ୟରେ ସିଲିଣ୍ଡର ମୂଲ୍ୟ ବୃଦ୍ଧି ପାଇପାରେ। ପ୍ରକୃତରେ, ବିଶ୍ୱ ବଜାରରେ ଉତ୍ଥାନ-ପତନ ଏବଂ ଅଶୋଧିତ ତୈଳ ମୂଲ୍ୟ ସିଧାସଳଖ ଘରୋଇ ଇନ୍ଧନ ମୂଲ୍ୟକୁ ପ୍ରଭାବିତ କରେ। ସରକାରୀ ସୂତ୍ର ଅନୁଯାୟୀ ଖର୍ଚ୍ଚ ଏବଂ ବିକ୍ରୟ ମଧ୍ୟରେ ବଢ଼ୁଥିବା ବ୍ୟବଧାନକୁ ପୂରଣ କରିବା ପାଇଁ ଏହି ନିଷ୍ପତ୍ତି ଏକ ଆବଶ୍ୟକତା ହୋଇପଡୁଛି। ପେଟ୍ରୋଲିୟମ ମନ୍ତ୍ରଣାଳୟର ଚୂଡ଼ାନ୍ତ ଅନୁମୋଦନ ଏପର୍ଯ୍ୟନ୍ତ ବାକି ଥିବା ବେଳେ, ଏହି ନିଷ୍ପତ୍ତି ଯେକୌଣସି ସମୟରେ କାର୍ଯ୍ୟକାରୀ ହୋଇପାରେ ବୋଲି ଜୋରଦାର ଗୁଜବ ରହିଛି।



# ଦାମ୍ ବଢ଼ାଇଲେ ମୋବାଇଲ୍ କମ୍ପାନି

ନୂଆଦିଲ୍ଲୀ: ଯଦି ଆପଣ ନୂଆ ସ୍ମାର୍ଟଫୋନ୍ କିଣିବାକୁ ଯୋଜନା କରୁଛନ୍ତି, ତା' ହେଲେ ଆପଣଙ୍କୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ। କାରଣ ଅନେକ ବଡ଼ ସ୍ମାର୍ଟଫୋନ୍ କମ୍ପାନି ସେମାନଙ୍କର ଲୋକପ୍ରିୟ ମଡେଲର ଦାମ୍ ବଢ଼ାଇଛନ୍ତି। ଏଥିରେ ଓ୍ୱାନପ୍ଲସ, ରିୟଲମି, ରେଡମୀ ଏବଂ ନଥିଂ ଭଳି ସାମିଲ ଅଛନ୍ତି। ଏହି ଦାମ ବୃଦ୍ଧି ପଛରେ ଗ୍ଲୋବାଲ ସପ୍ଲାଏ ଚେନ୍ ସଙ୍କଟ ଏବଂ ମେମୋରୀ ଚିପର ଅଭାବ ବୋଲି ଦର୍ଶାଯାଇଛି। ସ୍ପଷ୍ଟ ଭାବରେ କହିଲେ ଏଆଇ ଟେକ୍ନୋଲୋଜିର ବଢ଼ୁଥିବା ଚାହିଦା ସ୍ମାର୍ଟଫୋନ୍ ଇଣ୍ଡଷ୍ଟ୍ରିର ଖର୍ଚ୍ଚ ବଢ଼ିଛି। ଯାହାର ସିଧା ପ୍ରଭାବ ଗ୍ରାହକଙ୍କ ପକେଟ ଉପରେ ପଡୁଛି। କାହିଁକି ବଢ଼ୁଛି ସ୍ମାର୍ଟଫୋନ୍ ଦାମ୍ ? ପ୍ରକୃତରେ ବର୍ତ୍ତମାନ ବିଶ୍ୱ ବଜାରରେ ବର୍ତ୍ତମାନ ଡିଆରଏଏମ ଏବଂ ନାଣ୍ଡ୍ ଷ୍ଟୋରେଜ ଭଳି ଜରୁରୀ କମ୍ପୋନେଣ୍ଟର ଅଭାବ ଦେଖିବାକୁ ମିଳିଛି। ଏଆଇର ବଢ଼ୁଥିବା ଚାହିଦା ଯୋଗୁ ବଢ଼ୁଥିବା ଟେକ୍ କମ୍ପାନି ଡାଟା ସେଣ୍ଟର ପାଇଁ ବଡ଼ ଆକାରରେ ରାମ୍ ଏବଂ ଜିପିୟୁ କିଣୁଛନ୍ତି। ଏଥିରେ ମେମୋରୀ ନିର୍ମାତା ହାଇ ବ୍ୟାଣ୍ଡଓ୍ୱିଡ୍‌ଥ ମେମୋରୀ ଉତ୍ପାଦନ ଉପରେ ଧ୍ୟାନ ଦେଉଛନ୍ତି। ଫଳରେ ସ୍ମାର୍ଟଫୋନ କମ୍ପାନିଙ୍କ ପାଇଁ ଜରୁରୀ ଉପକରଣ ମହଙ୍ଗା ହୋଇଛି।



ନିର୍ମାଣ ଖର୍ଚ୍ଚ ବଢ଼ିଲେ, ତାହାର ପ୍ରଭାବ ରିଟେଲ ମୂଲ୍ୟ ଉପରେ ପଡ଼ିଥାଏ। ଏହି କାରଣରୁ ଭାରତରେ ସ୍ମାର୍ଟଫୋନ୍ ଦାମ ଲଗାତାର ବଢ଼ୁଛି। ସେପଟେ ବିଶେଷଜ୍ଞଙ୍କ ମତରେ ମେମୋରୀ ଚିପ୍ ଅଭାବ ଏବଂ ଏଆଇ ହାର୍ଡଓ୍ୱେୟାର ଚାହିଦା ବର୍ତ୍ତମାନ କମ୍ ହେବ ନାହିଁ। ଏମିତିରେ ଆଗାମୀ ସମୟରେ ଅନ୍ୟ ବ୍ରାଣ୍ଡଗୁଡ଼ିକ ଦାମ୍ ବଢ଼ାଇପାରନ୍ତି। ବିଶେଷକରି ପର୍ବପର୍ବାଣୀ ପୂର୍ବରୁ ବଜାରରେ ନୂଆ ଦାମରେ ମୋବାଇଲ ଦେଖିବାକୁ ମିଳିପାରେ।

# ପ୍ରତି ମାସର 'ସବସ୍କ୍ରିପସନ' ଜାଲରୁ ରୁହନ୍ତୁ ସାବଧାନ



ନୂଆଦିଲ୍ଲୀ,୨।୫: ଆଜିକାଲିର ଡିଜିଟାଲ ଯୁଗରେ ଓଟିଟି ପ୍ଲାଟଫର୍ମ, ମ୍ୟୁଜିକ ଆପ୍, କ୍ଲାଉଡ ଷ୍ଟୋରେଜ ଯଠାରୁ ଆରମ୍ଭ କରି ଜିମ୍ ପର୍ଯ୍ୟନ୍ତ ସବୁଥିରେ ସବସ୍କ୍ରିପସନ ନେବା ଏକ ସାଧାରଣ କଥା ହୋଇଗଲାଣି। ମାସିକ ମାତ୍ର କିଛି ଟଙ୍କାର ଶୁଳ୍କ ପ୍ରଥମ ଦେଖାରେ ବହୁତ କମ ମନେ ହେଉଥିଲେ ମଧ୍ୟ, ସମସ୍ତ ସେବାକୁ ମିଶାଇଲେ ଏହା ଧୀରେ ଧୀରେ ଏକ ବଡ଼ ଆର୍ଥିକ ବୋଝରେ ପରିଣତ ହେଉଛି। ଅଧିକାଂଶ ସବସ୍କ୍ରିପସନ୍‌ର ମୂଲ୍ୟ ଏତେ କମ ଥାଏ ଯେ ଲୋକମାନେ ବିନା ଚିନ୍ତାରେ ଏହାକୁ ଗ୍ରହଣ କରିନିଅନ୍ତି। ମାସକୁ ମାତ୍ର ଶହେ କିମ୍ବା ଦୁଇଶହ ଟଙ୍କା ଦେବା ଏକ ବଡ଼ ନିଷ୍ପତ୍ତି ଭଳି ଲାଗେ ନାହିଁ, ଯାହା ଫଳରେ ଲୋକେ ଜଣକ ପରେ ଜଣେ ଅନେକ ସେବା ସହିତ ଯୋଡ଼ି ହୋଇଯାଆନ୍ତି। ଅଟୋମ୍ୟାଟିକ ପେମେଣ୍ଟର ପ୍ରଭାବ: ଏହି ସବସ୍କ୍ରିପସନ ଗୁଡ଼ିକର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି 'ଅଟୋ-ଡେବିଟ' ବ୍ୟବସ୍ଥା। ଥରେ ସେବା ଆକ୍ଟିଭେଟ ହେବା ପରେ ବ୍ୟାଙ୍କ ଆକାଉଣ୍ଟରୁ ପ୍ରତି ମାସରେ ଟଙ୍କା ଆପେ ଆପେ କଟିଯାଏ। ଲୋକେ ଅନେକ ସମୟରେ ଭୁଲିଯାଆନ୍ତି ଯେ ସେମାନେ ଏହି ସେବା ପାଇଁ ଟଙ୍କା ଦେଉଛନ୍ତି, ଯାହା ଖର୍ଚ୍ଚକୁ ଅଣଦେଖା କରିବା ସହଜ କରିଦିଏ।

ବ୍ୟବହାର ନହେଲେ ବି କଟୁଛି ଟଙ୍କା: ଅନେକ ସମୟରେ ଲୋକେ କୌଣସି ଆପ୍ ବା ପ୍ରିମିୟମ ସେବା ପାଇଁ ସଦସ୍ୟତା ନିଅନ୍ତି, କିନ୍ତୁ କିଛି ଦିନ ପରେ ତାହାକୁ ବ୍ୟବହାର କରନ୍ତି ନାହିଁ। ବ୍ୟବହାର ବନ୍ଦ ହେଲେ ମଧ୍ୟ ସବସ୍କ୍ରିପସନ ଜାରି ରହିଥାଏ ଏବଂ ଟଙ୍କା କଟିଚାଲେ। ଏହି ଛୋଟ ଛୋଟ ଅର୍ଥ ବର୍ଷ ଶେଷକୁ ଏକ ବଡ଼ ଅଙ୍କର ବର୍ବାଦି ପାଲଟିଥାଏ। କିପରି କରିବେ ନିୟନ୍ତ୍ରଣ? ବିଶେଷଜ୍ଞଙ୍କ ମତରେ, ସବସ୍କ୍ରିପସନ ନିଜେ ଏକ ସମସ୍ୟା ନୁହେଁ, କିନ୍ତୁ ଏହାର ସଠିକ ପରିଚାଳନା ଜରୁରୀ। ନିୟମିତ ସମୀକ୍ଷା: ସମୟ ସମୟରେ ଆପଣଙ୍କର ସମସ୍ତ ଆକ୍ଟିଭ ସବସ୍କ୍ରିପସନ ତାଲିକା ଯାଞ୍ଚ କରନ୍ତୁ। ଅନାବଶ୍ୟକ ସେବା ବନ୍ଦ କରନ୍ତୁ: ଯେଉଁ ସେବା ଆପଣ ବ୍ୟବହାର କରୁନାହାନ୍ତି, ତାକୁ ତୁରନ୍ତ ବନ୍ଦ କରନ୍ତୁ। ବାର୍ଷିକ ହିସାବ କରନ୍ତୁ: ମାସିକ ଖର୍ଚ୍ଚ ବଦଳରେ ବର୍ଷକୁ କେତେ ଟଙ୍କା ଏହି ସବୁଥିରେ ଯାଉଛି, ତାର ହିସାବ କଲେ ଆପଣ ବୃଥା ଖର୍ଚ୍ଚ ରୋକି ପାରିବେ। ନିୟମିତ ଯାଞ୍ଚ ଏବଂ ସଠିକ ପ୍ଲାନ ଚୟନ ଦ୍ୱାରା ଆପଣ ନିଜ ସଞ୍ଚୟ ବୃଦ୍ଧି କରିପାରିବେ ଏବଂ ଅଯଥା ଆର୍ଥିକ ଚାପରୁ ମୁକ୍ତି ପାଇପାରିବେ।

# ଡିଜେଲ-ଏଟିଏଫ୍ ରପ୍ତାନୀ ଉପରୁ କମିଲା ଶୁଳ୍କ

ନୂଆଦିଲ୍ଲୀ: ପେଟ୍ରୋ ଉତ୍ପାଦ ରପ୍ତାନୀକାରୀ କମ୍ପାନୀଙ୍କୁ ସରକାରଙ୍କଠାରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଡିଜେଲ ଓ ଏଭିଏସନ ଟର୍ବାଇନ ଫୁଏଲ (ଏଟିଏଫ) ଉପରେ ଲାଗୁ ହେଉଥିବା ଓ୍ୱିଣ୍ଡଫଲ ଗେନ ଟ୍ୟାକ୍ସକୁ ହ୍ରାସ କରାଯାଇଛି। ଏହି ନୂଆ ହାର ୧ ମେ ୨୦୨୬ରୁ ଲାଗୁ ହୋଇଛି। ଏବେ ଡିଜେଲ ରପ୍ତାନୀ ଉପରେ ପ୍ରତିଲିଟର ୨୩ ଟଙ୍କା ଟ୍ୟାକ୍ସ ହ୍ରାସ ହୋଇଥିବା ବେଳେ ଏଟିଏଫ ପ୍ରତି ଲିଟର ୩୩ ଟଙ୍କା ହ୍ରାସ କରାଯାଇଛି। ତେବେ ପେଟ୍ରୋଲ ରପ୍ତାନୀ ଉପରେ ପୂର୍ବଭଳି ଶୂନ୍ ଟ୍ୟାକ୍ସ ଲାଗୁ ରହିବ। ସରକାର ଏକ ନିଶ୍ଚିତ ଅନ୍ତରାଳରେ ଓ୍ୱିଣ୍ଡଫଲ ଗେନ ଟ୍ୟାକ୍ସ ଲାଗୁ କରିଥାନ୍ତି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମହଙ୍ଗା ହେଲେ ସେହି ଆଧାରରେ ଘରୋଇ ତୈଳ ଉତ୍ପାଦକ କମ୍ପାନୀ ଯେପରି ଓଏନଜିସି, ଆଇଓସିଏଲ ଆଦିଙ୍କୁ ପୈଠ କରାଯାଇଥାଏ। ଏଥିରୁ ଭାରତରୁ ପେଟ୍ରୋ ଉତ୍ପାଦ ବାହାରକୁ ରପ୍ତାନୀ କଲେ କମ୍ପାନୀଙ୍କୁ ଅଧିକ ଲାଭ ମିଳେ। ଏଣୁ ଏହା ଉପରେ ସରକାର ଟ୍ୟାକ୍ସ ଲଗାଇ ଏହାକୁ ଆଡଜଷ୍ଟ କରନ୍ତି। ଯାହାଦ୍ୱାରା ପେଟ୍ରୋ ଉତ୍ପାଦର ଘରୋଇ ଯୋଗାଣ ବଢ଼ିବାରେ ସହାୟତା ମିଳେ।




କାରଣ କମ୍ପାନୀଙ୍କୁ ରପ୍ତାନୀରୁ ହେଉଥିବା ଲାଭ କମ ହୋଇଯାଏ। ଏଣୁ ସରକାର ମାର୍ଚ୍ଚ ୨୬ ତାରିଖରେ ଡିଜେଲ ପ୍ରତି ଲିଟର ୨୧.୫୦ ପଇସା ଓ ଏଟିଏଫ ଉପରେ ରପ୍ତାନୀ ଟ୍ୟାକ୍ସ ୨୯.୫ ପଇସା ଲଗାଇଥିଲେ। ଏହା ପରେ ଏପ୍ରିଲ ୧୧ ତାରିଖରେ ଏହି ଟ୍ୟାକ୍ସ କୁ ଡିଜେଲ ଉପରେ ୫୫.୫ ପଇସା ଓ ଏଟିଏଫ ଉପରେ ୪୨ ଟଙ୍କା ପ୍ରତି ଲିଟର ଟ୍ୟାକ୍ସ ବଢ଼ାଇ ଦେଇଥିଲେ। ହେଲେ ଏବେ ଏହାକୁ ଢେର କମାଇ ଦିଆଯାଇଛି। ତେବେ ଘରୋଇ ବଜାରରେ ପେଟ୍ରୋଲ ଓ ଡିଜେଲ ଉପରେ ପୂର୍ବ ଭଳି ଟ୍ୟାକ୍ସ ରହିବ। ଏଣୁ ପେଟ୍ରୋଲ ପମ୍ପରେ ସାଧାରଣ ଲୋକଙ୍କ ପକେଟ ଉପରେ କୌଣସି ବୋଝ ପଡିବନି।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୦,୯୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୮,୩୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୦,୯୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୮,୩୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୦,୯୩୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୩୮,୩୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରଟେ୍ ୧,୫୧,୨୩୦ ଟଙ୍କା ଓ ୨୨ କ୍ୟାରେଟ ୧,୩୮,୫୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୨, ୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୦,୯୩୦ ଓ ୨୨ କ୍ୟାରଟ ମୂଲ୍ୟ ୧,୩୮,୩୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୫,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୨୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।

## ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା




ବୋରିଗୁମ୍ମା, ୨୧୫ (ସଂଚାର ବ୍ୟୁରୋ):କୋରାପୁଟ ଜିଲ୍ଲା ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ୩୦ ତାରିଖ ଗୁରୁବାର ଦିନ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବିଭାଗୀୟ ଉପ -ଗୋଷ୍ଠିଶିକ୍ଷା ଅଧିକାରୀ ଶ୍ରୀମତୀ ସଂଯୁକ୍ତା ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବୋରିଗୁମ୍ମା ଉପ - ଗୋଷ୍ଠୀଶିକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ମାଝୀଙ୍କ ଉପସ୍ଥିତିରେ ହୋଇଥିବା ସଭାରେ ଏବିଇଓ ସଂଯୁକ୍ତା ପଣ୍ଡାଙ୍କ କାର୍ଯ୍ୟଶୈଳୀ, କାର୍ଯ୍ୟଦକ୍ଷତା, ଅମାୟିକ ବନ୍ଧୁତା ଏବଂ ସମସ୍ତଙ୍କ ପ୍ରତି ଥିବା ତାଙ୍କର ନିଷ୍ଠାପର

ସହଯୋଗକୁ ମନେପକାଇବା ସହ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଫିସ କର୍ମଚାରୀ ସୁଜାତା ମହାପାତ୍ର, ସୋରଜ କୁମାର ମଲ୍ଲିକ, ସଦର ସିଆରସିସି ଆଶିଷ କୁମାର ହୋତାଙ୍କ ସମେତ ୧୬ ଗୋଟି କ୍ଲୋଷ୍ଟରର ସିଆରସିସି, କୋରାପୁଟ ଜିଲ୍ଲା ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଏନ. କାମେଶ୍ୱର ରାଓ, ବୋରିଗୁମ୍ମା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, ସମ୍ପାଦକ ପ୍ରଫୁଲ୍ଲ ନାୟକ, ସାଙ୍ଗଠନିକ ସମ୍ପାଦକ କିଶୋର ଚନ୍ଦ୍ର ସାହୁ ( ମୁନୁ )ପ୍ରମୁଖଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଯାଜପୁରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

### କେବେ ସୁଧରିବ ସ୍ୱାସ୍ଥ୍ୟ ବ୍ୟବସ୍ଥା ?

ଯାଜପୁର ଟାଉନ, ୨୧୫ (ସଂଚାର ବ୍ୟୁରୋ): ବହୁ ଆଶା ଓ ଆକାଂକ୍ଷା ସହ ଯାଜପୁରରେ ଖୋଲାଯାଇଥିବା ମେଡିକାଲ କଲେଜ ଏବେ ପ୍ରଶ୍ନଚିହ୍ନରେ। ଜିଲ୍ଲା ସଦର ମହକୁମା ହସ୍ପିଟାଲର ଅବସ୍ଥା ଦେଖିଲେ ସ୍ପଷ୍ଟ— ସ୍ୱାସ୍ଥ୍ୟ ସେବା ପ୍ରଣାଳୀ ଗଭୀର ସଙ୍କଟରେ। ସରକାରୀ ଦାବି ଓ ସତରେ ଥିବା ବ୍ୟାପକ ପାର୍ଥକ୍ୟ ଏବେ ସାମ୍ନାକୁ ଆସିଛି।

୪୨୦ ଶଯ୍ୟା ବ୍ୟବସ୍ଥା ଥିବା ଏହି ହସ୍ପିଟାଲରେ ପ୍ରାୟ ୮୦୦ରୁ ଅଧିକ ରୋଗୀ ଚିକିତ୍ସାଧୀନ। ବେଡ୍ ନମିଳିବାରୁ ଅନେକ ରୋଗୀ ଚଟାଣ ଓ ବାରଣ୍ଡାରେ ପଡି ରହୁଛନ୍ତି। ପ୍ରସୂତି, ଶିଶୁ, ମେଡିସିନ ଓ ସର୍ଜରୀ ବିଭାଗରେ ଅବସ୍ଥା ସବୁଠାରୁ ଦୟନୀୟ।ପ୍ରତିଦିନ ୨୦୦୦ରୁ ଅଧିକ ଆଉଟଡୋର ରୋଗୀ ଆସୁଥିବାବେଳେ ସେବା ପାଇଁ ରହିଛନ୍ତି କେବଳ ୩୭ ଜଣ ଡାକ୍ତର।ମଞ୍ଜୁରୀ ୧୪୦ ପୋଷ୍ଟ ଓଲଟି ଏହି ସଂଖ୍ୟା ଗୁରୁତର ଅଭାବକୁ ଦର୍ଶାଉଛି। ଅନେକ ଡାକ୍ତର ପିଜି ପଢ଼ିବା ପାଇଁ କଟକ, ବୁର୍ଲା ଓ ବ୍ରହ୍ମପୁରରେ ଥିବାରୁ ଏଠାରେ ସେବା ପ୍ରଭାବିତ ହେଉଛି।

ପ୍ରଶାସନିକ ଦାୟିତ୍ୱ ନେଇଥିବା ଡାକ୍ତରମାନେ ମଧ୍ୟ ଚିକିତ୍ସାରେ ଲାଗିବାକୁ ବାଧ୍ୟ ହେଉଛନ୍ତି। ୨୬୭ ପୋଷ୍ଟ ଥିଲେ ମଧ୍ୟ କାର୍ଯ୍ୟରତ କେବଳ ୯୬ ଜଣ ନର୍ସ। ଏହା ହେଉଛି ସମଗ୍ର ବ୍ୟବସ୍ଥାର ଦୁର୍ବଳତାର ଆଉ ଏକ ପ୍ରମାଣ।

ମେଡିକାଲ କଲେଜ ଖୋଲିବା ପରେ ଲୋକମାନେ ଆଶା କରିଥିଲେ— କଟକ କିମ୍ବା ଭୁବନେଶ୍ୱର ଯିବା ଦରକାର ପଡିବନି ସମସ୍ତ ସୁବିଧା ନିଜ ଜିଲ୍ଲାରେ ମିଳିବ ବୋଲି।କିନ୍ତୁ ବାସ୍ତବତାରେ— ପ୍ରଫେସର ଓ ବିଶେଷଜ୍ଞ ଡାକ୍ତର ଅନୁପସ୍ଥିତ,ରୋଗୀ ସେବାରେ ସକ୍ରିୟ ଭୂମିକା ନାହିଁ, ଏହି ଡାକ୍ତର ମାନେ କଟକ ରେ ନିଜର ପ୍ରାଇଭେଟ୍ କ୍ଲିନିକରେ ସେବା ଦେଉଥିବା ଅଭିଯୋଗ ହେଉଛି। ଜିଲ୍ଲା ମେଡିକାଲ ପ୍ରଶାସନ ଓ ମେଡିକାଲ କଲେଜ ମଧ୍ୟରେ ସମନ୍ୱୟ ନାହିଁ, ପରିଚାଳନା ଅସ୍ତବ୍ୟସ୍ତ, ସହାୟକ ଓ ପରିବହନ ବ୍ୟବସ୍ଥା ଦୟନୀୟ ଅଟେ। ଖଣିଜ ସମ୍ପଦ ଓ ଶିଳ୍ପରୁ ରାଜ୍ୟ ସରକାର ପାଉଛନ୍ତି ବିପୁଳ ରାଜସ୍ୱ। ତଥାପି ଯାଜପୁରବାସୀଙ୍କୁ ମିଳୁନାହିଁ ମୌଳିକ ସ୍ୱାସ୍ଥ୍ୟ ସୁବିଧା।

ଅଭାବୀ ରୋଗୀଙ୍କ ଦୁଃଖଦ ଚିତ୍ର, ଅନେକ ଲୋକ ବାଧ୍ୟ ହୋଇ ଘରୋଇ ହସ୍ପିଟାଲକୁ ଯାଉଛନ୍ତି, ଗରିବ ଲୋକ ଚିକିତ୍ସା ନପାଇ ଜୀବନ ହରାଉଛନ୍ତି।ଏହି ଗୁରୁତର ପରିସ୍ଥିତିକୁ ନେଇ ଡାକ୍ତର ଓ ନର୍ସ ନିଯୁକ୍ତି ବୃଦ୍ଧିକରିବା ସହ ମେଡିକାଲ କଲେଜର ସକ୍ରିୟ ଭୂମିକା।ପ୍ରଶାସନିକ ସମନ୍ୱୟ ସୁଦୃଢ଼ କରିବାଏହି ସମସ୍ୟାର ତୁରନ୍ତ ସମାଧାନ ଆବଶ୍ୟକ।ମେଡିକାଲ କଲେଜ ଖୋଲିବାରେ ଲକ୍ଷ୍ୟ ଥିଲା ସ୍ୱାସ୍ଥ୍ୟ ସେବାର ସୁଧାର— କିନ୍ତୁ ବର୍ତ୍ତମାନ ଅବସ୍ଥା ଦେଖିଲେ ଏହା କେବଳ ଗଠନାତ୍ମକ ବିକାଶ, ବାସ୍ତବ ସେବାରେ ଶୂନ୍ୟତା।




## ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଅବସର ଗ୍ରହଣ



ବାଲିଆପାଳ, ୨୧୫ (ସଂଚାର ବ୍ୟୁରୋ): ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରାଙ୍ଗ ରାଉତ ଅବସର ଗ୍ରହଣ କରିଛନ୍ତି । ଶ୍ରୀ ରାଉତ ମୟୂରଭଞ୍ଜ ଜିଲ୍ଲା ର ଶୁକ୍ଳିଆପଦା କଲେଜରେ ୨୪ ବର୍ଷ ବୟସରେ ଚାକିରୀ ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ୨୦୧୨ ମସିହାରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟ କୁ ବଦଳି ହୋଇ ଯୋଗ ଦେଇଥିଲେ।୨୦୨୨ ମସିହାରୁ ସେ ଅଧ୍ୟକ୍ଷ ଭାବରେ କାର୍ଯ୍ୟରତ ଥିଲେ ,ଆଜି ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ,ଅଧ୍ୟାପିକା,କର୍ମଚାରୀ ଙ୍କ ଦ୍ୱାରା ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆହ୍ୱାନ ହୋଇଥିଲା, ଅଧ୍ୟକ୍ଷ ଏବଂ ବରିଷ୍ଠ ଅଧ୍ୟାପିକା ଶାନ୍ତିଲତା ଗିରିଙ୍କ ସଭାପତିତ୍ୱରେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡ. ରଞ୍ଜନ କୁମାର ପାଢ଼ୀ ମଞ୍ଚ ଆହ୍ୱାନ କରିଥିଲେ, ବରିଷ୍ଠ ଅଧ୍ୟାପକ ସଚ୍ଚିନ୍ଦ୍ର ନାଥ ଦତ୍ତ, ବରିଷ୍ଠ ଅଧ୍ୟାପକ ବିକାଶ ଚନ୍ଦ୍ର ଜେନା, ଗଣେଶ ଚନ୍ଦ୍ର ସୀ, ଡ.ସନ୍ତୋଷ ସାହୁ, ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ସାହୁ ପ୍ରମୁଖ ଗୌରାଙ୍ଗ ରାଉତଙ୍କ ନିଷ୍ଠାପର କର୍ତ୍ତବ୍ୟ ସମ୍ପର୍କରେ ଗୁଣଗାନ କରିଥିଲେ। ସର୍ବଶେଷରେ ଅଧ୍ୟାପକ କମିନିକାନ୍ତ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ପୋଲ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

### ବିନା ସୂଚନା ଫଳକରେ ଚାଲିଛି କୋଟି କୋଟି ଟଙ୍କାର କାମ

### ବ୍ୟବହୃତ ସାମଗ୍ରୀର ଗୁଣବତ୍ତାକୁ ନେଇ ଉଠିଛି ପ୍ରଶ୍ନ



ଆନନ୍ଦପୁର, ୨୧୫ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ କଣ୍ଟିପାଳ ପଂଚାୟତ ତେରଘରିଆ ଅଞ୍ଚଳରେ ନିର୍ମାଣ ହେଉଥିବା ପୋଲ କାର୍ଯ୍ୟକୁ ନେଇ ଉଠିଛି ଗୁରୁତର ପ୍ରଶ୍ନ।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ପୋଲ ନିର୍ମାଣ କାମ ନିମ୍ନମାନର ହୋଇଥିବା ବେଳେ ପୋଲ ତଳେ ହେଉଥିବା କାର୍ଯ୍ୟ ଅତି ନିମ୍ନମାନର ହେବା ସହ ପୋଲ ନିକଟରେ ଗଦା ଗଦା ଚୋରା ପଥର ଗଚ୍ଛିତ କିଏ ରଖିଛି ବୋଲି ପ୍ରଶ୍ନ ଉଠିଛି। ତେବେ ଉକ୍ତ ଠିକାଦାର ନିର୍ମାଣ କାର୍ଯ୍ୟରେ ଏହି ପଥର ବ୍ୟବହାର କରୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହା ସହିତ, କୋଟି କୋଟି ଟଙ୍କାର ଏହି ପ୍ରକଳ୍ପରେ ସୂଚନା ଫଳକ ଲଗାଯାଇନଥିବା ଘଟଣା ଆଉ ଏକ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଯାହା ଫଳରେ କାମର ସ୍ପଷ୍ଟତା ଓ ଦାୟିତ୍ୱବୋଧ ଉପରେ ସନ୍ଦେହ ବଢ଼ିବାରେ ଲାଗିଛି।

ସ୍ଥାନୀୟ ଲୋକମାନେ କହୁଛନ୍ତି, ଠିକାଦାର ନିଜ ଲାଭ ପାଇଁ ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଥିବାବେଳେ ସରକାରଙ୍କୁ ହେଉଛି ଭାରି କ୍ଷତି। ତେବେ ଏହି ସମସ୍ତ ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ନୀରବ ଦ୍ରଷ୍ଟା ହୋଇ ରହିଥିବା ନେଇ ଅସନ୍ତୋଷ ଆଉ ବଢ଼ିଛି। ଏହାଛଡ଼ା, ପୋଲ ନିର୍ମାଣରେ ବ୍ୟବହୃତ ଛଡ଼ର ତାଳତୁଳ ଓ ଗୁଣଗତ ମାନକୁ ନେଇ ମଧ୍ୟ ବଡ଼ ପ୍ରଶ୍ନ ଉଠିଛି।

ସବୁଠୁ ବଡ଼ ପ୍ରଶ୍ନ ହେଲା ସୂଚନା ଫଳକ ନଥିବାରୁ ଠିକାଦାର କିଏ, କେତେ ଟଙ୍କାର କାମ, କୌଣସି ସ୍ପଷ୍ଟ ସୂଚନା କାହା ପାଖରେ ନାହିଁ ଫଳରେ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଏତେ ମାତ୍ରା ରେ ପଥର ଗଚ୍ଛିତ ରଖାଯାଇଛି, ଏହି ବିଷୟରେ ଜିଲ୍ଲା ଖଣି ବିଭାଗ ଅବଗତ ଅଛି ନା, ଜାଣି ଶୁଣି ନଜାଣିଲା ପରି ଏପରି ରହିଛି ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହି ପରିସ୍ଥିତିରେ ଶୀଘ୍ର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### କାଳବୈଶାଖୀ ତାଣ୍ଡବ

## ଭାଙ୍ଗିଲା ଗଛ, ଉପୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ



କାକଟପୁର/ଅସ୍ତରଙ୍ଗ, ୨୧୫ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳ ସମେତ ବିଭିନ୍ନ ଗ୍ରାମାଞ୍ଚଳ ରେ ଅସହ୍ୟ ତାତି ଓ ଗୁଳୁଗୁଳି ପାଇଁ ଲୋକମାନେ ଅସ୍ତବ୍ୟସ୍ତ ହେଉଥିବା ବେଳେ ଗୁରୁବାର ସନ୍ଧ୍ୟା ସମୟରେ କାଳବୈଶାଖୀ ବର୍ଷା ଆଶ୍ୱସ୍ତି ଆଣିଦେଇଛି। ଗୁରୁବାର ସକାଳୁ ହୋଇଥିଲା ଖରା ଓ ମଧ୍ୟାହ୍ନ ବେଳକୁ ମଧ୍ୟ ପ୍ରବଳ ଖରା ଯୋଗୁଁ ବାହାରକୁ ଯିବା ଅସମ୍ଭବ ହୋଇ ପଡୁଥିଲେ ବି ଅପରାହ୍ନ ୬ଟା ପରେ ପାଗରେ ପରିବର୍ତ୍ତନ ଆସିଥିଲା । ସନ୍ଧ୍ୟା ସମୟରେ ହଠାତ ଆକାଶ ରେ ବିଜୁଳି ଘଡଘଡି ସହ ପ୍ରବଳ ପବନ ମଧ୍ୟଆରମ୍ଭ ହୋଇଥିଲା । ଏହାର ପ୍ରଭାବରେ ପ୍ରବଳ ବର୍ଷା ହୋଇଛି ଅସ୍ତରଙ୍ଗ ଓ କାକଟପୁର ଅଂଚଳରେ । ଫଳରେ ଲୋକଙ୍କୁ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ହେଲେ କାଳବୈଶାଖୀ ବର୍ଷା ସମୟରେ ସ୍ଥାନେ ସ୍ଥାନେ ପ୍ରବଳ ପବନ ପ୍ରବାହିତ କାରଣରୁ ବଡ଼ ବଡ଼ ଗଛ, ଇଲେକ୍ଟ୍ରି ଖୁଣ୍ଟ ଉପୁଡି ପଡିଥିବାର ଦେଖାଦେଇଛି । ବର୍ଷା ପବନ ପାଇଁ ବିଦ୍ୟୁତ ସରବରାହ ବନ୍ଦ ଥିବା ସହ ଏହାର ପ୍ରଭାବରେ ରାସ୍ତା ଘାଟରେ ବଡ଼ ବଡ଼ ଗଛ ପଡି ଯାନ ବହନ ଯିବା ଆସିବା ବନ୍ଦ ହୋଇଯାଇଥିଲା । ଯୁଦ୍ଧ କାଳୀନ ସମୟରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପ୍ରଶାସନ ଅଧିକାରୀ ପହଁଚି ଉପୁଡି ପଡିଥିବା ବଡ଼ ବଡ଼ ଗଛ ଗୁଡିକୁ ଜେସିବି ଓ କଟର ସାହାଯ୍ୟରେ କାଟି ରାସ୍ତା ସଫା କରିଥିଲେ । ପାଣିପାଗ ବିଭାଗର ସୂଚନା ମୁତାବକ ଆଗାମୀ ୪ଦିନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ମଧ୍ୟରେ କାଳବୈଶାଖୀର ତାଣ୍ଡବ ଦେଖା ଦେଇପାରେ ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମାହାଙ୍ଗା, ୨୧୫ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ସମସରପୁର ପଞ୍ଚାୟତ ଭୋଳିଦାସପୁର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଭୋଳିଦାସପୁରର ପ୍ରଧାନଶିକ୍ଷୟିତ୍ରୀ ସବିତା ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସଂଯୋଜକ ଦୁର୍ଗାଚରଣ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ପୂର୍ବତନ ସିଆରସିସି ବାମଦେବ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷୟିତ୍ରୀ ସବିତା ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ରାଉତ, ପ୍ରଦ୍ୟୁମ୍ନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶ୍ରୀମତୀ ମିଶ୍ର ଜଣେ କର୍ତ୍ତବ୍ୟନିଷ୍ଠ, ଶାନ୍ତ, ସରଳ ସ୍ୱଭାବର ବ୍ୟକ୍ତି ଓ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ବେଶ ପରିଚିତ ଥିଲେ ବୋଲି କହିବା ସହ ତାଙ୍କର ଅବଶିଷ୍ଟ ଜୀବନ ସୁଖ ଓ ଶାନ୍ତିରେ କଟୁ ବୋଲି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ଥିଲେ। ଏହି ଅବସରରେ ଅତିଥିମାନେ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧନା କରିଥିଲେ। ଶିକ୍ଷକ ବ୍ରଜବନ୍ଧୁ ନାୟକ ଅତିଥି ପରିଚୟ, ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଙ୍ଗନୱାଡୀ କର୍ମୀ, ସହାୟିକା, ବିଦ୍ୟାଳୟର ପାଚିକା, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଅଭିଭାବିକା ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଜଙ୍ଗଲ ମଧ୍ୟରୁ ବେଆଇନ ଗଞ୍ଜେଇ ଜବତ



ଫୁଲବାଣୀ, ୨୧୫ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୋଲିସ କୁ ମିଳିଛି ଏକ ବଡ଼ ସଫଳତା | ଏସପି ହରିଶ୍ ବିଶିଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ଜିଲ୍ଲାକୁ ଗଞ୍ଜେଇ ମୁକ୍ତ କରିବା ଲକ୍ଷ୍ୟ ନେଇ ବିଭିନ୍ନ ଥାନା ପକ୍ଷରୁ ବେଆଇନ ଗଞ୍ଜେଇ ଚାଷ ଓ ଚାଲାଣ ଉପରେ ଚଢ଼ଉ ଜାରି ରଖି ନଷ୍ଟ କରାଯାଉଛି | ଏ ନେଇ ପୋଲିସ ପକ୍ଷରୁ ବାଲିଗୁଡ଼ା ଥାନା ଅନ୍ତର୍ଗତ ଖମନଖୋଲ ନିକଟ କିଲୋକନା ଜଙ୍ଗଲ ଅଞ୍ଚଳରେ ପୁଲିସର ସ୍ୱତନ୍ତ୍ର ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଗଚ୍ଛିତ ଥିବା ବେଆଇନ ଗଞ୍ଜେଇ ଜବତ କରି ଏକ ମାମଲା ରୁଜୁ କରାଯାଇଛି।

ସେହିପରି ଅନ୍ୟ ଏକ ଘଟଣା ରେ ବାଲିଗୁଡା ପୋଲିସ ବେଆଇନ ଗଞ୍ଜେଇ ଚାଲାଣ ପାଇଁ ରଖାଯାଇଥିବା ବେଳେ ଦଡକଙ୍ଗିଆ ଜଙ୍ଗଲ ରୁ ପୋଲିସ ଜବତ କରିଛି | କେହି ଗଞ୍ଜେଇ ମାଫିଆ ଏଭଳି ବେଆଇନ ଗଞ୍ଜେଇ ରଖି ବାହାର ରାଜ୍ୟକୁ ଚାଲାଣ କରିବା ଫିରିଙ୍ଗିଆ ଥାନା ଅଞ୍ଚଳ ରେ ୧୫୦୦ କେଜି ଓ ଗୋଚ୍ଛାପଡା ଥାନା ଅଞ୍ଚଳରେ ୨୫୫୦ କେଜି ଓ ଖଜୁରୀପଡ଼ା ଥାନା ଅଞ୍ଚଳରେ ୧୨୫ କେଜି ବାଲିଗୁଡ଼ା ଥାନା ଅଚଳରେ ୨୦୧୫ କେଜି ଓ ତୁମୁଡ଼ିବନ୍ଧ ଥାନା ଅଞ୍ଚଳରେ ୧୧୦କେଜି ପାଇଁ ଗଛିତ ରଖି ଥିବା ଅନୁମାନ କରାଯାଉଥିବା ବାଲିଗୁଡା ଏସଡିପିଓ ଶୁଭମ ଭୋସଲେ ସୂଚନା ଦେଇଛନ୍ତି ।

## ସିଆଇଟିୟୁ ପକ୍ଷରୁ ଶ୍ରମିକ ଦିବସରେ ସଭା ଓ ଶୋଭାଯାତ୍ରା




ଯାଜପୁର ରୋଡ୍, ୨୧୫ (ସଂଚାର ବ୍ୟୁରୋ): ବିଶ୍ୱ ଶ୍ରମିକ ଦିବସ ବା ମଇ ଦିବସ ପରିପ୍ରେକ୍ଷୀରେ ସିଆଇଟିୟୁ ଏବଂ ସିଆଇଟିୟୁ ଅନୁବନ୍ଧିତ ବ୍ୟାସନଗର ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ସଂଘ, ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ, ପାଚିକା ସଂଘ ଓ ରେଲୱେ ହକର୍ସ ୟୁନିୟନର ମିଳିତ ଶ୍ରମିକ ଶୋଭାଯାତ୍ରା ବ୍ୟାସନଗର ପୌରାଅଂଚଳ ସହର ପରିକ୍ରମା କରି ଡୋଳିପୁର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ ଶ୍ରମିକ ଶ୍ରେଣୀର ଲାଲ୍ ପତାକାକୁ ଉତୋଳନ କରିଥିଲେ । ଏହି ଅବସରରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପନି କିସ୍କୁ, ପ୍ରକାଶ ବେହେରା, ମାଳତୀ ହାଁସଦା, ଜୟରାମ ମୁର୍ମୁ, ଲିଟା ଲାଗୁରୀ, ସମୀର ମୁଖି, ଧିରେନ୍ଦ୍ର ବେହେରା, ରମେଶ ରାଉତ, ରବିନ୍ଦ୍ର ପାତ୍ର, ଜଗା ମୁଣ୍ଡା, ପ୍ରମିଳା ନାୟକ,ମନ୍ମଥ ରାୟ, କୁନି ପୂର୍ତ୍ତୀ, ଲକ୍ଷ୍ମୀ ହେମ୍ବ୍ରମ, କିଷାନ୍ କେରାଇ, ସିତାପି ମୁର୍ମୁ, ଗୁରୁବାରୀ ଲାଗୁରୀ, ରଶ୍ମିତା ବିନ୍ଧାଣୀ, ଗୋରୀ ନାଏକ ପ୍ରମୁଖ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ପ୍ରଫୁଲ୍ଲ ନାୟକ ନିଜର ବକ୍ତବ୍ୟରେ କହିଲେ ଯେ ୧୮୮୬ ମସିହା ଆଜିର ଦିନରେ ଆମେରିକାର ଚିକାଗୋ ସହରର ହେ ମାର୍କେଟରେ ଶ୍ରମିକ ଶ୍ରେଣୀ ଆଠ ଘଂଟା କାର୍ଯ୍ୟ ନିଘଂଟ ପାଇଁ ଆନ୍ଦୋଳନ କରି ନିଜର ବିଜୟ ହାସଲ କରିଥିଲା କିନ୍ତୁ ପରିତାପର ବିଷୟ ଶ୍ରମିକ ଶ୍ରେଣୀ ନିଜର ଅଧିକାର ଏବଂ ସାମାଜିକ ସୁରକ୍ଷା ପାଇଁ ଆଜିବି ଲଢ଼େଇ କରୁଛି। କଳିଙ୍ଗ ନଗର ଶିଳ୍ପାଞ୍ଚଳ ରେ ଆଜି ବି ଶ୍ରମିକ ନିଜର ସର୍ବନିମ୍ନ ମଜୁରୀ ପାଉନାହିଁ। ନିର୍ମାଣ ଶ୍ରମିକ ମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଅନେକ ସହାୟତା ସେମାନଙ୍କୁ ମିଳୁନାହିଁ। ପାଚିକା ଓ ସହାୟିକା ମାନଙ୍କୁ ଶ୍ରମିକ ର ମାନ୍ୟତା ପ୍ରଦାନ କରାଯାଉନାହିଁ । ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ କୁ ବାତିଲ କରିବା, କଳିଙ୍ଗ ନଗର ଶିଳ୍ପାଞ୍ଚଳ ରେ ବେକାର ଯୁବକ ଯୁବତୀ ଙ୍କୁ ନିଯୁକ୍ତି ଦେବା, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା କରିବା ଦାବି ନେଇ ଆଗାମୀ ଦିନରେ ବ୍ୟାପକ ମିଳିତ ଶ୍ରମିକ ଆନ୍ଦୋଳନ ହେବ ବୋଲି ଜିଲ୍ଲା ସଭାପତି ଚେତାବନୀ ଦେଇଛନ୍ତି।

## ଇବ୍ ନଦୀର ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ



ସୁନ୍ଦରଗଡ, ୨୧୫ (ସଂଚାର ବ୍ୟୁରୋ):ଭସ୍ମା ଥାନା ଅନ୍ତର୍ଗତ ଏର୍ଗା ନିକଟସ୍ଥ ଇବ ନଦୀର ତିଳେଇଘାଟରେ ଆଜି ଶନିବାର ଦିନ ୧୧.୩୦ ସମୟରେ ପାଣିରେ ବୁଡି ୭୩ ବର୍ଷ ବୟସର ଜଣେ ବୃଦ୍ଧ ଙ୍କ ମୃତ୍ୟୁ, ମୃତ ଜଣକ ହେଲେ ଝାରସୁଗୁଡା ଜିଲ୍ଲା ଲଇକେରା ଥାନା ନିକଟସ୍ଥ କିରମୀରା ଗ୍ରାମର ସ୍ୱର୍ଗତ ଉଗ୍ରେସନ ଧୋବାଙ୍କ ପୁଅ ଯୋଗେନ୍ଦ୍ର ଧୋବା । ଶୁକ୍ରବାର ଦିନ ତାଙ୍କ ଶାଶୁମାଙ୍କ ଦେହ ଖରାପ ଥିବାରୁ ଦେଖିବା ପାଇଁ ଆସିଥିଲେ । ହେଲେ ଆଜି ଇବ ନଦୀକୁ ଗାଧୋଇ ଯାଇ ଥିବା ସମୟରେ ହିଁ ପାଣି ଭିତରେ ଗାଧୋଉ ଥିବା ସମୟରେ ମୃତ୍ୟୁ ହୋଇ ଯାଇଥିଲା । ଗ୍ରାମବାସୀ ଖବର ଜାଣିବା ପରେ ଭସ୍ମା ପୋଲିସକୁ ଖବର ଦେଇ ଥିଲେ । ଘଟଣା ସ୍ଥଳକୁ ତୁରନ୍ତ ଭସ୍ମା ପୋଲିସ ଦଳ ଆସି ଘଟଣାର ତନାଘନା କରି ଆମ୍ବୁଲାନ୍ସ ଯୋଗେ ଶବ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ଘଟଣା ସ୍ଥଳରେ ମୃତକଙ୍କ ପରିବାର ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ସଂଗ୍ରାମୀ ନେତା ରବୀନ୍ଦ୍ର ବେହେରାଙ୍କ ଜୟନ୍ତୀ ପାଳିତ




ପଟାମୁଣ୍ଡାଇ,୨୧୫(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ମାଟିର ସାଲିସ ବିହୀନ ସଂଗ୍ରାମର ସେ ଥିଲେ ମୁକୁଟ ବିହୀନ ସମ୍ରାଟ। ଛାତ୍ର ଜୀବନରୁ ଶେଷ ଜୀବନ ଯାଏଁ ସମାଜର ତଳ ପାହାଚର ମଣିଷର ହକ ପାଇଁ ନିଜର ସଂଗ୍ରାମ ଜାରି ରଖିବା ସହିତ ପଟ୍ଟାମୁଣ୍ଡାଇର ପ୍ରତିଟି ସ୍ୱାର୍ଥ କୋର୍ଟ ପ୍ରତିଷ୍ଠା ଠାରୁ ବସଷ୍ଟାଣ୍ଡ ପ୍ରତିଷ୍ଠା ଓ ନିର୍ବାଚନମଣ୍ଡଳୀ ଉଚ୍ଛେଦ ପର୍ଯ୍ୟନ୍ତ ସବୁଠି ରବୀନ୍ଦ୍ର ଛାଡି ଯାଇଛନ୍ତି ନିଜ ସଂଗ୍ରାମର ପଦଚିହ୍ନ ବୋଲି ପଟ୍ଟାମୁଣ୍ଡାଇର ବାମପନ୍ଥୀ ନେତା ସ୍ୱର୍ଗତଃ ରବୀନ୍ଦ୍ର କୁମାର ବେହେରାଙ୍କ ୭୮ତମ ଜୟନ୍ତୀ ଉପଲକ୍ଷେ ପଟ୍ଟାମୁଣ୍ଡାଇ ଟାଉନ କ୍ଲବରେ ଆୟୋଜିତ ଜୟନ୍ତୀ ସଭାରେ ଯୋଗ ଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି । ଏଇ ଅବସରରେ ଅବସରରେ ବିଶିଷ୍ଟ ଲେଖିକା ସରସ୍ୱତୀ ବେହେରାଙ୍କ ଦ୍ୱାରା ସମ୍ପାଦିତ ପଟ୍ଟାମୁଣ୍ଡାଇ ଅଂଚଳରୁ ପ୍ରକାଶିତ ବର୍ଣ୍ଣବିଭାର ରଜ ସଂଖ୍ୟା ଉନ୍ମୋଚନ କରା ଯାଇଥିଲା । ବିଶିଷ୍ଟ ହେତୁବାଦୀ ଦେବେନ୍ଦ୍ର ସୁତାରଙ୍କ ପୌରହିତ୍ୟ ଓ ବରିଷ୍ଠ ସାମ୍ବାଦିକ ସ୍ମୃତି ରଞ୍ଜନ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଜୟନ୍ତୀ ସଭାରେ ଗାଳ୍ପିକ ପ୍ରାଧ୍ୟାପକ ଡ଼ ନୀଳମଣି ଲେଙ୍କା, ବାମପନ୍ଥୀ ନେତା ଗୟାଧର ଧଳ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ । ଏହି ସଭାରେ କବି ଆଡ଼ଭୋକେଟ ରାମ କୃଷ୍ଣ ଦାଶ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, କବୟିତ୍ରୀ ଆରାଧନା ଦାଶ, ଚିତ୍ରଶିଳ୍ପୀ ରମେଶ ଦେ, ଯୁବ ନେତା ଅବିନାଶ ଲେଙ୍କା ସମାଜସେବୀ ପ୍ରମୋଦ ସାହୁ ପ୍ରମୁଖ ବୁଦ୍ଧିଜୀବୀ, ସାହିତ୍ୟିକ ଓ ସାମ୍ବାଦିକ ଯୋଗ ଦେଇ ଦିବଂଗତ ବାମପନ୍ଥୀ ନେତା ରବୀନ୍ଦ୍ର ବେହେରାଙ୍କ ସ୍ମୃତି ଚାରଣ କରିଥିଲେ । ଶେଷରେ ସାରଦା ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ ।

## ଆଦିବାସୀ, ଦଳିତ ଠିକା ଓ ପରିବହନ ସଂସ୍ଥା ପକ୍ଷରୁ ଜଳଛତ୍ରର ଶୁଭାରମ୍ଭ



ସୁନ୍ଦରଗଡ଼, ୨୧୫ (ସଂଚାର ବ୍ୟୁରୋ): ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଦର୍ଲିପାଲି ଗ୍ରାମ ପଞ୍ଚାୟତର ମାଁ ଚନ୍ଦଳିପାଟଙ୍କ ପାହାଡ ପାଦତଳେ ଆଦିବାସୀ ଓ ଦଳିତ ଠିକା ଏବଂ ପରିବହନ ସଂସ୍ଥା ତରଫରୁ ମେ ୧ ତାରିଖ ଶୁକ୍ରବାର ଦିନ ଜଳଛତ୍ର, ସରବତ ଓ ଭତ୍ତା ବଣ୍ଟନ ଶୁଭାରମ୍ଭ କରିଥିଲେ । ସଭାପତି ଦିଲ୍ଲୀପ କୁମୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ସମସ୍ତ ସଭ୍ୟ ସଭ୍ୟାଙ୍କୁ ନେଇ ଏକ ସଭା ଆୟୋଜନ କରାଯାଇଥିଲା । ଅନୁଷ୍ଠାନରେ ଜଡିତ ଥିବା ୨୮ ଜଣ ସଭ୍ୟ ସଭ୍ୟାଙ୍କୁ ମାସିକ ଭତ୍ତା ହିସାବରେ ଏକ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ସକାଳ ୯ ଟା ରୁ ସମସ୍ତ ପଥଚାରୀ ଙ୍କୁ ତରଭୁଜ ଏବଂ ସରବତ ବଣ୍ଟନ କରିଥିଲେ।

# ଢେଙ୍କାନାଳରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ




ଢେଙ୍କାନାଳ, ୨୧୫ (ସଂଚାର ବ୍ୟୁରୋ): ଢେଙ୍କାନାଳରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇ, ରାଷ୍ଟ୍ର ନିର୍ମାଣରେ ଶ୍ରମିକ ଭାଇ ଭଉଣୀମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣବୋଲି ପ୍ରକାଶ କରିଥିଲେ । ରାଜ୍ୟ ତଥା ଦେଶର ସାମଗ୍ରିକ ବିକାଶ ନିମନ୍ତେ ସେମାନଙ୍କର ନିରନ୍ତର ଉଦ୍ୟମ ଯୋଗୁଁ ସମ୍ଭବ ହୋଇ ପାରୁଛି ବୋଲି ମତବ୍ୟକ୍ତ କରି ସେମାନଙ୍କର ଭୂରି ଭୂରି ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ପରଜଙ୍ଗର ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗ ଦେଇ ଶ୍ରମିକ ଭାଇ ଭଉଣୀମାନଙ୍କ ବିନା କୌଣସି ପ୍ରକାରର ଉନ୍ନତି ସମ୍ଭବ ନୁହେଁ ବୋଲି ମତ ପ୍ରକାଶ କରିଥିଲେ । ଜିଲାର କୌଣସି ଶ୍ରମିକ ଭାଇ ଭଉଣୀ ଯେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତାହାର ସମାଧାନ ପାଇଁ ତାଙ୍କର ପରାମର୍ଶ ନେବାକୁ ପୌର ଅଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର କହିଛନ୍ତି । ଏହି ଅବସରରେ ଶ୍ରମିକମାନଙ୍କ ପିଲାଙ୍କ ଶିକ୍ଷା, ବିବାହ, ପ୍ରସୂତି କାଳୀନ ସହାୟତା, ମୃତ୍ୟୁକାଳୀନ ସହାୟତା ଓ ଅନ୍ତେଷ୍ଟିକ୍ରିୟା ପାଇଁ ୯୬୬ ଜଣ ହିତାଧିକାରୀଙ୍କୁ ଡ଼ି.ବି.ଟି . ମାଧ୍ୟମରେ ୫,୧୭,୧୩,୮୦୦ ଟଙ୍କା ର ସହାୟତା ରାଶି ପ୍ରଦାନ କରାଯାଇଥିଲା ବେଳେ ୩୫୦ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା ।

## ବିଜେପି ନେତା ବିଜୟ ପ୍ରଧାନଙ୍କର ଚତୁର୍ଥ ଶ୍ରାଦ୍ଧବାର୍ଷୀକ ପାଳିତ




ମହାକାଳପଡ଼ା,୨୧୫(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଛପାଲି ଠାରେ ବିଜେପି ନେତା ସ୍ୱର୍ଗତ ବିଜୟ ପ୍ରଧାନଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକ ପାଳିତ ହୋଇ ଯାଇଛି। ଏହି ଅବସରରେ ସରୋଜକାନ୍ତ ସାହୁଙ୍କ ସଭାପତିତ୍ୱରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ସ୍ୱର୍ଗତ ପ୍ରଧାନଙ୍କ ରାଜନୈତିକ ଜୀବନି ସମ୍ପର୍କ ରେ ମତବ୍ୟକ୍ତ କରିବା ସହ ସ୍ମୃତିଚାରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ମହାନ୍ତି, ଅଚିନ୍ତ ମାଇତି, ସମିତି ସଭ୍ୟ ରଞ୍ଜନ ଚୌଧୁରୀ, କୃଷ୍ଣ ପଦ ମଣ୍ଡଳ, ପ୍ରତାପ ଚନ୍ଦ୍ର ଦାସ, ୨୩ ନଂ ମଣ୍ଡଳ ବିଜେପି ସଭାପତି ତ୍ରିଲୋଚନ ରାଉତ, ଜିଲ୍ଲା ବିଜେପି ସମ୍ପାଦକ ପ୍ରଶାନ୍ତ ସେଠି, ଜିଲ୍ଲା ବିଜେପି ଉପ ସଭାପତି ଜୀବନାନନ୍ଦ ସାହୁ, ବିକ୍ରମ ସାହୁ, ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଇଂ ଚନ୍ଦ୍ରକାନ୍ତ ସ୍ୱାଇଁ, ରତନ କାଞ୍ଜିଲାଲ, ୨୨ ନଂ ଜୋନ ବିଜେପି ସଭାପତି ପବିତ୍ର ଚୌଧୁରୀ, ୧୯ ନଂ ଜୋନ ବିଜେପି ମାନସ ମହାନ୍ତି, ୨୦ ନଂ ଜୋନ ବିଜେପି ସଭାପତି ସୌବାଲ୍ୟ ବାହାଲିଆ , ଯୁବ ସମାଜସେବୀ ରଶ୍ମି ରଞ୍ଜନ ସାମଲ, ଜଗନ୍ନାଥ ଦଳାଇ,ଭୀଷ୍ମ ଲେଙ୍କାଙ୍କ ସମେତ ଅନେକ ନେତା ଉପସ୍ଥିତ ରହି ସ୍ମୃତିଚାରଣ କରିବା ସହ ସ୍ମୃତି କମିଟି କୁ ଉତ୍ସାହିତ କରିଥିଲେ।

# କିଙ୍ଗ ସେଟ୍‌ରୁ ଲିକ୍ ହେଲା ଫଟୋ



ଶାହାରୁଖ ଗୋଟିଏ ବର୍ଷରୁ ଅଧିକ ସମୟ ଧରି କିଙ୍ଗ ପାଇଁ ସୁଟିଂରେ ବ୍ୟସ୍ତ ଅଛନ୍ତି। ଅଭିନେତା ବିଶ୍ୱର ପ୍ରତ୍ୟେକ କୋଣରେ ଚଳଚ୍ଚିତ୍ରର ଦୃଶ୍ୟ ସୁଟିଂ କରିଛନ୍ତି। ବର୍ତ୍ତମାନ, ସେ ଦକ୍ଷିଣ ଆଫ୍ରିକାର କେପ୍ ଟାଉନରେ ଅଛନ୍ତି। ଯେଉଁଠାରେ ଚଳଚ୍ଚିତ୍ର ପାଇଁ ଏକ ଗୀତ ରେକର୍ଡ କରାଯାଉଛି। ତାଙ୍କ ସହିତ ଦୀପିକା ପାଦୁକୋଣ ଅଛନ୍ତି। ଯିଏ ଚଳଚ୍ଚିତ୍ରରେ ତାଙ୍କର ପ୍ରେମିକା ଭୂମିକାରେ ଅଭିନୟ କରୁଥିବା ଚର୍ଚ୍ଚା ହେଉଛି। ଚାଲିଛି କିଙ୍ଗ ଗୀତର ସୁଟିଂ ଶାହାରୁଖଙ୍କ ଚଳଚ୍ଚିତ୍ର କିଙ୍ଗ ସେଟ୍ ରୁ ଅନେକ ଫଟୋ ଏବଂ ଭିଡିଓ ଲିକ୍ ହୋଇଛି । ଯେଉଁଥିରେ ଚଳଚ୍ଚିତ୍ରରେ ସୁପରଷ୍ଟାର ଏବଂ ଦୀପିକାଙ୍କ ଲୁକ୍ ର ଏକ ଝଲକ ପ୍ରଦାନ କରାଯାଇଛି। ଗୋଟିଏ ସିନ୍‌ରେ, ଉଭୟ ଷ୍ଟାର ହାତ ଧରି ଠିଆ ହୋଇଥିବାର ଦେଖାଯାଉଛନ୍ତି। ଯେତେବେଳେ ଜଣେ ଡ୍ୟାନ୍ସ କୋରିଓଗ୍ରାଫର ସେମାନଙ୍କୁ ଗୀତର ଡ୍ୟାନ୍ସ ଷ୍ଟେପ୍ ଉପରେ ନିର୍ଦ୍ଦେଶ ଦେଉଛନ୍ତି। ଆଉ ଏକ ଲିକ୍ ହୋଇଥିବା ଫଟୋରେ ଶାହରୁଖ କମଳା ରଙ୍ଗର ସାର୍ଟ ପିନ୍ଧି କାରରେ ବସିଥିବାର ଦେଖାଯାଇଛି। ଏହି ଦୃଶ୍ୟର ଏକ ଭିଡିଓ କ୍ଲିପ୍ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ହଲିଉଡ୍ ଗାୟକ ଏଡ୍ ଶିରାନଙ୍କ ସ୍ୱର ସହିତ ଏକ ରାପ୍ ସିକ୍ୱେନ୍ସ ଶୁଣିବାକୁ ମିଳୁଛି। ସୋସିଆଲ ମିଡିଆ ୟୁଜର୍ସମାନେ ବିଶ୍ୱାସ କରନ୍ତି ଯେ ଏହି ଟ୍ରାକ୍ ଅନିରୁଦ୍ଧ ଦ୍ୱାରା ରଚିତ ହୋଇଛି। ଯିଏ ପୂର୍ବରୁ ଶାହରୁଖଙ୍କ ଫିଲ୍ମ ଜବାନ ପାଇଁ ଗୀତଗୁଡ଼ିକ ରଚନା କରିଥିଲେ। ସୁପରଷ୍ଟାରଙ୍କ ପ୍ରଶଂସକମାନେ ଶାହରୁଖ ଏବଂ ଦୀପିକାଙ୍କୁ ଏକାଠି ସୁଟିଂ କରୁଥିବା ଦେଖି ସ୍ପଷ୍ଟ ଭାବରେ ଉତ୍ସାହିତ। ଏହି ମୁହୂର୍ତ୍ତଟି ସେମାନଙ୍କ ପାଇଁ ବିଶେଷ, କାରଣ ସେମାନେ କିଙ୍ଗର ମୁକ୍ତିଲାଭ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଶାହରୁଖଙ୍କ ଝିଅ ସୁହାନା ଖାନ ଏବଂ ଅଭିନେତ୍ରୀ ଦୀପିକାଙ୍କ ବ୍ୟତୀତ ରାନୀ ମୁଖାର୍ଜୀ, ଅଭିଷେକ ବଚ୍ଚନ, ସୌରଭ ଶୁକ୍ଲା, ଅର୍ଶଦ ୱାର୍ସି, ଜୟଦୀପ ଅହଲୱାତ, ଅଭୟ ଭର୍ମା, ଜ୍ୟାକି ଶ୍ରଫ ଏବଂ ଅନିଲ କପୁରଙ୍କ ସହ ବଡ ଟିମ୍ ରହିଛି। ଏହି ଚଳଚ୍ଚିତ୍ରଟି ଡିସେମ୍ବର ୨୪ ରେ ବିଶ୍ୱବ୍ୟାପୀ ମୁକ୍ତିଲାଭ କରିବାର କାର୍ଯ୍ୟକ୍ରମ ରହିଛି।



# ଭୁବନ ବାମଙ୍କ ସପକ୍ଷରେ ବଡ଼ ରାୟ ଦେଲେ ହାଇକୋର୍ଟ



ନୂଆଦିଲ୍ଲୀ: ଲୋକପ୍ରିୟ ୟୁଟ୍ୟୁବର ଭୁବନ ବାମ୍‌ଙ୍କୁ ଆଶ୍ୱସ୍ତି ଦେଇଛନ୍ତି ଦିଲ୍ଲୀ ହାଇକୋର୍ଟ । ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ତାଙ୍କର ଡିପଫେକ୍ ଫଟୋ ଏବଂ ଭିଡିଓ ହଟାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ଡିଜିଟାଲ୍ ଯୁଗରେ, ପ୍ରଯୁକ୍ତିବିଦ୍ୟା ଆମ ଜୀବନକୁ ସହଜ କରୁଥିବା ବେଳେ ଏହାର ଅପବ୍ୟବହାର ସେଲିବ୍ରିଟି ଏବଂ ସାଧାରଣ ଜନତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରୁଛି। ଏହି ପରିପ୍ରେକ୍ଷୀରେ, ଭାରତର ସବୁଠାରୁ ଲୋକପ୍ରିୟ କଣ୍ଟେଣ୍ଟ କ୍ରିଏଟର ଏବଂ ଅଭିନେତା ଭୁବନ ବାମ୍ ତାଙ୍କ ଡିଜିଟାଲ୍ ପରିଚୟ ଏବଂ ପ୍ରତିଷ୍ଠାକୁ ସୁରକ୍ଷା ଦେବା ପାଇଁ ଆଇନର ଆଶ୍ରୟ ନେଇଥିଲେ। ଦିଲ୍ଲୀ ହାଇକୋର୍ଟ ଭୁବନ ବାମଙ୍କ ସପକ୍ଷରେ ବଡ଼ ରାୟ ଦେଇଛନ୍ତି। ପୂରା ଘଟଣା କ'ଣ ? ଭୁବନ ବାମଙ୍କ ମୁହଁ ଏବଂ ସ୍ୱର ବ୍ୟବହାର କରି ଡିପଫେକ୍ ଭିଡିଓଗୁଡ଼ିକ ସୋସିଆଲ ମିଡିଆ ଏବଂ ବିଭିନ୍ନ ମେସେଜିଂ ପ୍ଲାଟଫର୍ମରେ ଘୁରି ବୁଲୁଛି। ନକଲି ଟେଲିଗ୍ରାମ ଚ୍ୟାନେଲଗୁଡ଼ିକ ତାଙ୍କର ଫଟୋ ଏବଂ ସ୍ୱରର ଅପବ୍ୟହାର କରୁଛନ୍ତି । ତାଙ୍କର ଲୋକପ୍ରିୟ ଚରିତ୍ର, ବିବି କି ଭାଇନ୍ସକୁ ମଧ ବ୍ୟବହାର କରାଯାଇଛି । ଏହି ଭ୍ରାମକ ବିଜ୍ଞାପନଗୁଡ଼ିକ କେବଳ ଭୁବନଙ୍କ ପ୍ରତିଛବିକୁ ମଳିନ କରିନାହିଁ ବରଂ ହଜାର ହଜାର ନିରୀହ ଲୋକଙ୍କୁ ଠକିବାରେ ସହାୟକ ହୋଇଛି। କୋର୍ଟଙ୍କ ବଡ଼ ନିର୍ଦ୍ଦେଶ ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ଜଷ୍ଟିସ୍ ଜ୍ୟୋତି ସିଂହ ୨୮ ଏପ୍ରିଲ୍ ୨୦୨୬ ରେ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଥିଲେ। କୋର୍ଟ କହିଥିଲେ ଯେ, ଭୁବନ ବାମଙ୍କ ସ୍ୱର ଏବଂ ମୁହଁର ତାଙ୍କ ଅନୁମତି ବିନା ବାଣିଜ୍ୟିକ ବ୍ୟବହାର ତାଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏପରି ବିଷୟବସ୍ତୁ କେବଳ କଳାକାରଙ୍କୁ କ୍ଷତି ପହଞ୍ଚାଏ ନାହିଁ ବରଂ ଜନସ୍ୱାର୍ଥ ପାଇଁ ମଧ ବିପଦ ସୃଷ୍ଟି କରେ । ଲୋକମାନେ ଏହି ମୁହଁ ଉପରେ ଭରସା କରି ପ୍ରଲୋଭନର ଶିକାର ହୁଅନ୍ତି। କୋର୍ଟ ତାଙ୍କ ଆଦେଶରେ ଗୁଗୁଲ୍, ମେଟା (ଫେସବୁକ୍/ଇନଷ୍ଟାଗ୍ରାମ), ଫ୍ଲିପକାର୍ଟ ଏବଂ ସ୍ୱଟିଫାଏ ଭଳି ପ୍ରମୁଖ କମ୍ପାନୀଗୁଡ଼ିକୁ ଭୁବନ ବାମଙ୍କ ସହ ଜଡିତ ସମସ୍ତ ବିବାଦୀୟ ଲିଙ୍କ୍ ଏବଂ ଭିଡିଓକୁ ୩୬ ଘଣ୍ଟା ମଧରେ ସେମାନଙ୍କ ପ୍ଲାଟଫର୍ମରୁ ହଟାଇବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।



# ରାଜପାଲଙ୍କୁ ବଡ଼ ବ୍ରେକ୍ ଦେଲେ ସଲମାନ



ବଲିଉଡ ସୁପରଷ୍ଟାର ସଲମାନ ଖାନଙ୍କ ନୂଆ ଫିଲ୍ମର ଶୁଟିଂ ମୁମ୍ବାଇରେ ଆରମ୍ଭ ହୋଇଛି। ବରିଷ୍ଠ ହାସ୍ୟ ଅଭିନେତା ରାଜପାଲ ଯାଦବ ମଧ୍ୟ ଏହି ପ୍ରୋଜେକ୍ଟରେ ଯୋଗ ଦେଇଛନ୍ତି। ଏହି ଆକ୍ସନ ମନୋରଞ୍ଜନକାରୀ ଫିଲ୍ମରେ ରାଜପାଲଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ କାଷ୍ଟ କରାଯାଇଛି। ସେ ଫିଲ୍ମରେ ସଲମାନଙ୍କ ଡାହାଣ ହାତ ବ୍ୟକ୍ତି ଭୂମିକାରେ ଅଭିନୟ କରୁଥିବାର ନଜର ଆସିବେ। ଦୁଇ ଚରିତ୍ରଙ୍କ ମଧ୍ୟରେ ଏକ ଦୃଢ଼ ସମ୍ପର୍କ ରହିବ ବୋଲି ଆଶା କରାଯାଉଛି। ରାଜପାଲ ଅଭିନୟ ଦକ୍ଷତା ପାଇଁ ତାଙ୍କୁ ଫିଲ୍ମରେ ସୁଯୋଗ ଦେଇଛନ୍ତି ସଲମାନ। ଉଭୟଙ୍କ ମଧ୍ୟରେ କେମେଷ୍ଟ୍ରୀ ଫିଲ୍ମରେ ଏକ ଅନନ୍ୟ ଆକର୍ଷଣ ଯୋଡ଼ିବ ବୋଲି ଆଶା କରାଯାଉଛି। ରାଜପାଲଷ୍ଟ ତାଙ୍କ ସିକ୍ୱେନ୍ସର ଶୁଟିଂ ଆରମ୍ଭ କରିସାରିଛନ୍ତି। ଦକ୍ଷିଣ ଭାରତୀୟ ଅଭିନେତ୍ରୀ ନୟନତାରା ଫିଲ୍ମରେ ମୁଖ୍ୟ ଭୂମିକାରେ ନଜର ଆସିବେ। ଦିଲ ରାଜୁ ପ୍ରଯୋଜକ ଭାବରେ କାର୍ଯ୍ୟ କରୁଛନ୍ତି। ଏହି ଫିଲ୍ମଟି ୨୦୨୭ ଇଦ ଅବସରରେ ଥିଏଟରରେ ରିଲିଜ ହେବ। ସଲମାନ ଏବଂ ରାଜପାଲ ପୂର୍ବରୁ ଫିଲ୍ମରେ ଏକାଠି କାମ କରିଛନ୍ତି। ୨୦୦୫ରେ ମୁକ୍ତିଲାଭ କରିଥିବା 'ମୁଝସେ ଶାଦି କରୋଗି'ରେ ରାଜପାଲ 'ପଣ୍ଡିତ' (ପୂଜକ) ଚରିତ୍ରକୁ ଦର୍ଶକମାନେ ପ୍ରଶଂସା କରିଥିଲେ।







# ପ୍ରଥମ ଥର ଓସ୍କାରରେ ବଦଳିଲା ୩ ପ୍ରମୁଖ ନିୟମ

କଳା ଜଗତର ସବୁଠାରୁ ପ୍ରତିଷ୍ଠିତ ପୁରସ୍କାର ମଧ୍ୟରୁ ଗୋଟିଏ, ଓସ୍କାର ସମ୍ବନ୍ଧରେ ଏକ ନୂଆ ଅପଡେଟ୍ ଆସିଛି। ଚଳିତ ବର୍ଷର ଓସ୍କାରରେ "ୱାନ୍ ବ୍ୟାଟେଲ୍ ଆଫ୍ଟର ଆନାଦର୍" ଏବଂ "ସିନର୍ସ" ଭଳି ଚଳଚ୍ଚିତ୍ରଗୁଡ଼ିକ ଧମାଲ ଦେଖିବାକୁ ମିଳିଥିଲା ଏବଂ ଏହି ଦୁଇଓଟି ସିନେମାକୁ ସବୁଠାରୁ ଅଧିକ କାଟାଗୋରୀରେ ସର୍ବାଧିକ ପୁରସ୍କାର ମିଳିଥିଲା। ତଥାପି, ୨୦୨୭ ମସିହାରୁ ଓସ୍କାରର ନିୟମ ପରିବର୍ତ୍ତନ ହେଉଛି। ଏହି ପ୍ରତିଷ୍ଠିତ ପୁରସ୍କାର ଆରମ୍ଭ ହେବା ପରଠାରୁ ପ୍ରାୟ ଗୋଟିଏ ଶତାବ୍ଦୀ ବିତିଗଲାଣି, ଏବଂ ବର୍ତ୍ତମାନ ଆୟୋଜକମାନେ ସମାରୋହରେ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘୋଷଣା କରିଛନ୍ତି। ଓସ୍କାର କିଛି ବର୍ଗରେ ପରିବର୍ତ୍ତନ କରିଛି ଏବଂ କିଛି ନିୟମକୁ ଶିଥିଳ କରିଛି। ଏହି ପରିବର୍ତ୍ତନଗୁଡ଼ିକ ଯୋଗୁ କଳାକାର ଯେଉଁ ପ୍ରାପ୍ୟ ପାଇବାକୁ ଯୋଗ୍ୟ, ସେମାନଙ୍କୁ ତାହା ହିଁ ମିଳିବ ଏବଂ କଠୋର ନିୟମ ଯୋଗୁଁ ସେମାନେ ଏଥିରୁ ବଞ୍ଚିତ ହେବେ ନାହିଁ। ଆସନ୍ତୁ ଓସ୍କାରରେ ଏହି ତିନୋଟି ପ୍ରମୁଖ ପରିବର୍ତ୍ତନ ଏବଂ ଏହା ଭାରତକୁ କିପରି ଲାଭ ଦେବ ତାହା ବୁଝିବା...

**ନିୟମ ୧: ଅଭିନୟ ବର୍ଗ ବା ଆକ୍ଟିଂ କାଟାଗୋରୀରେ ପରିବର୍ତ୍ତନ:**
ଓସ୍କାର ନିୟମରେ ସବୁଠାରୁ ବଡ଼ ପରିବର୍ତ୍ତନ ହେଉଛି ଯେ ଯେକୌଣସି ଅଭିନେତାଙ୍କୁ ଏବେ ଗୋଟିଏ ବର୍ଗରେ ଏକାଧିକ ଥର ମନୋନୀତ କରାଯାଇପାରିବ। ପୂର୍ବରୁ ଓସ୍କାର ଏହି ସୁବିଧା ପ୍ରଦାନ କରୁନଥିଲା। ପୂର୍ବରୁ, ଜଣେ କଳାକାରଙ୍କୁ କେବଳ ଗୋଟିଏ ବର୍ଗରେ ଥରେ ମନୋନୀତ କରାଯାଇପାରୁଥିଲା। କିନ୍ତୁ ଏବେ, ସେମାନଙ୍କୁ ଦୁଇଥର ମନୋନୀତ କରାଯାଇପାରିବ। ଉଦାହରଣ ସ୍ୱରୂପ, ଯଦି ଜଣେ ଅଭିନେତାଙ୍କର ଗୋଟିଏ ବର୍ଷରେ ଦୁଇଟି ଶ୍ରେଷ୍ଠ ପ୍ରଦର୍ଶନ ରହିଛି ଏବଂ ଉଭୟକୁ ପ୍ରବଳ ଭୋଟ୍ ମିଳିଛି, ତେବେ ଦୁଇଟି ଚଳଚ୍ଚିତ୍ରକୁ ସେହି ନିର୍ଦ୍ଦିଷ୍ଟ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇପାରିବ।

**ଦ୍ୱିତୀୟ ନିୟମ : ଏଆଇ ଉପରେ ଆଧାରିତ କୌଣସି ପୁରସ୍କାର ନାହିଁ:**
ଓସ୍କାରର ଦ୍ୱିତୀୟ ନିୟମ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ। ଆଜିକାଲି, ଅନେକ ସମୟରେ ଚଳଚ୍ଚିତ୍ରଗୁଡ଼ିକରେ ଏଆଇ ବ୍ୟବହାର କରାଯାଉଛି। ସିନ୍ ଗୁଡ଼ିକ ଉନ୍ନତ ଦେଖାଯିବା ପାଇଁ କିମ୍ବା କୌଣସି ଅଭାବ ପୂରଣ କରିବା ପାଇଁ ଏଆଇର ସାହାଯ୍ୟ ନେଉଛନ୍ତି ନିର୍ମାତା। ପୂର୍ବରୁ, ଏପରି ପ୍ରଦର୍ଶନକୁ ଓସ୍କାରରେ ବିଚାର କରାଯାଉଥିଲା। ତଥାପି, ଏକ ନୂତନ ନିୟମରେ କୁହାଯାଇଛି ଯେ ଏହା ଆଉ ସମ୍ଭବ ନୁହେଁ। ଏଆଇ ଇନ୍ଫ୍ଲୁଏନ୍ସଡ ଆକ୍ଟରଏବଂ ଲେଖକ କିମ୍ବା କୌଣସି ପ୍ରଦର୍ଶନକୁ ଯେତେ ପ୍ରଶଂସା କରାଯାଉ ନା କାହିଁ, ଏପରି ପ୍ରଦର୍ଶନକୁ କୌଣସି ଓସ୍କାର ବର୍ଗରେ ମନୋନୀତ କରାଯାଇପାରିବ ନାହିଁ।

**ନିୟମ ୩: କାଟାଗୋରୀ ଡବଲ୍ ନୋମିନେସନରେ ଭାରତକୁ ଫାଇଦା:**
ଓସ୍କାର ଦ୍ୱାରା କରାଯାଇଥିବା ପ୍ରମୁଖ ପରିବର୍ତ୍ତନ ମଧ୍ୟରୁ ଗୋଟିଏ ହେଉଛି ସର୍ବୋତ୍ତମ ଆନ୍ତର୍ଜାତୀୟ ଫିଚର ଫିଲ୍ମ କାଟାଗୋରୀ। ଏହି ପରିବର୍ତ୍ତନର ଅର୍ଥ ହେଉଛି ଯେ ଗୋଟିଏ ଦେଶ ଏବେ ଏହାର ସରକାରୀ ଚୟନ କମିଟି ମାଧ୍ୟମରେ ଓସ୍କାରରେ ଦାଖଲ ପାଇଁ ଗୋଟିଏରୁ ଅଧିକ ଫିଲ୍ମ ଦାଖଲ କରିପାରିବ। ପୂର୍ବରୁ ଏପରି ନଥିଲା। ପୂର୍ବରୁ, ଯେକୌଣସି ଦେଶରୁ ଯେକୌଣସି ବର୍ଗରେ କେବଳ ଗୋଟିଏ ଫିଲ୍ମ ଓସ୍କାର ପାଇଁ ଦାଖଲ କରାଯାଇପାରୁଥିଲା। କିନ୍ତୁ, ବର୍ତ୍ତମାନ ଗୋଟିଏ ବର୍ଗରେ ଦୁଇଟି ଫିଲ୍ମ ନାମାଙ୍କନ ପାଇଁ ଦାଖଲ କରାଯାଇପାରିବ। ଯଦି ଏହା ହୁଏ, ତେବେ ଏହା ଭାରତ ପାଇଁ ଭଲ ଖବରଠାରୁ କମ୍ ହେବ ନାହିଁ।

# '୩ ଇଡିଅଟ୍ସ'ର ସିକ୍ୱେଲ ଉପରେ ଚାଲିଛି କାମ



ଆମିର ଖାନଙ୍କ ପୁଅ ଜୁନୈଦ ଖାନଙ୍କର 'ଏକ ଦିନ' ନାମକ ଏକ ଫିଲ୍ମ ଖୁବ ଶୀଘ୍ର ରିଲିଜ ହେଉଛି। ଏହି ଫିଲ୍ମଟି ଆମିର ଖାନ ପ୍ରଡକ୍ସନ ଦ୍ୱାରା ନିର୍ମିତ ହେଉଛି। ସମ୍ପ୍ରତି ଆମିର ଖାନ 'ଏକ ଦିନ' ଫିଲ୍ମ ବିଷୟରେ କଥା ହୋଇଥିଲେ। ଏହି ଆଲୋଚନା ସମୟରେ, ସେ ତାଙ୍କ ନିଜସ୍ୱ ଫିଲ୍ମ '୩ ଇଡିଅଟ୍ସ' ବିଷୟରେ ଏକ ପ୍ରମୁଖ ସୂଚନା ମଧ ଶେୟାର କରିଥିଲେ। ସାକ୍ଷାତକାର ସମୟରେ, ଆମିର ଖାନଙ୍କୁ ଦାଦା ସାହେବ ଫାଲକେଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ ବିଷୟରେ ପଚରାଯାଇଥିଲା ଯେ ସେ କେଉଁ ପର୍ଯ୍ୟାୟରେ କାମ କରୁଛନ୍ତି ଏବଂ ସେହି ପ୍ରୋଜେକ୍ଟ କେଉଁ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପ୍ରଶ୍ନର ଉତ୍ତରରେ, ସେ ତାଙ୍କ ଫିଲ୍ମ '୩ ଇଡିଅଟ'ର ସିକ୍ୱେଲ ବିଷୟରେ କଥା ହୋଇଥିଲେ। ଆମିର ଖାନ କହିଛନ୍ତି, 'ଦାଦାସାହେବ ଫାଲକେଙ୍କ କାହାଣୀ ପ୍ରକୃତରେ ପ୍ରେରଣାଦାୟକ। ରାଜକୁମାର ହିରାନୀ ଏଥିରେ କାମ କରୁଥିଲେ। ରାଜୁ ଫିଲ୍ମର ତିନୋଟି ଡ୍ରାଫ୍ଟ ତିଆରି କରିଥିଲେ, କିନ୍ତୁ ସେ ଏପର୍ଯ୍ୟନ୍ତ ସ୍କ୍ରିପ୍ଟ ସହିତ ସନ୍ତୁଷ୍ଟ ନୁହଁନ୍ତି, ତେଣୁ ସେ ଏହାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିଛନ୍ତି। ହୁଏତ ସେ ପରେ ଏହାକୁ ପୁନର୍ବାର ଦେଖିବେ। ତଥାପି, ଏହି ମୁହୂର୍ତ୍ତରେ, ରାଜକୁମାର ହିରାନୀ '୩ ଇଡିଅଟ୍ସ' ର ସିକ୍ୱେଲ ଉପରେ କାମ କରୁଛନ୍ତି। ମୁଁ କାହାଣୀ ଶୁଣିଛି ; ଏହା ବହୁତ ଭଲ ଲେଖାଯାଇଛି। ବର୍ତ୍ତମାନ ସେହି ସ୍କ୍ରିପ୍ଟ ଉପରେ କାମ ଚାଲିଛି।' ଆମିର ଖାନ ଆହୁରି କହିଛନ୍ତି, 'ଆପଣ '3 ଇଡିଅଟ୍ସ'ରେ ଆମର ଚରିତ୍ରଗୁଡ଼ିକୁ ଦେଖିଛନ୍ତି। ଏଥର ମଧ, ଏହା ସେମାନଙ୍କର କାହାଣୀ, କିନ୍ତୁ କାହାଣୀ ୧୦ ବର୍ଷ ପରେ ସ୍ଥିର ହୋଇଛି। ରାଜକୁମାର ହିରାନୀ ଏବଂ ଅଭିଜାତ କାହାଣୀକୁ ସୁନ୍ଦର ଭାବରେ ସଂକଳ୍ପ କରିଛନ୍ତି। ତେଣୁ, ପୁଣି ଥରେ, ମୋତେ ମୋର ଚରିତ୍ର, ଫୁନସୁକ ୱାଙ୍ଗଡୁର ଜୋତାରେ ପାଦ ଦେବାକୁ ପଡିବ।' ସୂଚନାଯୋଗ୍ୟ, '୩ ଇଡିଅଟ୍ସ' ଫିଲ୍ମରେ, ଆମିର ଖାନ ଫୁନସୁକ ୱାଙ୍ଗଡୁ ଭୂମିକାରେ ଅଭିନୟ କରିଥିଲେ, ଯେତେବେଳେ ଆର. ମାଧବନ ଫରହାନଙ୍କ ଚରିତ୍ରକୁ ଚିତ୍ରଣ କରିଥିଲେ। ସେମାନଙ୍କ ବ୍ୟତୀତ ଶର୍ମନ ଜୋଶୀ ରାଜୁ ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମରେ ବୋମନ ଇରାନୀ, କରୀନା କପୁର, ମୋନା ସିଂହ ଏବଂ ଜାଭେଦ ଜାଫରୀଙ୍କ ପରି ଅନେକ କଳାକାର ମଧ ଅଭିନୟ କରିଥିଲେ।

# ଦୀର୍ଘଦିନ ଧରି ମରାମତି ଅଭାବରୁ ନଳକୂପ ଅଚଳ



ଫିରିଙ୍ଗିଆ,୨।୫(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମ ପାଦେରୀପଡ଼ା ସାହି ରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଛି। ଏହି ସାହିରେ ୧୮ ପରିବାର ବସବାସ କରନ୍ତି। ହେଲେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ଠାରୁ ହିଁ ପିଇବା ପାଣି ପାଇଁ ଛଟପଟ ହେଉଛନ୍ତି। ଏହି ସାହିରେ ଲୋକ ମାନେ ଏହି ନଳକୂପ ଉପରେ ନିର୍ଭର କରୁଥିଲେ ହେଲେ ଏବେ କିଛି ଦିନ ହେବ ନଳକୂପ ଅଚଳ ଅବସ୍ଥାରେ ପଡ଼ି ରହିଛି। ଯାହା ଫଳରେ ସ୍ଥାନୀୟ ଜନସାଧାରଣ ପିଇବା ପାଣିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର କହିଛନ୍ତି ସାହିର ବାସିନ୍ଦାମାନେ। ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନିମନ୍ତେ ସରକାର ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କର ଆଗ୍ରହ ନଥିବା କାରଣରୁ ନଳକୂପ ଟିର ମରାମତି ହୋଇ ପାରୁନାହିଁ। ଯାହା ଫଳରେ ଆଜି ପାଣି ପାଇଁ ବହୁତ ଅସୁବିଧା ହେଉଛନ୍ତି ଜନସାଧାରଣ। ଏନେଇ ଫିରିଙ୍ଗିଆ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କନିଷ୍ଠ ଯନ୍ତ୍ରୀ ଅମର ବେହେରା ଙ୍କୁ ପଚାରିବାରୁ ତଦନ୍ତ କରାଯିବ ଓ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।ଅନ୍ୟ ପଟେ ଦେଖିବାକୁ ବାକି ରହିଲା ଖବର ପ୍ରକାଶ ପରେ କେବେ ଏହି ସମସ୍ୟାର ସମାଧାନ କରୁଛନ୍ତି ତାହା ଅପେକ୍ଷା ରେ ଗ୍ରାମବାସୀ।

# ମାଟ୍ରିକ ପରୀକ୍ଷାରେ ୪ ଛାତ୍ରୀ ଏ ୱାନ



ସୁବର୍ଣ୍ଣପୁର,୨।୫(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡ଼ିକରୁ ମାଟ୍ରିକ ପରୀକ୍ଷା ରେ ୪ ଜଣ ଛାତ୍ରୀ ପାଇଲେ ଏ ୱାନ ଗ୍ରେଡ଼ ବଡ଼କର୍ଲେ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ବିନିତା ଭୋଇ ୫୪୨ ମାର୍କ ଆଣି ଏ ୱାନ ଗ୍ରେଡ଼ ଆଣିଛନ୍ତି।ତାଙ୍କ ବାପା ଅର୍ଜୁନ ଭୋଇ, ମାଆ ଲକ୍ଷ୍ମୀ ଭୋଇ, ପ୍ରଧାନ ଶିକ୍ଷକ ରମାକାନ୍ତ ପଧାନ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖୁସି ପ୍ରକାଶ କରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଭୀମଟିକିରା ର ଛାତ୍ରୀ ଅର୍ଚିତା ଭୋଇ ୫୪୦ ମାର୍କ ସହ ଏ ୱାନ ଗ୍ରେଡ଼ ପାଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କ ବାପା ପୂର୍ଣ୍ଣଚନ୍ଦ୍ର ଭୋଇ, ମାଆ ପୁଷ୍ପାଞ୍ଜଳି ଭୋଇ, ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ସାହୁ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖୁସି ପ୍ରକାଶ କରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ରାମପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ଲିନୁ ନାଏକ ୫୪୦ ମାର୍କ ଆଣି ଏ ୱାନ ଗ୍ରେଡ଼ ପାଇଛନ୍ତି। ତାଙ୍କ ବାପା ଶ୍ରଦ୍ଧାକର ନାଏକ, ମାଆ ସୌଦାମିନୀ ନାଏକ, ପ୍ରଧାନ ଶିକ୍ଷକ ହୋସିଆ ଛତ୍ରିଆ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖୁସି ପ୍ରକାଶ କରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ବିଦ୍ୟାଳୟ ର ଶାଲିନୀ ବନଛୋର ୫୪୦ ମାର୍କ ଆଣି ଏ ୱାନ ଗ୍ରେଡ଼ ପାଇଛନ୍ତି। ତାଙ୍କ ବାପା ବିବେକ ବନଛୋର, ମାଆ ପିରବତୀ ବନଛୋର, ପ୍ରଧାନ ଶିକ୍ଷକ ହୋସିଆ ଛତ୍ରିଆ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖୁସି ପ୍ରକାଶ କରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସମସ୍ତ ଛାତ୍ରୀ ଏହି ସଫଳତା ର ଶ୍ରେୟ ନିଜ ବାପା, ମାଆ ଓ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ଦେଇଛନ୍ତି। ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଗଣେଶ କିଷାନ, ଗୋଷ୍ଠୀ ସହ ଶିକ୍ଷାଧିକାରୀ ଗଂଜଲୁ ମିର୍ଧା, ଜଗତ ମଲ୍ଲିକ, ଆଞ୍ଚଳିକ ସାଧନ କେନ୍ଦ୍ର ମାୟାବର୍ହା ସଂଯୋଜକ ସୌରଭ ସାହୁ, ଅନ୍ଧାରିବାଞ୍ଜି ସଂଯୋଜକ ଚିତ୍ତରଞ୍ଜନ ଠାକୁର, ରାମପୁର ସଂଯୋଜକ ପ୍ରଦୀପ୍ତ କିଶୋର ଦାଶ ଅଭିନନ୍ଦନ ଜଣାଇଛନ୍ତି।

# ଦିବ୍ୟପ୍ରଜ୍ଞା ନାଥ ବେତନଟୀ ବ୍ଲକ୍ ଟପ୍ପର



ବେତନଟୀ,୨।୫(ସଂଚାର ବ୍ୟୁରୋ):୨.୫.୨୬ ରିଖ ପ୍ରକାଶିତ ହାଇସ୍କୁଲ ପରୀକ୍ଷା ଫଳ ଅନୁସାରେ ମୟୂରଭଞ୍ଜ ଜିଲ୍ଲାର ଏ୧ ରେ ୧୪୬ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବେତନଟୀ ବ୍ଲକ ର ୪ ଟି ହାଇସ୍କୁଲରୁ ୬ ଜଣ ଏ୧ ଗ୍ରେଡ଼ ପାଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ବାଲିକା ହାଇସ୍କୁଲ ର ଛାତ୍ରୀ ଦିବ୍ୟପ୍ରଜ୍ଞା ନାଥ ୫୬୩ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଥିବା ବେଳେ ସେହି ବିଦ୍ୟାଳୟରୁ ଆଦ୍ୟାଶା ସାହୁ ୫୫୮ ଓ କ୍ରିଷ୍ଣା ପାଣିଗ୍ରାହୀ ୫୪୪ ନମ୍ବର ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ରଘୁନାଥ ହାଇସ୍କୁଲ ରାଇକମା ର ରୋଜାଲିନ ମିଶ୍ର ୫୪୦, ଗୋପବନ୍ଧୁ ଶିକ୍ଷା ନିକେତନ ମଛପଦା ର ଜୟସ୍ମିତା ପୃଷ୍ଟି ୫୪୦ ଓ ମା ଚକ୍ରଶିଳା ହାଇସ୍କୁଲ ଭାଲିଆ ର ଛାତ୍ରୀ ଜ୍ୟୋସ୍ନା ଧଳ ୫୪୦ ନମ୍ବର ରଖି ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି। ବେତନଟୀ ଓଷ୍ଟା ସଂଘ ପକ୍ଷରୁ ବୋର୍ଡ ପରୀକ୍ଷା ରେ କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି।

# ଆମପାଣି ମଣ୍ଡଳ ବିଜେପି ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ



ଭବାନପାଟଣା,୨।୫(ସଂଚାର ବ୍ୟୁରୋ): ନାରୀ ଶକ୍ତି ବନ୍ଦନ ଆଇନ କୁ ବିରୋଧ କରୁଥିବା ଇଣ୍ଡିମେଣ୍ଟ କୁ ପ୍ରତିବାଦ କରି ଶନିବାର କୋକସରା ବ୍ଲକ ଆମପାଣି ମଣ୍ଡଳ ବିଜେପି ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରାଞ୍ଜଳି ପ୍ରଧାନ ଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ମହିଳା ନେତୃ ମଣ୍ଡଳୀ ସମେତ ଶତାଧିକ ବିଜେପି ର କାର୍ଯ୍ୟକର୍ତ୍ତା ଓ କର୍ମି ଯୋଗଦେଇ ଥିଲେ। ଆମପାଣି ବୁଢ଼ାରଜା ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ସ୍ଥାନୀୟ ବଜାର ପର୍ଯ୍ୟନ୍ତ ବାହାରି ନାରୀ ଶକ୍ତି ବନ୍ଦନ ଆଇନ କୁ ବିରୋଧ କରୁଥିବା ଇଣ୍ଡିମେଣ୍ଟ ଦଳ ବିରୁଦ୍ଧରେ ନାରାବାଜି ସହ ପ୍ରତିବାଦ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ହିମାଂଶୁ ପଣ୍ଡା, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ଜିଲ୍ଲା ପ୍ରତିନିଧି ଅର୍ଜୁନ ଭାଟି, ସାଧାରଣ ସମ୍ପାଦକ ଦ୍ରୋଣଚାର୍ଯ୍ୟ ପୂଝାରୀ ଓ ତୁଲାରାମ ନାଏକ, ଦଳୀୟ କର୍ମକର୍ତ୍ତା ସନ୍ତୋଷ କୁମାର ମାଝୀ, ଚକ୍ରଧର ବେଶ୍ରା, କୃଷ୍ଣ ନାଏକ, ନାରୀନେତ୍ରୀ ଧରିତ୍ରୀ ବାଗ, ସମେତ ଶତାଧିକ ବିଜେପିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମିଡ଼ିଆ କ୍ଲବ ପରିସରରେ ଜାତୀୟ ଶ୍ରମିକ ଦିବସ ପାଳନ

ଧାମନଗର,୨।୫(ସଂଚାର ବ୍ୟୁରୋ): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ମେଡିକାଲ ବଜାରରେ ମିଡ଼ିଆ କ୍ଲବ କାର୍ଯ୍ୟାଳୟ ପରିସରରେ ଜାତୀୟ ଶ୍ରମିକ ଦିବସ ମହା ଆଡ଼ମ୍ବରରେ ପାଳନ କରାଯାଇଛି। ଏହି ଅବସରରେ ମଇ ୧ ତାରିଖ ଶୁକ୍ରବାର ଅପରାହ୍ନ ୪ଟା ସମୟରେ ମିଡ଼ିଆ କ୍ଲବ ସଭାପତି ବିବେକାନନ୍ଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ସେକ ଜାଫର ଅଲ୍ଲୀ, ସହସମ୍ପାଦକ ଦୁର୍ଗାପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଶାନ୍ତ ଦ୍ୱିବେଦୀ, ସଦସ୍ୟ ଏମଡି ଜାବିର ବାବୁ, କୁମାରେଶ ବଳଭଦ୍ର ଖିଲାର, ମାନସ ମହାପାତ୍ର, ସଞ୍ଜୟ ସେଠୀ, ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରମୁଖ ଯୋଗ ଦେଇ ସରକାର ସାମ୍ବାଦିକଙ୍କୁ ଅଣଦେଖା କରୁଛନ୍ତି ବୋଲି ମତପ୍ରକାଶ ପାଇଥିଲା। ତେବେ ଠିକ ଭାବରେ ଗଣନା କରି ମାସକୁ କିଛି ଭତ୍ତା ଦିଅନ୍ତୁ ବୋଲି ସରକାରଙ୍କ ନିକଟରେ ଦାବି କରିବା ସହ ଜାତୀୟ ଶ୍ରମିକ ଦିବସ ସମ୍ପର୍କରେ ମତବ୍ୟକ୍ତ ରଖିଥିଲେ। ସକ୍ରିୟ ସଦସ୍ୟ ଦୀନକୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ



ବୈଶିଙ୍ଗା,୨।୫(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅଧୀନ ରଘୁପୁର ପଞ୍ଚାୟତର ବେଲଡିହା ଗ୍ରାମରେ ଥିବା 'ବିଦୁ ଚାନ୍ଦାନ ଅଲ ଇତୁନ୍ ଆଶ୍ଲା'ପକ୍ଷରୁ ସାନ୍ତାଳି ଭାଷାର ଲିପି 'ଅଲଚିକି'ର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜନ୍ମ ଜୟନ୍ତି ଧୁମଧାମରେ ପାଳିତ ହୋଇଯାଇଛି।ପଣ୍ଡିତ ରଘୁନାଥ ମୁର୍ମୁ ୧୯୦୫ ମସିହା ବୈଶାଖୀ ପୂର୍ଣ୍ଣିମାରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ନିକଟସ୍ଥ ଡାହାରଡିହି ଡାଣ୍ଡବୋଷ ଗ୍ରାମରେ ପିତା ନନ୍ଦଲାଲ ମୁର୍ମୁ ଓ ମାତା ସଲମାଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁ ଅଲଚିକି ଲିପି ୧୯୨୫ ମସିହାରେ ବାରିପଦା କଲେଜ ବା ଆଜିର ଏମକେସି ହାଇ ସ୍କୁଲରେ ଅଧ୍ୟୟନ ସମୟରେ ଉଦ୍ଭାବନ କରିଥିଲେ। ଏହି ଲିପିକୁ ସୃଷ୍ଟିକରି ଭାଷାକୁ ଗୋଟାଏ ନୂଆ ସ୍ୱରୂପ ପ୍ରଦାନ କରି ସମଗ୍ର ସାନ୍ତାଳି ସମାଜକୁ ମାର୍ଗ ଦର୍ଶନ କରିବା ନିଶ୍ଚୟ ଭାବରେ ଏକ ଯୁଗାନ୍ତକାରୀ କାର୍ଯ୍ୟ ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳି ଭାଷା ପାଇଁ ଯାହା କରିଛନ୍ତି ତାହା ଅଦ୍ୱିତୀୟ। ତେଣୁ ଏହି ବୈଶାଖ ପୂର୍ଣ୍ଣିମା ଦିନ ଖାଲି ମୟୂରଭଞ୍ଜ ଜିଲ୍ଲାରେ ନୁହେଁ, ଝାଡଖଣ୍ଡ, ବିହାର, ବେଙ୍ଗଲ ଓ ଆଶାମ ରାଜ୍ୟ ମାନଙ୍କରେ ବସବାସ କରୁଥିବା ସମସ୍ତ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ଧୁମଧାମରେ ପାଳନ କରିଥାନ୍ତି।

# ସରକାରଙ୍କୁ କ୍ଲିନ୍‌ଚିଟ୍ ଦେବାକୁ ଉଦ୍ୟମ କରୁଛି ଆର୍‌ଡିସି

ପାଟଣା,୨।୫(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ଡିଆନାଳି ଗ୍ରାମ ଚତୁରୀ ସାହିର ଜିତୁ ମୁଣ୍ଡା ଗତ ସୋମବାର ମୃତ ଭଉଣୀ କଲାରା ମୁଣ୍ଡାଙ୍କ କଙ୍କାଳ ଖୋଳି ମଲ୍ଲୀପୋଷି ଓଡିଶା ଗ୍ରାମୀଣ ବ୍ୟାଙ୍କ ଗ୍ରୀଲ୍ ସମ୍ମୁଖରେ ରଖିବା ପରେ ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହାପରେ ଗାଁକୁ ବିଭିନ୍ନ ବିରୋଧୀ ଦଳ ନେତାଙ୍କ ସୁଅ ଛୁଟିଛି। ଶନିବାର ଅଖିଳ ଭାରତୀୟ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁ ଚିଭ, ଜାତୀୟ କଂଗ୍ରେସ ସମ୍ପାଦକ ମନୀଷ ଶର୍ମା ଓ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନିର୍ଦ୍ଦେଶରେ ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ ରାଜ୍ୟ ଆଦିବାସୀ ସେଲ୍ ସଭାପତି ଯଶୋବନ୍ତ ନାରାୟଣ ଲାଗୁରି ଯୋଗ ଦେଇ ଆର୍‌ଡିସି ସରକାରଙ୍କୁ କ୍ଲିନ୍ ଚିଟ୍ ଦେବାକୁ ଉଦ୍ୟମ କରୁଛି। ଏଣୁ ଆମେ ନ୍ୟାୟିକ ତଦନ୍ତ ଦାବି କରୁଛୁ।

# ଆନ୍ତର୍ଜାତୀୟ ଶ୍ରମିକ ଦିବସ ଉତ୍ସବ ଆୟୋଜିତ



ସୁବର୍ଣ୍ଣପୁର,୨।୫(ସଂଚାର ବ୍ୟୁରୋ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ, ସୁବର୍ଣ୍ଣପୁରର ମିଳିତ ସହଭାଗିତାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଶ୍ରମିକ ଦିବସ - ୨୦୨୬, ସ୍ଥାନୀୟ ଟାଉନ ହଲ, ସୋନପୁରଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁପାର ଠେଲା, ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ନୃପରାଜ ସାହୁ, ମାନ୍ୟବର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ସୁବର୍ଣ୍ଣପୁର, ତାମସୀ ତାମସ୍ମିତା ନାୟକ, ଅଧ୍ୟକ୍ଷା, ସୋନପୁର ପୌରପରିଷଦ, ବେଣୁଧର ଦାସ (ମାନ୍ୟବର ବିଧାୟକ, ବିରମହାରାଜପୁରଙ୍କ ପ୍ରତିନିଧି), ଗୋବିନ୍ଦ ମହାରଣା, ସଭାପତି, ଟ୍ରେଡ ୟୁନିଅନ ସମନ୍ୱୟ କମିଟି, ସୁବର୍ଣ୍ଣପୁର, ଅନଙ୍ଗ ନେଗି, ରେୟାର(ଜଇଜର) ଏନଜିଓ, ସୋନପୁର ପ୍ରମୁଖ ଯୋଗ ଦେଇ ଆନ୍ତର୍ଜାତୀୟ ଶ୍ରମିକ ଦିବସ - ୨୦୨୬ ରେ ଶ୍ରମିକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଶ୍ରମିକମାନଙ୍କ ଦେଶ ପାଇଁ ଅବଦାନ ଏବଂ ରାଜ୍ୟ ସରକାର ଶ୍ରମିକ ମାନଙ୍କ ପାଇଁ ଗ୍ରହଣ କରିଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଡିଲେଶ୍ୱର ଖାଖା, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ସୁବର୍ଣ୍ଣପୁର ଅତିଥି ପରିଚୟ ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଦିବ୍ୟ ଶଙ୍କର ଧୁରୁଆ, ଜିଲ୍ଲା ଶ୍ରମ ଅଧିକାରୀ, ସୁବର୍ଣ୍ଣପୁର ଆନ୍ତର୍ଜାତୀୟ ଶ୍ରମିକ ଦିବସ - ୨୦୨୬ରେ ଶ୍ରମିକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଶ୍ରମିକମାନଙ୍କ ଦେଶ ପାଇଁ ଅବଦାନ ଏବଂ ଶ୍ରମିକମାନଙ୍କ ସମ୍ମାନ ଓ ଅଧିକାର ବିଷୟରେ ଆଲୋକପାତ କରାଇଥିଲେ। ଏହା ସହିତ ଜିଲ୍ଲା ଶ୍ରମ ଅଧିକାରୀ, ସୁବର୍ଣ୍ଣପୁର, ରାଜ୍ୟ ସରକାର ଶ୍ରମିକ ମାନଙ୍କ ପାଇଁ ଗ୍ରହଣ କରିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାରେ କାର୍ଯ୍ୟ କରୁଥିବା ଉଭୟ କଲ୍ୟାଣ ବୋର୍ଡ ଯଥା ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଓଡିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ଶ୍ରମିକମାନଙ୍କୁ ପ୍ରଦାନ କରାଯିବାକୁଥିବା ବିଭିନ୍ନ ସହାୟତା ବାବଦରେ ସୂଚନା ଦେଇଥିଲେ।

# ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋରେ ସୁବର୍ଣ୍ଣପୁରକୁ ୪ ପଦକ



ସୁବର୍ଣ୍ଣପୁର,୨।୫(ସଂଚାର ବ୍ୟୁରୋ): ଇଣ୍ଡିଆ ଟାଇକୋଣ୍ଡୋ ଦ୍ୱାରା ଅନୁବନ୍ଧିତ ଓଡିଶାର ର ଏକମାତ୍ର ସଂଘ ଓଡ଼ିଶା ଟାଇକାଣ୍ଡୋ ତଥା କ୍ରୀଡ଼ା ଓ ଯୁବସେବା ବିଭାଗ ଓଡିଶା ସରକାରଙ୍କ ସ୍ୱୀକୃତି ଓ ସାହାଯ୍ୟ କ୍ରମେ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍ କଟକ ଠାରେ ୫ମ ଓଡ଼ିଶା ଟାଇକୋଣ୍ଡୋ ରାଜ୍ୟ ସ୍ତରୀୟ ଚାମ୍ପିଅନଶିପ୍ ପ୍ରତିଯୋଗିତା ଗତ ଏପ୍ରିଲ ୨୮ ରୁ ୩୦ଏପ୍ରିଲ ପର୍ଯ୍ୟନ୍ତ ଆୟୋଜିତ ହୋଇ ଯାଇଛି। ଏହି ସ୍ୱୀକୃତିପ୍ରାପ୍ତ ପ୍ରତିଯୋଗିତାରେ ବିଭିନ୍ନ ୨୫ ଟି ଜିଲ୍ଲାରୁ ସର୍ବ ମୋଟ ୮୦୦ ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ ଅଂଶ ଗ୍ରହଣ କରିଥିଲେ ଏବଂ ୧୨୦ ପ୍ରଶିକ୍ଷକ, ମ୍ୟାନେଜର ଯୋଗଦାନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଟାଇକୋଣ୍ଡୋ ସଂଘ ଆର୍ଟସ୍ ଟେମ୍ପଲ ପକ୍ଷରୁ ୯ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ, ତନ୍ମଧ୍ୟରୁ ଓମ ପରିମିତା ମିର୍ଧା ସ୍ୱର୍ଣ୍ଣ ପଦକ, ଜୟ ଲକ୍ଷ୍ମୀ ମିର୍ଧା ଓ ପ୍ରତ୍ୟାଶା ବେହେରା ରୌପ୍ୟ ଏବଂ ସଗୁନ ଜଗତ, ସାହୁଳ ଖୁରା କାଂସ୍ୟ ପଦକ ହାସଲ କରି ସୁବର୍ଣ୍ଣପୁର ମାଟିକୁ ଗୌରବାନ୍ୱିତ କରିଛନ୍ତି। ପ୍ରକାଶ ଥାଉକି କି ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ଆଗାମୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେହିପରି ସୁବର୍ଣ୍ଣପୁର ର ଅନ୍ୟ ୪ ଜଣ ପ୍ରତିଯୋଗୀ ଶ୍ରୁତି କୁମ୍ଭାର, ସାଇ ସାଧ୍ୱୀ, ସାଇ ଇଭାନ, ଅନମୋଲ ମିଶ୍ର ମଧ୍ୟ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ପୂର୍ବକ ଭଲ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଅଳ୍ପକେ ପଦକ ଲାଭ କରିପାରିନାହାନ୍ତି ଏବଂ ସେମାନେ ଆଗାମି ଦିନରେ ନିଜର ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରେରଣା ନେଇ ଫେରିଛନ୍ତି।

# ପେନସନ, ସୁରକ୍ଷା ଆଇନ ଲାଗୁ ଓ ସାମ୍ବାଦିକ ଅଧିସ୍ୱୀକୃତି ଦାବିରେ ବିକ୍ଷୋଭ



ସୁବର୍ଣ୍ଣପୁର,୨।୫(ସଂଚାର ବ୍ୟୁରୋ): ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ବିଭିନ୍ନ ଦାବୀକୁ ଅଣଦେଖା କରୁଛନ୍ତି ସରକାର। ବାରମ୍ବାର ଦାବୀ ପରେ ମଧ୍ୟ ପ୍ରତିଶ୍ରୁତି ଦେଇ ପୂରଣ କରୁନାହାଁନ୍ତି ସରକାର। ଏଣୁ ଓୟୁଜେ ର ଡାକରାରେ ଆଜି ସମଗ୍ର ରାଜ୍ୟରେ ବିକ୍ଷୋଭ ପପ୍ରଦର୍ଶନ କରିଛନ୍ତି ସାମ୍ବାଦିକ ମାନେ। ବିଶେଷ କରି ସାମ୍ବାଦିକଙ୍କ ଦୀର୍ଘ ଦିନର ଦାବୀ ସାମ୍ବାଦିକଙ୍କୁ ପେନସନ ପ୍ରଦାନ, ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ଏବଂ ସାମ୍ବାଦିକ ଅଧିସ୍ୱୀକୃତି ଭଳି ପ୍ରମୁଖ ଦାବୀ ପୂରଣ କରିବାକୁ ଦାବୀ ହୋଇଛି। ଆଜି ଏନେଇ ଓୟୁଜେ ସୁବର୍ଣ୍ଣପୁର ଜିଲ୍ଲା ଶାଖା ର ସଭାପତି ରବୀନ୍ଦ୍ର ହୋତାଙ୍କ ନେତୃତ୍ୱରେ ସଂଘ ର ଅନେକ କର୍ମକର୍ତ୍ତା ସାମିଲ ହୋଇଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଓୟୁଜେ ସୁବର୍ଣ୍ଣପୁର ଜିଲ୍ଲା ଶାଖା ର ଉପ ସଭାପତି ସୁଶାନ୍ତ ପଣ୍ଡା, ପିତାମ୍ବର ମହାପାତ୍ର, ସାଧାରଣ ସମ୍ପାଦକ ଶେଷଦେବ ବାରିକ, କୋଷାଧ୍ୟକ୍ଷ ରାଜେଶ କୁମାର ସେଠୀ, ଉପଦେଷ୍ଟା ସଞ୍ଜୟ କୁମାର ସାହୁ, ପବିତ୍ର ସିଂବିରିହା, ସତ୍ୟବାନ ପୁରୋହିତ, ସୁଶାନ୍ତ ସାହୁ, ଗୁରୁଦେବ ମେହେର, ରାମହରି ସେଠୀ, ପିତାମ୍ବର ସାହୁ ଏବଂ ଜଗଦିଶ ମେହେର ପ୍ରମୁଖ ସାମିଲ ଥିଲେ ।

# ସିଜିମାଳି ଓ କୁଟ୍ରୁମାଳି ସୁରକ୍ଷା ପାଇଁ ଗର୍ଜିଲେ ଆଦିବାସୀ

ଥୁଆମୂଳ ରାମପୁରର,୨।୫ (ସଂଚାର ବ୍ୟୁରୋ): କଳାହାଣ୍ଡି ଓ ରାୟଗଡ଼ା ଜିଲା ସୀମାନ୍ତରେ ଥିବା ସିଜିମାଲି ଓ କୁଟ୍ରୁମାଳି ପାହାଡ଼କୁ ନେଇ ସଂଗ୍ରାମ ଏବେ ତୀବ୍ରତର ହୋଇଛି। ସିଜିମାଲିର ପାରମ୍ପରିକ 'ତିଜିରାଜା ପୂଜା ପର୍ବ' ସମାପ୍ତି ପରେ ଶାଗବାରୀ ଗ୍ରାମ ନିକଟସ୍ଥ ପାହାଡ଼ ସତ୍ୟାଗ୍ରହ ସ୍ଥଳରେ 'ମା-ମାଟି-ମାଲି ସୁରକ୍ଷା ମଞ୍ଚ' ପକ୍ଷରୁ ଏକ ବିଶାଳ ସୁରକ୍ଷା ସମାବେଶ ଅନୁଷ୍ଠିତ ହୋଇଯାଇଛି। ମେ' ୧ ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଆୟୋଜିତ ଏହି ସମାବେଶରେ ହଜାର ହଜାର ଆଦିବାସୀ ଏକଜୁଟ ହୋଇ କମ୍ପାନୀ ପ୍ରୀତି ଓ ପୋଲିସ ଦମନ ବିରୋଧରେ ରଣହୁଙ୍କାର ଦେଇଛନ୍ତି। ମା-ମାଟି-ମାଲି ସୁରକ୍ଷା ମଞ୍ଚର ସଭାପତି ସୁବାସ ସିଂ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କୁଟ୍ରୁମାଳି ଖଣି ପ୍ରସଙ୍ଗରେ ସରକାର ଓ ପ୍ରଶାସନକୁ କଡ଼ା ଚେତାବନୀ ଦିଆଯାଇଛି। ଆଦାନୀ କମ୍ପାନୀ ସ୍ୱାର୍ଥରେ କୁଟ୍ରୁମାଳି ପାଇଁ ପ୍ରଭାବିତ ଗ୍ରାମଠାରୁ ୪୦ ରୁ ୫୦ କିଲୋମିଟର ଦୂରରେ ଜନଶୁଣାଣି କରିବା ପ୍ରୟାସକୁ 'ଅଗଣତାନ୍ତ୍ରିକ' ଓ 'ଆଇନ ବିରୋଧୀ' ବୋଲି ଦର୍ଶାଯାଇ ଏହାକୁ ବାତିଲ କରିବା ପାଇଁ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ପୋଲିସ ଦମନ ଜରିଆରେ ଲୋକଙ୍କୁ ଆତଙ୍କିତ କରି ଏଭଳି ଜନଶୁଣାଣିକୁ କୌଣସି ପରିସ୍ଥିତିରେ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ସଂଗ୍ରାମୀମାନେ ଶପଥ ନେଇଛନ୍ତି।

# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ



ବୈଶିଙ୍ଗା,୨।୫(ସଂଚାର ବ୍ୟୁରୋ): ବୈଶିଙ୍ଗା ସ୍ଥିତ ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମନୋବିଜ୍ଞାନ ବିଭାଗର ଅଧ୍ୟାପିକା ମିନାକ୍ଷୀ ଦାସଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଦିବସ ଗମ୍ଭୀର ଓ ଗୌରବମୟ ପରିବେଶରେ ପାଳନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ସମସ୍ତଙ୍କ ମନରେ ଶାନ୍ତ ଓ ଭାବୁକତାର ମିଶ୍ର ଅନୁଭୂତି ଦେଖିବାକୁ ମିଳିଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ବିରେନ୍ଦ୍ର କୁମାର ବେହେରା ତାଙ୍କ ପ୍ରାରମ୍ଭିକ ଭାଷଣରେ ମିନାକ୍ଷୀ ମ୍ୟାଡାମଙ୍କ ଦୀର୍ଘ ସେବାଜୀବନ, ଶିକ୍ଷାକ୍ଷେତ୍ରରେ ତାଙ୍କର ଅମୂଲ୍ୟ ଅବଦାନ ଏବଂ ବିଦ୍ୟାଳୟର ଉନ୍ନତିରେ ତାଙ୍କର ଭୂମିକା ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟରୁ ପୂର୍ବରୁ ଅବସର ଗ୍ରହଣ କରିଥିବା ପ୍ରାଧ୍ୟାପକମାନେ ତଥା ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନେ ନିଜ ନିଜ ଭାଷଣରେ ଶ୍ରୀମତୀ ମିନାକ୍ଷୀ ଦାସଙ୍କର ସରଳ ସ୍ୱଭାବ, କର୍ତ୍ତବ୍ୟନିଷ୍ଠା ଓ ସହକର୍ମୀମାନଙ୍କ ସହ ସମ୍ମିଳିତ ଭାବରେ କାମ କରିବାର ମନୋଭାବକୁ ଉଚ୍ଚ ପ୍ରଶଂସା କରିଥିଲେ। ସେମାନେ ଏହା ମଧ୍ୟ କହିଥିଲେ ଯେ ମ୍ୟାଡାମଙ୍କର ଅବଦାନ ବିଦ୍ୟାଳୟର ଇତିହାସରେ ସଦା ସ୍ମରଣୀୟ ରହିବ। ପରେ ମିନାକ୍ଷୀ ମ୍ୟାଡାମଙ୍କୁ ପୁଷ୍ପଗୁଚ୍ଛ, ଉପହାର ଓ ସ୍ମୃତିଚିହ୍ନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ସମ୍ବର୍ଦ୍ଧନାରେ ସମସ୍ତଙ୍କ ମଧ୍ୟରେ ଗଭୀର ସମ୍ମାନ ଓ ସ୍ନେହର ପ୍ରକାଶ ଦେଖିବାକୁ ମିଳିଥିଲା। ନିଜ ଅଭିଭାଷଣରେ ମିନାକ୍ଷୀ ଦାସ ମ୍ୟାଡାମ ବିଦ୍ୟାଳୟର ସମସ୍ତ ସହକର୍ମୀ, ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ତାଙ୍କ ସହଯୋଗ ଓ ସ୍ନେହ ପାଇଁ ଅନେକ ଧନ୍ୟବାଦ ଜଣାଇଥିଲେ ଏବଂ ନିଜ ସେବାଜୀବନର ସ୍ମୃତିମୟ ଅନୁଭୂତିମାନଙ୍କୁ ବ୍ୟକ୍ତ କରିଥିଲେ।

# ଶ୍ରମିକ ଦିବସକୁ ପ୍ରତିବାଦ ଦିବସ ଭାବେ ପାଳନ କଲା ଓୟୁଜେ ଶାଖା

ବଲାଙ୍ଗୀର,୨।୫(ସଂଚାର ବ୍ୟୁରୋ): ରାଜ୍ୟ ସରକାର ସାମ୍ବାଦିକଙ୍କୁ ବାରମ୍ବାର ପ୍ରତାରଣ କରୁଥିବା ନେଇ ଅଭିଯୋଗ କରିଛି ଓଡିଶା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ। ତେଣୁ ଜାତୀୟ ଶ୍ରମିକ ଦିବସ କୁ ପ୍ରତିବାଦ ଦିବସ ଭାବେ ରାଜ୍ୟ ର ସମସ୍ତ ଜିଲ୍ଲା ସମେତ ଭୁବନେଶ୍ୱର ରେ ମଧ୍ୟ ପ୍ରତିବାଦ କରିଛି ଓୟୁଜେ ସଂଘ। ଏନେଇ ଶୁକ୍ରବାର ଦିନ ବଲାଙ୍ଗୀର ଜିଲ୍ଲା ସାମ୍ବାଦିକ ୟୁନିଅନ (ଓ ୟୁ ଜେ) ଶାଖା ତରଫରୁ ମଧ୍ୟ ପ୍ରତିବାଦ ଦିବସ ପାଳନ କରାଯାଇଥିଲା। ଜିଲା ସଭାପତି ପ୍ରଦୀପ୍ତ କୁମାର ମିଶ୍ର ଙ୍କ ଅଧକ୍ଷତାରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖ ରେ କଳା ବ୍ୟାଚ୍ ପିନ୍ଧି ପ୍ରତିକ ଧାରଣା ଦେଇଥିଲେ ବଲାଙ୍ଗିର ଓୟୁଜେ ୟୁନିଟ ର ସଦସ୍ୟମାନେ। ପରେ ଏହି ଅବସରରେ ୪ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ଙ୍କୁ ପ୍ରଦାନ କରିଥିଲେ। ଦାବୀ ଗୁଡିକ ମଧ୍ୟରେ ସାମାଜିକ ନିରାପତ୍ତା ସହିତ ମାସିକ ୩୦ ହଜାର ଟଙ୍କା ପେନସନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ନୂତନ ଅଧିସିକୃତି କମିଟି ଗଠନ ସହିତ ସୀକୃତି ପ୍ରଦାନ, ସ୍ୱାସ୍ଥ୍ୟବୀମା ରାଶି ୫ ଲକ୍ଷ ରୁ ୧୦ ଲକ୍ଷ ବୃଦ୍ଧି ସହିତ ମାତାପିତା ଙ୍କୁ ସାମିଲ କରିବା ଦାବୀ ରହିଛି।

# ଏ-୧ ପାଇ ରୋଜାଲିନ ଟପ୍ପର



ବୈଶିଙ୍ଗା,୨।୫ (ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ରଘୁନାଥ ଉଚ୍ଚ ବିଦ୍ୟାଳୟ ର ଶତ ପ୍ରତିଶତ ଛାତ୍ରଛାତ୍ରୀ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପୁଣି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟ ର ମୋଟ ୯୧ ଜଣ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ ଏ୧ ରେ ଜଣେ, ଏ୨ ରେ ୧୫ଜଣ, ବି୧ ରେ ୩୪, ବି୨ ରେ ୩୦, ସି ରେ ୩, ଡି ରେ ୩ ଓ ଇ ରେ ୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ମୋଟ ୮୦ ଜଣ ଛାତ୍ର ଛାତ୍ରୀ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହେବା ବିଦ୍ୟାଳୟ ର ଅନ୍ୟ ଏକ ସଫଳତା କ୍ଷବିଦ୍ୟାଳୟ ର ଛାତ୍ରୀ ରୋଜାଲିନ ମହାନ୍ତ ସର୍ବାଧିକ ୫୪୦ ନମ୍ବର ରଖି ଏ୧ ଗ୍ରେଡ଼ ପାଇ ବିଦ୍ୟାଳୟ କୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାଳୟ ର ଏହି କ୍ରମାଗତ ସଫଳତା ପାଇଁ ବହୁ ଶିକ୍ଷାବିତ ଓ ଅଭିଭାବକ ଅଭିନନ୍ଦନ ଜଣାଇଛନ୍ତି।

# ଓଏସ୍‌ଆରଟିସି ଜମିରୁ ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

ପଟ୍ଟାଙ୍ଗି,୨।୫(ଶରତ କୁମାର ଧଳ): ଓଏସ୍‌ଆରଟିସି ବିଭାଗର ଜମିକୁ ଦୀର୍ଘ ବର୍ଷ ଧରି ଜବର ଦଖଲ କରି ରହିଥିବା ଲୋକଙ୍କ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଛି ଉଚ୍ଛେଦ। ଏହି ସମୟରେ ଉକ୍ତ ବିଭାଗର ଜମିକୁ ଜବର ଦଖଲ କରି ରହିଥିବା ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ାଇ ଦେଇଛି। ସୂଚନା ଅନୁଯାୟୀ, ପଟ୍ଟାଙ୍ଗି ବ୍ଲକ ସଦର ମହକୁମା ତଥା ତହସିଲ କାର୍ଯ୍ୟାଳୟ ତଥା ପଟ୍ଟାଙ୍ଗି ମୌଜାର ପ୍ଲଟ ନଂ ୫୩୮ ଏବଂ ଖାତା ନଂ ୨୨୩/୨ ରେ ରାଜ୍ୟ ପରିବହନ ବିଭାଗର ରହିଥିବା ୪୭ ଡିସିମିଲ ଜମିକୁ କିଛି ଲୋକ ଅକ୍ତିଆର କରି ଦୀର୍ଘ ବର୍ଷ ହେଲା ବସବାସ କରି ଜବରଦଖଲ କରିଥିଲେ। ଏହିପରି ଉକ୍ତ ବିଭାଗର ଜମିରେ ପଟ୍ଟାଙ୍ଗି ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ୧୬ଟି ଷ୍ଟଲ ନିର୍ମାଣ କରି ବିଭିନ୍ନ ବ୍ୟବସାୟୀମାନଙ୍କୁ ଭଡ଼ା ସୂତ୍ରରେ ଦେଇଥିଲା। ଯାହାକୁ ନେଇ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଜମି ଖାଲି କରିବା ପାଇଁ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲା। ଏହାପରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମପାଚୁପା ଆରମ୍ଭ କରି ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ଯେଉଁଥିପାଇଁ କି କିଛି ଜବରଦଖଲ କାରି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ଷ୍ଟେ କରି ଦିନ ଗଡାଇ ଚାଲିଥିଲେ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ



ବଲାଙ୍ଗିର,୨।୫ (ସଂଚାର ବ୍ୟୁରୋ): ବଲାଙ୍ଗିର ଭୀମଭୋଇ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ କରାଯାଇଛି। ଏହି ଅବସରରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡା. ମୁକେଶ ମହାଲିଙ୍ଗ, ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସଂସଦୀୟ ବ୍ୟାପାର, ଓଡ଼ିଶା ସରକାର, ଯୋଗଦାନ କରିଥିଲେ। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ତରଣୀ ସୁନା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୁକାନ୍ତ ସେଠି ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ନିଜ ଅଭିଭାଷଣ ରେ କହିଥିଲେ ଯେ, ଶ୍ରମିକମାନେ ଦେଶର ଅର୍ଥନୀତିର ମୂଳ ଭିତ୍ତି। ସେମାନଙ୍କର ଶ୍ରମ, ସମର୍ପଣ ଓ ସାହସରେ ଦେଶର ଉନ୍ନତିର ଚକ୍ର ଚାଲିଛି। ସରକାର ଶ୍ରମିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ଚିକିତ୍ସା ସୁବିଧା ଓ ସାମାଜିକ ସୁରକ୍ଷା ଯୋଜନାକୁ ଆଗକୁ ବଢ଼ାଇବାରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ପ୍ରତ୍ୟେକ ବ୍ଲକରେ ଆଗାମୀ ଦିନରେ ସହାୟକ ଶ୍ରମ ଅଧିକାରୀ କାର୍ଯ୍ୟାଳୟ ନିର୍ମାଣ ହେବ, ଯାହା ମାଧ୍ୟମରେ ଶ୍ରମିକମାନେ ସୁଚାରୁ ଭାବରେ ପଞ୍ଜୀକରଣ କରିପାରିବେ। ଶ୍ରମିକମାନଙ୍କ ପୁଅ-ଝିଅଙ୍କୁ ଉଚ୍ଚତର ଶିକ୍ଷା ପାଇଁ ଆର୍ଥିକ ସହାୟତା, ମୁଖ୍ୟମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଯୋଜନା ମାଧ୍ୟମରେ ଖାଦ୍ୟ ସୁରକ୍ଷା, ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ସୁଚାଳିତ ହେଉଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, ଶ୍ରମିକମାନଙ୍କ ସୁସ୍ଥତା ଓ ସୁରକ୍ଷାକୁ ସରକାର ସର୍ବଦା ପ୍ରାଥମିକତା ଦେଇଆସୁଛି। ସେମାନଙ୍କ ପାଇଁ ଆୟୁଷ୍ମାନ ଭାରତ ଯୋଜନା, ଗୋପବନ୍ଧୁ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ମାଗଣା ଔଷଧ ବଣ୍ଟନ ଓ ଚିକିତ୍ସା ସୁବିଧା ଉପଲବ୍ଧ କରାଯାଉଛି। ପରିବାରର ସମସ୍ତ ସଦସ୍ୟ ଏହି ଯୋଜନାରେ ପଞ୍ଜୀକୃତ ହୋଇ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ସୁବିଧା ପାଇପାରୁଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଅନ୍ତିମ ସ୍ତରରେ ଥିବା ଲୋକମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଅହରହ ପ୍ରୟାସ ଜାରି ରହିଛି ବୋଲି କହିଥିଲେ।